ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୨୪/୨୦୨୩ (୧୬ ପୃଷ୍ଠା) | Bhubaneswar, Thursday, August 24/2023 | Page 16 | ₹ 7.00
୪୯ଶ ଭାଗ ୨୬୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 269 | ମୂଲ୍ୟ ₹୭/-



**ଫାଇନାଲରେ ଆଲଡ୍ରିନ**
ବୁଦାପେଷ୍ଟରେ ଅନୁଷ୍ଠିତ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି ଜାତୀୟ ରେକର୍ଡଧାରୀ ଭାରତୀୟ ଲଙ୍ଗ ଜମ୍ପର ଜେସୱିନ ଆଲଡ୍ରିନ। ୧୬

୧୨ **୧୯ ବର୍ଷ ପରେ ଅକ୍ଷୟଙ୍କ ସହ ରବିନା**
ଦୀର୍ଘ ୧୯ ବର୍ଷ ପରେ ୯୦ ଦଶକର ଯୋଡ଼ି ରବିନା ଟଣ୍ଡନ୍ ଏବଂ ଅକ୍ଷୟ କୁମାରଙ୍କୁ ଫିଲ୍ମ 'ୱେଲକମ୍ ୩'ରେ ଏକାଠି ଦେଖିବାକୁ ମିଳିବ।



# ଚନ୍ଦ୍ରରେ ଭାରତ, ଦେଶବାସୀ ଗର୍ବିତ

## ସାଉଥ୍ ପୋଲ୍‌ରେ ପହଞ୍ଚି ଇତିହାସ ରଚିଲା ଇସ୍ରୋ



ବେଙ୍ଗାଲୁରୁସ୍ଥିତ ଇସ୍ରୋ ମୁଖ୍ୟାଳୟରେ ଟେଲିମେଟ୍ରି, ଟ୍ରାକିଂ ଆଣ୍ଡ୍ କମାଣ୍ଡ ନେଟ୍‌ୱର୍କ ଫାସିଲିଟି ଜରିଆରେ ଦେଖିବାକୁ ମିଳିଥିବା ଚନ୍ଦ୍ରଯାନ-୩ ଅବତରଣ ସମୟର ପ୍ରତୀକାତ୍ମକ ଚିତ୍ର।



ଚନ୍ଦ୍ରର ସାଉଥ୍‌ପୋଲ୍‌ରେ ସଫ୍ଟ ଲ୍ୟାଣ୍ଡିଂ ସଫଳତା ପରେ ଇସ୍ରୋ ମୁଖ୍ୟାଳୟର କଣ୍ଟ୍ରୋଲ ରୁମ୍‌ରେ ଚନ୍ଦ୍ରଯାନ-୩ର ପ୍ରମୁଖ ବୈଜ୍ଞାନିକମାନଙ୍କ ସହ ଇସ୍ରୋ ଅଧ୍ୟକ୍ଷ ଏସ୍. ସୋମନାଥ।

**ନୂଆଦିଲ୍ଲୀ,୨୩।୮**

ଯାହାକୁ ଅଗଣିତ ଦେଶବାସୀ ଅପେକ୍ଷା କରିଥିଲେ, ଯାହା ଉପରେ ସମଗ୍ର ବିଶ୍ୱର ନଜର ରହିଥିଲା, ସେହି ଐତିହାସିକ ମୁହୂର୍ତ୍ତ ଉପନୀତ। ବୁଧବାର ସନ୍ଧ୍ୟା ୬ଟା ୪ ମିନିଟ୍‌ରେ ଚନ୍ଦ୍ରରେ ପାଦ ଥାପିବାରେ ସକ୍ଷମ ହୋଇଛି ଭାରତ। ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ)ର ତୃତୀୟ ଚନ୍ଦ୍ରାଭିଯାନ ସଫଳ ହୋଇଛି। ଚନ୍ଦ୍ରଯାନ-୩ ଚନ୍ଦ୍ରର ଦକ୍ଷିଣ ମେରୁରେ ସୂକ୍ଷ୍ମାବତରଣ କରିଛି। ଏଥିସହ ରୁଷିଆ, ଆମେରିକା ଓ ଚାଇନା ପରେ ଏହି ବିରଳ ସଫଳତା ହାସଲ କରିବାରେ ଭାରତ ପାଲଟିଛି ଚତୁର୍ଥ ରାଷ୍ଟ୍ର, କିନ୍ତୁ ସାଉଥ୍ ପୋଲ୍‌ରେ ସଫ୍ଟ ଲ୍ୟାଣ୍ଡିଂ କରିବାରେ ପ୍ରଥମ। ଏହି ଅଭୂତପୂର୍ବ ସଫଳତା ପାଇଁ ଭାରତୀୟ ବୈଜ୍ଞାନିକଙ୍କ ନିକଟକୁ ଛୁଟିବାରେ ଲାଗିଛି ଶୁଭେଚ୍ଛାର ସୁଅ।

୨୦୨୩ ଅଗଷ୍ଟ ୨୩ ଭାରତ ପାଇଁ ଐତିହାସିକ ଦିନ। ଭାରତର ତୃତୀୟ ମୁନ୍ ମିଶନ୍ ଚନ୍ଦ୍ରଯାନ-୩କୁ ମିଳିଛି ବିରଳ ସଫଳତା। ଚନ୍ଦ୍ରର ସାଉଥ୍ ପୋଲ୍‌ରେ ଚନ୍ଦ୍ରଯାନ-୩ ସଫ୍ଟ ଲ୍ୟାଣ୍ଡିଂ କରିବାରେ ସଫଳ ହେବା ସହ ୧୪୦ କୋଟି ଭାରତୀୟଙ୍କ ହୃଦୟରେ ଖୁସିର ଲହରି ଖେଳିଯାଇଛି। ଏହି ସଫଳତା ପରେ ବେଙ୍ଗାଲୁରୁସ୍ଥିତ ଇସ୍ରୋ କମାଣ୍ଡ ସେଣ୍ଟରରେ ସ୍ପେସ୍ ଏଜେନ୍ସିର ଅଧ୍ୟକ୍ଷ ଏସ୍. ସୋମନାଥନ୍ ଘୋଷଣା କରିଛନ୍ତି, ଆମେ ଚନ୍ଦ୍ରରେ ସୂକ୍ଷ୍ମାବତରଣ କରିପାରିଛେ। ଭାରତ ଏବେ ଚନ୍ଦ୍ରକୁ ଛୁଇଁଛି। ଇସ୍ରୋ ମୁଖ୍ୟଙ୍କ ଏହି ଘୋଷଣା ସହ ସାମାଜିକ ଗଣମାଧ୍ୟମରେ ଚାରିଆଡୁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି।

୨୦୧୯ରେ ଭାରତର ଦ୍ୱିତୀୟ ମୁନ୍ ମିଶନ ଚନ୍ଦ୍ରଯାନ-୨ର ବିଫଳତା ଏବଂ ଗତ ରବିବାର ରୁଷିଆର ଲୁନା-୨୫ ଚନ୍ଦ୍ରପୃଷ୍ଠରେ ଧକ୍କା ହେବା ପରେ ଭାରତର ତୃତୀୟ ମୁନ୍ ମିଶନ୍‌କୁ ନେଇ ସସ୍ପେନ୍ସ ଜାରି ରହିଥିଲା। ଏହାସତ୍ତ୍ୱେ ସ୍ପେସ୍ ଏଜେନ୍ସି ଇସ୍ରୋର ବୈଜ୍ଞାନିକମାନେ ଚନ୍ଦ୍ରଯାନ-୩ର ସଫଳତାକୁ ନେଇ କେବଳ ଆଶାବାଦୀ ନ ଥିଲେ, ବରଂ ଦୃଢ଼ ନିଶ୍ଚିତ ଥିଲେ। ରୋଭର ପ୍ରଜ୍ଞାନକୁ ନେଇ ବିକ୍ରମ ଲ୍ୟାଣ୍ଡର ଚନ୍ଦ୍ରପୃଷ୍ଠରୁ ୨୭ କି.ମି. ଦୂରରେ ଥିବାବେଳେ ଏହାର ଗତିକୁ ନିୟନ୍ତ୍ରିତ କରି ହ୍ରାସ କରାଯାଇଥିଲା। ବିକ୍ରମ ଲ୍ୟାଣ୍ଡର ପାଇଁ ଆତଙ୍କର ୨୦ ମିନିଟ୍ ଆରମ୍ଭ ହୋଇଥିଲା ଭାରତୀୟ ସମୟ ଅପରାହ୍ନ ୫ଟା ୪୪ରେ। ନିର୍ଦ୍ଧାରିତ ସମୟ ପ୍ରାୟ ୬ଟା ୪ରେ ଚନ୍ଦ୍ରଯାନ-୩ର ସଫ୍ଟ ଲ୍ୟାଣ୍ଡିଂ ପ୍ରକ୍ରିୟାର ସିଧା ପ୍ରସାରଣକୁ ସାରା ଦେଶ ଦେଖିଲା। ବ୍ରିକ୍ସ ସମିଟ୍‌ରେ ଯୋଗଦେବା ପାଇଁ ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଅନ୍‌ଲାଇନ୍‌ରେ ଦେଖିଥିଲେ। ମିଶନ୍ ସଫଳ ହୋଇଥିବା ଦେଖି ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ, ଆମେ ଯେତେବେଳେ ଏପରି ଇତିହାସ ରଚୁ ସେତେବେଳେ ଜୀବନ ଧନ୍ୟ ହୋଇଯାଏ। ଏହା ଆମ ପାଇଁ ଏକ ମୂଲ୍ୟବାନ ଓ ଅଭୂତପୂର୍ବ ମୁହୂର୍ତ୍ତ। ଏହି ମୁହୂର୍ତ୍ତ ବିକଶିତ ଭାରତର ନୂଆ ଶଙ୍ଖନାଦ ଦେଇଛି। ଏହା ହେଉଛି ନ୍ୟୁ ଇଣ୍ଡିଆର ୧୪୦ କୋଟି ଲୋକଙ୍କ ହୃତ୍‌ସ୍ପନ୍ଦନର କ୍ଷଣ। ଆମର ମୁନ୍ ମିଶନ୍ ମାନବକୈନ୍ଦ୍ରିକ ସଫଳତା, ଯାହାକି ସମଗ୍ର ମାନବଜାତି ଉଦ୍ଦେଶ୍ୟରେ ☞ପୃଷ୍ଠା-୪

### 'ମୁଁ ଲକ୍ଷ୍ୟସ୍ଥଳରେ ପହଞ୍ଚିଲି'

**ଲ୍ୟାଣ୍ଡିଂ ପରେ ପ୍ରଥମ ବାର୍ତ୍ତା**

ଚନ୍ଦ୍ରଯାନ-୩ ବୁଧବାର ଚନ୍ଦ୍ରପୃଷ୍ଠରେ ଅବତରଣ କରିବା ସହ ଭାରତ ଇତିହାସ ସୃଷ୍ଟି କରିଛି। ଲ୍ୟାଣ୍ଡର 'ବିକ୍ରମ' ଚନ୍ଦ୍ରର ଦକ୍ଷିଣ ମେରୁରେ ସନ୍ଧ୍ୟା ଠିକ୍ ୬ଟା ୪ ମିନିଟରେ ଓହ୍ଲାଇବା ସହ ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) କାର୍ଯ୍ୟାଳୟରେ ଉତ୍ସବର ଝଲକ ଦେଖିବାକୁ ମିଳିଥିଲା। ମିଶନର ସଫଳତା ପାଇଁ ଇସ୍ରୋ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇଛି। ଦକ୍ଷିଣ ମେରୁ ନିକଟରେ ଅବତରଣ କରିବାରେ ଭାରତ ପ୍ରଥମ ଦେଶ ହୋଇପାରିଛି। 'ଭାରତ, ମୁଁ ମୋ ଲକ୍ଷ୍ୟସ୍ଥଳରେ ପହଞ୍ଚିଲି ଏବଂ ତୁମେ ମଧ୍ୟ' ବୋଲି ବିକ୍ରମ ବାର୍ତ୍ତା ପଠାଇଛି।

## ବର୍ଷକୁ ୨ ଥର ବୋର୍ଡ ପରୀକ୍ଷା

- ଏକାଦଶ, ଦ୍ୱାଦଶ ଶ୍ରେଣୀ ପିଲା ଦୁଇଟି ଭାଷା ପଢ଼ିବେ
- କଳା, ବିଜ୍ଞାନ, ବାଣିଜ୍ୟ ଭଳି ଷ୍ଟ୍ରିମ୍ କଟକଣା ରହିବନି

**ନୂଆଦିଲ୍ଲୀ,୨୩।୮**

ଏଣିକି ବୋର୍ଡ ପରୀକ୍ଷା ବର୍ଷକୁ ଦୁଇଥର ହେବ। ପରୀକ୍ଷାରେ ସବୁଠୁ ଭଲ ନମ୍ବର ରଖିବା ପାଇଁ ପିଲାମାନଙ୍କ ପାଖରେ ବିକଳ୍ପ ରହିବ। ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ର ଗୋଟିଏ ଭାଷା ପରିବର୍ତ୍ତେ ଦୁଇଟି ଭାଷା ପଢ଼ିବେ ବୋଲି ଶିକ୍ଷା ମନ୍ତ୍ରଣାଳୟର ନୂଆ ପାଠ୍ୟକ୍ରମ ରୂପରେଖରୁ ଜଣାପଡ଼ିଛି। ସେଥିରୁ ଗୋଟିଏ ଭାରତୀୟ ଭାଷା ରହିବା ଅନିବାର୍ଯ୍ୟ। ନୂଆ ଶିକ୍ଷା ନୀତି (ଏନ୍‌ଇପି) ଅନୁଯାୟୀ ପାଠ୍ୟକ୍ରମ ପ୍ରସ୍ତୁତ ହୋଇଛି। ୨୦୨୪ ଶିକ୍ଷାବର୍ଷ ପାଇଁ ପାଠ୍ୟପୁସ୍ତକ ପ୍ରସ୍ତୁତ କରାଯିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବୋର୍ଡ ପରୀକ୍ଷାକୁ ସହଜ କରିବା ପାଇଁ ମାସ ମାସ ଧରି କୋଚିଂ ଏବଂ ପାଠ ଘୋଷିବା ପରିବର୍ତ୍ତେ ପିଲାମାନେ କରିଥିବା ଦକ୍ଷତା ହାସଲର ଆକଳନ କରାଯିବ। ବର୍ଷକୁ ଦୁଇଥର ବୋର୍ଡ ପରୀକ୍ଷା ହେବା ଦ୍ୱାରା ପିଲାମାନେ ଭଲ ପ୍ରଦର୍ଶନ କରିବା ଲାଗି ପର୍ଯ୍ୟାପ୍ତ ସମୟ ଓ ☞ପୃଷ୍ଠା-୪

## ରାତିରେ ଖୋଲିବ ନନ୍ଦନକାନନ

- ଜାତୀୟ ଚିଡ଼ିଆଖାନା ପ୍ରାଧିକରଣଙ୍କୁ ପ୍ରସ୍ତାବ

**ଭୁବନେଶ୍ୱର,(ଅସମାପିକା ସାହୁ)/ ବାରଙ୍ଗ,୨୩।୮(ଲିଙ୍ଗରାଜ ରାଉତ)**

ନନ୍ଦନକାନନ କର୍ତ୍ତୃପକ୍ଷ ପର୍ଯ୍ୟଟକଙ୍କ ପାଇଁ ରାତିରେ ନନ୍ଦନକାନନ ଖୋଲିବାକୁ ନେଇ ଯୋଜନା କରିଛନ୍ତି। ବର୍ତ୍ତମାନ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଖୋଲା ରହୁଛି। କିନ୍ତୁ ଖୁବ୍‌ଶୀଘ୍ର ରାତିରେ ବି ନନ୍ଦନକାନନ ବୁଲିବାର ମଜା ଉଠାଇପାରିବେ ପର୍ଯ୍ୟଟକ। ଏ ନେଇ ନନ୍ଦନକାନନ କର୍ତ୍ତୃପକ୍ଷ ପକ୍ଷରୁ ଜାତୀୟ ଚିଡ଼ିଆଖାନା ପ୍ରାଧିକରଣ (ସିଜେଡ୍‌ଏ)ଙ୍କ ନିକଟରେ ପ୍ରସ୍ତାବ ରଖାଯାଇଛି। ନିକଟରେ ଏଭଳି କିଛି ନୂଆ ବ୍ୟବସ୍ଥାକୁ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
ବିତ୍ତୀୟ ସେବାରୁ ସ୍ୱାସ୍ଥ୍ୟଗତ ଲାଭ

## ସଞ୍ଜୟ ମିଶ୍ରାଙ୍କୁ ଥଇଥାନ ମସୁଧା

### ଦେଶର ପ୍ରଥମ ସିଆଇଓ ହୋଇପାରନ୍ତି ଇଡିର ବିଦାୟୀ ନିର୍ଦ୍ଦେଶକ



ସଞ୍ଜୟ କୁମାର ମିଶ୍ରା

**ନୂଆଦିଲ୍ଲୀ,୨୩।୮**
**(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)**

କେନ୍ଦ୍ର ସରକାର ଭାରତର ମୁଖ୍ୟ ତଦନ୍ତ ଅଧିକାରୀ (ସିଆଇଓ) ନାମରେ ଏକ ନୂଆ ପଦବୀ ସୃଷ୍ଟି କରିବାକୁ ଯାଉଛନ୍ତି। ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଢାଞ୍ଚାରେ ସୃଷ୍ଟିହେବାକୁ ଥିବା ପ୍ରସ୍ତାବିତ ପଦବୀରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ବିଦାୟୀ ନିର୍ଦ୍ଦେଶକ ସଞ୍ଜୟ କୁମାର ମିଶ୍ରାଙ୍କୁ ଥଇଥାନ କରାଯାଇପାରେ ବୋଲି ଉଚ୍ଚସ୍ତରୀୟ ଆଲୋଚନାରୁ ଜଣାପଡ଼ିଛି। ୬୩ ବର୍ଷୀୟ ସଞ୍ଜୟ ହେଉଛନ୍ତି ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍)ର ସେହି ଅଧିକାରୀ, ଯାହାଙ୍କ ଲଗାତର କାର୍ଯ୍ୟକାଳ ବୃଦ୍ଧିକୁ ସୁପ୍ରିମକୋର୍ଟ ବେଆଇନ ଦର୍ଶାଇ ସେପ୍ଟେମ୍ବର ୧୫ ମଧ୍ୟରାତ୍ରି ସୁଦ୍ଧା ଇଡି ନିର୍ଦ୍ଦେଶକ ପଦବୀ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଯେପରି ସିଡିଏସ୍‌ଙ୍କ ନିକଟରେ ୩ ସେନା ଏବଂ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)ଠାରେ ୨ ଗୋଇନ୍ଦା ସଂସ୍ଥା ରିପୋର୍ଟ କରିଥାଆନ୍ତି, ଠିକ୍ ସେହିପରି ଭାରତର ମୁଖ୍ୟ ତଦନ୍ତ ଅଧିକାରୀ (ସିଆଇଓ)ଙ୍କ ନିକଟରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ନିର୍ଦ୍ଦେଶକ ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ମୁଖ୍ୟ ଉତ୍ତରଦାୟୀ ରହିବେ। ଇଡି ମୁଖ୍ୟତଃ ମନି ଲଣ୍ଡରିଂ ଏବଂ ବିଦେଶୀ ବିନିମୟ ପରିଚାଳନା ଆଇନ (ଏଫ୍‌ଇଏମ୍‌ଏ) ଉଲ୍ଲଂଘନ ଭଳି ଆର୍ଥିକ ଠକେଇର ତଦନ୍ତ କରୁଥିବାବେଳେ ସିବିଆଇ ଦୁର୍ନୀତି ଓ ଅନ୍ୟ ଅର୍ଥନୈତିକ ଅପରାଧ ମାମଲାଗୁଡ଼ିକରେ ମୁଣ୍ଡ ପୂରାଇଥାଏ। ଇଡି ଏବଂ ସିବିଆଇ ମୁଖ୍ୟଙ୍କ ଉପରେ ସୃଷ୍ଟି ☞ପୃଷ୍ଠା-୪

## ରୁଷିଆରେ ବିମାନ ଦୁର୍ଘଟଣା: ୧୦ ମୃତ



### ଯାତ୍ରୀ ତାଲିକାରେ ୱାଗନର ମୁଖ୍ୟ ପ୍ରିଗୋଝିନ୍

**ମସ୍କୋ,୨୩।୮**

ରୁଷିଆ ରାଜଧାନୀ ମସ୍କୋରୁ ସେଣ୍ଟ ପିଟର୍ସବର୍ଗ ଅଭିମୁଖେ ଯାଉଥିବା ଏକ ବିଜ୍‌ନେସ୍ ଜେଟ୍ ବୁଧବାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ବିମାନରେ ଥିବା ସମସ୍ତ ୧୦ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ଯାତ୍ରୀ ତାଲିକାରେ ରୁଷିଆର ଘରୋଇ ସେନା ୱାଗନର ମୁଖ୍ୟ ୟେଭ୍‌ଗେନି ପ୍ରିଗୋଝିନ ଥିବା କୁହାଯାଉଛି। ତେବେ ପ୍ରିଗୋଝିନଙ୍କ ମୃତ୍ୟୁ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ଅସମର୍ଥିତ ସୂତ୍ରରୁ ଜଣାପଡ଼ିଛି ଯେ, ଦୁର୍ଘଟଣାଗ୍ରସ୍ତ ବିମାନର ମାଲିକ ହେଉଛନ୍ତି ପ୍ରିଗୋଝିନ। ☞ପୃଷ୍ଠା-୪

## ରେଳ ବ୍ରିଜ୍ ଭୁଶୁଡ଼ି ୨୨ ମୃତ

**ଆଇଜଲ,୨୩।୮**

ମିଜୋରାମର ଆଇଜଲ ଜିଲାରେ ବୁଧବାର ଏକ ନିର୍ମାଣାଧୀନ ରେଳ ପୋଲ ଭୁଶୁଡ଼ି ୨୨ ଜଣଙ୍କ ମୃତ୍ୟୁ ଘଟିଛି। ବ୍ରିଜ୍ ଭଗ୍ନାବଶେଷ ତଳେ କେତେଜଣ ଫସି ରହିଥିବାବେଳେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ବ୍ରିଜ୍ ଭୁଶୁଡ଼ିବା ବେଳେ ସେଠାରେ ୩୫ରୁ ୪୦ ଜଣ ଶ୍ରମିକ କାର୍ଯ୍ୟରତ ଥିଲେ। କ'ଣ ପାଇଁ ବ୍ରିଜ୍ ଭୁଶୁଡ଼ିଲା ତାହାର ତଦନ୍ତ ନିମନ୍ତେ ରେଲୱେ ପକ୍ଷରୁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାର ଲାଗି ୨ ଲକ୍ଷ ଏବଂ ଆହତମାନଙ୍କ ପାଇଁ ୫୦ ହଜାର ଟଙ୍କା ଲେଖାଏ ସହାୟତା ଘୋଷଣା କରିଛନ୍ତି। ଏହା ବ୍ୟତୀତ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମୃତକଙ୍କ ପରିବାର ଲାଗି ☞ପୃଷ୍ଠା-୪



## ଛାତ୍ରୀଙ୍କ ପରୀକ୍ଷା ଖାତାରେ ଉତ୍ତର ଲେଖି ଅଧ୍ୟାପିକା ଗିରଫ

**ଉଦଳା,୨୩।୮**
**(ସନ୍ତୋଷ କୁମାର ବାଛିନୀ)**

ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ରାଢୋସ୍ଥିତ ଲୁଇପା ଡିଗ୍ରୀ କଲେଜର ଓଡ଼ିଆ ବିଭାଗର ଅଧ୍ୟାପିକା ତୁଳିକା ଆଶ ପରୀକ୍ଷାରେ ଅନୁପସ୍ଥିତ ଜଣେ ଛାତ୍ରୀଙ୍କ ଖାତାରେ ଉତ୍ତର ଲେଖି ଗିରଫ ହୋଇଛନ୍ତି। ଏନେଇ ପୋଲିସ ଏକ ମାମଲା(ନଂ.୨୫୫/୨୩) ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ଅଭିଯୋଗ ଅନୁଯାୟୀ, ଗତ ଜୁଲାଇ ୨୭ ତାରିଖରେ କଲେଜରେ ଜୁଲୋଜି ବିଭାଗର ୪ର୍ଥ ସେମିଷ୍ଟର ପରୀକ୍ଷା ଚାଲିଥିଲା ବେଳେ ଅଧ୍ୟାପିକା ତୁଳିକା ଅନୁପସ୍ଥିତ ଥିବା ଜଣେ ଛାତ୍ରୀଙ୍କ ଖାତାରେ ଉତ୍ତର ଲେଖି ଦେଇଥିଲେ। ଏହା ସହିତ ଉକ୍ତ ଖାତାରେ ପରୀକ୍ଷା ନିୟନ୍ତ୍ରକଙ୍କ ମିଛ ଦସ୍ତଖତ ମଧ୍ୟ ମାରିଥିଲେ। ଏହା ଜାଣିବା ପରେ କଲେଜ ପ୍ରିନ୍ସିପାଲ ଗୌରାଙ୍ଗ ମହାପାତ୍ର ସମ୍ପୃକ୍ତ ଅଧ୍ୟାପିକାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ନୋଟିସ ପାଇବା ପରେ ଅଧ୍ୟାପିକା ଜଣକ ପ୍ରିନ୍ସିପାଲଙ୍କ ଚାମ୍ବରକୁ ଯାଇ ଗାଳିଗୁଲଜ କରିଥିଲେ। ଏ ସଂକ୍ରାନ୍ତରେ ପ୍ରିନ୍ସିପାଲ ଥାନାରେ ଲିଖିତ ଅଭିଯୋଗ କରିବାରୁ ପୋଲିସ ଅଧ୍ୟାପିକା ତୁଳିକାଙ୍କୁ କୋର୍ଟଚାଲାଣ କରିଛି। ଉତ୍ତର ଖାତା ମଧ୍ୟ ପୋଲିସ ଜବତ କରିଛି।

ଅନ୍ୟପକ୍ଷରେ ପ୍ରିନ୍ସିପାଲ ଓ ସମ୍ପୃକ୍ତ ଅଧ୍ୟାପିକାଙ୍କ ଏକ ଅଡିଓ ☞ପୃଷ୍ଠା-୪



ଗିରଫ ଅଧ୍ୟାପିକା ତୁଳିକା ଆଶ।



ଭାରତର ତୃତୀୟ ଲୁନାର ମିଶନ୍ ଚନ୍ଦ୍ରୟାନ-୩ ସଫଳତାର ସହ ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରି ନୂଆ ଇତିହାସ ସୃଷ୍ଟି କରିଛି। ଚନ୍ଦ୍ରର ଏହି ଦୂର ପାର୍ଶ୍ୱରେ ଅବତରଣ କରିବାରେ ଭାରତ ପ୍ରଥମ ଦେଶ। ପୂର୍ବରୁ ସୋଭିଏତ୍ ରୁଷ, ଆମେରିକା ଓ ଚାଇନା ଚନ୍ଦ୍ରପୃଷ୍ଠରେ ମହାକାଶ ଯାନ ସଫ୍ଟ ଲ୍ୟାଣ୍ଡିଂ କରିବାରେ ସଫଳ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ଦେଶ ଦକ୍ଷିଣ ମେରୁରେ ପହଞ୍ଚିପାରି ନାହାନ୍ତି। ଇସ୍ରୋର ଏହି ସଫଳତାରେ ୧୪୦ କୋଟି ଭାରତୀୟଙ୍କ ହୃଦୟରେ ଖୁସିର ଲହରି ଖେଳିଯାଇଛି। ସାମାଜିକ ଗଣମାଧ୍ୟମରେ ଚାରିଆଡୁ ଅଭିନନ୍ଦନର ସୁଅ ଛୁଟିଛି। ୨୦୧୯ରେ ଭାରତର ଚନ୍ଦ୍ରୟାନ-୨ ଶେଷ ମୁହୂର୍ତ୍ତରେ ସଫ୍ଟ ଲ୍ୟାଣ୍ଡିଂ କରିବାରେ ବିଫଳ ହୋଇ ଚନ୍ଦ୍ର ପୃଷ୍ଠରେ ଖସିପଡ଼ିଥିଲା। ଗତ ରବିବାର ରୁଷିଆର ଲୁନା-୨୫ ଚନ୍ଦ୍ରପୃଷ୍ଠରେ ଧକ୍କା ହୋଇଥିଲା। ତେଣୁ ଭାରତର ତୃତୀୟ ମୁନ୍ ମିଶନ୍ ସଫଳତାକୁ ନେଇ ଆଶଙ୍କା ଲାଗିରହିବା ସ୍ୱାଭାବିକ୍। ସଫ୍ଟ ଲ୍ୟାଣ୍ଡିଂ ପାଇଁ ଶେଷ କିଛି ମହୂର୍ତ୍ତ ସମସ୍ତଙ୍କ ଛାତି ଧଡ଼ଧଡ଼ ହେଉଥିଲା। ତେବେ ସମସ୍ତଙ୍କୁ ଚମକାଇ ଲ୍ୟାଣ୍ଡର ବିକ୍ରମ ଧାର୍ଯ୍ୟ ସମୟ ବୁଧବାର ସନ୍ଧ୍ୟା ଠିକ୍ ୬ଟା ୪ ମିନିଟରେ ଚନ୍ଦ୍ରପୃଷ୍ଠ ସ୍ପର୍ଶ କରିଥିଲା। ଦକ୍ଷିଣ ଆଫ୍ରିକା ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଭାରତ ପାଇଁ ଐତିହାସିକ ଦିନ କହିବା ସହ ଇସ୍ରୋ ଓ ଏହାର ବୈଜ୍ଞାନିକମାନଙ୍କୁ ହୃଦୟଭରା ଅଭିନନ୍ଦନ ଜଣାଇଛନ୍ତି।

# ଚନ୍ଦ୍ର ମିଶନ ସଫଳ

## ଚନ୍ଦ୍ରୟାନ-୩ର ଯାତ୍ରାପଥ

ଜୁଲାଇ ୬: ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାରୁ ମିଶନ ଆରମ୍ଭ କରିଥିଲା।

ଜୁଲାଇ ୭: ଚନ୍ଦ୍ରୟାନ-୩ର ସମସ୍ତ ବୈଦ୍ୟୁତିକ ପରୀକ୍ଷା ସଫଳତାର ସହିତ ସମାପ୍ତ ହୋଇଥିଲା।

ଜୁଲାଇ ୧୧: ଏକ ୨୪ ଘଣ୍ଟିଆ ଲଞ୍ଚ ରିହର୍ସାଲ'ସଫଳତାର ସହିତ କରାଯାଇଥିଲା।

ଜୁଲାଇ ୧୪: ଇସ୍ରୋର ଏଲ୍‌ଭିଏମ୩ ଏମ୍୪ ଚନ୍ଦ୍ରୟାନ-୩କୁ ଏହାର ଉଦ୍ଦିଷ୍ଟ




କକ୍ଷପଥରେ ସ୍ଥାପନ କଲା।

ଜୁଲାଇ ୧୫: ବେଙ୍ଗାଲୁରୁରେ ମିଶନର ପ୍ରଥମ କକ୍ଷପଥ ବୃଦ୍ଧି କାର୍ଯ୍ୟ ସଫଳ ହେଲା। ଏହା ମହାକାଶ ଯାନ ୪୧,୭୬୨ x ୧୭୩ କି.ମି. କକ୍ଷପଥରେ ପହଞ୍ଚିଲା।

ଜୁଲାଇ ୧୭: ଦ୍ୱିତୀୟ କକ୍ଷପଥ ବୃଦ୍ଧି ମାନିଭର୍ ଚନ୍ଦ୍ରୟାନ-୩କୁ ୪୧,୬୦୩ x ୨୨୬ କି.ମି ପୃଥିବୀ-ବନ୍ଧିତ କକ୍ଷପଥରେ ରଖିଲା।

ଜୁଲାଇ ୨୨: ଚତୁର୍ଥ କକ୍ଷପଥ ବୃଦ୍ଧି ମାନିଭର୍ ବା ପୃଥିବୀ ବନ୍ଧିତ ପେରିକି ଫାୟାରିଂ ଦ୍ୱାରା ମହାକାଶଯାନକୁ ୭୧,୩୫୧ x ୨୩୩ କିମି କକ୍ଷପଥରେ ସଫଳତାର ସହ ସ୍ଥାନିତ।

ଜୁଲାଇ ୨୫: ଅନ୍ୟ ଏକ କକ୍ଷପଥ ବୃଦ୍ଧି କାର୍ଯ୍ୟ ସଫଳତାର ସହିତ କରାଯାଇଥିଲା।

ଅଗଷ୍ଟ ୧: ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ ସ୍ୱରୂପ ଚନ୍ଦ୍ରୟାନ-୩ ଏକ ୨୮୮ କି.ମି x ୩,୬୯,୩୨୮ କି.ମି. ଟ୍ରାନ୍ସଲୁନାର୍ କକ୍ଷପଥରେ ପ୍ରବେଶ କଲା।

ଅଗଷ୍ଟ ୫: ମହାକାଶଯାନ ୧୬୪ କି.ମି. x ୧୮,୦୭୪ କି.ମି ଚନ୍ଦ୍ର କକ୍ଷପଥରେ ପ୍ରବେଶ କଲା।

ଅଗଷ୍ଟ ୬: ମହାକାଶଯାନର ଚନ୍ଦ୍ର-ବନ୍ଧିତ କକ୍ଷପଥକୁ ୧୭୦ କିମି x ୪,୩୧୩ କି.ମି.କୁ ହ୍ରାସ କରାଗଲା।

ଅଗଷ୍ଟ ୯: ଅନ୍ୟ ଏକ ମାନିଭର୍ କରାଯାଇଥିଲା ଯଦ୍ୱାରା ମହାକାଶଯାନ ୧୭୪ x ୧୪୩୭ କି.ମି. କକ୍ଷପଥକୁ ଖସି ଆସିଥିଲା।

ଅଗଷ୍ଟ ୧୪: ପ୍ରାୟ ବୃତ୍ତାକାର ୧୫୧ କି.ମି. x ୧୭୯ କି.ମି. କକ୍ଷପଥରେ ଚନ୍ଦ୍ରୟାନ-୩ ପ୍ରବେଶ କଲା।

ଅଗଷ୍ଟ ୧୬: ଫାୟାରିଂ ପରେ ମହାକାଶଯାନ ୧୫୩ କି.ମି. x ୧୬୩ କି.ମି. କକ୍ଷପଥରେ ପ୍ରବେଶ କଲା

ଅଗଷ୍ଟ ୧୭: ବିକ୍ରମ ଲ୍ୟାଣ୍ଡର ଏବଂ ପ୍ରଜ୍ଞାନ ରୋଭରକୁ ନେଇ ଲ୍ୟାଣ୍ଡିଂ ମଡ୍ୟୁଲ୍ ଏହାର ପ୍ରବୃତ୍ତି ପ୍ରଣାଳୀ(ପ୍ରପଲ୍‌ସନ୍ ସିଷ୍ଟମ୍)ରୁ ଅଲଗା ହୋଇଥିଲା।

ଅଗଷ୍ଟ ୧୮: ମହାକାଶଯାନ ସଫଳତାର ସହିତ ଏକ ଡିବୁଷ୍ଟିଂ ଅପରେଶନ(ଗତିବେଗ ହ୍ରାସ ପ୍ରକ୍ରିୟା)ସମାପ୍ତ କଲା, ଯଦ୍ୱରା ଏହାର କକ୍ଷପଥ ୧୧୩ କି.ମି. x ୧୫୭ କି.ମି.କୁ ହ୍ରାସ ପାଇଲା।

ଅଗଷ୍ଟ ୨୦: ଚନ୍ଦ୍ରୟାନ-୩ର ଦ୍ୱିତୀୟ ତଥା ଅନ୍ତିମ ଡିବୁଷ୍ଟିଂ ଅପରେଶନ କରାଯାଇ ଏହାର ଏଲ୍‌ଏମ୍ କକ୍ଷପଥକୁ ୨୫ କି.ମି. x ୧୩୪ କି.ମି.କୁ ହ୍ରାସ କରାଗଲା।

ଅଗଷ୍ଟ ୨୩: ଚନ୍ଦ୍ରୟାନ-୩ ପୂର୍ବନିର୍ଦ୍ଧାରିତ ସମୟ ସନ୍ଧ୍ୟା ୬.୪ ମିନିଟରେ ସଫଳତାର ସହ ଅବତରଣ କରିବା ସହ ଇତିହାସ ରଚିଲା।

## ଚନ୍ଦ୍ର ଛୁଇଁବାରେ ଭାରତ ଚତୁର୍ଥ




ଚନ୍ଦ୍ରର ଦକ୍ଷିଣ ମେରୁରେ ପହଞ୍ଚିବାରେ ଭାରତ ପ୍ରଥମ ଦେଶ ହୋଇଛି। ତେବେ ଚନ୍ଦ୍ରପୃଷ୍ଠରେ ମହାକାଶ ଯାନ ଅବତରଣ କରାଇବାରେ ଏହା ଚତୁର୍ଥ ରାଷ୍ଟ୍ର। ପୂର୍ବରୁ ଆମେରିକା, ସୋଭିଏଟ୍ ୟୁନିୟନ ଏବଂ ଚାଇନା ଚନ୍ଦ୍ରରେ ସଫ୍ଟ ଲ୍ୟାଣ୍ଡିଂ କରିବାରେ ସଫଳ ହୋଇଥିଲେ। ଏପରିକି ସେମାନେ ଚନ୍ଦ୍ରପୃଷ୍ଠରୁ ମାଟି ଓ ଶିଳା ନମୁନା ଧରି ପୃଥିବୀକୁ ଫେରିଥିଲେ। ତେବେ ଚନ୍ଦ୍ରର ଦକ୍ଷିଣ ପାର୍ଶ୍ୱରେ ଅବତରଣ କରିବାରେ ଏପର୍ଯ୍ୟନ୍ତ କୌଣସି ଦେଶ ସଫଳ ହୋଇ ନ ଥିଲେ। ସୋଭିଏଟ୍ ୟୁନିୟନ ୫ ଥର ବିଫଳ ହେବା ପରେ ଷଷ୍ଠ ମହାକାଶ ଯାନ ଚନ୍ଦ୍ରରେ ଅବତରଣ କରିବାରେ ସଫଳ ହୋଇଥିଲା। ସେହିପରି ଆମେରିକାର ମହାକାଶ ସଂସ୍ଥା ନାସା ୧୩ ଥର ବିଫଳ ହେବା ପରେ ୧୯୬୪ ଜୁଲାଇ ୩୧ରେ ଏହାର ଲୁନାର ମିଶନ ସଫଳ ହୋଇଥିଲା। ଚାଇନାର ଚେଙ୍ଗ୍ ୩ ଏବଂ ୪ ମିଶନ ୨୦୧୩ ଡିସେମ୍ବର ୨ ଏବଂ ୨୦୧୮ ଡିସେମ୍ବର ୭ରେ ଚନ୍ଦ୍ରପୃଷ୍ଠରେ ଅବତରଣ କରି ରୋଭରକୁ କାର୍ଯ୍ୟକ୍ଷମ କରିଥିଲା। ୨୦୨୦ ନଭେମ୍ବର ୨୩ରେ ଏହାର ଚେଙ୍ଗ୍ ୫ ମିଶନ ଡିସେମ୍ବର ୧ରେ ଚନ୍ଦ୍ରରେ ଅବତରଣ କରି ସେଠାରୁ ୨ କିଲୋଗ୍ରାମ ମୃତ୍ତିକା ଧରି ଡିସେମ୍ବର ୧୬ରେ ପୃଥିବୀକୁ ଫେରିଥିଲା। ୨୦୦୮ ଅକ୍ଟୋବର ୨୨ରେ ଭାରତର ଚନ୍ଦ୍ରୟାନ-୧ ଚନ୍ଦ୍ରଠାରୁ ୧୦୦ କିଲୋମିଟର କକ୍ଷପଥରେ ଅବସ୍ଥାନ କରିଥିଲା। ୨୦୧୯ ଜୁଲାଇ ୨୨ରେ ଚନ୍ଦ୍ରୟାନ-୨ ପଠାଯାଇଥିଲା, ଯେଉଁଥିରେ ଅର୍ବିଟର, ଲ୍ୟାଣ୍ଡର ଏବଂ ରୋଭର ରହିଥିଲା। ତେବେ ସେହିବର୍ଷ ସେପ୍ଟେମ୍ବର ୬ରେ ସଫ୍ଟ ଲ୍ୟାଣ୍ଡିଂରେ ବିଫଳ ହୋଇ ଏହା ଚନ୍ଦ୍ରପୃଷ୍ଠରେ ଖସିପଡ଼ିଥିଲା।



## ନୂଆ ଇତିହାସ ଲେଖାହେଲା



ଭାରତ ପ୍ରଥମ ଦେଶ ଭାବେ ଚନ୍ଦ୍ରର ଦକ୍ଷିଣ ମେରୁରେ ଚନ୍ଦ୍ରୟାନ ଅବତରଣ କରାଇ ନୂଆ ଇତିହାସ ଲେଖିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ବ୍ରିକ୍ସ ସମିଟ୍ ପାଇଁ ଦକ୍ଷିଣ ଆଫ୍ରିକାରେ ଥିବା ପ୍ରଧାନମନ୍ତ୍ରୀ ଚନ୍ଦ୍ରୟାନ-୩ର ଅବତରଣ ଉଦ୍ୟମକୁ ଭର୍ଚୁଆଲି ଦେଖିଥିଲେ। ଏହି ସଫଳତା ପାଇଁ ପ୍ରଧାନମନ୍ତ୍ରୀ ଇସ୍ରୋ ଓ ଏହାର ବୈଜ୍ଞାନିକମାନଙ୍କୁ ହୃଦୟଭରା ଅଭିନନ୍ଦନ ଜଣାଇଛନ୍ତି। ସେ ଦକ୍ଷିଣ ଆଫ୍ରିକାରେ ଥାଇପାରନ୍ତି, ହେଲେ ତାଙ୍କ ହୃଦୟ ସବୁବେଳେ ଚନ୍ଦ୍ରୟାନ ମିଶନ ସହ ରହିଛି ବୋଲି ଦକ୍ଷିଣ ଆଫ୍ରିକାରେ ଭର୍ଚୁଆଲି ଉଦ୍‌ବୋଧନ ଦେଇ ମୋଦି କହିଛନ୍ତି।

## ବିଶିଷ୍ଟ ବ୍ୟକ୍ତିଙ୍କ ପ୍ରତିକ୍ରିୟା



" ଆଜିର ଅଗ୍ରଣୀ ଉପଲବ୍ଧି ପାଇଁ ଇସ୍ରୋ ଟିମ୍‌କୁ ଶୁଭେଚ୍ଛା। ଚନ୍ଦ୍ରମାର ଦକ୍ଷିଣ ମେରୁରେ ଚନ୍ଦ୍ରୟାନ-୩ର ସଫଳ ଲ୍ୟାଣ୍ଡିଂ ଆମ ବୈଜ୍ଞାନିକ ମାନଙ୍କ ଉନ୍ନତ ପ୍ରତିଭା ଏବଂ କଠିନ ପରିଶ୍ରମର ପରିଣାମ। ୧୯୬୨ ପରେ ଭାରତର ମହାକାଶ କାର୍ଯ୍ୟକ୍ରମ ନୂଆ ଶିଖରକୁ ଛୁଇଁଛି ।

**-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**



" ଚନ୍ଦ୍ରୟାନ-୨ର ବିଫଳତା ମୋତେ ଅଧିକ କଷ୍ଟ ଦେଇଥିଲା। କାରଣ ଏହା ଅବତରଣର ଶେଷ ମୁହୂର୍ତ୍ତରେ ବିଫଳ ହୋଇଥିଲା। ତେବେ ଚନ୍ଦ୍ରୟାନ-୩ର ସଫଳତା ଲାଗି ମୁଁ ଉତ୍ସାହିତ। ମୁଁ ଏହି କ୍ଷଣକୁ ଦୀର୍ଘଦିନ ଧରି ଅପେକ୍ଷା କରି ରହିଥିଲି, ଯାହା ଖୁସି ଦେଇଛି।

**-କେ. ଶିବନ, ପୂର୍ବତନ ଇସ୍ରୋ ମୁଖ୍ୟ**



" ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଭାରତ ମହାକାଶ ଗବେଷଣା କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହା 'ଆତ୍ମନିର୍ଭର ଭାରତ'ର ମନ୍ତ୍ରକୁ ସତ୍ୟ ପ୍ରମାଣିତ କରିଛି।

**-ଜେ.ପି. ନଡ୍ଡା, ଭାଜପା ଅଧ୍ୟକ୍ଷ**



" ଛଅ ଦଶନ୍ଧି ପୁରୁଣା ଏହି ମହାକାଶ କାର୍ଯ୍ୟକ୍ରମରେ ଆଜି ୧୪୦ କୋଟି ଭାରତୀୟ ନୂଆ ଉପଲବ୍ଧି ହାସଲ କରିଛନ୍ତି। ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହରୁଙ୍କ କାର୍ଯ୍ୟକାଳ ମଧ୍ୟରେ ଭାରତ ଏହି ଅଭିଯାନ ଆରମ୍ଭ କରିଥିଲା।

**-ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ**

## ଚନ୍ଦ୍ରୟାନ-୩ ବଜେଟ 'ଇଣ୍ଟରଷ୍ଟେଲାର'ଠାରୁ କମ୍



ଏଲନ ମସ୍କ

ଇସ୍ରୋର ଲୁନାର ମିଶନ ଚନ୍ଦ୍ରୟାନ-୩ ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିବା ପରେ ଭାରତକୁ ପ୍ରଥମ ଦେଶ ଭାବେ ଏଭଳି ସଫଳତା ମିଳିଛି। ଟେସ୍‌ଲା ଏବଂ ସ୍ପେସ୍‌ଏକ୍ସର ପ୍ରତିଷ୍ଠାତା ଏଲନ ମସ୍କ ଏହା ଉପରେ ନିଜର ପ୍ରତିକ୍ରିୟା 'ଏକ୍ସ'ରେ ପୋଷ୍ଟ କରିଛନ୍ତି। ନ୍ୟୁଜ୍‌ଥିଙ୍କ ଆକାଉଣ୍ଟରେ ସେ ଲେଖିଛନ୍ତି, ଚନ୍ଦ୍ରୟାନ-୩ ପାଇଁ ୭୫ ନିୟୁତ ଡଲାର (ପ୍ରାୟ ୬୨୦ କୋଟି ଟଙ୍କା) ବ୍ୟୟ ଆକଳନ କରାଯାଇଛି, ଯାହାକି କ୍ରିଷ୍ଟୋଫର ନୋଲାନ୍‌ଙ୍କ ୨୦୧୪ର ଫିଲ୍ମ 'ଇଣ୍ଟରଷ୍ଟେଲାର' ବଜେଟଠାରୁ କମ୍। ସେତେବେଳେ ଇଣ୍ଟରଷ୍ଟେଲାର ଚଳଚ୍ଚିତ୍ର ନିର୍ମାଣରେ ୧୬୫ ନିୟୁତ ଡଲାର ବ୍ୟୟ ହୋଇଥିଲା।



ଚନ୍ଦ୍ରୟାନ-୩ର ସଫଳ ଅବତରଣ ଉଦ୍ଦେଶ୍ୟରେ ଛାତ୍ରୀଛାତ୍ରଙ୍କ ସାମୂହିକ ପ୍ରାର୍ଥନା।



ବେଙ୍ଗାଲୁରୁସ୍ଥିତ ଇସ୍ରୋ ମୁଖ୍ୟାଳୟରେ ଚନ୍ଦ୍ରୟାନ-୩ର ସଫ୍ଟ ଲ୍ୟାଣ୍ଡିଂ ପରେ ଉତ୍ସାହିତ ବୈଜ୍ଞାନିକ।




# ବିଦେଶରୁ ଛୁଟିଲା ଅଭିନନ୍ଦନର ସୁଅ

## ନାସା, ଇଏସ୍‌ଏ ସମେତ ଭାରତୀୟ ବଂଶୋଦ୍ଭବ ଇସ୍ରୋକୁ ପ୍ରଶଂସାରେ ପୋତିଲେ

ୱାଂଶିଂଟନ୍‌, ୨୩।୮

ଚନ୍ଦ୍ରପୃଷ୍ଠରେ ନିଜ ମହାକାଶ ଯାନ ଅବତରଣ କରାଇବାରେ ଭାରତ ଚତୁର୍ଥ ରାଷ୍ଟ୍ର ହୋଇଛି। ଏହି ପରିପ୍ରେକ୍ଷୀରେ ସାରା ବିଶ୍ୱର ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟୁଛି। ଅନେକ ଅନ୍ତର୍ଜାତୀୟ ଗଣମାଧ୍ୟମ ଭାରତର ସଫଳତାକୁ ପ୍ରମୁଖତାର ସହ ପ୍ରସାରଣ କରିଛନ୍ତି। ୟୁରୋପିଆନ ସ୍ପେସ୍ ଏଜେନ୍ସି (ଇଏସ୍‌ଏ) ଭାରତକୁ ସୁଭେଚ୍ଛା ଜଣାଇ ମାଇକ୍ରୋବ୍ଲଗିଂ ସାଇଟ୍ 'ଏକ୍ସ'(ପୂର୍ବର ଟୁଇଟର)ରେ ଲେଖିଛି, ଇସ୍ରୋ ଏବଂ ଟିମ୍‌କୁ ଅଭିନନ୍ଦନ। 'ଏକ୍ସ'ରେ ଉତ୍ସାହୀ ଭାରତୀୟ ଓ ଆମେରିକାର ସ୍ପେସ୍ ଇଣ୍ଡଷ୍ଟ୍ରି ସହିତ ଜଡ଼ିତ ଘରୋଇ ବୈଜ୍ଞାନିକ ଅନୁଷ୍ଠାନଗୁଡ଼ିକରୁ ଆସିଥିବା ଉତ୍ସାହପୂର୍ଣ୍ଣ ମନ୍ତବ୍ୟ ଛାଇ ହୋଇଯାଇଥିଲା। ପୂର୍ବରୁ କେବଳ ୩ଟି ଶକ୍ତିଶାଳୀ ରାଷ୍ଟ୍ର ରୁଷିଆ, ଆମେରିକା ଓ ଚାଇନା ଚନ୍ଦ୍ରରେ ସଫ୍ଟ ଲ୍ୟାଣ୍ଡିଂ କରାଇବାରେ ସଫଳ ହୋଇଥିବାବେଳେ ମହାକାଶ ଅଭିଯାନ ଅଧ୍ୟାୟର ଭାରତ ସଫଳତାର ନୂଆ ଫର୍ଦ୍ଦ ଯୋଡ଼ିବା ପରେ ଆମେରିକାରେ ବସବାସ କରୁଥିବା ୪୦ ଲକ୍ଷ ଭାରତୀୟ ବଂଶୋଦ୍ଭବ ଇସ୍ରୋକୁ ପ୍ରଶଂସାରେ ପୋତି ଦେଇଛନ୍ତି। ଆମେରିକାରେ ସର୍ବାଧିକ ପ୍ରସାରିତ ଦୈନିକ 'ୟୁଏସ୍ ଟୁଡେ' ଲେଖିଛି, 'ଚନ୍ଦ୍ରୟାନ-୩ ଚନ୍ଦ୍ରକୁ ଛୁଇଁ ଚତୁର୍ଥ ରାଷ୍ଟ୍ର ଭାବେ ଇତିହାସ ସୃଷ୍ଟି କରିଛି'। ସେହିପରି ଏକ ବ୍ରିଟିଶ୍ ନ୍ୟୁଜ୍ ଏଜେନ୍ସି ମଧ୍ୟ ଉଲ୍ଲେଖ କରିଛି, 'ଚନ୍ଦ୍ରର ଦକ୍ଷିଣ ମେରୁରେ ବରଫ, ଅମ୍ଳଜାନ, ଇନ୍ଧନ ଓ ଜଳ ରହିଛି। ଏହାର ସନ୍ଧାନ ଭବିଷ୍ୟତରେ ଚନ୍ଦ୍ର ଅଭିଯାନ କିମ୍ବା ସେଠାରେ ସ୍ଥାୟୀ ବସବାସ ପାଇଁ ଏକ ଉତ୍ସ ହୋଇପାରେ। ଆମେରିକୀୟ ଗବେଷଣା ସଂସ୍ଥା 'ନାସା' ଆଡ୍‌ମିନିଷ୍ଟ୍ରେଟର ବିଲ୍ ନେଲଶନ ଇସ୍ରୋ ଏବଂ ଭାରତକୁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି ଚନ୍ଦ୍ରୟାନ-୩ ମିଶନରେ ନାସା ସହଯୋଗୀ ହୋଇଥିବାରୁ ଆମେ ଆନନ୍ଦିତ। ଭାରତୀୟ ମିଶନଠାରୁ ମିଳିବାକୁ ଥିବା ତଥ୍ୟକୁ ନେଇ ଆମେରିକୀୟ ଗବେଷଣା ସଂସ୍ଥା ଆଗକୁ ବଢ଼ିପାରେ।

### ସିଧା ପ୍ରସାରଣରେ ରେକର୍ଡ କଲା ଲୁନାର ମିଶନ

ନୂଆଦିଲ୍ଲୀ, ୨୩।୮

ଭାରତର ଲୁନାର ମିଶନ କେବଳ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିନାହିଁ, ଲ୍ୟାଣ୍ଡିଂ ସମୟର ସିଧା ପ୍ରସାରଣ ପୂର୍ବର ସମସ୍ତ ରେକର୍ଡକୁ ଭାଙ୍ଗିଛି। ଚନ୍ଦ୍ରୟାନ-୩ ଲ୍ୟାଣ୍ଡରର ସଫ୍ଟ ଲ୍ୟାଣ୍ଡିଂ ପ୍ରକ୍ରିୟା ଆରମ୍ଭ ହେବାଠାରୁ ଏହାର ସିଧା ପ୍ରସାରଣ ପୂର୍ବରୁ ସ୍ପେନ୍ ଷ୍ଟ୍ରିମର ଇବାଇର ଥିବା ରେକର୍ଡକୁ ଭଙ୍ଗ କରିଛି। ଅପରାହ୍ନ ୫ଟା ୫୩ ସୁଦ୍ଧା ଇସ୍ରୋର ଅଫିସିଆଲ ୟୁଟ୍ୟୁବ୍‌କୁ ୫୬ ଲକ୍ଷ ଲୋକ ଦେଖିଥିଲେ। ପୂର୍ବରୁ ଇବାଇର ସିଧା ପ୍ରସାରଣ ଦର୍ଶକ ସଂଖ୍ୟା ୩୪ ଲକ୍ଷ ଥିଲା।

### ଲ୍ୟାଣ୍ଡିଂ ପୂର୍ବରୁ ଉପଯୁକ୍ତ ସ୍ଥାନ ବାଛିଥିଲା 'ବିକ୍ରମ'

ଚନ୍ଦ୍ରୟାନ-୩ର ଲ୍ୟାଣ୍ଡର 'ବିକ୍ରମ' ଚନ୍ଦ୍ରପୃଷ୍ଠରେ ଅବତରଣ କରିବା ପୂର୍ବରୁ ଏକ ଅପେକ୍ଷାକୃତ ସମତଳ ସ୍ଥାନ ଚୟନ କରିଥିଲା। ଲ୍ୟାଣ୍ଡର କ୍ୟାମେରାରେ ଧରାପଡ଼ିଥିବା ଚିତ୍ରରୁ ଏହା ଜଣାପଡ଼ିଛି। ବିକ୍ରମର ୪ଟି ଲ୍ୟାଣ୍ଡିଂ ଲେଗ୍ ସଫଳତାର ସହ ଚନ୍ଦ୍ରପୃଷ୍ଠ ଛୁଇଁବା ପରେ ଲ୍ୟାଣ୍ଡିଂ ଇମେଜର କ୍ୟାମେରାରୁ ଅବତରଣ ସ୍ଥାନର କିଛି ଅଂଶ ଦେଖିବାକୁ ମିଳିଛି। ଏଥିସହିତ ଲ୍ୟାଣ୍ଡରର ଛାଇ ଏବଂ ଗୋଟିଏ ଲେଗ୍ ମଧ୍ୟ ଦେଖାଯାଉଥିବା ଇସ୍ରୋ କହିଛି।

# ୨୧ ନୂଆ ବସ୍‌ଷ୍ଟାଣ୍ଡ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୩।୮ (ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର 'ଆମ ବସ୍‌ଷ୍ଟାଣ୍ଡ ଯୋଜନା'ରେ ରାଜ୍ୟର ୧୩ ଜିଲାରେ ୨୧ଟି ନୂଆ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ କରିଛନ୍ତି। ଏଥିସହିତ ୨୬ ଜିଲାରେ ୧୨୪ଟି ବ୍ଲକସ୍ତରୀୟ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଭିତ୍ତି ମଧ୍ୟ ରଖିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏ ସମସ୍ତ ବସ୍‌ଷ୍ଟାଣ୍ଡ ସମ୍ପୂର୍ଣ୍ଣ ହେଲେ ରାଜ୍ୟର ୨ କୋଟି ଲୋକ ଉପକୃତ ହେବେ। ଏ ସମସ୍ତ ଅତ୍ୟନ୍ତ ଆଧୁନିକ ଓ ସ୍ମାର୍ଟ ବସ୍‌ଷ୍ଟାଣ୍ଡ। ଏଥିରେ ଯାତ୍ରୀ, ଡ୍ରାଇଭର ତଥା ସମସ୍ତ ସହକାରୀ କର୍ମଚାରୀମାନଙ୍କ ପାଇଁ ସବୁପ୍ରକାର ସୁବିଧା ଉପଲବ୍ଧ ରହିଛି। ଏହାଛଡ଼ା ଏମ୍-ପରିବହନ ମୋବାଇଲ ଆପ୍‌ର ସେ ଶୁଭାରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହାଦ୍ୱାରା ବିଭିନ୍ନ ପରିବହନ ସେବା ପାଇଁ ଆଉ ସରକାରୀ ଅଫିସକୁ ଯିବା ଆବଶ୍ୟକତା ରହିବ ନାହିଁ। ଡ୍ରାଇଭରମାନଙ୍କୁ ଗାଡ଼ି ଚଳାଇବା କ୍ଷେତ୍ରରେ ଅଧିକ ଦକ୍ଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ସୁ-ବାହକ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ୫୦ ହଜାର ଡ୍ରାଇଭରଙ୍କୁ ପ୍ରଶିକ୍ଷଣ ଦିଆଯିବ। ଗଞ୍ଜାମର ପାଲୁରଠାରେ ଏକ ଡ୍ରାଇଭିଂ ଟ୍ରେନିଂ ସେଣ୍ଟର ମଧ୍ୟ ସେ ଉଦ୍‌ଘାଟନ କରିଛନ୍ତି। ସଡ଼କ ଓ ସଡ଼କ ବ୍ୟବହାରକାରୀ ତଥା ଯାତ୍ରୀମାନଙ୍କ ସୁରକ୍ଷା ଉପରେ ସର୍ବାଧିକ ଗୁରୁତ୍ୱାରୋପ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଭଲ ପରିବହନ ବ୍ୟବସ୍ଥା ଏକ ଉନ୍ନତ ଅର୍ଥନୀତି ପାଇଁ ମାର୍ଗ ପରିଷ୍କାର କରିଥାଏ। ବିଭିନ୍ନ ସଂସ୍ଥାଗତ ସେବା ତଥା ସ୍କୁଲ, କଲେଜ, ହସ୍ପିଟାଲ ଆଦିର ସୁବିଧା ସହଜରେ ଉପଲବ୍ଧ ହୋଇପାରେ। ଏକ ଗତିଶୀଳ ସାମାଜିକ ଓ ଅର୍ଥନୈତିକ ସମାଜ ଗଠନ ଦିଗରେ ଏହା ଏକ କାଟାଲିଷ୍ଟ ଭାବରେ କାମ କରିଥାଏ। ଲୋକଙ୍କୁ ଉନ୍ନତମାନର ପରିବହନ ସେବା ଯୋଗାଇଦେବା ପାଇଁ ଉଦ୍ୟମ ଜାରି ରଖିବାକୁ ମୁଖ୍ୟମନ୍ତ୍ରୀ ପରିବହନ ବିଭାଗକୁ ପରାମର୍ଶ ଦେଇଛନ୍ତି।

ଏହି ଅବସରରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଗତ ୨୩ ବର୍ଷ ଧରି ରାଜ୍ୟରେ ସୁଶାସନର ଧାରା ଅବ୍ୟାହତ ରହିଛି। ଗମନାଗମନର ବିକାଶ ପାଇଁ ରାଜ୍ୟରେ ସଡ଼କ ପରିବହନ ସହିତ ରେଳ ଓ ଆକାଶମାର୍ଗରେ ପରିବହନର ବିକାଶ ଲାଗି ଉଦ୍ୟମ ଜାରି ରହିଛି।

ପୁରୀଠାରେ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ସୋନପୁରଠାରେ ସଂସଦୀୟ ବ୍ୟାପାର ଓ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ପ୍ରମୁଖ ଉପସ୍ଥିତ ରହି ପରିବହନ ବ୍ୟବସ୍ଥା ଓ ବସ୍‌ଷ୍ଟାଣ୍ଡ ଭିତ୍ତିଭୂମି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଉଚ୍ଚପ୍ରଶଂସା କରିଥିଲେ। ୫-ଟି ସଚିବ ଭି .କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଓଏସ୍‌ଆରଟିସି ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, ଉନ୍ନୟନ କମିଶନର ଅନୁ ଗର୍ଗ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



୨୧ ନୂଆ ବସ୍‌ଷ୍ଟାଣ୍ଡର ଲୋକାର୍ପଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ।

### ଆମ ବସ୍‌ଷ୍ଟାଣ୍ଡ ଯୋଜନା

- ୨୬ ଜିଲାରେ ୧୨୪ ବ୍ଲକସ୍ତରୀୟ ବସ୍‌ଷ୍ଟାଣ୍ଡ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ
- ଡ୍ରାଇଭରଙ୍କ ଟ୍ରେନିଂ ପାଇଁ ସୁ-ବାହକ ଯୋଜନାର ଶୁଭାରମ୍ଭ
- ବର୍ଷକୁ ପ୍ରଶିକ୍ଷଣ ନେବେ ୫୦ ହଜାର ଡ୍ରାଇଭର
- ଏମ୍-ପରିବହନ ମୋବାଇଲ ଆପ୍‌ର ଶୁଭାରମ୍ଭ
- ସମସ୍ତଙ୍କୁ ନିରାପଦ, ଆରାମଦାୟକ ପରିବହନ ସେବା ଯୋଗାଇବା ପାଇଁ ଉଦ୍ୟମ ଜାରି ରହିଛି: ମୁଖ୍ୟମନ୍ତ୍ରୀ





E-BOOK TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI DEALERSHIP.

TUSHI MOTORS
CUTTACK: 9078076450. PANIKOILI: 9078076450. ATHAGARH: 9078076450.

JYOTE MOTORS
BHUBANESWAR: LEWIS ROAD: 9798190190. NAYAPALLI: 9798190190. KEONJHAR: 9798190190. NAYAGARH: 9798190190. BALUGAON: 9798190190. ANANDPUR: 9798190190. KENDRAPARA: 9798190190. BALASORE: 9798190190. BHADRAK: 9798190190. BARIPADA: 9798190190. UDALA: 7064499950. RAIRANGPUR: 9853446906. JALESWAR: 7064499950. BASUDEVPUR: 9798190190.

SKY AUTOMOBILES
BHUBANESWAR: PATIA : 7381045356. CUTTACK: 9776677771, 7381873818. DHENKANAL: 7381045357. NARSHINGPUR: 7381045357. KAMAKHYANAGAR: 7381045357. JAJPUR: 9776900777, SALEPUR: 9583544555, CHANDIKHOL: 9583544555, TANGI: 7381045356.

NARAYANI MOTORS
BHUBANESHWAR: RASULGARH: 9583022019,7440019592,9583022013. JAGATSINGHPUR: 9583022090. PURI: 9583022035. NIMAPARA: 7381094851. PARADEEP: 9583022034/48. PURI HIGHWAY PIPLI: 9583022013. TIRTOL: 7381000159.

ODYSSEY MOTORS
ANGUL: 7752076136, 9776901481, PALLAHARA: 7873565435, 9437831123.

*Offer includes consumer offer, exchange bonus, institutional or rural offer and 2 ka 4 wheeler offer (wherever applicable) on selected models/ variants. ^Up to 100% on road funding is provided by select financiers only. Above mentioned savings amount is the value of maximum savings on selected models. ***Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. For more details, please contact your nearest ARENA dealership. **Accessories and features shown in the pictures may not be a part of standard equipment and may vary according to the variant. ##As certified by Test agency under Rule 115(G) of CMVR 1989. ^^1.0 L VXI AGS petrol variants. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 31st August, 2023.

**ଆଜିର ମନ୍ତବ୍ୟ**

ମୋ ରାଜନୈତିକ ପରାମର୍ଶଦାତା ଏବଂ ଓଏସ୍‌ଡିଙ୍କ ଘରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଚଢ଼ାଉ କରାଯାଇଥିବାରୁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ଧନ୍ୟବାଦ।
**-ଭୂପେଶ ବଘେଲ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛ' ମାସର ବଳ
ଦିନକର ଜର।**
ସାଧାରଣତଃ ରୋଗରେ ପଡ଼ିଥିବା ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟହାନି ଘଟିବାର ଆଶଙ୍କା ରହିଥାଏ। ଏଭଳି ସ୍ଥଳେ ଦେହ ଅସ୍ୱସ୍ତି ଲାଗିବା ବା ଦୁର୍ବଳ ଲାଗିବା ଭଳି ଅନେକ ଲକ୍ଷଣମାନ ମଧ୍ୟ ପ୍ରକାଶ ପାଇଥାଏ। ତେଣୁ ଜର ହେଲେ ବା ଦେହ ଖରାପ ହେଲେ ଦେହରୁ ବଳ କମିଯାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଛପନ କୋଟି ଜୀବଙ୍କୁ,
ବାଆନ କୋଟି ଭଣ୍ଡାର।**
ଈଶ୍ୱର ହେଉଛନ୍ତି ସକଳ ସୃଷ୍ଟିର ଆଧାର। ସେ ହିଁ ସୃଷ୍ଟିକର୍ତ୍ତା, ତ୍ରାଣକର୍ତ୍ତା ଓ ପ୍ରାଣକର୍ତ୍ତା। ଜୀବମାନଙ୍କ ପାଇଁ ଈଶ୍ୱରଙ୍କ ସଂସାରରେ ଖାଦ୍ୟର ଅଭାବ ପଡୁନଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ୫ ଜିଲ୍ଲାରେ ଖୁବ୍‌ଶୀଘ୍ର ଇ-ବସ୍ ସେବା

## କ୍ରୁଟ୍‌ର ୪୪ତମ ବୋର୍ଡ ବୈଠକ

■ ଇଭି ଡିପୋ, ଇଲେକ୍ଟ୍ରିକ୍ ଚାର୍ଜିଂ ଷ୍ଟେସନ ସ୍ଥାପନ ଯୋଜନା

ଭୁବନେଶ୍ୱର, ୨୩।୮
(ସୁନିତ୍ ମିଶ୍ର)

କ୍ୟାପିଟାଲ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ(କ୍ରୁଟ୍)ର ୪୪ତମ ବୋର୍ଡ ବୈଠକ ରାଜ୍ୟ ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ତଥା କ୍ରୁଟ୍ ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ କେନ୍ଦୁଝର ଜିଲାରେ ତୁରନ୍ତ 'ମୋ ବସ୍' ସେବା ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା କେନ୍ଦୁଝରବାସୀଙ୍କ ଗମନାଗମନ ସୁଲଭ ଓ ସୁଗମ ହୋଇପାରିବ। ନିକଟରେ ଘୋଷଣା କରାଯାଇଥିବା ପିଏମ୍ ଇ-ବସ୍ ଯୋଜନା ଭଳି କ୍ୟାପିଟାଲ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ ଭୁବନେଶ୍ୱର, କଟକ, ରାଉରକେଲା, କେନ୍ଦୁଝର ଏବଂ ସମ୍ବଲପୁରର ପ୍ରମୁଖ ସ୍ଥାନରେ ଇ-ବସ୍ ସେବା ଆରମ୍ଭ କରିବାକୁ ଯୋଜନା କରାଯାଇଛି। ଏହି ପଦକ୍ଷେପଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ପାଇଁ କ୍ରୁଟ୍ ଏକ ବ୍ୟାପକ ଭିତ୍ତିଭୂମି ବିକାଶ ଯୋଜନା କରିଛି। ପ୍ରମୁଖ ଭିତ୍ତିଭୂମି ବିକାଶ ପ୍ରକଳ୍ପଗୁଡ଼ିକ ମଧ୍ୟରେ କଟକ ନରାଜରେ ଏକ ଆଧୁନିକ ବସ୍ ଡିପୋ, ଗାଡକଣ ଠାରେ ଏକ ଉତ୍ସର୍ଗୀକୃତ ଇଲେକ୍ଟ୍ରୋନିକ ଭେହିକିଲ(ଇଭି) ଡିପୋ ଏବଂ ଭୁବନେଶ୍ୱରର ପୋଖରୀପୁଟରେ ଏକ ଅତ୍ୟାଧୁନିକ ବସ୍ ଡିପୋ ନିର୍ମାଣ ଅନ୍ତର୍ଭୁକ୍ତ ଅଛି। ଏହାଛଡା ଭୁବନେଶ୍ୱରର ଅରିଜିନ ଡେଷ୍ଟିନେଶନ ଟର୍ମିନାଲ ଘାଟିକିଆରେ ଏକ ଇଲେକ୍ଟ୍ରିକ୍ ଚାର୍ଜିଂ ଷ୍ଟେଶନ ସ୍ଥାପନ କରାଯିବ। ଏହାସହ ଛତ୍ରପୁର, ଗୋପାଳପୁର, ହଳଦୀପଦର ଏବଂ ସମ୍ବଲପୁରର ମୋଦିପଡ଼ା ଓ ଅଇଁଠାପାଲିରେ ଅରିଜିନ ଡେଷ୍ଟିନେଶନ ଟର୍ମିନାଲ୍ ପ୍ରତିଷ୍ଠା ପାଇଁ କ୍ରୁଟ୍ ଯୋଜନା କରିଛି। ପୁନରୁଦ୍ଧାର ବ୍ୟବସ୍ଥାକୁ ଆହୁରି ଉନ୍ନତ କରିବା ପାଇଁ କ୍ରୁଟ୍ ମାଷ୍ଟର କ୍ୟାଣ୍ଟିନରେ ଥିବା ବସ୍ ଟର୍ମିନାଲର ମରାମତି, ନବୀକରଣ ଏବଂ ଉନ୍ନତି ପାଇଁ ସମ୍ବଳ ଯୋଗାଇଦେଇଛି। ଏହିସବୁ ଭିତ୍ତିଭୂମି, ପଦକ୍ଷେପ ଏବଂ ଉନ୍ନତି ଲୋକଙ୍କ ପାଇଁ ଭ୍ରମଣ ଅଭିଜ୍ଞତାକୁ ଆହୁରି ସହଜ କରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ରାଜ୍ୟର ବିଭିନ୍ନ ପରିଚାଳନା କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀଙ୍କ ଆଭାସୀ ପ୍ରଶିକ୍ଷଣ ଓ ଦକ୍ଷତା ବିକାଶକୁ ସୁଗମ କରିବା ପାଇଁ ପଟିଆ ଏବଂ ଭଗବାନପୁର ଡିପୋରେ ଅତ୍ୟାଧୁନିକ ଭିଡିଓ କନ୍‌ଫରେନ୍ସି ବ୍ୟବସ୍ଥା କରାଯିବ। ଏହାର ଉଦ୍ଦେଶ୍ୟ ହେଉଛି,ରାଜ୍ୟବାସୀଙ୍କ ସେବାରେ ଏକ ବୃତ୍ତିଗତ ତାଲିମପ୍ରାପ୍ତ କର୍ମଚାରୀ ଦଳକୁ ସବୁ ସମୟରେ ପ୍ରସ୍ତୁତ ରଖାଯିବ। ବୈଠକରେ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଜି. ମାଥିଭାଥନନ, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକ ଅରୁଣ ବୋଥ୍ରା, ପରିବହନ କମିଶନର ଅମିତାଭ ଠାକୁର, ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ବଳଓ୍ୱନ୍ତ ସିଂ, କଟକ ମହାନଗର ନିଗମ କମିଶନର ନିଖିଲ ପବନ କଲ୍ୟାଣ, ଗଞ୍ଜାମ, କେନ୍ଦୁଝର, ସମ୍ବଲପୁର ଓ ଝାରସୁଗୁଡ଼ା ଜିଲାପାଳ ଉପସ୍ଥିତ ଥିଲେ।

# ବଡ଼ଗୁମୁଡ଼ା ସେବାଶ୍ରମ ୧୦ମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ

ନବରଙ୍ଗପୁର,୨୩।୮
(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ କୋଷାଗୁମୁଡା ବ୍ଲକ ବଡ଼ଗୁମୁଡ଼ା ସେବାଶ୍ରମ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ରୀ ରଞ୍ଜିତା ହରିଜନଙ୍କର ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ନବରଙ୍ଗପୁର ଜିଲା ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ଝରିଗାଁ ବ୍ଲକ ତାରାଯୋଡି ଗ୍ରାମର ଖଗପତି ହରିଜନଙ୍କ ଝିଅ ରଞ୍ଜିତା ବଡ଼ଗୁମୁଡ଼ା ସେବାଶ୍ରମ ବିଦ୍ୟାଳୟରେ ୧୦ମ ଶ୍ରେଣୀରେ ପଢୁଥିଲେ। ୨୧ ତାରିଖରେ ତାଙ୍କର ମୁଣ୍ଡବ୍ୟଥା ହେବାରୁ ବଡ଼ଗୁମୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବା ପରେ ସେବାଶ୍ରମକୁ ଫେରି ଆସିଥିଲେ। ରଞ୍ଜିତା ପୁଣି ଅସୁସ୍ଥ ହେବାରୁ ବୁଧବାର ବଡ଼ଗୁମୁଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ନବରଙ୍ଗପୁର ଜିଲା ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରଧାନ ଶିକ୍ଷକ ସପନ ହାଲଦାର କହିଛନ୍ତି, ରଞ୍ଜିତାଙ୍କୁ ୨୧ ତାରିଖରେ ବଡ଼ଗୁମୁଡ଼ା ଡାକ୍ତରଖାନା କର୍ତ୍ତୃପକ୍ଷ ଔଷଧ ଦେଇ ଛାଡି ଦେଇଥିଲେ। ରାତିରେ ଔଷଧ ଖାଇବା ପରେ ମଧ୍ୟ ମୁଣ୍ଡବ୍ୟଥା ନ କମିବାରୁ ପୁଣି ଥରେ ଗତ ୨୨ ତାରିଖରେ ଡାକ୍ତରଖାନାକୁ ନିଆଯାଇଥିଲା। ୨୩ ତାରିଖରେ ବାନ୍ତି ହେବା ପରେ ପୁଣି ଥରେ ଡାକ୍ତରଖାନାକୁ ନିଆଯାଇଥିଲା। ବୁଧବାର ସକାଳୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଅପରାହ୍ନ ୧ଟାରେ ନବରଙ୍ଗପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା କହିଛନ୍ତି। କୋଡିଗାଁ ଥାନା ଅଧିକାରୀ ଯୁଗଳ ଶବର ଗୁରୁବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି କହିଛନ୍ତି। ତେବେ ପରିବାର ଲୋକେ ଅଭିଯୋଗ କରିଛନ୍ତି, ଝିଅ ଗୁରୁତର ସଂକ୍ରାନ୍ତରେ ତାଙ୍କୁ ଜଣାଯାଇ ନ ଥିଲା। ପୂର୍ବରୁ ଖବର ପାଇ ସମ୍ପର୍କୀୟ ଯିବାରୁ କେବଳ ମା' ବାପାଙ୍କୁ ଝିଅ ସହିତ ମିଶିବା ନିୟମ ଅଛି କହି ଝିଅକୁ ଦେଖିବା ପାଇଁ ମନା କରିଥିଲେ ବୋଲି ଅଭିଯୋଗ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡିବ।



ନିଶାସକ୍ତ ଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଓ ସରକାରଙ୍କ ନିଶା ପ୍ରସାରଣ ନୀତି ବିରୋଧରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ବୁଧବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ। (ଫଟୋ- ମୌସମ ନନ୍ଦ)

# ଅଗଷ୍ଟ ୨୫ରୁ ୪୬ତମ ବର୍ଷା ମହୋତ୍ସବ

ଭୁବନେଶ୍ୱର,୨୩।୮
(ଶର୍ମିଷ୍ଠା ପାଣିଗ୍ରାହୀ)

ସାହିତ୍ୟ, ସଂସ୍କୃତି ଓ ସମାଜସେବା ଅନୁଷ୍ଠାନ ଚିନ୍ତା ଓ ଚେତନାର ୪୬ତମ ବର୍ଷା ମହୋତ୍ସବ ଅଗଷ୍ଟ ୨୫ରୁ ଆରମ୍ଭ ହେବ। ୩ଦିନ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହେବ। ପରିବେଶ ଓ ପ୍ରକୃତିର ସୁରକ୍ଷାକୁ ନେଇ ଚଳିତବର୍ଷ ଉତ୍ସବର ବିଷୟବସ୍ତୁ ରହିଛି। ଏହି ଅବସରରେ ବର୍ଷା, ପରିବେଶ ଓ ପ୍ରକୃତିକୁ ନେଇ ନୃତ୍ୟ,ଗୀତ, ଚିତ୍ରକଳା ଭଳି କାର୍ଯ୍ୟକ୍ରମ ପରିବେଷଣ କରାଯିବ। କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କ ସହ ବିଶିଷ୍ଟ କଳାକାରମାନେ ଯୋଗଦେଇ ନିଜ ନିଜର ପରିବେଷଣ ରଖିବେ। ବର୍ଷା ଋତୁର ଅନୁଭବ ଆଣିଦେବ ଏହି ବର୍ଷା ମହୋତ୍ସବ ବୋଲି ଅନୁଷ୍ଠାନର ମହାସଚିବ ସୁରେନ୍ଦ୍ର ଦାସ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ମିଡିଆ ପାର୍ଟନର ରହିଛି।

## ପ୍ରଥମ ପୃଷ୍ଠାରୁ...

### ଚନ୍ଦ୍ରରେ ଭାରତ...

ସମର୍ପିତ। ଆଗକୁ ଏହା ଅନ୍ୟ ରାଷ୍ଟ୍ରଗୁଡ଼ିକୁ ମଧ୍ୟ ଚନ୍ଦ୍ରାଭିଯାନରେ ସହାୟକ ହେବ। ଏହି ଅବସରରେ ଇସ୍ରୋ ମୁଖ୍ୟ କହିଥିଲେ, ସଫଳତା ପାଇଁ ସେହି ସମସ୍ତଙ୍କୁ ଧନ୍ୟବାଦ, ଯେଉଁମାନେ ଦେଶ ଲାଗି ପ୍ରାର୍ଥନା କରିଥିଲେ, ଉତ୍ସାହ ଦେଖାଇଥିଲେ ଏବଂ ଭଲ ପାଇବା ଦେଇଥିଲେ। ଆପଣମାନଙ୍କୁ ଏହା ଉତ୍ସର୍ଗୀକୃତ। ଆମର ପରବର୍ତ୍ତୀ ମିଶନ ହେବ ଗଗନୟାନ (ହ୍ୟୁମାନ୍ ସ୍ପେସ୍ ଫ୍ଲାଇଟ୍)। ସେପ୍ଟେମ୍ବର କିମ୍ବା ଅକ୍ଟୋବର ପ୍ରଥମ ସପ୍ତାହରେ ଏହା ଆରମ୍ଭ କରିବାକୁ ଆମେ ଲକ୍ଷ୍ୟ ରଖିଛୁ। ଏହାର କିଛି ସମୟ ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଏକ ଟେଲିଭିଜନ ବାର୍ତ୍ତାରେ କହିଥିଲେ, ବାସ୍ତବରେ ଏହା ହେଉଛି ଏକ ଗୌରବର ମୁହୂର୍ତ୍ତ, ଯାହାକି ଜୀବନକାଳ ମଧ୍ୟରେ ଥରେ ଥରେ ଦେଖିବାକୁ ମିଳିଥାଏ। ଇସ୍ରୋ ବୈଜ୍ଞାନିକମାନେ ଚନ୍ଦ୍ରୟାନ-୩ ମିଶନ୍‌କୁ ସଫଳ କରି କେବଳ ଇତିହାସ ରଚିନାହାନ୍ତି, ସେମାନେ ଭୂଗୋଳର ଧାରଣାକୁ ପୁନଃ ଅଙ୍କନ କରିଛନ୍ତି।

ଅନ୍ୟପକ୍ଷେ ବିକ୍ରମ ଲ୍ୟାଣ୍ଡରର ସଫଳ ଲ୍ୟାଣ୍ଡିଂ ପରେ ଚନ୍ଦ୍ରପୃଷ୍ଠରେ ବିପୁଳ ଧୂଳିକଣିକା ଉଠିଥିଲା। ଚନ୍ଦ୍ରର ନିମ୍ନ ମାଧ୍ୟାକର୍ଷଣ ଯୋଗୁ ଏହି ଧୂଳି ସ୍ଥିର ହେବାକୁ ଦିନେ ଲାଗିଯିବ। ଏହା ପରେ ରୋଭର ପ୍ରଜ୍ଞାନ ଚନ୍ଦ୍ରପୃଷ୍ଠରେ ଗଡ଼ିବା ଆରମ୍ଭ କରିବ। ବହୁ ପରୀକ୍ଷାନିରୀକ୍ଷା ପରେ ଲ୍ୟାଣ୍ଡିଂ ସ୍ଥଳ ସ୍ଥିର କରାଯାଇଥିଲା। ଉକ୍ତ ଅଞ୍ଚଳରେ ଜଳର ସଙ୍କେତ ଥିବାରୁ ଚନ୍ଦ୍ରରେ ବରଫ ଥାଇପାରେ ବୋଲି ଅନୁମାନ କରାଯାଉଛି, ଯାହାକି ବୈଜ୍ଞାନିକ ଗବେଷଣା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ। ଏହା ପୂର୍ବରୁ ମଧ୍ୟ ୨୦୦୯ରେ ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା ନାସା ସହାୟତାରେ ଭାରତର ପ୍ରଥମ ମୁନ୍ ମିଶନ ଚନ୍ଦ୍ରୟାନ-୧ ଚନ୍ଦ୍ରପୃଷ୍ଠରେ ଜଳର ସନ୍ଧାନ ପାଇଥିଲା। ଆଗାମୀ ୨୪ ଦିନ (ଅର୍ଥାତ୍ ଚନ୍ଦ୍ରର ଦିନେ) ଧରି ସୌରଚାଳିତ ରୋଭର ପ୍ରଜ୍ଞାନ ଜହ୍ନ ରାଇଜରୁ ଇସ୍ରୋକୁ ଅନେକ ଚିତ୍ର ଓ ତଥ୍ୟ ପ୍ରେରଣ କରିବ। ୧୪ ଦିନ ପରେ ଏହାର ଗତିବିଧି ମନ୍ଥର ହୋଇଯାଇପାରେ। ମୁନ୍ ରୋଭର ଲ୍ୟାଣ୍ଡର ବିକ୍ରମ ଏବଂ ଚନ୍ଦ୍ରୟାନ୍-୨ର ଅର୍ବିଟର ସହ ଯୋଗାଯୋଗରେ ରହିବ। ଲ୍ୟାଣ୍ଡର ଇସ୍ରୋକୁ ଡେଟା ରିଲେ କରିବ।

ପ୍ରକାଶ ଯେ, ଜୁଲାଇ ୧୪ରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ୍ ମହାକାଶ କେନ୍ଦ୍ରର ଦ୍ୱିତୀୟ ଲଞ୍ଚପ୍ୟାଡ୍‌ରୁ ମୁନ୍ ଲ୍ୟାଣ୍ଡରକୁ ଜିଏସ୍‌ଏଲ୍‌ଭି ମାର୍କ-୩ ଜରିଆରେ ଲଞ୍ଚ କରାଯାଇଥିଲା। ଅଗଷ୍ଟ ୫ରେ ଏହା ଚନ୍ଦ୍ର କକ୍ଷପଥରେ ଅବସ୍ଥାପିତ ହୋଇଥିଲା।

### ବୈଜ୍ଞାନିକଙ୍କୁ ଅଭିନନ୍ଦନ ଜଣାଇଲେ ନବୀନ

ଭୁବନେଶ୍ୱର,୨୩।୮
(ଅନିଲ ଦାସ)

ଭାରତର ଚନ୍ଦ୍ରୟାନ-୩ ସଫଳତାର ସହ ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିଛି। ଭାରତ ପାଇଁ ଆଜିର ଦିନ ଏକ ଐତିହାସିକ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ମୁଖ୍ୟମନ୍ତ୍ରୀ ଟୁଇଟ୍ କରି କହିଛନ୍ତି ଯେ ଚନ୍ଦ୍ରୟାନ-୩ ହେଉଛି ବିଶ୍ୱର ପ୍ରଥମ ମହାକାଶ ଯାନ, ଯାହା ସଫଳତାର ସହ ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିଛି। ଏହି ଲ୍ୟାଣ୍ଡିଂ ଭାରତୀୟ ବିଜ୍ଞାନ ପାଇଁ ଏକ ଅବିସ୍ମରଣୀୟ ସଫଳତା ଏବଂ ମାନବ ଜାତି ପାଇଁ ଏକ ବୃହତ୍ ଅବଦାନ। ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର(ଇସ୍ରୋ)ର ବୈଜ୍ଞାନିକ ଏବଂ ଚନ୍ଦ୍ର ମିଶନକୁ ସଫଳ କରିବାରେ ସହଯୋଗ କରିଥିବା ସମସ୍ତ ବୈଜ୍ଞାନିକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ରୁଷିଆରେ ...

ବେସାମରିକ ବିମାନ ଚଳାଚଳ ନିୟନ୍ତ୍ରକ ରୋସାଭିଆସିଆ କହିଛନ୍ତି, ଯାତ୍ରୀ ତାଲିକାରେ ପ୍ରିଗୋଝିନ୍‌ଙ୍କ ନାମ ରହିଥିଲେ ମଧ୍ୟ ବିମାନରେ ସେ ଥିଲେ କି ନାହିଁ ତାହା ଜଣାପଡ଼ିନାହିଁ। ଉକ୍ତ ବିମାନରେ ୩ ପାଇଲଟ୍ ଓ ୭ ଯାତ୍ରୀ ଥିଲେ। ମସ୍କୋରୁ ଶହେ କି.ମି. ଦୂର ଟିଭେର ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଥିବା ଦେଶର ସରକାରୀ ନ୍ୟୁଜ୍ ଏଜେନ୍ସି ଟାସ୍ ଏମର୍ଜେନ୍ସି ଅଧିକାରୀମାନଙ୍କ ସୂତ୍ରରୁ ହସ୍ତଗତ ତଥ୍ୟ ଆଧାରରେ କହିଛନ୍ତି।

ପ୍ରକାଶ ଯେ, ଜୁନ୍ ଶେଷ ଆଡ଼କୁ ପ୍ରିଗୋଝିନ୍ ରୁଷିଆ ସେନା ବିରୋଧରେ ସଶସ୍ତ୍ର ବିଦ୍ରୋହ କରି ନିଜ ସୈନ୍ୟଙ୍କ ସହ ମସ୍କୋ ଅଭିମୁଖେ ଅଗ୍ରସର ହୋଇଥିଲେ। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନଙ୍କ ଘନିଷ୍ଠ ସହଯୋଗୀ ତଥା ବେଲାରୁଷ୍ ରାଷ୍ଟ୍ରପତି ଆଲେକଜାଣ୍ଡାର ଲୁକାସେନ୍‌କୋଙ୍କ ହସ୍ତକ୍ଷେପ ପରେ ୱାଗନର୍ ସେନା ପଛଘୁଞ୍ଚା ଦେଇଥିଲା। ପରବର୍ତ୍ତୀ ସମୟରେ ପ୍ରିଗୋଝିନ୍‌ଙ୍କ ସୈନ୍ୟ ବେଲାରୁଷରେ ଥିବା ୟୁକ୍ରେନ ବିରୋଧୀ ଶିବିରଗୁଡିକରେ ଅବସ୍ଥାନ କରିଥିବା କୁହାଯାଇଥିଲା। ଅନ୍ୟପଟେ ଦେଶ ତଥା ଦେଶ ବାହାରେ ଜଣେ ପରେ ଜଣେ ପୁଟିନ ବିରୋଧୀ ଓ ସମାଲୋଚକଙ୍କ ରହସ୍ୟଜନକ ମୃତ୍ୟୁ ଘଟି ଚାଲିଥିବାରୁ ସଦ୍ୟ ବିମାନ ଦୁର୍ଘଟଣାକୁ ନେଇ ଅନେକ ପ୍ରଶ୍ନବାଚୀ ଛିଡ଼ା ହୋଇଛି।

### ସଞ୍ଜୟ ମିଶ୍ରାଙ୍କୁ ...

ହେବାକୁ ଥିବା ସିଆଇଓ ପଦବୀ ଏହି ଦୁଇ ଏଜେନ୍ସି ମଧ୍ୟରେ ଉପଯୁକ୍ତ ତାଲମେଳ ରଖିବାରେ ସକ୍ଷମ ହେବ ବୋଲି ସୂତ୍ରରୁ ପ୍ରକାଶ। ସୂତ୍ରରୁ ଆହୁରି ଜଣାପଡ଼ିଛି ଯେ, ନୂଆ ପଦବୀ ଭାରତ ସରକାରଙ୍କ ସଚିବ ପାହ୍ୟାର ରହିବ। ଇଡିର ବିଦାୟୀ ମୁଖ୍ୟ ସଞ୍ଜୟ ମିଶ୍ରାଙ୍କୁ ଦେଶର ପ୍ରଥମ ସିଆଇଓ ନିଯୁକ୍ତ କରାଯିବ। ଆସନ୍ତା ସେପ୍ଟେମ୍ବର ୧୫ରେ ସେ ଅବସର ନେବା ପୂର୍ବରୁ ସିଆଇଓ ପଦବୀ ସୃଷ୍ଟି କରାଯାଇପାରେ ବୋଲି ଜଣାପଡ଼ିଛି। ସିବିଆଇ ଅର୍ଥ ମନ୍ତ୍ରଣାଳୟର ରାଜସ୍ୱ ବିଭାଗ ଏବଂ ଇଡି କାର୍ମିକ, ପେନ୍‌ସନ ଓ ସାଧାରଣ ଅଭିଯୋଗ ମନ୍ତ୍ରଣାଳୟ ଅଧୀନରେ ପୂର୍ବ ଭଳି କାର୍ଯ୍ୟ କରିବ। ତେବେ ଦୁଇ ଏଜେନ୍ସି ସିଆଇଓଙ୍କ ତତ୍ତ୍ୱାବଧାନରେ ରହିବ, ଯିଏକି ସିଧାସଳଖ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)କୁ ରିପୋର୍ଟ କରିବେ।

ସ୍ମରଣଯୋଗ୍ୟ, ସଞ୍ଜୟଙ୍କ କାର୍ଯ୍ୟକାଳ ତୃତୀୟ ଥର ବୃଦ୍ଧି ନିମନ୍ତେ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ଜୁଲାଇ ୨୭ରେ ଜଷ୍ଟିସ୍ ବି.ଆର୍. ଗଭାଇଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଏନେଇ କେନ୍ଦ୍ରକୁ ଭର୍ତ୍ସନା କରିଥିଲେ। ସଞ୍ଜୟଙ୍କୁ ଛାଡ଼ିଦେଲେ ବିଭାଗରେ ଥିବା ସମସ୍ତ ଅଧିକାରୀ ଅଯୋଗ୍ୟ କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଏଥିସହ ତାଙ୍କ କାର୍ଯ୍ୟକାଳ ଅକ୍ଟୋବର ୧୫ ପରିବର୍ତ୍ତେ ସେପ୍ଟେମ୍ବର ୧୫ ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ବୃଦ୍ଧି ପାଇଁ ଦୟା କଲା ଭଳି ଅନୁମତି ଦେଇଥିଲେ। ଏହି ଅବଧି ବୃଦ୍ଧି ପରେ ଆଗକୁ ତାଙ୍କୁ ଅଧିକ ଦିନ ଚାକିରିରେ ରଖାଯାଇପାରିବ ନାହିଁ ଏବଂ ଏଥିପାଇଁ କୌଣସି ଆବେଦନକୁ ଗ୍ରହଣ କରାଯିବ ନାହିଁ ବୋଲି ଶୀର୍ଷ ଅଦାଲତ ସ୍ପଷ୍ଟ କରିଥିଲେ। ପୂର୍ବରୁ କେନ୍ଦ୍ର ପକ୍ଷରୁ ତାଙ୍କ କାର୍ଯ୍ୟକାଳ ୨ ଥର ବୃଦ୍ଧି କରାଯାଇଥିବାବେଳେ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ଫାଇନାନ୍ସିଆଲ ଆକ୍ସନ ଟାସ୍କଫୋର୍ସ (ଏଫ୍‌ଏଟିଏଫ୍) ଚଳିତ ବର୍ଷର ସମୀକ୍ଷା କରୁଥିବାରୁ ଏହି ସମୟରେ ସଞ୍ଜୟଙ୍କ ଅନୁପସ୍ଥିତି ଜାତୀୟ ସ୍ୱାର୍ଥକୁ ଗଭୀର ପ୍ରଭାବିତ କରିବ ବୋଲି କେନ୍ଦ୍ର ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଯୁକ୍ତି ବାଢ଼ିଥିଲେ। ଇଡି ପକ୍ଷରୁ ମାମଲା ପରିଚାଳନା କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ ଏସ୍.ଭି. ରାଜୁ କହିଥିଲେ, ଏଫ୍‌ଏଟିଏଫ୍‌ର ଗ୍ରେ ଲିଷ୍ଟ (ଧୂସର ତାଲିକା)ରେ ଭାରତକୁ ସ୍ଥାନିତ କରିବା ପାଇଁ କେତେକ ପଡ଼ୋଶୀ ରାଷ୍ଟ୍ର ଚାହୁଁଛନ୍ତି। ତେଣୁ ଇଡି ମୁଖ୍ୟ ଭାବେ ସଞ୍ଜୟ ରହିବା ଜରୁରୀ। ୩ ଜଣିଆ ଖଣ୍ଡପୀଠ ଶୁଣାଣି ବେଳେ ସରକାରଙ୍କୁ ପ୍ରଶ୍ନ କରିଥିଲେ, ୧୪୦ କୋଟି ଭାରତୀୟଙ୍କ ମଧ୍ୟରୁ ଆମେ କ'ଣ କେବଳ ଜଣେ ଅଧିକାରୀଙ୍କ ଉପରେ ନିର୍ଭରଶୀଳ ହୋଇ ରହିବା ? ତାଙ୍କ ବ୍ୟତୀତ ଇଡିରେ ଆଉ କେହି ଯୋଗ୍ୟ ଅଧିକାରୀ ନାହାନ୍ତି କି? ସମ୍ପୂର୍ଣ୍ଣ ବିଭାଗରେ କ'ଣ ସବୁ ଅଯୋଗ୍ୟ ଲୋକ ଭର୍ତ୍ତି ହୋଇଛନ୍ତି ବୋଲି ମେହେଟ୍ଟାଙ୍କୁ ଖଣ୍ଡପୀଠ ପଚାରିଥିଲେ। ତେଣୁ ସଞ୍ଜୟଙ୍କ ଅବସରକୁ ମାସେରୁ କମ୍ ସମୟ ବାକିଥିବାବେଳେ କେନ୍ଦ୍ର ସରକାର ତାଙ୍କ ପାଇଁ ନୂଆ ପଦବୀ ସୃଷ୍ଟି କରିବାକୁ ଯାଉଥିବା ଆଲୋଚନା ହେଉଛି।

### ରାତିରେ ଖୋଲିବ...

ନେଇ ନନ୍ଦନକାନନ ମାଷ୍ଟରପ୍ଲାନ ଦାଖଲ କରିଛି। ଆସନ୍ତା (୨୦୨୦-୪୦)୨୦ବର୍ଷ ପାଇଁ ଏହି ପ୍ରସ୍ତାବ ଦିଆଯାଇଛି। ସନ୍ଧ୍ୟା ୬ରୁ ୭ କିମ୍ବା ୭ରୁ ୮ଟା ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ପାଇଁ ଖୋଲା ରହିବାର ବ୍ୟବସ୍ଥା କରାଯିବା ନେଇ ଚିନ୍ତା କରାଯାଉଛି। ମାଷ୍ଟରପ୍ଲାନରେ ନନ୍ଦନକାନନ କଳେବର ବୃଦ୍ଧି ପାଇଁ ବି ପ୍ରସ୍ତାବ ରହିଛି। ପ୍ରାଥମିକ ପର୍ଯ୍ୟାୟରେ ନନ୍ଦନକାନନର ପରିସୀମାକୁ ବୃଦ୍ଧିକରିବା ପାଇଁ ବୁଢ଼ଙ୍ଗ ଓ କୃଷ୍ଣନଗର ଅଞ୍ଚଳକୁ ସାମିଲ କରାଯାଇ ନନ୍ଦନକାନନର ସମୁଦାୟ ପରିସୀମାକୁ ୧,୦୪୩ ହେକ୍ଟର ପରିମିତ ଜାଗାକୁ ବୃଦ୍ଧି ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ହେଲେ ବୁଢ଼ଙ୍ଗ ଓ କୃଷ୍ଣନଗର ଗ୍ରାମବାସୀଙ୍କ ବିରୋଧ ଯୋଗୁ ଜାଗା ଅକ୍ତିଆର କରିବା ପ୍ରକ୍ରିୟା ସାମୟିକଭାବେ ବନ୍ଦ ରହିଛି। ଏହି ଜାଗା ନନ୍ଦନକାନନରେ ମିଶିଯିବା ପରେ ନାଇଟ୍ ସଫାରି କରିବା ପାଇଁ ନନ୍ଦନକାନନ ପକ୍ଷରୁ ଯୋଜନା କରାଯାଇଛି। ରାତ୍ରିଚର ଜୀବଙ୍କୁ ଦେଖିବାକୁ ନକ୍ଟରାଲ ଡ୍ରିଲ ସଫାରି ବ୍ୟବସ୍ଥା ମଧ୍ୟ କରାଯିବାର ଯୋଜନା କରାଯାଉଛି। ତେବେ ମନୋନୀତ ଲୋକ କେବଳ ରାତ୍ରିଚର ଜୀବଙ୍କୁ ଦେଖିବା ପାଇଁ ଯାଇପାରିବେ। ଫିଲ୍ମ ମଧ୍ୟ ପ୍ରଦର୍ଶିତ ହେବ। ଏ ନେଇ ପିସିସିଏଫ୍(ବନ୍ୟପ୍ରାଣୀ) ସୁଶୀଲ କୁମାର ପୋପଲି କହିଛନ୍ତି, ଶିକ୍ଷାଗତ ସଚେତନତା ପାଇଁ ରାତିରେ ନନ୍ଦନକାନନ ଖୋଲିବା ନିମନ୍ତେ ପ୍ରସ୍ତାବ ଦିଆଯାଇଛି। ସରକାର ଅନୁମୋଦନ ଦେଲେ ହୋଇପାରିବ। ଯଦି ପ୍ରସ୍ତାବ ଅନୁସାରେ ସବୁକିଛି ଠିକ୍ ହୋଇଯାଏ ତେବେ ପର୍ଯ୍ୟଟକମାନେ ଖୁବ୍‌ଶୀଘ୍ର ରାତିରେ ନନ୍ଦନକାନନ ବୁଲିପାରିବେ ବୋଲି ପିସିସିଏଫ୍ ଆଶାବ୍ୟକ୍ତ କରିଛନ୍ତି। ସେହିଭଳି ସିଜେଡ୍‌ଏଙ୍କ ପକ୍ଷରୁ ଏହି ଅନୁମୋଦନ ପାଇଲେ ପର୍ଯ୍ୟଟକମାନେ ରାତିରେ ମଧ୍ୟ ନନ୍ଦନକାନନ ବୁଲିବାର ମଜା ଉଠାଇପାରିବେ ବୋଲି ଉପନିର୍ଦ୍ଦେଶକ ସନତ କୁମାର ଏନ୍ ମତବ୍ୟକ୍ତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ବର୍ତ୍ତମାନ ୧୬୯ଟି ପ୍ରଜାତିର ୪ହଜାରରୁ ଊର୍ଦ୍ଧ୍ୱ ପ୍ରାଣୀ ଅଛନ୍ତି। ଏହା ୨୫୦ ପ୍ରଜାତିକୁ ବୃଦ୍ଧି କରିବା ପାଇଁ ଯୋଜନା କରାଯାଉଛି।

### ରେଳ ବ୍ରିଜ୍ ...

୧୦ ଲକ୍ଷ ଟଙ୍କା ସହାୟତା ଘୋଷଣା କରିଛନ୍ତି। ସେହିପରି ଆହତଙ୍କୁ ୨ ଲକ୍ଷ ଟଙ୍କା ଲେଖାଏ ସହାୟତା ରେଲୱେ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି। ମୃତକଙ୍କ ମଧ୍ୟରୁ ଅଧିକାଂଶ ପଶ୍ଚିମବଙ୍ଗର ମାଲଦା ଜିଲାର। ଉଦ୍ଧାର କାର୍ଯ୍ୟରେ ମିଜୋରାମ ସରକାରଙ୍କୁ ସହାୟତା ଲାଗି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ତାଙ୍କ ପ୍ରଶାସନିକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ବର୍ଷକୁ ୨ ଥର ...

ସୁଯୋଗ ପାଇବେ। ସେମାନେ ଯେଉଁସବୁ ବିଷୟ ସମ୍ପୂର୍ଣ୍ଣ କରିଥିବେ ଏବଂ ପ୍ରସ୍ତୁତ ଥିବା ଅନୁଭବ କରିବେ, ସେହି ବିଷୟରେ ପରୀକ୍ଷା ଦେବେ। ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପାଇଁ ବିଷୟ ଚୟନରେ କଳା, ବିଜ୍ଞାନ ଏବଂ ବାଣିଜ୍ୟ ଭଳି ଷ୍ଟ୍ରିମ୍ କଟକଣା ରହିବ ନାହିଁ। ସେମାନେ ଯେକୌଣସି ଷ୍ଟ୍ରିମ୍‌ର ବିଷୟ ଚୟନ କରିପାରିବେ। ସ୍କୁଲ ବୋର୍ଡଗୁଡ଼ିକ ନିର୍ଦ୍ଧାରିତ ସମୟରେ ପରୀକ୍ଷା କରାଇବା ପାଇଁ ସାମର୍ଥ୍ୟ ବଢ଼ାଇବେ। ସେହିପରି ପରୀକ୍ଷକ ଏବଂ ପରୀକ୍ଷା ପ୍ରସ୍ତୁତକାରୀଙ୍କୁ ଏଥିପାଇଁ ବିଶ୍ୱବିଦ୍ୟାଳୟ ସାର୍ଟିଫିକେଟ ପାଠ୍ୟକ୍ରମ ହାସଲ କରିବାକୁ ହେବ ବୋଲି ମନ୍ତ୍ରଣାଳୟ କହିଛି।

### ଛାତ୍ରୀଙ୍କ ପରୀକ୍ଷା ...

ବାର୍ତ୍ତା ଏବେ ଭାଇରାଲ ହେବାରେ ଲାଗିଛି। କଲେଜ ପ୍ରିନ୍ସିପାଲ ମହାପାତ୍ର ଅଧ୍ୟାପିକାଙ୍କୁ ଫୋନ କରି ନିରୋଳା ସ୍ଥାନରେ ଦେଖା କରିବାକୁ ଡାକୁଥିବା, ଅଧ୍ୟାପିକା ଜଣକ କଲେଜ ଗଲେ କଥା ହେବେ ବୋଲି କହିବାରୁ ପ୍ରିନ୍ସିପାଲ କଲେଜରେ କଥା ହୋଇ ହେବ ନାହିଁ ବୋଲି କହୁଥିବା ଭାଇରାଲ ଅଡିଓରୁ ଜଣାପଡ଼ିଛି। ଅଧ୍ୟାପିକା ଜଣକ ନିରୋଳା ସ୍ଥାନରେ ଭେଟିବାକୁ ମନା କରିବାରୁ ପ୍ରିନ୍ସିପାଲ ତାଙ୍କ ଘରକୁ ଆସିବାକୁ କହୁଛନ୍ତି। ଏହି ଅଡିଓରେ ସମ୍ପୃକ୍ତ ଅଧ୍ୟାପିକାଙ୍କ ପ୍ରତି ପ୍ରିନ୍ସିପାଲଙ୍କ ମନ୍ଦ ଉଦ୍ଦେଶ୍ୟ ଥିବା ଆଲୋଚନା ହେଉଛି। ଏ ସମ୍ପର୍କରେ ପ୍ରିନ୍ସିପାଲ ମହାପାତ୍ରଙ୍କୁ ପଚାରିବାରୁ ସେ ଅଧ୍ୟାପିକାଙ୍କୁ କେବଳ କାରଣ ଦର୍ଶାଅ ନୋଟିସ ଜାରି କରିଥିବା କହିଛନ୍ତି। ନିରୋଳା ସ୍ଥାନକୁ ଡାକିବା ଅଭିଯୋଗକୁ ସେ ଅସ୍ୱୀକାର କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି ପାପଯୁକ୍ତ ଚନ୍ଦ୍ର ହେତୁ ବିଷାଦିତ ରହିପାରନ୍ତି। ତରବରିଆ କାମ କିମ୍ବା ସତର୍କତା ଅଭାବରୁ ଧନହାନିର ସୂଚନା ରହିଛି। ଶତ୍ରୁତା ହେତୁ କର୍ମକ୍ଷେତ୍ରରେ କୌଣସି କାମ ଶୃଙ୍ଖଳିତ ହେବ ନାହିଁ। ବ୍ୟବସାୟ କ୍ଷେତ୍ର, କଳା, ସାହିତ୍ୟ, ପ୍ରଶାସନିକ କ୍ଷେତ୍ର, ଗବେଷଣା ଓ ଅନୁସନ୍ଧାନାଦି କାର୍ଯ୍ୟରେ ପ୍ରତିଷ୍ଠାର୍ଜନ କରିବେ।

**ବୃଷ** - ବୁଧାଦିତ୍ୟ ଯୋଗ ପ୍ରଭାବରୁ ସବୁକିଛି ଠିକ୍‌ଠାକ୍ ଚାଲିଥିଲେ ମଧ୍ୟ ଫଳ ମିଳିବ ଓଲଟା। ଯାହାକୁ ନିଜର ବୋଲି ଖୋଲା ମନ ନେଇ ଗୋପନୀୟ କଥା କହିବେ, ଦୁର୍ବଳତାର ସୁଯୋଗ ନେଇ ସିଏ ହିଁ ଦାଉ ସାଧିବ। ଆର୍ଥିକ ସମସ୍ୟା, ପାରିବାରିକ ଦ୍ୱନ୍ଦ୍ୱ କେତେକାଂଶରେ ଦୂରୀଭୂତ ହେବ। ଅବଶ୍ୟ ନୂତନ ଯୋଜନାରେ କୃତକାର୍ଯ୍ୟ ହେବେ।

**ମିଥୁନ** - ତୃତୀୟସ୍ଥ ବୁଧଙ୍କ ଯୋଗୁ ପାରିବାରିକ ସମସ୍ୟା ହିଁ ଆଜିର ମୁଖ୍ୟ ଚିନ୍ତାର କାରଣ ହେବ। ନିଜ ନିଜର ସ୍ୱାର୍ଥସାଧନ ସକାଶେ ବନ୍ଧୁମାନେ ଆପଣଙ୍କ ଉପରୁ ନଜର ହଟାଇବେ। ସରକାରୀ କ୍ଷେତ୍ରରୁ ଆଦେଶ ପାଇ ଦୂରଯାତ୍ରା କରିବାକୁ ପଡ଼ିପାରେ। ସାଧାରଣ ଘଟଣାକୁ ନେଇ ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉତ୍ତୋଳନ କରିପାରନ୍ତି।

**କର୍କଟ** - ଅଷ୍ଟମସ୍ଥ ଶନି ହେତୁ ପ୍ରତ୍ୟେକ କ୍ଷେତ୍ରରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଆର୍ଥିକ ଅବସ୍ଥା ଭଲ ନ ହେଲେ ମଧ୍ୟ ମନ୍ଦ ହେବ ନାହିଁ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହେବ।

**ସିଂହ** - ରାଶିରେ ରବି ଓ ବୁଧଙ୍କ ଯୋଗ ହେତୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିବ। ବନ୍ଧୁଙ୍କ ସହ ଭାଙ୍ଗିପଡିଥିବା ସମ୍ପର୍କ ଆଜି ପୁଣି ଯୋଡିହୋଇଯିବ। କାମ ହାସଲ ପରିପ୍ରେକ୍ଷୀରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି କରିପାରନ୍ତି।

**କନ୍ୟା** - ଭଲ ଚିନ୍ତା କଲେ ମଧ୍ୟ କ'ଣ ହେବ ? ପରିବେଶ ଓ ପରିସ୍ଥିତି ଭିନ୍ନ ବାଟରେ ଯିବା ପାଇଁ ମାର୍ଗ ଉନ୍ମୁକ୍ତ କରିବ। ଶୁକ୍ରଙ୍କ ପ୍ରଭାବରୁ ଲୋଭନୀୟ ପ୍ରତିଶ୍ରୁତି ମାଧ୍ୟମରେ ବନ୍ଧୁଙ୍କୁ ଆପଣେଇପାରନ୍ତି। ସାଂସ୍କୃତିକ, ରାଜନୈତିକ ଓ ଆନୁଷ୍ଠାନିକ କ୍ଷେତ୍ରରେ ଲକ୍ଷ୍ୟ ହାସଲରେ ସମର୍ଥ ହେବେ। ଅସାବଧାନତା ଯୋଗୁ ଦ୍ରବ୍ୟ ନଷ୍ଟ କିମ୍ବା ଧନହାନି ଘଟିପାରେ।

**ତୁଳା** - ଯାହାକୁ ଯାହା କହିବାକୁ ଚିନ୍ତା କରୁଥିଲେ ମଧ୍ୟ କହି ପାରିବେ ନାହିଁ। ଚନ୍ଦ୍ର ସହ କେତୁଙ୍କ ଯୋଗୁ ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟିକୁ ଶେଷ ମଧ୍ୟ କରିପାରିବେନି। ବନ୍ଧୁ କିମ୍ବା ସହକର୍ମୀଙ୍କର ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ପରିବହନ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ମଧ୍ୟ ନୈରାଶ୍ୟଜନକ ସ୍ଥିତି ଲାଗିରହିବ।

**ବିଛା** - ଆତ୍ମୀୟ ସ୍ୱଜନମାନଙ୍କ ଅନାଦର ଭାବ ଓ ବେଖାତିର କଥାର ସମୀକ୍ଷା କରିବେ। ଅସଜଡ଼ା ପରିବାରକୁ ସଜାଡ଼ିବା ସକାଶେ ଦୁଶ୍ଚିନ୍ତା ମଧ୍ୟ ଲାଗିରହିବ। କର୍ମସ୍ଥାନରେ ରବି ଓ ବୁଧ ଥିବାରୁ ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭକରିବାକୁ ମନସ୍ଥ କରିବେ। ବ୍ୟବସାୟ, ବାଣିଜ୍ୟ ଏକ ପ୍ରକାର ଚଳନୀୟ ରହିବ।

**ଧନୁ** - ଶନିଙ୍କ ପ୍ରଭାବରେ କଠୋର ପରିଶ୍ରମଜନିତ ଶାନ୍ତିରେ ସୁନିଦ୍ରା ମଧ୍ୟ ନ ହୋଇପାରେ। କେତେକଙ୍କ କ୍ଷେତ୍ରରେ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବ। ମାତ୍ର ପୂର୍ବାଷାଢ଼ା ନକ୍ଷତ୍ର ହାତକୁ ନେଇଥିବା ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। କର୍ମକ୍ଷେତ୍ରରେ ଉପରିସ୍ଥ କର୍ମଚାରୀଙ୍କ ତରଫରୁ ଚାପର ସମ୍ମୁଖୀନ ହୋଇପାରନ୍ତି।

**ମକର** - ଆଜିର ଯାତ୍ରା, ବାଣିଜ୍ୟ, ଚେଷ୍ଟା କରୁଥିବା କାର୍ଯ୍ୟ, ଆଲୋଚନା, ସଭାସମିତି ପ୍ରଭୃତିରୁ ସନ୍ତୋଷଜନକ ଫଳ ପାଇବେ। ବଳହୀନ ମଙ୍ଗଳଙ୍କ କୁପ୍ରଭାବରୁ ଯାନ୍ତ୍ରିକ ତ୍ରୁଟିଜନିତ ସମସ୍ୟା ଦ୍ୱିଗୁଣିତ ହୋଇପାରେ। ଦୀର୍ଘ ଦିନର ବକେୟା ଅର୍ଥ ବନ୍ଧୁଙ୍କ ସହାୟତାରେ ଆଜି ପ୍ରାପ୍ତ ହେବ। କଳା, ସାହିତ୍ୟ, କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ରାଦି କ୍ଷେତ୍ରରେ ସମସ୍ୟା ହଟିଯିବ।

**କୁମ୍ଭ** - ଆଜିର କାମଗୁଡ଼ିକ ବହୁତ ବିଳମ୍ବରେ ସମ୍ପନ୍ନ ହେବ। ଅନ୍ୟମାନଙ୍କ ନିକଟରୁ ସାହାଯ୍ୟ ଆଶା ନିରର୍ଥକ ହୋଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂରୀଭୂତ ହୋଇଯିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା କାରଣରୁ ସାମୟିକ ଆଶ୍ୱସ୍ତିଲାଭ କରିବେ।

**ମୀନ** - ଆଜିର ଗ୍ରହସ୍ଥିତି ଆପଣଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ତ୍ୱରିତ ନିଷ୍ପତ୍ତି ନେବାରେ ସହାୟକ ହେବ। ନିଜର ବୁଦ୍ଧିମତ୍ତା ମାଧ୍ୟମରେ ଅସମ୍ଭବ ମନେହେଉଥିବା କାମକୁ ସମ୍ଭବ କରିପାରିବେ। ଶତ୍ରୁମାନେ ମିତ୍ରଭଳି ଆଚରଣ କରିବା ସାଙ୍ଗକୁ ଆତ୍ମୀୟମାନେ ପାଖେଇ ଆସିବେ। କୌଣସି ଆନୁଷ୍ଠାନିକ ଉତ୍ସବାରମ୍ଭ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି।

ଆଜି ଶ୍ରାବଣ ଶୁଦ୍ଧ ଶୁକ୍ଳପକ୍ଷ ଅଷ୍ଟମୀ, ଚାତୁର୍ମାସ୍ୟା ବ୍ରତ, ଗୁରୁବାର, ଅଗଷ୍ଟ ୨୪ ତାରିଖ, ରାଶି ନକ୍ଷତ୍ର-ଦିବା ଘ. ୦୩।୦୨ପର୍ଯ୍ୟନ୍ତ ବିଶାଖା/ବିଛା, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୩ ଗତେ ଘ.୦୭।୧୩ ମଧ୍ୟେ, ଘ.୧୦।୩୪ ଗତେ ଘ.୦୧।୦୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୧।୨୩ ଗତେ ଘ.୦୨।୫୭ ମଧ୍ୟେ ରାହୁକାଳ।

# ‘ଜହ୍ନ ସ୍ୱପ୍ନ’ ସାକାର ହେଲା

**ଭୁବନେଶ୍ୱର, ୨୩।୮ (ବନ୍ଦନା ସେଠୀ/ଶର୍ମିଷ୍ଠା ପାଣିଗ୍ରାହୀ)**

ଦୀର୍ଘଦିନର ସ୍ୱପ୍ନ ଏବେ ବାସ୍ତବ ରୂପ ନେଇଛି। ‘ଜହ୍ନମାମୁ ରାଇଜ ବୁଲି ଆସିବା’ ଗପ ଏବେ ସତ ହୋଇଛି। ଶେଷରେ ଚନ୍ଦ୍ରପୃଷ୍ଠରେ ସଫଳତାର ସହ ପାଦ ଥାପିଛି ଚନ୍ଦ୍ରୟାନ-୩। ଏଥିସହ ବିଶ୍ୱର ଚତୁର୍ଥ ଦେଶ ଭାବେ ଇତିହାସ ରଚିଛି ଭାରତ। ୨୦୦୮ ଓ ୨୦୧୯ର ବିଫଳତା ପରେ ୨୦୨୩ରେ ଭାରତକୁ ଏହି ବଡ଼ ସଫଳତା ମିଳିଛି। ଏହା ସମଗ୍ର ଦେଶ ପାଇଁ ଗର୍ବ ଓ ଗୌରବ ଆଣିଥିବାବେଳେ ଏଥିପାଇଁ ସାରା ଦେଶ ଏବେ ଅସରନ୍ତି ଆନନ୍ଦ ଉଲ୍ଲାସରେ ଫାଟି ପଡୁଥିବାବେଳେ ସବୁଆଡୁ ‘ଇସ୍ରୋ’ ଟିମ୍‌କୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।


ଭୁବନେଶ୍ୱର ସିଟିସିଠାରେ ଉତ୍ସାହିତ ଛାତ୍ରୀଛାତ୍ର, ବୈଜ୍ଞାନିକ ଓ ଅନ୍ୟମାନେ।

## ଚନ୍ଦ୍ର, ମଙ୍ଗଳରେ ବସତି ସ୍ଥାପନ ଅସମ୍ଭବ ନୁହେଁ



ଚନ୍ଦ୍ରୟାନ-୨ରେ ଯେଉଁ ବିଫଳତା ଦେଖିଥିଲୁ, ତାହା ବିଶ୍ୱବାସୀଙ୍କୁ ଦୁଃଖିତ କରିଥିଲା। ମାତ୍ର ଆମ ବୈଜ୍ଞାନିକ, ଇଞ୍ଜିନିୟର ସମସ୍ତଙ୍କର ୪ ବର୍ଷର ଅକ୍ଲାନ୍ତ ପରିଶ୍ରମ ଫଳରେ ଆଜି ଏହି ସଫଳତା ମିଳିଛି। ଏହା କୋଟି କୋଟି ଭାରତୀୟ, ଇସ୍ରୋରେ ସମସ୍ତ ବୈଜ୍ଞାନିକଙ୍କୁ ଆନନ୍ଦ ଦେଇଛି। ଏହି ସଫଳତା ଆମ ଭବିଷ୍ୟତ କାର୍ଯ୍ୟ ପାଇଁ ପଥ ପ୍ରଦର୍ଶକ ହୋଇରହିବ। ବିଶେଷକରି ପୃଥିବୀର ପ୍ରଥମ ଦେଶ ଭାବେ ଭାରତ ଚନ୍ଦ୍ରପୃଷ୍ଠ ଦକ୍ଷିଣ ମେରୁରେ ପହଞ୍ଚିବା ଗର୍ବର ବିଷୟ। ଗପ, କବିତା, କଳ୍ପନାରେ ଥିବା ଯୁକ୍ତିଯୁକ୍ତ କଥାକୁ ବିଜ୍ଞାନ ସମୟକ୍ରମେ ବାସ୍ତବ କରିଥାଏ। ତେଣୁ ଭବିଷ୍ୟତରେ ଚନ୍ଦ୍ର, ମଙ୍ଗଳରେ ଯାଇ ବସତି ସ୍ଥାପନ କରିବା କିଛି ଅସମ୍ଭବ ନୁହେଁ। ସେହିପରି ଆଗାମୀ ପିଢ଼ି ସୌରମଣ୍ଡଳର ବିଭିନ୍ନ ଭାଗକୁ ଯାତ୍ରା କରି ପ୍ରକୃତିର ରହସ୍ୟକୁ ଉନ୍ମୋଚନ କରିବାରେ ସହାୟକ ହେବ ବୋଲି ଆଜିର ସଫଳତାରୁ ଆଶା କରିପାରିବା।

**- ଡ. କାର୍ତ୍ତିକ ସ୍ୱାଇଁ, ଅବସରପ୍ରାପ୍ତ ବରିଷ୍ଠ ବୈଜ୍ଞାନିକ, ଇସ୍ରୋ**

## ମହାକାଶ ଗବେଷଣାକୁ ଉତ୍ସାହିତ କରିବ



ଦେଶବାସୀଙ୍କ ପାଇଁ ଗୌରବର କଥା। ଏଥିପାଇଁ ଇସ୍ରୋ ବୈଜ୍ଞାନିକ, ସମସ୍ତ କର୍ମଚାରୀ ଓ ଭାରତ ସରକାର ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିବା ଆବଶ୍ୟକ। କେବଳ ଜହ୍ନ ରାଇଜ ନୁହେଁ, ବରଂ ଆଗକୁ ମହାକାଶକୁ ନେଇ ଗବେଷଣା କରିବାରେ ଏହା ପ୍ରେରଣା ଦେବ। ମହାକାଶ ବିଜ୍ଞାନୀଙ୍କୁ ଆହୁରି ଉତ୍ସାହିତ କରିବ। ସବୁଠାରୁ ମଜାଦାର କଥା ହେଉଛି, ଏବେ ଲୋକମାନେ ଚେଷ୍ଟା କଲେ ଜହ୍ନମାମୁ ଘର ବୁଲି ଆସି ପାରିବେ।

**- ରଘୁନାଥ ପଣ୍ଡା, ବିଜେବି କଲେଜ, ପୂର୍ବତନ ଅଧ୍ୟକ୍ଷ**

## ସଫଳତାର ପ୍ରଥମ ପାହାଚ



ସମସ୍ତଙ୍କ ପାଇଁ ଏହା ଏକ ଐତିହାସିକ ଦିନ। ଇସ୍ରୋର ବୈଜ୍ଞାନିକଙ୍କୁ ବହୁତ ବହୁତ ଅଭିନନ୍ଦନ। ଏହା ହେଉଛି ପ୍ରଥମ ପାହାଚ। ଆଶା କରୁଛି ଭବିଷ୍ୟତରେ ଇସ୍ରୋର ଏହି ଜ୍ଞାନକୁ ନେଇକି ମଙ୍ଗଳ ଓ ଅନ୍ୟ କ୍ଷୁଦ୍ର ଗ୍ରହ ଉପରେ ଲ୍ୟାଣ୍ଡ କରିବା। ଆମେ ନାଇଜରରେ ରୋଭର୍ ତଥ୍ୟକୁ ଷ୍ଟଡି କରିବୁ, ଆଉ ଚନ୍ଦ୍ରର ଦକ୍ଷିଣ ମେରୁ ପୃଷ୍ଠରେ କ’ଣ ଅଛି ଜାଣିବାକୁ ଚେଷ୍ଟା କରିବୁ।

**- ସୂର୍ଯ୍ୟସ୍ନାତ ରାଉତ, ଜ୍ୟୋତିର୍ବିଜ୍ଞାନୀ, ନାଇଜର**

## ଇସ୍ରୋ ଟିମ୍‌କୁ କୃତଜ୍ଞତା



ଚନ୍ଦ୍ରୟାନ-୩ର ସଫଳ ଅବତରଣ ଆମ ଭାରତବାସୀଙ୍କ ପାଇଁ ବଡ଼ ଗର୍ବ ଓ ଗୌରବର ବିଷୟ। ଏତେବଡ଼ ବୈଜ୍ଞାନିକ ସଫଳତା ବହୁତ କମ୍ ଦେଶ ପାଇପାରିଛନ୍ତି, ଯେଉଁଥିରେ ଆମେ ୪ର୍ଥ। ସେହିପରି ବିଶ୍ୱର ପ୍ରଥମ ରାଷ୍ଟ୍ର ଭାବେ ଚନ୍ଦ୍ରରେ ସଫ୍ଟ ଲ୍ୟାଣ୍ଡିଂ କରିବାରେ ସଫଳତା ପାଇଛନ୍ତି। ଆଗାମୀ ଦିନଗୁଡ଼ିକରେ ରୋଭର ଚାଲିବାର ବ୍ୟବସ୍ଥା କରିବା। ଇସ୍ରୋର ପ୍ରତ୍ୟେକ ବୈଜ୍ଞାନିକ, ଇଞ୍ଜିନିୟର, ପ୍ରତି ବ୍ୟକ୍ତି ବିଶେଷଙ୍କୁ କୃତଜ୍ଞତା ଜଣାଉଛି। ସେମାନଙ୍କ ପାଇଁ ଆମ ଦେଶ ଆଜି ଏତେ ବଡ଼ ଗୌରବ ପାଇପାରିଛି। ସେମାନଙ୍କ ଅକ୍ଲାନ୍ତ ପରିଶ୍ରମ ପାଇଁ ଆମେ ଆହୁରି ମଧ୍ୟ ଆଗକୁ ଯିବା। ମହାକାଶ ବିଜ୍ଞାନରେ ଭାରତ ଏକ ଅଗ୍ରଣୀ ରାଷ୍ଟ୍ର ଭାବେ ପରିଗଣିତ ହୋଇପାରିଛି।

**- ଶୁଭେନ୍ଦୁ ପଟ୍ଟନାୟକ, ମହାକାଶ ବିଜ୍ଞାନୀ**

## ଭାରତ ଟେକ୍ନୋଲଜି ଜାଏଣ୍ଟ ଭାବେ ପରିଗଣିତ ହେଲା



ଭାରତୀୟ ବୈଜ୍ଞାନିକମାନେ ଯେଉଁ ନିଦର୍ଶନ ଦେଇଛନ୍ତି ତାହା ଅଭୂତପୂର୍ବ। ଯୁବପିଢ଼ି ଓ ଛାତ୍ରୀଛାତ୍ରଙ୍କ ପାଇଁ ଏକ ରାସ୍ତା ଖୋଲିଗଲା। ଭାରତୀୟ ଛାତ୍ରୀଛାତ୍ରଙ୍କ ପାଇଁ ବିଦେଶରେ ସମ୍ମାନ ଆଣିଦେଲା ଏହି ସଫଳତା। ଅଧ୍ୟବସାୟ, ଯାନ୍ତ୍ରିକ ବ୍ୟବସ୍ଥାକୁ ବୁଝି ସୁଧାର ଆଣିବା ଦ୍ୱାରା ଏହି ସଫଳତା ମିଳିପାରିଛି। ଭାରତ ବିଶ୍ୱ ଦରବାରରେ ଟେକ୍ନୋଲଜି ଜିଆଣ୍ଟ ଭାବେ ପରିଗଣିତ କରିପାରିଛି।

**- ହିମାଂଶୁ ଶେଖର ଶତପଥୀ, ଏଜୁକେଶନ୍ ଅଫିସର୍, ରିଜିଓନାଲ ସାଇନ୍ସ ସେଣ୍ଟର, ଭୁବନେଶ୍ୱର**

## ଜହ୍ନ ମାମୁ ରାଇଜକୁ ନେଇ ଉତ୍କଣ୍ଠା ବଢ଼ିଲା



ଛୋଟବେଳୁ ଜହ୍ନମାମୁକୁ ନେଇ ଅନେକ ଗପ, ଗୀତ ଶୁଣିଛୁ। ଜହ୍ନମାମୁର ଘର କେମିତି ହୋଇଥିବ ସେ ନେଇ ଛୋଟରୁ ବଡ ସମସ୍ତଙ୍କ ମନରେ ଏକ ପ୍ରକାର ଉତ୍କଣ୍ଠା ରହିଛି। ଆଜିର ସଫଳତା ପରେ ସେହି ଉତ୍କଣ୍ଠା ଆହୁରି ବଢ଼ିଯାଇଛି। ପୁଣି ଦକ୍ଷିଣ ମେରୁରେ ଲ୍ୟାଣ୍ଡିଂ କରିବାରେ ଭାରତ ପ୍ରଥମ ଦେଶ ହୋଇଥିବାରୁ ଏହା ସମସ୍ତ ଦେଶବାସୀଙ୍କ ପାଇଁ ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ। ସେହିପରି ଉପଯୁକ୍ତ ସୁବିଧା ସୁଯୋଗ ମିଳିଲେ ଭାରତ ମଧ୍ୟ ଇତିହାସ ରଚିପାରେ ବୋଲି ପ୍ରମାଣିତ ହୋଇଛି।

**- ବିଭୁଦତ୍ତ ପାଣିଗ୍ରାହୀ, ଛାତ୍ର**

## ଲ୍ୟାଣ୍ଡିଂର ଲାଇଭ ଦୃଶ୍ୟ ଦେଖିଲେ ମୁଖ୍ୟମନ୍ତ୍ରୀ






**ଭୁବନେଶ୍ୱର, ୨୩।୮ (ଅନିଲ ଦାସ)**

ଚନ୍ଦ୍ରର ଦକ୍ଷିଣ ମେରୁରେ ଚନ୍ଦ୍ରୟାନ-୩ ବୁଧବାର ସଫଳତାର ସହ ଲ୍ୟାଣ୍ଡିଂ କରିଛି। ଏହି ଅବିସ୍ମରଣୀୟ ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର(ଇସ୍ରୋ)ର ବୈଜ୍ଞାନିକମାନଙ୍କୁ ଧନ୍ୟବାଦ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହା ଏକ ଐତିହାସିକ ସଫଳତା। ଭାରତ ପାଇଁ ଏହା ଏକ ଚମତ୍କାର ଉପଲବ୍ଧି। ଏହି ଐତିହାସିକ ପ୍ରକଳ୍ପରେ ସାମିଲ ହୋଇଥିବା ସମସ୍ତ ବୈଜ୍ଞାନିକ ଓ ବିଶେଷଜ୍ଞମାନଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି। ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ବୁଧବାର ଅପରାହ୍ନରେ ଚନ୍ଦ୍ରୟାନ ଅବତରଣ ଲାଇଭ ଦୃଶ୍ୟକୁ ଟିଭିରେ ଦେଖିଥିଲେ। ଏହି ସମୟରେ ୫-ଟି ସଚିବ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଅମୃତକାଳ ପ୍ରାରମ୍ଭରେ ଅବିସ୍ମରଣୀୟ ଉପଲବ୍ଧି: ଧର୍ମେନ୍ଦ୍ର



**ଭୁବନେଶ୍ୱର, ୨୩।୮ (ସୁନିତ୍ ମିଶ୍ର)**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚନ୍ଦ୍ରପୃଷ୍ଠରେ ଚନ୍ଦ୍ରୟାନ-୩ର ସଫଳ ଅବତରଣ ନେଇ ଖୁସି ପ୍ରକାଶ କରିବା ସହ ଇସ୍ରୋ ସମେତ ଦେଶର ବୈଜ୍ଞାନିକ ଓ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି , ଅମୃତକାଳର ପ୍ରାରମ୍ଭରେ ଏହା ଅବିସ୍ମରଣୀୟ ଉପଲବ୍ଧି। ଚନ୍ଦ୍ରୟାନ-୩ର ଐତିହାସିକ ଉପଲବ୍ଧିକୁ ସମଗ୍ର ଭାରତବର୍ଷ ଉତ୍ସାହର ସହ ପାଳନ କରୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚନ୍ଦ୍ରୟାନ-୩ ଖବର ସହ ପ୍ରତିଟି ମୁହୂର୍ତ୍ତରେ ଯୋଡ଼ିହୋଇ ରହିଥିଲେ। ପ୍ରଧାନମନ୍ତ୍ରୀ ଯେଉଁଠାରେ ବି ରୁହନ୍ତୁ ଏକ ପରିବାରର ସଦସ୍ୟ ଭଳି ଦେଶ ଏବଂ ଦେଶର ଜନତାଙ୍କ ସାଥିରେ ରହିଥାନ୍ତି। ଏହି ଗୌରବମୟ ଉପଲବ୍ଧି ଅବସରରେ ବୈଜ୍ଞାନିକଙ୍କ ମନୋବଳ ବଢ଼ାଇଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧର୍ମେନ୍ଦ୍ର ଧନ୍ୟବାଦ ଜଣାଇଛନ୍ତି।

## ସଂକ୍ଷେପରେ

### ଚନ୍ଦ୍ରପୃଷ୍ଠରେ ଦିବ୍ୟଶକ୍ତି ରହିଛି: ଶଙ୍କରାଚାର୍ଯ୍ୟ

**ପୁରୀ, ୨୩।୮(ଅଜିତ ମହାନ୍ତି):** ମହାକାଶ ଗବେଷଣା କ୍ଷେତ୍ରରେ ଭାରତ ବୁଧବାର ଏକ ନୂତନ କୀର୍ତ୍ତିମାନ ସୃଷ୍ଟି କରିଛି। ଭାରତର ଚନ୍ଦ୍ରୟାନ-୩ ସଫଳତାର ସହ ଚନ୍ଦ୍ରପୃଷ୍ଠରେ ଅବତରଣ କରିଛି। ଏହି ଐତିହାସିକ ସଫଳତା ନେଇ ପୁରୀ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ଜଗଦ୍‌ଗୁରୁ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜ ଖୁସି ବ୍ୟକ୍ତ କରିଛନ୍ତି। ଶଙ୍କରାଚାର୍ଯ୍ୟ କହିଛନ୍ତି, ଇସ୍ରୋର ବୈଜ୍ଞାନିକମାନେ ଚନ୍ଦ୍ରମଣ୍ଡଳରେ ତାଙ୍କର ଯନ୍ତ୍ରକୁ ସଫଳତାର ସହ ଅବତରଣ କରାଇ ସାରା ବିଶ୍ୱରେ ଭାରତକୁ ଗୌରବାନ୍ୱିତ କରିଛନ୍ତି। ସାରା ବିଶ୍ୱ ପାଇଁ ଏହା ଏକ ଆଦର୍ଶ। ତେଣୁ ସେ ବହୁତ ଖୁସି। ଇସ୍ରୋର ମୁଖ୍ୟଙ୍କ ସମେତ ଅନ୍ୟ ବୈଜ୍ଞାନିକମାନେ ସର୍ବଦା ଏଭଳି ସଫଳତା ହାସଲ କରନ୍ତୁ। କେନ୍ଦ୍ର ଏବଂ ପ୍ରାନ୍ତୀୟ ଶାସନତନ୍ତ୍ର ଯେଭଳି ଭାବେ ଶ୍ରଦ୍ଧା ପ୍ରଦାନ କରିଛନ୍ତି ଓ ବୈଜ୍ଞାନିକମାନଙ୍କୁ କାର୍ଯ୍ୟ କରିବା ପାଇଁ ଅବସର ଦେଇଛନ୍ତି, ସେଥିଲାଗି ସେମାନେ ଧନ୍ୟବାଦର ପାତ୍ର। ସେ ଇସ୍ରୋ ବୈଜ୍ଞାନିକଙ୍କ ଉଦ୍ୟମକୁ ପ୍ରଶଂସା କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ସଫଳତା ମନାସିଥିଲେ। ଅସଫଳତାର ଅବସାନ ସଫଳତାରେ ହିଁ ହୋଇଥାଏ। ତେଣୁ ବିଫଳତାରେ ରହିଯିବା ଠିକ୍ ନୁହେଁ। ଇସ୍ରୋ ବୈଜ୍ଞାନିକମାନଙ୍କୁ ହିଁ ଚନ୍ଦ୍ରୟାନ-୩ ସଫଳତାର ଶ୍ରେୟ ଦିଆଯାଇପାରିବ। ଚନ୍ଦ୍ରପୃଷ୍ଠରେ ଦିବ୍ୟଶକ୍ତି ରହିଛି। ତା’ର ଉର୍ଜା ପରିବ୍ୟାପ୍ତ। ଚନ୍ଦ୍ରରେ ଶୀତଳତା ରହିଛି, ସେଠାରେ ତାହାକୁ ସହିବା କଷ୍ଟକର ବୋଲି ଶଙ୍କରାଚାର୍ଯ୍ୟ ପ୍ରକାଶ କରିଛନ୍ତି।

### ଗାଡ଼ି ଓଲଟି ୨୦ ଶ୍ରମିକ ଆହତ, ୭ ଗୁରୁତର

**ଠାକୁରମୁଣ୍ଡା, ୨୩।୮ (ତାରାକାନ୍ତ ପଟ୍ଟନାୟକ):** ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା-ଆନନ୍ଦପୁର ରାସ୍ତାର ଜୁଡାନ୍ଧ ଘାଟି ନିକଟରେ ବୁଧବାର ଭୋର ସମୟରେ ଏକ ଶ୍ରମିକ ବୋଝେଇ ଟାଟା ମ୍ୟାଜିକ ଓଲଟି ୨୦ ଜଣ ଆହତ ହେବା ସହ ୭ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସୂଚନା ଅନୁଯାୟୀ, ଠାକୁରମୁଣ୍ଡା ବ୍ଲକ ଚମ୍ପାଝର ପଞ୍ଚାୟତ ଜଡିପଦା ଗ୍ରାମରୁ ଧାନ ବିଲରେ କାମ କରିବାକୁ ୩୦ରୁ ଉର୍ଦ୍ଧ୍ୱ ଶ୍ରମିକଙ୍କୁ ନେଇ ଏକ ଟାଟା ମ୍ୟାଜିକ୍ ଭଦ୍ରକ ଜିଲା ବନ୍ତ ନିକଟ କେନ୍ଦୁଆ ଗ୍ରାମକୁ ଯାଉଥିଲା। ଜୁଡାନ୍ଧ ଘାଟିରୁ ଓହ୍ଲାଉଥିବା ବେଳେ ଏକ ଚକ ଫାଟିଯିବାରୁ ଗାଡ଼ି ଓଲଟି ପଡ଼ିଥିଲା। ସ୍ଥାନୀୟ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଆହତ ଶ୍ରମିକଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଗୁରୁତର ୭ ଜଣଙ୍କୁ କରଞ୍ଜିଆ ଓ ଘଷିପୁରା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି।

# ‘ପାନୀୟଜଳ, ଜମି ସମସ୍ୟା ସମାଧାନ ହେବ’



୫-ଟି ସଚିବ ଭି. କେ. ପାଣ୍ଡିଆନ ଜଟଣୀ ସମାବେଶରେ ଉଦ୍‌ବୋଧନ ଦେଉଛନ୍ତି(ବାମ)। ସମାବେଶରେ ଉପସ୍ଥିତ ଜନସାଧାରଣ।

**ଖୋର୍ଦ୍ଧା (ପ୍ରଭାତ ପାଣିଗ୍ରାହୀ)/ଜଟଣୀ (ରବୀନ୍ଦ୍ର ମହାକୁଡ଼)/ବାଲିଅନ୍ତା (ନୀଳମାଧବ ସାହୁ), ୨୩।୮**

### ୫-ଟି ସଚିବଙ୍କ ଜଟଣୀ ଗସ୍ତ

- ବିଭିନ୍ନ ଧର୍ମାନୁଷ୍ଠାନ ପାଇଁ ଅଗଷ୍ଟ ୩୧ ସୁଦ୍ଧା ଅର୍ଥ ଘୋଷଣା
- ୫୦୩ କୋଟି ଟଙ୍କାର ପାନୀୟଜଳ ପ୍ରକଳ୍ପ ସମ୍ପର୍କରେ ସୂଚନା
- ଜୟଦେବ ପୀଠ ଉନ୍ନତୀକରଣ କରାଯିବ

୫-ଟି ସଚିବ ଭି. କେ. ପାଣ୍ଡିଆନ ବୁଧବାର ଖୋର୍ଦ୍ଧା ଜିଲାର ଜଟଣୀ ଗସ୍ତରେ ଆସି ବଡ଼ନୂଆଗାଁ ମୌଜା ଖେଳ ପଡ଼ିଆରେ ଆୟୋଜିତ ସମାବେଶରେ ଯୋଗଦେଇଥିଲେ। ତାଙ୍କୁ ମହିଳାଙ୍କ ସମେତ ବିଭିନ୍ନ ସଙ୍ଗଠନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ୫-ଟି ସଚିବ ଉପସ୍ଥିତ ମିଶନଶକ୍ତି ସଦସ୍ୟା ଓ ଜନସାଧାରଣଙ୍କଠାରୁ ୪ଶହରୁ ଉର୍ଦ୍ଧ୍ୱ ଅଭିଯୋଗପତ୍ର ଗ୍ରହଣ କରି ସମାଧାନର ପ୍ରତିଶ୍ରୁତି ଦେଇଥିଲେ। ମହିଳାମାନେ ତାଙ୍କ ହାତରେ ରାଖୀ ବାନ୍ଧିଥିଲେ। ଉଦ୍‌ବୋଧନ ଦେଇ ୫-ଟି ସଚିବ କହିଥିଲେ, ପ୍ରଥମେ ଧର୍ମାନୁଷ୍ଠାନ ଏବଂ ଗୋଷ୍ଠୀ କେନ୍ଦ୍ର ପାଇଁ ଆସିଥିବା ଅଭିଯୋଗ ଉପରେ ଅଗଷ୍ଟ ୩୧ ତାରିଖ ସୁଦ୍ଧା ମୁଖ୍ୟମନ୍ତ୍ରୀ ଅର୍ଥ ଘୋଷଣା କରିବେ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୪ଟି ଅନୁଷ୍ଠାନକୁ ପ୍ରଥମ କିସ୍ତି ଅନୁଦାନ ରାଶିର ଠିକ ବିନିଯୋଗ କଲେ ଦ୍ୱିତୀୟ ଓ ତୃତୀୟ କିସ୍ତି ପ୍ରଦାନ କରାଯିବ। ଗାଁଗୁଡ଼ିକରେ ପାନୀୟଜଳ ସମସ୍ୟା ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଯନ୍ତ୍ରୀ ପହଞ୍ଚିବେ ଏବଂ ଦୁଇଦିନ ମଧ୍ୟରେ ଜିଲା ପ୍ରଶାସନ ସମାଧାନ କଲା କି ନାହିଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ସମ୍ପୃକ୍ତ ଅଭିଯୋଗ କର୍ତ୍ତାଙ୍କ ନିକଟକୁ ଫୋନ ଯିବ ବୋଲି ସେ କହିଥିଲେ। ଖୋର୍ଦ୍ଧାରୁ ଜଟଣୀ-ପିପିଲି ରାସ୍ତା ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ୨୧ କୋଟି, ପଟ୍ଟନାୟିକିଆ-ଡେଲାଙ୍ଗ - ଖୋର୍ଦ୍ଧା ରାସ୍ତା ପାଇଁ ୩୨ କୋଟି ଟଙ୍କା ମଞ୍ଜୁର କରିଥିବା ସେ ସୂଚନା ଦେଇଥିଲେ। ୧୦୫ କୋଟି ଟଙ୍କା ବିନିଯୋଗରେ ନିର୍ମାଣାଧୀନ ଜଟଣୀ ଫ୍ଲାଏ ଓଭରବ୍ରିଜ, ଜଟଣୀ ବ୍ଲକରେ ଖେଳର ବିକାଶ ପାଇଁ ୯ କୋଟି ଟଙ୍କାରେ ନିର୍ମିତ ହେଉଥିବା ପ୍ରକଳ୍ପକୁ ଖୁବଶୀଘ୍ର ଉଦ୍‌ଘାଟନ କରାଯିବ। ଶ୍ରୀଜଗନ୍ନାଥ ଜମି, ଏକହଜରତ ମାହାଲ ଓ ଖାସ୍‌ମାହାଲ ଜମି ସମସ୍ୟା ସମେତ ଷ୍ଟ୍ରିଟଭେଣ୍ଡରଙ୍କ ସମସ୍ୟା ସମାଧାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ସେ କହିଥିଲେ, ଜଟଣୀ, ଖୋର୍ଦ୍ଧା ଓ ବେଗୁନିଆ ବ୍ଲକର ପଞ୍ଚାୟତଗୁଡ଼ିକରେ ୫୦୩ କୋଟି ଟଙ୍କା ବ୍ୟୟରେ ୨୦୨୪ ମାର୍ଚ୍ଚ ସୁଦ୍ଧା ଘରେ ଘରେ ପାଇପଯୋଗେ ପାନୀୟଜଳ ପହଞ୍ଚିବ। ଭୁବନେଶ୍ୱର ଉପକଣ୍ଠ ଗାଁଗୁଡ଼ିକରେ ରାସ୍ତାର ବିକାଶ ପାଇଁ ୪୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଗତ ଏକ ବର୍ଷରେ ମିଶନଶକ୍ତି ଜରିଆରେ ୧୧ ହଜାର ୩୦୦ କୋଟି ଟଙ୍କା ଋଣ ନେଇଥିବାବେଳେ ସେଥିରୁ ଖୋର୍ଦ୍ଧା ଜିଲାର ୧୬,୨୦୦ ଗ୍ରୁପ୍ ୬୫୦ କୋଟି ଟଙ୍କା ଋଣ ନେଇ ଭଲ କାମ କରିଛନ୍ତି। ପରିବାର ସଶକ୍ତ ହେଲେ ଓଡ଼ିଶା ଉନ୍ନତି କରିବ ବୋଲି ପାଣ୍ଡିଆନ କହିଥିଲେ।

ଅପରାହ୍ଣ ୩ଟାରେ ୫-ଟି ସଚିବ ପାଣ୍ଡିଆନ ବାଲିଅନ୍ତା ବ୍ଲକର ଭିଙ୍ଗାରପୁରସ୍ଥିତ ଶ୍ରୀବକ୍ରେଶ୍ୱର ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଆୟୋଜିତ ସମାବେଶରେ ଯୋଗଦେଇ ଉପସ୍ଥିତ ମହିଳା ଓ ଜନସାଧାରଣଙ୍କଠାରୁ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ମହିଳାମାନେ ପାଣ୍ଡିଆନଙ୍କ ହାତରେ ରାଖୀ ବାନ୍ଧିଥିଲେ। ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନର ମହିଳାମାନେ ତାଙ୍କୁ ଉପହାରସ୍ୱରୂପ ପଟ୍ଟଚିତ୍ର, ବିଭିନ୍ନ ଫଟୋ ପ୍ରଦାନ କରିଥିଲେ। ପାଣ୍ଡିଆନ ସମାବେଶରେ ଉଦ୍‌ବୋଧନ ଦେଇ କହିଥିଲେ, ମିଶନଶକ୍ତି ମହିଳାଙ୍କୁ ଅଧିକ ସଶକ୍ତ କରିବା ପାଇଁ ଆଗକୁ ମୁଖ୍ୟମନ୍ତ୍ରୀ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ପରିମାଣକୁ ବଢ଼ାଇବେ। ମୁଖ୍ୟମନ୍ତ୍ରୀଙ୍କ ବିଶ୍ୱାସ, ଆପଣମାନେ ଭଲରେ ରହିଲେ ପରିବାର ଏବଂ ଓଡ଼ିଶା ଆଗେଇବ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ କାର୍ଡ ପାଇ ନ ଥିବା ଯୋଗ୍ୟ ହିତାଧିକାରୀଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ସାମିଲ କରାଯିବ। ଜୟଦେବ ପୀଠର ଉନ୍ନତୀକରଣ କରାଯିବ। ସେହିଭଳି ଖୋର୍ଦ୍ଧା ଜିଲାର ୧୦୮ଟି ଯୁକ୍ତ୨, ଯୁକ୍ତ୩ କଲେଜକୁ ୫-ଟିରେ ସାମିଲ କରାଯିବ। କୁଶଭଦ୍ରା, କୁଆଖାଇ ନଦୀ ପ୍ରକଳ୍ପ ପାଇଁ ୨୦୯ କୋଟି ଟଙ୍କା ଖର୍ଚ୍ଚ କରାଯିବ। ୨୦୨୪ ଜୁନ୍ ସୁଦ୍ଧା ବାଲିଅନ୍ତା, ବାଲିପାଟଣାର ପ୍ରତି ଘରେ ପାଇପ୍ ଯୋଗେ ପାନୀୟଜଳ ପହଞ୍ଚିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଜିଲାର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ମାଲିକଙ୍କ ଅଜାଣତରେ ଜମି ବିକ୍ରି ଉଦ୍ୟମ

- ୨ ଗିରଫ, ୬ ଲକ୍ଷ ୪୦ ହଜାର ଟଙ୍କା ଜବତ
- ନକଲି ଦସ୍ତାବିଜରେ ହେଉଥିଲା କିଣାବିକା

**ସମ୍ବଲପୁର, ୨୩।୮ (ଶୁଭାଶିଷ ପାଢ଼ୀ)**

ସମ୍ବଲପୁର ଜିଲା ବୁର୍ଲା ଥାନା ଅଞ୍ଚଳରେ ମାଲିକ ଅଜାଣତରେ ହେଉଥିଲା ଜମି ବିକ୍ରି। ଦଲାଲମାନେ ନକଲି ଦସ୍ତାବିଜ ତିଆରି କରି ଜମି କିଣାବିକା କରୁଥିଲେ। ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ବୁର୍ଲା ଥାନା ମାଝିପାଲି ଗ୍ରାମର ଚନ୍ଦ୍ରଶେଖର ବିଶ୍ୱାଳ (୩୦) ଓ କ୍ଷେତରାଜପୁର ଥାନା ନୂଆପଡ଼ାର ଟେଙ୍ଗୁନୁ ହରିପାଲ (୩୫)। ଅଭିଯୁକ୍ତଙ୍କ ନିକଟରୁ ବୁର୍ଲା ସହର ମ୍ୟାପ୍, ନକଲି ଚୁକ୍ତିନାମା, ଆଧାର କାର୍ଡ ଭଳି କାଗଜପତ୍ର ସହ ୬ ଲକ୍ଷ ୪୦ ହଜାର ଟଙ୍କା ଜବତ କରାଯାଇଛି। ଏଥିରେ ଏକ ର୍ୟାକେଟ କାମ କରୁଥିବାରୁ ଆଗକୁ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ବୁଧବାର ଏସ୍‌ପି ଅଫିସରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ମୁକେଶ କୁମାର ଭାମୁ କହିଛନ୍ତି।



ଗିରଫ ଜମି ଦଲାଲ।

ସୂଚନା ଅନୁସାରେ, ଅନୁଗୋଳ ଜିଲା ଖମାର ଗ୍ରାମର ସୂର୍ଯ୍ୟକାନ୍ତ ନାଏକ ବୁର୍ଲା ମୌଜାରେ ୧ ଏକର ୬୫ ଡେସିମିଲ ଜମି ଅଭିଯୁକ୍ତଙ୍କ ଜରିଆରେ କିଣିଥିଲେ। ଏଥିପାଇଁ ସେ ୨ ଲକ୍ଷ ନଗଦ ଓ ୨୮ ଲକ୍ଷ ଟଙ୍କା ଚେକ୍ ଆକାରରେ ଦେଇଥିଲେ। ଏହି ଜମି ମୋଟ ୨ କୋଟି ୧୮ ଲକ୍ଷ ୫୯ ହଜାର ଟଙ୍କାରେ ବିକ୍ରି ପାଇଁ ଚୂଡାନ୍ତ ହୋଇଥିଲା। ଗତ ଫେବୃୟାରୀ ମାସରେ ଅଭିଯୁକ୍ତମାନେ ଅଗ୍ରିମ ଟଙ୍କା ନେଇଥିଲେ ମଧ୍ୟ ଜମି ଦେଉ ନ ଥିଲେ। ଜମି ସମତଳ କରିବା ସମୟରେ ପ୍ରକୃତ ମାଲିକ ପୁରନ୍ଦର ରଣା, ନର ରଣା, ହିରଣ୍ମୟ ରଣା, ହରିହର ରଣା ବିରୋଧ କରିଥିଲେ। ଏହି ସମୟରେ ସୂର୍ଯ୍ୟକାନ୍ତ ଠକେଇର ଶିକାର ହୋଇଥିବା ଜାଣିଥିଲେ। ପରେ ସେ ଗତ ୨୧ ତାରିଖରେ ବୁର୍ଲା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ବୁର୍ଲା ଏସ୍‌ଡିପିଓ ସତ୍ୟବ୍ରତ ଦାସଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ ହୋଇଥିଲା। ସବୁ ରେକର୍ଡପତ୍ର ଯାଞ୍ଚ କରିବା ପରେ ପୋଲିସ ଟିମ୍ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନଙ୍କ ବ୍ୟାଙ୍କ ଜମା ଖାତା ଫ୍ରିଜ୍ କରାଯାଇଛି। ଅଗ୍ରିମ ନେଇଥିବା ୩୦ ଲକ୍ଷରୁ ୮ ଲକ୍ଷ ବାକି ରହିଥିଲା, ଯାହାକୁ ପୋଲିସ ଜବତ କରିଛି।



ଯେଉଁ ଲୋକ ତୁମ ଉପରେ ରାଗୁଛି ବା ତୁମକୁ ଅପମାନ କରୁଛି–ତୁମର ଆଗ ବୁଝିବା ଉଚିତ ଯେ, ସେ ଗୋଟିଏ ଦୁର୍ବଳ ଲୋକ। ଏଣୁ ସେ ଏତେ ରାଗୁଛି। କିନ୍ତୁ ତୁମେ ଯଦି ତା'ର ଏହି ରାଗ ଓ ହିଂସାର ପ୍ରତ୍ୟୁତ୍ତର ଦିଅ ବା ପ୍ରତିକ୍ରିୟା ଦେଖାଅ– ତେବେ ଏ କଥା ନିଶ୍ଚୟ ଜାଣିବ ଯେ, ତୁମେ ମଧ୍ୟ ତା'ଭଳି ଏକ ଦୁର୍ବଳ ବ୍ୟକ୍ତିତ୍ୱ। –ଶ୍ରୀମା

# ବିତ୍ତୀୟ ସେବାରୁ ସ୍ୱାସ୍ଥ୍ୟଗତ ଲାଭ



କିମ୍ ଫେ କ୍ରାମର

ବିଶ୍ୱ ଜନସଂଖ୍ୟାର ଅତିକମ୍‌ରେ ଅଧା ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ଏହା ସହ ସ୍ୱାସ୍ଥ୍ୟସେବାର ଅତ୍ୟଧିକ ବ୍ୟୟ ପ୍ରତିବର୍ଷ ୧୦୦ ମିଲିୟନ ଲୋକଙ୍କୁ ଉତ୍କଟ ଦାରିଦ୍ର୍ୟ ମଧ୍ୟକୁ ଠେଲିଦେଉଛି। ଏଣୁ ଅଭାବ ରହୁଥିବା ସଂସାଧନଗୁଡ଼ିକର କିପରି ସୁବଣ୍ଟନ କରାଯାଇପାରିବ ତା'ଉପରେ ଗୁରୁତ୍ୱ ଦେବା ଉଚିତ ଏବଂ ଏହି ସମସ୍ୟା ସମାଧାନ କରିବାରେ ଅର୍ଥ ଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ ବୋଲି ବିଶ୍ୱାସ କରିବା ଦରକାର। ୬୦ଟିରୁ ଅଧିକ ଦେଶ ସ୍ୱାସ୍ଥ୍ୟସେବା ସୁଧାରିବାରେ ସେମାନଙ୍କର ଜାତୀୟ ବିତ୍ତୀୟ ସମାବେଶନ ରଣନୀତି ଆରମ୍ଭ କରିଛନ୍ତି ଏବଂ ସେଗୁଡ଼ିକର ପ୍ରଭାବ ଜାଣିବାକୁ ବୈଜ୍ଞାନିକ ଗବେଷଣା ମଧ୍ୟ ଆଗ୍ରହୀ ହୋଇପଡ଼ିଛି। ସ୍ୱାସ୍ଥ୍ୟ ପାଇଁ ଅର୍ଥ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିପାରେ ବୋଲି ଏଯାବତ କୌଣସି ପ୍ରମାଣ ନ ଥିଲା। ପରିବାରର ସଞ୍ଚୟ ଆକାଉଣ୍ଟ, ଋଣ ଏବଂ ସ୍ୱାସ୍ଥ୍ୟବୀମାକୁ ନେଇ କରାଯାଉଥିବା ଇଚ୍ଛାମୁତାବକ ଚୟନ ନିୟନ୍ତ୍ରିତ ପରୀକ୍ଷଣରେ କୌଣସି ପ୍ରଭାବ ଥିବା ଦେଖିବାକୁ ମିଳିନାହିଁ। କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ଅଧ୍ୟୟନଗୁଡ଼ିକ ବ୍ୟାଙ୍କିଙ୍ଗ୍‌ର ଗୁରୁତ୍ୱପୂର୍ଣ୍ଣ ଦୀର୍ଘମିଆଦୀ ତଥା ବ୍ୟାପକ ଦିଗଗୁଡ଼ିକୁ ପରୀକ୍ଷଣ କରି ନ ଥିଲେ କିମ୍ବା ବ୍ୟବସାୟ ତଥା ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କୁ ଦିଆଯାଉଥିବା ଆର୍ଥିକ ସେବା ପାଇଁ ଉତ୍ତରଦାୟୀ ରହି ନ ଥିଲେ। ତେବେ ନିକଟରେ ଏକ ଅଧ୍ୟୟନରେ ମୁଁ ଏକ ବାସ୍ତବ ପରୀକ୍ଷଣ ପଦ୍ଧତିକୁ ବ୍ୟବହାର କରିଥିଲି, ଯେଉଁଥିରେ ଦେଶ ସାରା ୧୦ବର୍ଷରୁ ଊର୍ଦ୍ଧ୍ୱ ହେଲା ଲାଗୁ ହୋଇଥିବା ବିତ୍ତୀୟ ସମାବେଶନର ବିକାଶ ଏବଂ ବଜାରରେ ବିଭିନ୍ନ ସଂସ୍ଥା ଉପରେ ଏହାର ପ୍ରଭାବକୁ ଆକଳନ କରାଯାଇଥିଲା। ଦେଖାଯାଇଥିଲା ଯେ, ଭାରତରେ ବ୍ୟାଙ୍କ ଉପସ୍ଥିତି ସ୍ୱାସ୍ଥ୍ୟସେବାରେ ପରିବର୍ତ୍ତନ ଆଣିଥିଲା। ପୂର୍ବ ଗବେଷଣା ତୁଳନାରେ ମୁଁ ଏହି ଅଧ୍ୟୟନରେ ପରିବାରର ସ୍ୱାସ୍ଥ୍ୟ କ୍ଷେତ୍ରରେ ଯଥେଷ୍ଟ ଉନ୍ନତି ହୋଇଥିବା ଦେଖିବାକୁ ପାଇଥିଲି।

୨୦୦୫ରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ଦେଶର ସବୁଆଡେ ଯେଉଁ ଜିଲାଗୁଡ଼ିକରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା କମ୍ ଥିଲା ସେଠାରେ ବ୍ୟାଙ୍କଗୁଡ଼ିକୁ ନୂଆ ଶାଖା ଖୋଲିବାକୁ ପ୍ରେରିତ କରିବା ପାଇଁ ଏକ ନୂଆ ନୀତି ଆରମ୍ଭ କରିଥିଲା। ଫଳରେ ଏହିସବୁ ଜିଲାରେ ୫ ବର୍ଷ ପରେ ବ୍ୟାଙ୍କ ଶାଖାଗୁଡ଼ିକର ସଂଖ୍ୟା ୧୯% ବୃଦ୍ଧି ପାଇଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଦେଶରେ ପାରିବାରିକ ସ୍ତରରେ ହୋଇଥିବା ଦୁଇଟି ସର୍ବେକ୍ଷଣରୁ ଜଣାପଡ଼ିଛି, ଯେଉଁଠାରେ ଏହି ନୀତି ଲାଗୁ କରାଯାଇ ନ ଥିଲା ତା' ତୁଳନାରେ ଏହି ଜିଲାଗୁଡ଼ିକରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ହୋଇଥିବା ଦେଖାଯାଇଛି। ଆର୍‌ବିଆଇ ଯୋଜନା କାର୍ଯ୍ୟକାରୀ ହେବାର ୬ ବର୍ଷ ପରେ ଭାରତର ମାନବ ବିକାଶ ସର୍ଭେ(ଆଇଏଚ୍‌ଡିଏସ୍) ଦର୍ଶାଇଥିଲା ଯେ, ଯେଉଁ ଜିଲାଗୁଡ଼ିକରେ ଅଧିକ ବ୍ୟାଙ୍କ ଖୋଲାଯାଇଥିଲା ସେଠାକାର ପରିବାରଗୁଡ଼ିକରେ ୩୬% କମ୍ ଅଣ-କ୍ରନିକ ଡିଜିଜ୍ ଯଥା ଜ୍ୱର କିମ୍ବା ଡାଇରିଆ ଦେଖାଯାଇଥିଲା। ସେହିଭଳି ଆର୍‌ବିଆଇ ଯୋଜନା ଲାଗୁ ହେବା ପରେ ୧୦ ବର୍ଷରେ ଥରେ ହେଉଥିବା ଜନସାଂଖ୍ୟିକ ଓ ସ୍ୱାସ୍ଥ୍ୟ ସର୍ଭେ ମଧ୍ୟ ଦର୍ଶାଇଛି ଯେ, ସେହିସବୁ ଜିଲାରେ ଟିକାକରଣ ହାର ଅଧିକ ହେବା ସହ ଗର୍ଭଧାରଣଜନିତ ବିପଦ କମ୍ ରହିଛି। ଅସୁସ୍ଥତା ହାର କମ୍ ହେବା ଯୋଗୁ ତାହା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅର୍ଥନୈତିକ ପରିଣାମରେ ଉନ୍ନତି ଆଣିଥିଲା। ଆଇଏଚ୍‌ଡିଏସ୍ ଦର୍ଶାଏ ଯେ, ଅସୁସ୍ଥତା କାରଣରୁ କମ୍ ସ୍କୁଲ ଯିବା ଓ କମ୍ କାମ କରିବାରେ ପରିବର୍ତ୍ତନ ଦେଖାଯାଇଥିଲା ଏବଂ ଚିକିତ୍ସା ଖର୍ଚ୍ଚ କମିଥିଲା।

ସମ୍ଭବତଃ ସ୍ୱାସ୍ଥ୍ୟ ପରିଣାମରେ ଉନ୍ନତି ଆଣିବା ଲାଗି ତିନୋଟି ପ୍ରକ୍ରିୟା ବଡ଼ ଭୂମିକା ଗ୍ରହଣ କରିଥିଲା। ଯେଉଁ ବ୍ୟାଙ୍କଗୁଡ଼ିକ ଶାଖା ଖୋଲିଥିଲେ ସେମାନେ ସ୍ଥାନୀୟ ବ୍ୟବସାୟକୁ ଋଣ ଯୋଗାଇ ଦେଇଥିଲେ, ଯାହାକି ପରିବାରଗୁଡ଼ିକୁ ଅଧିକ ରୋଜଗାର କରିବାଏବଂ ସ୍ୱାସ୍ଥ୍ୟରେ ଅଧିକ ବିନିଯୋଗ କରିବାକୁ ଅନୁମତି ଦେଇଥିଲା। ଦ୍ୱିତୀୟତଃ, ପରିବାରଗୁଡ଼ିକ ସିଧାସଳଖ ଆର୍ଥିକ ସେବା ପାଇପାରିଲେ। ସେମାନେ ସଞ୍ଚୟ ଖାତା ଖୋଲିଲେ ଏବଂ ସ୍ୱାସ୍ଥ୍ୟ ବୀମା ମଧ୍ୟ କିଣିପାରିଲେ। ଅଧାରୁ ଅଧିକ ବିକାଶଶୀଳ ଦେଶଗୁଡିକ ଭଳି ଭାରତରେ ଲୋକାଲ ବ୍ୟାଙ୍କଗୁଡିକ ସେମାନଙ୍କ ଗ୍ରାହକଙ୍କୁ ସ୍ୱାସ୍ଥ୍ୟ ବୀମା ପଲିସି ବିକ୍ରୟ କରିବା ସହ ପ୍ରମୁଖ ସହରଗୁଡିକରେ ବୀମା କମ୍ପାନୀଗୁଡିକ ପାଇଁ ମଧ୍ୟସ୍ଥ ଭାବରେ କାର୍ଯ୍ୟ କରୁଛନ୍ତି। ସବୁଠୁ ବିକଶିତ ଦେଶଠାରୁ ଏହା ପୂରା ଭିନ୍ନ, କାରଣ ସେଠାରେ ସ୍ୱାସ୍ଥ୍ୟ ବୀମା କେବଳ ବୀମା କମ୍ପାନୀଗୁଡ଼ିକଠାରୁ କିଣାଯାଇଥାଏ କିମ୍ବା ସରକାରୀ ଯୋଜନାରୁ ମିଳିଥାଏ।



ଶେଷରେ ବ୍ୟାଙ୍କ ଶାଖା ସଂଖ୍ୟା ବଢ଼ିବାରୁ ସ୍ୱାସ୍ଥ୍ୟସେବା ପ୍ରଦାନକାରୀମାନେ ଋଣ ପାଇପାରିଲେ। ଆର୍‌ବିଆଇ ନୀତି ଲାଗୁ ହେବାର ୮ ବର୍ଷ ପରେ ପ୍ରୋତ୍ସାହନ ଦିଆଯାଇଥିବା ଜିଲାଗୁଡ଼ିକରେ କାର୍ଯ୍ୟକରୁଥିବା ହସ୍ପିଟାଲ ସଂଖ୍ୟା ୧୪୦% ବଢ଼ିଯାଇଥିଲା ଏବଂ ସେମାନେ ସଂସ୍ଥାଗତ ଋଣ ପାଇଁ ବ୍ୟାଙ୍କରେ ପହଞ୍ଚିଥିଲେ। ଏହାସହ ସ୍ଥାନୀୟ ପରିବାରଗୁଡ଼ିକ ସ୍ୱାସ୍ଥ୍ୟସେବା ଯୋଗାଣରେ କମ୍ ସମସ୍ୟା ଥିବା ପ୍ରକାଶ କରିଥିଲେ। ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କୁ ଅଧିକ ଋଣ ପ୍ରଦାନର ଗୁରୁତ୍ୱକୁ ନୀତି ନିର୍ଦ୍ଧାରକମାନେ ବି ହୃଦୟଙ୍ଗମ କରିଥିଲେ। କୋଭିଡ୍-୧୯ ସଙ୍କଟରେ, ମେ ୨୦୨୧ରେ ଏହି କ୍ଷେତ୍ର ପାଇଁ ସହଜରେ ଋଣ ପାଇବା ଲାଗି ଆର୍‌ବିଆଇ ମଧ୍ୟ ୬.୭୮ ବିଲିୟନ ଡଲାର ପ୍ରଦାନ କରିଥିଲା।

ମୋ ଦ୍ୱାରା କରାଯାଇଥିବା ବାସ୍ତବ ପରୀକ୍ଷଣରେ ସ୍ୱାସ୍ଥ୍ୟ ଉପରେ ଅର୍ଥ ଯୋଗାଣର ମହତ୍ତ୍ୱପୂର୍ଣ୍ଣ ପ୍ରଭାବଗୁଡିକ ପୂର୍ବରୁ କରାଯାଉଥିବା ଇଚ୍ଛାମୁତାବକ ଚୟନ ନିୟନ୍ତ୍ରିତ ପରୀକ୍ଷଣ ଅପେକ୍ଷା ଅଧିକ ସ୍ପଷ୍ଟ ତଥା ପ୍ରମାଣିତ ହେବା ଦେଖାଯାଇଛି। ଏକ ବାସ୍ତବ ପରୀକ୍ଷଣ ଦ୍ୱାରା ବିତ୍ତୀୟ ଅନୁସନ୍ଧାନର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଭଲ ଗୁଣ ରହିଛି। ପ୍ରଥମତଃ, ଏହା ସାଧାରଣ ସନ୍ତୁଳନ ପ୍ରଭାବକୁ ଆୟତ୍ତ କରିବାକୁ ଜଣକୁ ଅନୁମତି ଦିଏ ଏବଂ ତଥ୍ୟ ଦର୍ଶାଏ ଯେ, ଏକ ଦୃଢ଼ ପ୍ରକ୍ରିୟା ସୃଷ୍ଟିକରି ସ୍ୱାସ୍ଥ୍ୟସେବା ବଜାରର ଉଭୟ ଚାହିଦା ଏବଂ ଯୋଗାଣ ବଢାଇଥାଏ। ଦ୍ୱିତୀୟତଃ,ଏକ ଦୀର୍ଘ ସମୟ ମଧ୍ୟରେ ଜଣେ ବ୍ୟାପକ ପ୍ରଭାବର ଅନୁସନ୍ଧାନ କରିପାରିବେ।

କୌଣସି ଅଞ୍ଚଳରେ ଅଧିକ ବ୍ୟାଙ୍କ ଖୋଲିଲେ ତାହା ବିଶ୍ୱବ୍ୟାପୀ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିପାରିବ। ବ୍ୟାଙ୍କ ଶାଖାଗୁଡ଼ିକରେ ଉନ୍ନତ ଅର୍ଥ ଉପଲବ୍ଧ ବ୍ୟବସ୍ଥା ଓ ଅସୁସ୍ଥତା ହେତୁ ବିଦ୍ୟାଳୟରେ କମ୍ ଉପସ୍ଥିତି ମଧ୍ୟରେ ସମ୍ପର୍କକୁ ଦେଖିଲେ ଶିକ୍ଷା କ୍ଷେତ୍ରରେ ଆର୍ଥିକ-ଅନ୍ତର୍ଭୂକ୍ତ ପଦକ୍ଷେପ ସୁବିଧାଜନକ ହୋଇପାରିବ। ଏହା ପରିବାରକୁ ଶିକ୍ଷା କ୍ଷେତ୍ରରେ ଅଧିକ ବିନିଯୋଗ କରିବାକୁ ଅନୁମତି ଦେବା ସହ ନୂତନ ବିଦ୍ୟାଳୟ ଏବଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସୃଷ୍ଟି ପାଇଁ ଋଣ ପ୍ରଦାନ କରିବ, ଯାହା ଶିକ୍ଷାରେ ଉତ୍ତମ ଫଳାଫଳ ଦେବ। ସ୍ୱାସ୍ଥ୍ୟ ପରିଣାମରେ ଉନ୍ନତି ଆଣିବାକୁ ଚାହୁଁଥିବା ବିକାଶଶୀଳ ଦେଶଗୁଡିକରେ ନୀତି ନିର୍ଦ୍ଧାରକଙ୍କ ପାଇଁ ଆର୍‌ବିଆଇ ନୀତିର ସଫଳତା ଶୁଭ ଲକ୍ଷଣ। ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଉନ୍ନତି ଆଣିବା ଲାଗି ନିଆଯାଉଥିବା ସମାନ ପ୍ରକାର ପଦକ୍ଷେପ ଚାହିଦା ଏବଂ ଯୋଗାଣ ଉପରେ କିପରି ପ୍ରଭାବ ପକାଇପାରେ ତାହା ଉପରେ ଅଧିକ ଅଧ୍ୟୟନ କରିବାକୁ ନିଶ୍ଚିତ କରିବ। କମ୍ ସ୍ୱାସ୍ଥ୍ୟସେବା ଥିବା ଅଞ୍ଚଳରେ ବ୍ୟାଙ୍କ ଶାଖା ସଂଖ୍ୟା ବୃଦ୍ଧି ପାଇଁ ନୀତିଗତ ପ୍ରୋତ୍ସାହନ ଆଧୁନିକ ସ୍ୱାସ୍ଥ୍ୟ ସୂଚକାଙ୍କ ତୁଳନାରେ ଏକାଧିକ ସକାରାତ୍ମକ ପରିଣାମ ଆଣିବାର ସମ୍ଭାବନା ଅଧିକ।

**ସହକାରୀ ପ୍ରାଧ୍ୟାପକ, ଲଣ୍ଡନ ସ୍କୁଲ ଅଫ୍ ଇକୋନୋମିକ୍ସ**

# ଗଞ୍ଜେଇ ଚାଷ ଯଥାର୍ଥ କି



ଡ. ଚିନ୍ତାମଣି ପଣ୍ଡା

ଦେଶ ସ୍ୱାଧୀନ ହେବା ପରଠାରୁ ଆଜି ପର୍ଯ୍ୟନ୍ତ ସରକାରୀ ତଥା ବେସରକାରୀ ଅନୁଷ୍ଠାନଗୁଡ଼ିକ ଚାଷୀ ଭାଇମାନଙ୍କୁ ପାରମ୍ପରିକ ଧାନଚାଷ ପାଇଁ ବିଭିନ୍ନ ଉପାୟରେ ପ୍ରୋତ୍ସାହନ ଦେଇଆସୁଛନ୍ତି। ଯଥା ଉନ୍ନତ ବିହନ, ରିହାତି ଦରରେ ସାର, ବିକ୍ରିବଟାର ବନ୍ଦୋବସ୍ତ ଏବଂ ସର୍ବୋପରି ଉତ୍ତମ ଜ୍ଞାନ କୌଶଳ ବାବଦରେ ତାଲିମ ଇତ୍ୟାଦି। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ, ବିନା କୌଣସି ସହାୟତାରେ ଗରିବ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ଘଞ୍ଚ ଜଙ୍ଗଲ ମଧ୍ୟରେ, ହିଂସ୍ର ଜନ୍ତୁ କିମ୍ବା ମାଓବାଦୀମାନଙ୍କ ଭୟକୁ ନ ଡରି, ବର୍ଷା ବିପ୍ଳାତ ତଥା ମରୁଡ଼ି ପାଇଁ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଶହ ଶହ ଏକର ଗଞ୍ଜେଇ ଚାଷ କରୁଥିବାର ଆମ ଅବକାରୀ ବିଭାଗ ଠାବ କରୁଛନ୍ତି। ଏହା କିପରି ଓ କାହିଁକି ସମ୍ଭବ ହେଉଛି ତାହା ହିଁ ଚିନ୍ତାର ବିଷୟ। ଯେତିକି ଏକର ଗଞ୍ଜେଇ ଚାଷ ନଷ୍ଟ କରାଯାଉଛି, ତାହାର କାହିଁ କେତେ ଗୁଣ ଚାଷ କରାଯାଉଥିବାରୁ ଶହ ଶହ ଟ୍ରକ ଗଞ୍ଜେଇ କେତେବେଳେ ତେଲଟ୍ୟାଙ୍କର ତ ପୁଣି କେତେବେଳେ ଆମ୍ବୁଲାନ୍ସରେ ଚାଲାଣ ବେଳେ ଧରାହେଉଥିବାର ଖବର ଶୁଣୁଛୁ। ଅନେକ ଦଲାଲ ମଧ୍ୟ ହାଜତକୁ ଯାଉଛନ୍ତି। ତଥାପି ଏସବୁକୁ ଭ୍ରୂକ୍ଷେପ ନ କରି ଗଞ୍ଜେଇ ଚାଷ ହେଉଛି କିପରି ? ଜମ୍ମୁ-କଶ୍ମୀର, ଉତ୍ତରାଖଣ୍ଡ ଓ ଉତ୍ତର ପ୍ରଦେଶ ପରି ରାଜ୍ୟଗୁଡ଼ିକ ଗଞ୍ଜେଇ ଚାଷକୁ ଅପରାଧମୁକ୍ତ କରି ନିୟନ୍ତ୍ରଣରେ ରଖିଛନ୍ତି। ଯେହେତୁ ଏନ୍‌ଡିପିଏସ୍ ଆଇନ ୧୯୮୫ ଅନୁଯାୟୀ ରାଜ୍ୟଗୁଡ଼ିକ ନିଜ ନିଜର ସୁବିଧାରେ ଏହି ଚାଷକୁ ଅପରାଧମୁକ୍ତ କରି ନିଜ ନିୟନ୍ତ୍ରଣକୁ ଆଣିପାରିବେ। ଯଦି ଓଡ଼ିଶା ପ୍ରସଙ୍ଗକୁ ଆସିବା, ଆମ ରାଜ୍ୟ, ବିଶେଷକରି ଆଭ୍ୟନ୍ତରୀଣ ଅଞ୍ଚଳର ଜଳବାୟୁ ଗଞ୍ଜେଇ ଚାଷ ପାଇଁ ଉପଯୁକ୍ତ। ଏହା ସାଙ୍ଗକୁ ଯେଉଁ ଦେଶୀ ଗଞ୍ଜେଇ କିସମ ଏ ଅଞ୍ଚଳରେ ମିଳେ, ତାହାର ଦୁଇଟି ଉତ୍ତମ ଗୁଣ ହେଲା ଔଷଧୀୟ ଉପାଦାନ ଓ ମଞ୍ଜି ଉତ୍ପାଦନ କ୍ଷମତା, ଅର୍ଥାତ୍ ଓଡ଼ିଶା ଗଞ୍ଜେଇରୁ ମିଳୁଥିବା ଜୈବ ରସାୟନଯୁକ୍ତ ତନ୍ତୁ ପୃଥିବୀ ପ୍ରସିଦ୍ଧ। ଗଞ୍ଜେଇ ମଞ୍ଜିର ତେଲରେ ଓମେଗା ୩ ଓ ୬ ଜାତୀୟ ସ୍ନେହସାର ସନ୍ତୁଳିତ ପରିମାଣରେ ପ୍ରଚୁର ମାତ୍ରାରେ ଥିବାରୁ ଏହା ସର୍ବୋତ୍କୃଷ୍ଟ ଜୈବ ରସାୟନ। ସେଥିପାଇଁ କେବଳ ଏଲୋପାଥିକ କାହିଁକି ୧୫୭ ପ୍ରକାରର ଆୟୁର୍ବେଦୀୟ ଔଷଧ ପ୍ରସ୍ତୁତିରେ ଏହା ବ୍ୟବହୃତ ହୋଇଥାଏ। ଏହାର ଉପଯୋଗରେ ଦୁରାରୋଗ୍ୟ କର୍କଟ, ଏଡ୍‌ସ ତଥା ଅପସ୍ମାର ଭଳି ବେମାରିର ଚିକିତ୍ସା କରାଯାଇଥାଏ। ସେଥିପାଇଁ ଓଡ଼ିଶା ଗଞ୍ଜେଇର ଚାହିଦା ଦୃଷ୍ଟିରୁ ସବୁ ଔଷଧ କମ୍ପାନୀ କଞ୍ଚାମାଲ ପାଇଁ ଏହି ଚାଷକୁ ଅପରାଧମୁକ୍ତ କରିବାକୁ ଦାବି ଉଠାନ୍ତି।

ଅପରପକ୍ଷେ ଗଞ୍ଜେଇ ଗଛର ମରୁଡ଼ି ଓ ରୋଗ ସହଣି ଶକ୍ତି ଅଧିକ ଏବଂ ଏହା ଅଧିକ ଶ୍ରମସାପେକ୍ଷ ନୁହେଁ। ଗଞ୍ଜେଇ ଗଛର ତନ୍ତୁରୁ ବିଶ୍ୱର ସବୁଠୁ ମଜଭୁତ ଶୀତ ତାପ ନିରୋଧୀ, ଜୀବାଣୁମୁକ୍ତ, କାଗଜ ତଥା ପ୍ଲାଷ୍ଟିକ ଉପକରଣ ତିଆରି କରାଯାଇଥାଏ। ପାରମ୍ପରିକ ଚାଷ ଅପେକ୍ଷା ଏଥିରୁ ଅଧିକ ଲାଭ ମିଳୁଥିବାରୁ ସ୍ୱାଭିମାନ ଅଞ୍ଚଳର ଚାଷୀମାନେ ମଧ୍ୟ ଏହି ଚାଷକୁ ଅପରାଧମୁକ୍ତ କରିବାକୁ ଦାବି କରନ୍ତି। ଅଶୀ ଦଶକ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ କୃଷି ବିଭାଗ ଦ୍ୱାରା କୋରାପୁଟ ଓ ଲଚିଦା ଫାର୍ମ, ସମ୍ବଲପୁରରେ ସରକାରୀ ଭାବରେ ଗଞ୍ଜେଇ ଚାଷ କରାଯାଉଥିଲା। ଅନ୍ୟପକ୍ଷରେ କେଉଁ ଆବହମାନ କାଳରୁ ଗଞ୍ଜେଇର ବ୍ୟବହାର ଗାଁ ଗହଳିର ତ୍ରିନାଥ ମେଳାଠାରୁ ଆରମ୍ଭକରି ଅତ୍ୟାଧୁନିକ କାଉଡ଼ିଆ ଯାତ୍ରା ପର୍ଯ୍ୟନ୍ତ ସବୁଠି ବହୁଳ ଭାବରେ ଦେଖାଯାଏ। ଉତ୍କୃଷ୍ଟ ଚାହିଦା ଦୃଷ୍ଟିରୁ ଚୋରା ଚାଲାଣକାରୀମାନେ ଅତ୍ୟାଧୁନିକ ଉପାୟରେ ଏହାକୁ ଉପାନ୍ତ ଅଞ୍ଚଳରୁ ସଂଗ୍ରହକରି କଳାବଜାର ମାନଙ୍କରେ ଚଢ଼ାଦରରେ ଉପଲବ୍ଧ କରାଇଥାନ୍ତି।

ଅତଏବ ଆମେ ଆନ୍ତର୍ଜାତିକ ଚାପ ଆଗରେ ମୁଣ୍ଡ ନ ନୁଆଁଇ ଏହି ଚାଷକୁ ଅପରାଧମୁକ୍ତ ତଥା ନିୟନ୍ତ୍ରଣଯୁକ୍ତ କଲେ ଭାରତୀୟ ଔଷଧ କମ୍ପାନୀଗୁଡ଼ିକ ଉପଯୁକ୍ତ ଗୁଣବତ୍ତା ବିଶିଷ୍ଟ କଞ୍ଚାମାଲ ପାଇ ଜୀବନରକ୍ଷାକରୀ ଔଷଧ ଉତ୍ପାଦନ କରିବା ସଙ୍ଗେ ସଙ୍ଗେ ଉପାନ୍ତ ଅଞ୍ଚଳର ଗରିବ କ୍ଷୁଦ୍ର ଓ ନାମମାତ୍ର ଚାଷୀ ମଧ୍ୟ ଲାଭାନ୍ୱିତ ହୋଇପାରନ୍ତେ। ଏତଦ୍ ବ୍ୟତୀତ ଗଞ୍ଜେଇର ଚୋରା ଚାଲାଣ, କଳାବଜାର, ଥାନା ପୋଡ଼ାଜଳା ଓ ତଜ୍ଜନିତ ଆଇନଶୃଙ୍ଖଳା ପରିସ୍ଥିତି କମିବା ସହିତ ସରକାର ମଧ୍ୟ ନିଜର ରାଜସ୍ୱ ବୃଦ୍ଧି କରିପାରନ୍ତେ। ତେଣୁ ଚିନ୍ତାନାୟକ ତଥା ଆଇନ ପ୍ରଣୟନକାରୀମାନଙ୍କୁ ଏ ଦିଗରେ ମାନସ ମନ୍ଥନ କରିବାର ସମୟ ଆସିଯାଇଛି।

**ପ୍ରାକ୍ତନ ଅଧକ୍ଷ, କୃଷି ମହାବିଦ୍ୟାଳୟ, ଭବାନୀପାଟଣା**

**ମୋ: ୮୧୪୪୦୬୬୦୧୬**

## ଏଇ ଭାରତରେ

୨୦୦୯ରେ ଏଚ୍‌ଆଇଭିରେ ପୀଡ଼ିତ ହେଇଥିବା ଜଣାପଡ଼ିବା ପରେ ଗୌତମ ଯାଦବ ଏହି ରୋଗକୁ ମୁକାବିଲା କରି କେବଳ ନୂଆ ଜୀବନ ଜିଉଛନ୍ତି। କେବଳ ଏତିକି ନୁହେଁ ସେ ୧୫ ବର୍ଷ ହେଲା ଏଚଆଇଭି ସମ୍ପର୍କରେ ସଚେତନତା ସୃଷ୍ଟି କରିଚାଲିଛନ୍ତି। ଗୌତମ ରହୁଛନ୍ତି ଦିଲ୍ଲୀରେ। ସେ ଦିଲ୍ଲୀର ଏଚ୍‌ଆଇଭି/ଏଡ୍‌ସ କ୍ଷେତ୍ରରେ କାମ କରୁଥିବା ଏକ ଏନ୍‌ଜିଓରେ ପ୍ରୋଗ୍ରାମ ଅଫିସର ଭାବେ କାମ କରି ପୀଡ଼ିତଙ୍କୁ ଏହି ରୋଗକୁ ମୁକାବିଲା କରିବା ଏବଂ ଏହା ପଛରେ ଥିବା ଭ୍ରାନ୍ତ ଧାରଣା ଦୂର କରିବାରେ ପ୍ରମୁଖ ଭୂମିକା ନେଇ ଆସୁଛନ୍ତି। ଏହି ରୋଗକୁ ଲୁଚାଉ ଥିବା ବ୍ୟକ୍ତିଙ୍କୁ ଠାବ କରି ସେମାନଙ୍କୁ ହସ୍ପିଟାଲକୁ ଆଣୁଛନ୍ତି। ଗୌତମ ଏବେସୁଦ୍ଧା ୫୦୦ରୁ ଅଧିକ ଏଚ୍‌ଆଇଭି ପୀଡ଼ିତଙ୍କୁ ସାହାଯ୍ୟ କରିସାରିଲେଣି। ତାଙ୍କର ଏଭଳି କାର୍ଯ୍ୟ ଲାଗି ଦେଶ ପକ୍ଷରୁ ତାଙ୍କୁ ଆମେରିକା, ସୁଇଜରଲାଣ୍ଡ ଏବଂ ଥାଇଲାଣ୍ଡରେ ଅନୁଷ୍ଠିତ ଏଚ୍‌ଆଇଭି ସମ୍ପର୍କିତ ସମ୍ମିଳନୀରେ ପ୍ରତିନିଧିତ୍ୱ କରିବାର ସୁଯୋଗ ମିଳିଛି। ଏହାବ୍ୟତୀତ ସେ ୟୁନେସ୍କୋ ସହ ମଧ୍ୟ କାର୍ଯ୍ୟ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ DHARITRI

**୨୪ ଅଗଷ୍ଟ ୧୯୯୮**

- ଆଫଗାନିସ୍ତାନ ଓ ସୁଦାନ ଉପରେ କରାଯାଇଥିବା ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଆମେରିକା ବିରୁଦ୍ଧରେ ରୁଷିଆର ସ୍ୱୟଂ ଘୋଷିତ ସ୍ୱାଧୀନ ରାଷ୍ଟ୍ର ଚେଚେନିୟାର ଯୁଦ୍ଧ ଘୋଷଣା।
- ବିଦ୍ରୋହୀ ସୌଦୀ କୋଟିପତି ଓସାମା ବିନ୍ ଲାଡେନ୍‌ଙ୍କ ନେତୃତ୍ୱାଧୀନ ସଙ୍ଗଠନ ବିରୁଦ୍ଧରେ ଅର୍ଥ ଓ ସାମରିକ ବଳ ପ୍ରୟୋଗ ପାଇଁ ଆମେରିକା ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ନିର୍ଦ୍ଦେଶ।
- ବଡ଼ମ୍ବାର ପୂର୍ବତନ ବିଧାୟକ ତଥା ଗଡ଼ଜାତ ପ୍ରଜା ଆନ୍ଦୋଳନର ମୁଖ୍ୟ ପୁରୋଧା ପ୍ରତାପ ପଟ୍ଟନାୟକଙ୍କ ୭୮ ବର୍ଷ ବୟସରେ ପରଲୋକ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 1 | | | | 2 | | 4 |
| 2 | | | | | | | | |
| 8 | | | | 7 | | | | |
| 9 | 1 | | 6 | | | 5 | | |
| | 8 | | 2 | | | 6 | 1 | |
| | | 6 | 7 | | | | | |
| | 2 | | | | | | 6 | |
| | 3 | | | | 8 | 1 | 9 | |
| | 4 | | | 1 | | 8 | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 9 | 3 | 8 | 4 | 7 | 1 | 2 | 5 |
| 5 | 8 | 4 | 6 | 1 | 2 | 3 | 9 | 7 |
| 7 | 1 | 2 | 9 | 3 | 5 | 4 | 8 | 6 |
| 4 | 5 | 9 | 3 | 8 | 6 | 7 | 1 | 2 |
| 2 | 3 | 1 | 5 | 7 | 4 | 8 | 6 | 9 |
| 8 | 7 | 6 | 2 | 9 | 1 | 5 | 4 | 3 |
| 3 | 4 | 5 | 1 | 6 | 9 | 2 | 7 | 8 |
| 1 | 6 | 8 | 7 | 2 | 3 | 9 | 5 | 4 |
| 9 | 2 | 7 | 4 | 5 | 8 | 6 | 3 | 1 |

ଗତକାଲିର ଉତ୍ତର

# ଚନ୍ଦ୍ରରେ ଭାରତ



ଡ. ନରେନ୍ଦ୍ର ସେଠୀ

୨୦୦୩ ଅଗଷ୍ଟ ୧୫ରେ ଲାଲ୍‌କିଲ୍ଲାରୁ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଚନ୍ଦ୍ରଯାନ ମିଶନ ଘୋଷଣା କଲାବେଳେ କେହି ଭାବି ନ ଥିଲେ ଭାରତ ଦିନେ ସଫଳତାର ସହିତ ବିଶ୍ୱର ପ୍ରଥମ ଦେଶ ଭାବରେ ଚନ୍ଦ୍ରପୃଷ୍ଠର ଦକ୍ଷିଣ ମେରୁରେ ଅବତରଣ କରିବ। ପ୍ରକୃତରେ ବାଜପେୟୀଙ୍କ ଏହି ଘୋଷଣା ପଛରେ ୧୯୯୯ ରେ ଭାରତୀୟ ବିଜ୍ଞାନ ଏକାଡେମୀର ଏକ ସଂକଳ୍ପ ଥିଲା, ଯାହାର ଫଳ ସ୍ୱରୂପ ଇସ୍ରୋକୁ ଏହି ଗୁରୁଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ୨୦୦୩ ରେ ଭାରତ ସରକାର ଏହି ଚନ୍ଦ୍ର ମିଶନ ପାଇଁ ଅନୁମତି ପ୍ରଦାନ କରିଥିଲେ ଓ ପ୍ରାରମ୍ଭିକ ଭାବରେ ଚନ୍ଦ୍ରଯାନ ମିଶନ-୧ ପାଇଁ ପ୍ରସ୍ତୁତି ଆରମ୍ଭ ହେଲା। ଚନ୍ଦ୍ରଯାନ ମିଶନ-୧କୁ ପ୍ରାରମ୍ଭିକ ଭାବରେ ଭାରତର ଭବିଷ୍ୟତର ମିଶନ ପାଇଁ ପ୍ରଥମ ସୋପାନ ଭାବେ ପରିକଳ୍ପିତ କରାଗଲା। ପ୍ରଥମେ ବିଶ୍ୱକୁ ନିଜର ଜ୍ଞାନ କୌଶଳର ପ୍ରଦର୍ଶନ କରିବା ସହିତ ଚନ୍ଦ୍ରପୃଷ୍ଠ ପର୍ଯ୍ୟନ୍ତ ସଫଳତାର ସହିତ ପହଞ୍ଚିବା ହିଁ ଏହି ମିଶନର ଲକ୍ଷ୍ୟ ରହିଲା। ୨୦୦୫ରେ ଚନ୍ଦ୍ରଯାନ ମିଶନ-୧ ନିଜ ସହିତ ଏକ ମୁନ୍ ଅର୍ବିଟର ଓ ଏକ ମୁନ୍ ଇମ୍ପାକ୍ଟ ପ୍ରୋବ୍ (ଏମ୍‌ଆଇପି) ନେଇ ମହାକାଶ ଅଭିମୁଖେ ଯାତ୍ରା କରିଥିଲା। ଭାରତ ପ୍ରଥମ ପ୍ରୟାସରେ ସଫଳତାର ସହିତ ମୁନ୍ ଇମ୍ପାକ୍ଟ ପ୍ରୋବ୍‌କୁ ଅବତରଣ କରାଇ ପାରିଥିଲା। ଏହି ମୁନ୍ ଇମ୍ପାକ୍ଟ ପ୍ରୋବ୍ ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁସାରେ ନିୟନ୍ତ୍ରିତ ହୋଇ ଠିକ୍ ଭାବରେ ଚନ୍ଦ୍ର ପୃଷ୍ଠରେ ପଡ଼ିଥିଲା, ଯେଉଁ ସ୍ଥାନକୁ ଜବାହର ବିନ୍ଦୁ ଭାବରେ ନାମକରଣ କରାଯାଇଛି। ଚନ୍ଦ୍ରଯାନ ମିଶନ-୧ ପ୍ରାୟ ୧୦ମାସ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ଥିଲା ଓ ଚନ୍ଦ୍ରପୃଷ୍ଠରେ ଜଳର ସନ୍ଧାନ କରି ସାରା ପୃଥିବୀରେ ଚହଳ ସୃଷ୍ଟି କରିଥିଲା।

ଚନ୍ଦ୍ରଯାନ-୧ର ସଫଳତା ଭାରତର ବୈଜ୍ଞାନିକମାନଙ୍କୁ ଉତ୍ସାହିତ କଲା ଓ ଚନ୍ଦ୍ରଯାନ-୨ ମିଶନରେ ଆଉ ପାଦେ ଆଗକୁ ଯାଇ ସଫଳତାର ସହିତ ଯାନକୁ ସଫ୍ଟ ଲ୍ୟାଣ୍ଡିଂ କରାଇବା ପାଇଁ ସେମାନେ ଲାଗିପଡିଲେ। ଏହି ଅଭିଯାନ ଲାଗି ରୁଷିଆ ଲ୍ୟାଣ୍ଡର ଦେବାକୁ ମନା କରିବା ଫଳରେ ଭାରତର ବୈଜ୍ଞାନିକମାନେ ସ୍ୱଦେଶୀ ଜ୍ଞାନ କୌଶଳରେ ଲ୍ୟାଣ୍ଡର ପ୍ରସ୍ତୁତ କଲେ। ଏକ ଅର୍ବିଟର, ଲ୍ୟାଣ୍ଡର ଓ ପ୍ରଜ୍ଞାନ ରୋଭରକୁ ନେଇ ଜିଏସ୍‌ଏଲ୍‌ଭି-ଏମ୍‌କେ୩ ରକେଟ ସାହାଯ୍ୟରେ ଚନ୍ଦ୍ରଯାନ-୨ ମିଶନ ୧୮ ଅକ୍ଟୋବର ୨୦୧୯ରେ ମହାକାଶକୁ ପ୍ରେରିତ କରାଯାଇଥିଲା। ମାତ୍ର ଶେଷ ମୁହୂର୍ତ୍ତରେ ଲ୍ୟାଣ୍ଡର ଅଣାୟତ୍ତ ହୋଇ ଚନ୍ଦ୍ରପୃଷ୍ଠରେ ପିଟି ହୋଇଯାଇଥିଲା ଓ ଭାରତ ଇତିହାସ ସୃଷ୍ଟି କରିବାକୁ ମାତ୍ରେ ୧ ଇଞ୍ଚ ଦୂରତାରୁ ପଛରେ ରହିଗଲା। ତେବେ ବିଫଳତା ହିଁ ସଫଳତାର ଚାବିକାଠି ଓ ଏହା ଭାରତର ବୈଜ୍ଞାନିକମାନଙ୍କ ଦୃଢ଼ ଇଚ୍ଛାଶକ୍ତି ଆଗରେ ସତ ପ୍ରମାଣିତ ହେଲା ଯେବେ ଚନ୍ଦ୍ରଯାନ-୩ ସଫଳତାର ସହିତ ଦକ୍ଷିଣ ମେରୁରେ ଅବତରଣ କଲା। କୌଣସି ଲୋକପ୍ରିୟ ଖେଳର ବିଶ୍ୱ କପ୍ ଫାଇନାଲ ପରି ସମଗ୍ର ଭାରତୀୟଙ୍କ ଆଖି ଚନ୍ଦ୍ରଯାନ ଅବତରଣ କରୁଥିବାର ଦୃଶ୍ୟକୁ ଦେଖିବା ପାଇଁ ଟିଭି ପରଦାରେ ଲାଖି ରହିଥିଲା ଓ ସବୁ ଗଳିକନ୍ଦି ରାସ୍ତାଘାଟ ଜନଶୂନ୍ୟ ହୋଇଗଲା। ଏହା ଭାରତ ପାଇଁ ଏକ ଗର୍ବର କ୍ଷଣ ଓ ସମଗ୍ର ବିଜ୍ଞାନ ସମାଜକୁ ଆମ ଭାରତୀୟମାନଙ୍କର ନତମସ୍ତକ ହେବାର ସମୟ।

କିଛିଦିନ ପୂର୍ବେ ଚନ୍ଦ୍ର ପୃଷ୍ଠରେ ଅବତରଣ କରିବାରେ ରୁଷିଆର ବିଫଳତା ଏହି ମିଶନର ସଫଳତାକୁ ଆହୁରି ଦ୍ୱିଗୁଣିତ କରିଛି। ଚନ୍ଦ୍ରଯାନ-୩ର ସଫଳତାକୁ ସମଗ୍ର ମାନବ ସମାଜ ଆତୁରତାର



ସହିତ ଅପେକ୍ଷା କରିଥିଲା କାରଣ ଏହା ଏପରି କିଛି ବିରଳ କୃତି ହାସଲ କରିଛି ଯାହା ଆଗରୁ କେଉଁ ଦେଶ ହାସଲ କରି ନାହିଁ। ଏଠାରେ ସୂଚନାଯୋଗ୍ୟ ଯେ ଏପର୍ଯ୍ୟନ୍ତ ଯେଉଁ କେତୋଟି ହାତଗଣତି ରାଷ୍ଟ୍ର ଚନ୍ଦ୍ରପୃଷ୍ଠରେ ଅବତରଣ କରିବାରେ ସଫଳତା ହାସଲ କରିଛନ୍ତି ତାହା କେବଳ ଏହାର ବିଷୁବ ଅଞ୍ଚଳରେ ଯେଉଁଠି ଇଲାକା ସମତଳ, ପର୍ଯ୍ୟାପ୍ତ ସୂର୍ଯ୍ୟାଲୋକ ଉପଲବ୍ଧ ଓ ପରିବେଶ ଅବତରଣ ପାଇଁ ଅନୁକୂଳ। ତୁଳନାତ୍ମକ ଭାବରେ ଚନ୍ଦ୍ରର ଦକ୍ଷିଣ ମେରୁ ପୃଥିବୀକୁ ଦୃଶ୍ୟମାନ ହୁଏ ନାହିଁ ଓ ଏଠାରେ ପ୍ରାୟତଃ ଅନ୍ଧକାର, ଉଚ୍ଚ ପାହାଡ଼, ଗଭୀର ଗର୍ତ୍ତ ଓ -୨୩୦ ତାପମାତ୍ରା ଅଛି। ଏତେ ନିମ୍ନ ତାପମାତ୍ରାରେ ଚନ୍ଦ୍ରର ଦକ୍ଷିଣ ମେରୁରେ ଲକ୍ଷ ଲକ୍ଷ ବର୍ଷ ଧରି ବିଶେଷ କିଛି ପରିବର୍ତ୍ତନ ହୋଇ ନ ଥିବ। ଏହି ସ୍ଥାନରେ ଅନେକ ପାଣି ବରଫ ଆକାରରେ ଗର୍ତ୍ତମାନଙ୍କରେ ଲୁଚି ରହିଥାଇ ପାରେ ବା କୌଣସି ଜୀବାଂଶ ଇତ୍ୟାଦିର ଠାବ ମଧ୍ୟ ହୋଇପାରେ। ଖୁବ୍‌ଶୀଘ୍ର ପ୍ରଜ୍ଞାନ ରୋଭରରେ ଲାଗିଥିବା ଅତ୍ୟାଧୁନିକ ଯନ୍ତ୍ରପାତି ସୌର ଜଗତର ଉତ୍ପତ୍ତି ସମୟର ଅନେକ ଅଜଣା ତଥ୍ୟ ପ୍ରଥମ କରି ବିଶ୍ୱକୁ ଅବଗତ କରାଇବାକୁ ଯାଉଛି। ସେଠାକାର ମୃତ୍ତିକାରେ ଥିବା ଗୁରୁତ୍ୱପୂର୍ଣ୍ଣ ଓ ମୂଲ୍ୟବାନ୍ ଖଣିଜଗୁଡ଼ିକର ମଧ୍ୟ ଏହି ଯାନରେ ଥିବା ଅତ୍ୟାଧୁନିକ ଯନ୍ତ୍ରଗୁଡ଼ିକ ଠାବ କରିବ ଓ ଏହାର ତଥ୍ୟ ପୃଥିବୀକୁ ପ୍ରେରଣ କରାଇବାକୁ ଯାଉଛି।

ଚନ୍ଦ୍ରଯାନ -୨ର ବିଫଳତାକୁ ନେଇ ନ୍ୟୁୟର୍କ ଟାଇମ୍‌ସରେ ଆସିଥିବା ବ୍ୟଙ୍ଗାତ୍ମକ କାର୍ଟୁନ ଚିତ୍ରରେ ବିଶ୍ୱର ହାତଗଣତି ଦେଶଗୁଡ଼ିକ ବସିଥିବା ଇଲାଇଟ୍ ସ୍ପେସ୍ କ୍ଲବର ଦ୍ୱାର ଦେଶରେ ଜଣେ ଗରିବ ଭାରତୀୟ ତାଙ୍କ ଗାଈ ସହିତ ଛିଡା ହୋଇ ଭିତରକୁ ପ୍ରବେଶ କରିବାକୁ ଚାହୁଁଥିବାର ଦୃଶ୍ୟ ବେଶ୍ ଅପମାନଜନକ ଥିଲା। ଏହା ପାଶ୍ଚାତ୍ୟ ଦେଶଗୁଡିକର ଭାରତ ପ୍ରତି ସେମାନଙ୍କର ଚିନ୍ତାଧାରା ଓ ମାନସିକତାକୁ ଦର୍ଶାଉଥିଲା ଯେ ଭାରତ ପରି ଏକ ଗରିବ ଅନଗ୍ରସର ଦେଶ ସମ୍ଭ୍ରାନ୍ତ ସ୍ପେସ୍ କ୍ଲବର ମେମ୍ବର ହେବାକୁ ସାହସ କଲା କେମିତି ? ଚନ୍ଦ୍ରଯାନ ମିଶନ -୩ର ସଫଳତା ସେହି ପାଶ୍ଚାତ୍ୟ ୟୁରୋପୀୟ ଦେଶଗୁଡ଼ିକ ମୁହଁରେ ଏକ ଶକ୍ତ ଚାପୁଡ଼ା ଓ ଏହା ପରେ ଭାରତ ସାରା ବିଶ୍ୱରେ ମହାକାଶ ଜ୍ଞାନ କୌଶଳରେ ଆଗଧାଡ଼ିର ପ୍ରଥମ ସ୍ଥାନରେ ରହିବାକୁ ଯାଉଛି କହିଲେ ଭୁଲ୍ ହେବନି। ଏକ ରିପୋର୍ଟରୁ ଜଣାଯାଏ ଯେ ଭାରତ ସ୍ପେସ୍ ଇକୋନୋମି ଆଗାମୀ ଦିନରେ ଆଶାତୀତ ଭାବରେ ବୃଦ୍ଧି ପାଇବ, ବିଶେଷ କରି ଶସ୍ତା ଦରରେ ଯୋଗାଯୋଗ ଉପଗ୍ରହ, ନାଭିଗେଶନ ଉପଗ୍ରହ ଇତ୍ୟାଦିର ବୈଶ୍ୱିକ ବଜାର ପାଲଟିଯିବ ଓ ପୃଥିବୀର ଅଧିକାଂଶ ଦେଶ ନିଜର ଉପଗ୍ରହ ପ୍ରେରଣ ପାଇଁ ଭାରତ ଉପରେ ନିର୍ଭରଶୀଳ ହୋଇଯିବେ। ଆନୁଷଙ୍ଗିକ ଯନ୍ତ୍ରପାତି, ସଫ୍ଟୱେର ଆଦି ଯୋଗାଇ ଦେବା ପାଇଁ ଅନେକ ନୂତନ ଘରୋଇ ଷ୍ଟାର୍ଟଅପ୍ ଓ ଉଦ୍ୟୋଗ ଗଢିଉଠିବ। ସୂଚନାଯୋଗ୍ୟ ଯେ ବର୍ତ୍ତମାନ ଭାରତରେ ସ୍ପେସ୍ ଷ୍ଟାର୍ଟ ଅପ୍ ସଂଖ୍ୟା ୧୪୦ରୁ ଅଧିକ ଓ ଏହିସବୁ ଉଦ୍ୟୋଗ ବିପୁଳ ନିଯୁକ୍ତି ସୃଷ୍ଟି କରି ଭାରତର ଅର୍ଥନୀତିକୁ ସୁଦୃଢ଼ କରିବାରେ ଲାଗିଛି। ଭବିଷ୍ୟତରେ ଚନ୍ଦ୍ରପୃଷ୍ଠରେ ବସତି ସ୍ଥାପନ, ମୂଲ୍ୟବାନ ଖଣିଜର ଉତ୍ତୋଳନ ଓ ଆନ୍ତଃ ଗ୍ରହୀୟ ଗବେଷଣା ପାଇଁ ଚନ୍ଦ୍ରର ଉତ୍ପତ୍ତି ଓ ପ୍ରକୃତି ବିଷୟରେ ଅଧ୍ୟୟନ ଏକାନ୍ତ ଆବଶ୍ୟକ ଯାହା ଏପର୍ଯ୍ୟନ୍ତ ଅନେକ ଦେଶ ଏହି ବିଷୟରେ ଅଧ୍ୟୟନ ଆରମ୍ଭ କରିସାରିଛନ୍ତି । ତେବେ ଭାରତର ଏହି ସଫଳତା ୧୯୪୭ ଅଗଷ୍ଟ ୧୫ ପ୍ରଥମ ସକାଳର ଖୁସି ପରି ସମଗ୍ର ଭାରତକୁ ଉତ୍ସବମୁଖର କରି ଆତ୍ମହରା କରିଛି କହିଲେ ଭୁଲ୍ ହେବ ନାହିଁ। ତତ୍କାଳୀନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟ ଯବାନ,ଜୟ କିଷାନ ସ୍ଲୋଗାନ ସହ ବାଜପେୟୀ ଜୟ ବିଜ୍ଞାନକୁ ଯୋଡ଼ିଥିଲେ, ଯାହା ଆଜି ଯଥାର୍ଥ ସାବ୍ୟସ୍ତ ହୋଇଛି।

**ମୋ-୭୦୦୪୦୬୮୧୧୦**

## ପାଠକ ଶ୍ରେଷ୍ଠ ବିଚାରକ

### ଖୋର୍ଦ୍ଧା ବସ୍‌ଷ୍ଟାଣ୍ଡକୁ ଆସୁନି ବସ୍

ମହାଶୟ,

ଖୋର୍ଦ୍ଧା ସହର ଏକ ଐତିହାସିକ ସହର। ଜିଲାର ପୁରୁଣା ବସ୍‌ଷ୍ଟାଣ୍ଡକୁ ଜନଗହଳି ଦୃଷ୍ଟିରୁ ନୂଆ ବସ୍‌ଷ୍ଟାଣ୍ଡ ସରକାର ଜନସାଧାରଣଙ୍କ ସୁବିଧା ପାଇଁ ନିର୍ମାଣ କଲେ। ସମସ୍ତ ରୁଟ୍‌ର ବସ୍ ଖୋର୍ଦ୍ଧା ବାଇପାସ୍ ଦେଇ ନୂଆ ବସ୍‌ଷ୍ଟାଣ୍ଡ ଆସି ନିଜର ଗନ୍ତବ୍ୟସ୍ଥଳକୁ ଯିବା କଥା, ହେଲେ କେବଳ ନୟାଗଡ଼ ଓ ବାଙ୍କୀ ରୁଟ୍‌କୁ ଛାଡ଼ିଦେଲେ ଅନ୍ୟ ସମସ୍ତ ବସ୍ ବାଇପାସ୍‌ଠାରେ କଲେକ୍ଟରଙ୍କ ଅଫିସ ନିକଟରେ ଓହ୍ଲାଇ ଦେଇଚାଲିଯାଉଛନ୍ତି। ଖୋର୍ଦ୍ଧା ବସ୍‌ଷ୍ଟାଣ୍ଡରେ ବ୍ରହ୍ମପୁର ଓ ରଣପୁର ଯାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କଲେକ୍ଟରଙ୍କ ଅଫିସଠାରୁ ଖୋର୍ଦ୍ଧା ସହରକୁ ଆସିବାକୁ ଅଟୋରେ ୫୦ଟଙ୍କା ଦେଇ ଆସିବାକୁ ପଡୁଛି। ତେବେ ଏ ନୂଆ ବସ୍‌ଷ୍ଟାଣ୍ଡ କାହା ପାଇଁ ? ପରିବହନ ବିଭାଗ ସିଧା ବାଇପାସ୍‌ରେ ଯିବାକୁ ଅନୁମତିପତ୍ର ଦେଇଛନ୍ତି ବୋଲି ଗାଡ଼ିର କର୍ମଚାରୀ ଦାବି କରୁଛନ୍ତି। ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପରିବହନ ବିଭାଗ ସ୍ଥାନୀୟ ପ୍ରଶାସନ ତଥା ଘରୋଇ ମାଲିକ ସଂଘକୁ ନିବେଦନ ସମସ୍ତ ବସ୍‌କୁ ଖୋର୍ଦ୍ଧା ନୂଆ ବସ୍‌ଷ୍ଟାଣ୍ଡ ଦେଇ ଯିବା ପାଇଁ ନିର୍ଦ୍ଦେଶନାମା ଜାରି କରନ୍ତୁ। ନଚେତ୍ ସରକାର ବସ୍‌ଷ୍ଟାଣ୍ଡକୁ କଲେକ୍ଟର ଅଫିସ ନିକଟକୁ ଉଠାଇ ନିଅନ୍ତୁ ଓ ଟାଉନ ବସ୍‌ର ସୁବିଧା କରନ୍ତୁ।

**-ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ହିକଳଗାଡ଼ିଆ, ରଣପୁର, ନୟାଗଡ଼**

## ଚିରନ୍ତନୀ

ଜଳେ ସ୍ଥଳେ ଆକାଶରେ ବିନାଶର କୋଟି ରୂପ ଧରି
ବିପୁଳ ପ୍ରାଣ-ପ୍ରବାହ ବିଶ୍ୱମୟ ରହିଅଛି ଭରି,
ଭୁବନର ପ୍ରତି ରନ୍ଧ୍ରେ ପ୍ରତି ଅବକାଶେ
ଜୀବନର ଚେତନା ବିଭାସେ !

(ସୃଜନ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବ୍ରିକ୍ସ ସମ୍ପ୍ରସାରଣକୁ ଭାରତର ପୂର୍ଣ୍ଣ ସମର୍ଥନ ରହିଛି: ମୋଦି

**ଜୋହାନ୍ସବର୍ଗ,୨୩।୮ (ପି.ଟି.)**

ବ୍ରିକ୍ସର ସମ୍ପ୍ରସାରଣକୁ ଭାରତ ପୂର୍ଣ୍ଣ ସମର୍ଥନ କରେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିବା ସହ ଏନେଇ ଅନ୍ୟ ସଦସ୍ୟ ରାଷ୍ଟ୍ରଗୁଡ଼ିକର ସହମତିକୁ ସ୍ୱାଗତ କରିଛନ୍ତି। ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସହଯୋଗ ବଢ଼ାଇବା ଲାଗି ପ୍ରଧାନମନ୍ତ୍ରୀ ମହାକାଶ ଆବିଷ୍କାର ସମେତ ୫ଟି ପ୍ରସ୍ତାବ ଉପସ୍ଥାପନ କରିଥିଲେ। ବ୍ରାଜିଲ, ରୁଷିଆ, ଭାରତ, ଚାଇନା ଏବଂ ଦକ୍ଷିଣ ଆଫ୍ରିକାକୁ ନେଇ ଗଠିତ ବ୍ରିକ୍ସ ସମିଟ୍‌ରେ ପ୍ରଧାନମନ୍ତ୍ରୀ ବିଶ୍ୱକୁ ଧ୍ରୁବୀକରଣ ନୁହେଁ ଏକତାର ବାର୍ତ୍ତା ଦେବାକୁ ଆହ୍ୱାନ ଦେଇଥିଲେ। ଏଥିସହିତ ଜାତିସଂଘ ସୁରକ୍ଷା ପରିଷଦର ସଂସ୍କାର ପାଇଁ ଏକ ପରିଭାଷିତ ସମୟସୀମା ଧାର୍ଯ୍ୟ କରିବାକୁ ସେ କହିଥିଲେ। ବିଶ୍ୱ ବାଣିଜ୍ୟ ସଂଗଠନ ସମେତ ବିଭିନ୍ନ ବହୁପକ୍ଷୀୟ ଫାଇନାନ୍ସିଆଲ ସଂସ୍ଥାରେ ସଂସ୍କାର ଆଣିବା ଏବଂ ବ୍ରିକ୍ସ ମହାକାଶ ଆବିଷ୍କାର କନସୋର୍ଟିୟମ ଗଠନ ଲାଗି ପ୍ରଧାନମନ୍ତ୍ରୀ ପ୍ରସ୍ତାବ ଦେଇଥିଲେ। ଟେଲିଭିଜନ ଉଦ୍‌ବୋଧନରେ ମୋଦି କହିଥିଲେ, ବ୍ରିକ୍ସକୁ ଭବିଷ୍ୟତ ପାଇଁ




ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗସ୍ଥିତ ସାଣ୍ଡଟୋନ୍ କନ୍‌ଭେନ୍‌ଶନ ସେଣ୍ଟରରେ ୨୦୨୩ ବ୍ରିକ୍ସ ସମିଟ୍ ଅବସରରେ ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡା ସିଲ୍‌ଭା, ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ, ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲ୍ ରାମାଫୋସା, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରୁଷିଆ ବିଦେଶ ମନ୍ତ୍ରୀ ସର୍ଗେଇ ଲାଭ୍ରୋଭ୍ ବୁଧବାର ଫଟୋ ପୋଜ୍ ଦେଉଛନ୍ତି।

## ଜାତିସଂଘ ସୁରକ୍ଷା ପରିଷଦର ସଂସ୍କାର ପାଇଁ ସମୟସୀମା ଧାର୍ଯ୍ୟ ହେଉ

ପ୍ରସ୍ତୁତ ସଂଗଠନରେ ପରିଣତ କରିବାରେ ପ୍ରଯୁକ୍ତି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇପାରିବ। ଡିଜିଟାଲ କ୍ଷେତ୍ରରେ ଭାରତ ବିଶେଷଜ୍ଞତା ଶେୟାର କରିବାକୁ ପ୍ରସ୍ତୁତ ବୋଲି ସେ କହିଥିଲେ। ପ୍ରଧାନମନ୍ତ୍ରୀ ବ୍ରିକ୍ସର ନୂଆ ସଂଜ୍ଞା ବ୍ରେକିଂ ବ୍ୟାରିଅର, ରିଭିଟାଲାଇଜିଙ୍ଗ ଇକୋନୋମିକ୍ସ, ଇନସ୍ପାୟାରିଂ ଇନୋଭେଶନ, କ୍ରିଏଟିଙ୍ଗ ଅପର୍ଚୁନିଟିଜ୍ ଆଣ୍ଡ ଶେପିଂ ଦି ଫ୍ୟୁଚର (ପ୍ରତିବନ୍ଧକ ଦୂରକରିବା, ଅର୍ଥନୀତିକୁ ପୁନଃଶକ୍ତିଶାଳୀ କରିବା, ପ୍ରେରଣାଦାୟୀ ନବପ୍ରବର୍ତ୍ତନ, ସୁଯୋଗ ସୃଷ୍ଟି ଏବଂ ଭବିଷ୍ୟତ ବନାଇବା) ବୋଲି କହିଥିଲେ।

# ଦୁର୍ଘଟଣାରୁ ବର୍ତ୍ତିଲା ୨ ବିମାନ




**ନୂଆଦିଲ୍ଲୀ,୨୩।୮**

## ମହିଳା ପାଇଲଟ୍‌ଙ୍କ ପାଇଁ ବଞ୍ଚିଗଲା ୩୦୦ ଜୀବନ

ଦିଲ୍ଲୀ ବିମାନବନ୍ଦରରେ ବୁଧବାର ଅପରାହ୍ନରେ ଭିସ୍ତାରା ଏୟାରଲାଇନ୍ସର ଦୁଇଟି ବିମାନ ଏକ ନିଶ୍ଚିତ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଉଭୟ ବିମାନରେ ପ୍ରାୟ ୩୦୦ ଯାତ୍ରୀ ଥିଲେ। ଅହମ୍ମଦାବାଦରୁ ଆସିଥିବା ବିମାନର ମହିଳା ପାଇଲଟ୍‌ଙ୍କ ସତର୍କ ପଦକ୍ଷେପ ପାଇଁ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇପାରିଛି। ଖବର ଅନୁଯାୟୀ ଅହମ୍ମଦାବାଦ-ଦିଲ୍ଲୀ ବିମାନ ଅବତରଣ କରିବା ପରେ ଏହାକୁ ପାର୍କିଂ ବେ'ରେ ପହଞ୍ଚିବା ଲାଗି ଚଳଚଞ୍ଚଳ ରନ୍‌ୱେ ଅତିକ୍ରମ କରିବା ସକାଶେ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ନିର୍ଦ୍ଦେଶ ଦେଇଥିଲା। ଠିକ୍ ସେହି ସମୟରେ ଭିସ୍ତାରା ଏୟାରଲାଇନ୍ସର ଦିଲ୍ଲୀ-ବାଗଡୋଗ୍ରା ବିମାନକୁ ସେହି ରନ୍‌ୱେରେ ଉଡ଼ାଣ ଭରିବା ଲାଗି ଅନୁମତି ଦିଆସରିଥିଲା। ଅହମ୍ମଦାବାଦ-ଦିଲ୍ଲୀ ବିମାନର ୪୫ ବର୍ଷୀୟ କ୍ୟାପ୍‌ଟେନ ସୋନୁ ଗିଲ୍‌ଙ୍କ ପାଇଁ ଦୁର୍ଘଟଣାକୁ ଏଡ଼ାଯାଇପାରିଛି। ଦୁଇ ବିମାନ ମଧ୍ୟରେ ଦୂରତା ମାତ୍ର ୧,୮୦୦ ମିଟର ଥିଲା। ପାଇଲଟ୍ ଅନ୍ୟ ବିମାନର ଉପସ୍ଥିତି ସମ୍ପର୍କରେ ଏଟିସିକୁ ସତର୍କ କରାଇ ନ ଥିଲେ ପରିଣାମ ଭୟାବହ ହୋଇଥାନ୍ତା।

# ଉତ୍ତର-ପୂର୍ବାଞ୍ଚଳର ସ୍ୱତନ୍ତ୍ର ବ୍ୟବସ୍ଥାରେ ହସ୍ତକ୍ଷେପ ଉଦ୍ଦେଶ୍ୟ ନାହିଁ

**ନୂଆଦିଲ୍ଲୀ,୨୩।୮ (ପି.ଟି.)**

## ସୁପ୍ରିମ୍‌କୋର୍ଟଙ୍କୁ ଜଣାଇଲା କେନ୍ଦ୍ର

ଉତ୍ତର-ପୂର୍ବ କିମ୍ବା ଅନ୍ୟ କୌଣସି ଅଞ୍ଚଳକୁ ମିଳିଥିବା ସମ୍ବିଧାନର ସ୍ୱତନ୍ତ୍ର ବ୍ୟବସ୍ଥା ଉପରେ ହସ୍ତକ୍ଷେପ କରିବାର କୌଣସି ଉଦ୍ଦେଶ୍ୟ କେନ୍ଦ୍ର ସରକାରଙ୍କର ନାହିଁ। ସରକାରଙ୍କ ତରଫରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ବୁଧବାର ସୁପ୍ରିମକୋର୍ଟଙ୍କୁ ଏହା ଜଣାଇଛନ୍ତି। ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ କେନ୍ଦ୍ର ସରକାର ଯେଉଁଭଳି ଭାବରେ ଉଚ୍ଛେଦ କଲେ, ସେହିପରି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରୁ ସ୍ୱତନ୍ତ୍ର ବ୍ୟବସ୍ଥାକୁ ଉଠାଇଦେବା ଆଶଙ୍କା କରାଯାଉଛି ବୋଲି ଆଇନଜୀବୀ ମନୀଷ ତିୱାରୀ କହିବା ପରେ ସଲିସିଟର ଜେନେରାଲ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠରେ ଏହାକୁ ଖଣ୍ଡନ କରିଥିଲେ। ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ଚ୍ୟାଲେଞ୍ଜ କରି ଦାଏର ଏକାଧିକ ପିଟିଶନର ଶୁଣାଣି ସାମ୍ବିଧାନିକ ପୀଠରେ ଚାଲିଥିବାବେଳେ ଅରୁଣାଚଳପ୍ରଦେଶ ବିଧାୟକ ପଦି ରିଚୋଙ୍କ ତରଫରୁ କଂଗ୍ରେସ ନେତା ତଥା ଲୋକ ସଭା ସଦସ୍ୟ ତିୱାରୀ ଉପସ୍ଥିତ ରହି ଏକ ଇଣ୍ଟରଭେନ୍‌ଶନ ଦାଏର କରିଥିଲେ। କୌଣସି ଆଶଙ୍କା ନାହିଁ ଏବଂ ଆଶଙ୍କା ସୃଷ୍ଟି କରାଯିବାର ଆବଶ୍ୟକତା ନାହିଁ ବୋଲି ମେହେଟ୍ଟା କହିଥିଲେ। ସ୍ଥାୟୀ ଏବଂ ଅସ୍ଥାୟୀ ବ୍ୟବସ୍ଥା ମଧ୍ୟରେ ପାର୍ଥକ୍ୟ ଦେଖିବାକୁ ପଡ଼ିବ। କୌଣସି ସ୍ୱତନ୍ତ୍ର ବ୍ୟବସ୍ଥାକୁ ଛୁଇଁବା କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟ ନୁହେଁ ବୋଲି ସଲିସିଟର ଜେନେରାଲ ସ୍ପଷ୍ଟ କରିଦେଇଥିଲେ।

# କୁଳପତି ନିଯୁକ୍ତି ଲାଗି ନିଜସ୍ୱ ବିଜ୍ଞାପନ ଦେଲେ ନୀତୀଶ ସରକାର

**ପାଟନା,୨୩।୮**

## ରାଜଭବନ-ରାଜ୍ୟ ସରକାର ବିବାଦ

ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡ଼ିକରେ କୁଳପତି ନିଯୁକ୍ତି ଲାଗି ବିହାର ସରକାର ପ୍ରଥମ ଥର ପାଇଁ ନିଜସ୍ୱ ବିଜ୍ଞାପନ ପ୍ରକାଶ କରିଛନ୍ତି। ପୂର୍ବରୁ କୁଳପତିମାନଙ୍କ ନିଯୁକ୍ତି ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟ କୁଳାଧିପତିଙ୍କ କାର୍ଯ୍ୟାଳୟ ଦ୍ୱାରା ହେଉଥିଲା। ରାଜ୍ୟର ୭ ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତି ଲାଗି ଆଶାୟୀ ପ୍ରାର୍ଥୀମାନଙ୍କଠାରୁ ରାଜ୍ୟ ସରକାର ଦରଖାସ୍ତ ଆହ୍ୱାନ କରିଛନ୍ତି। ପ୍ରାର୍ଥୀମାନେ ସେପ୍ଟେମ୍ବର ୧୩ ପର୍ଯ୍ୟନ୍ତ ଉଭୟ ଅନ୍‌ଲାଇନ ଏବଂ ଅଫ୍‌ଲାଇନରେ ଆବେଦନ କରିପାରିବେ। ସରକାରଙ୍କ ଦ୍ୱାରା ଗଠିତ ସର୍ଚ୍ଚ କମିଟି ଜରିଆରେ କୁଳପତିମାନଙ୍କୁ ନିଯୁକ୍ତି ଦିଆଯିବ। ଏଥିପାଇଁ ପ୍ରାର୍ଥୀଙ୍କ ବୟସ ୬୭ ବର୍ଷରୁ କମ୍ ହୋଇଥିବ ଏବଂ ଅନ୍ୟୂନ ୧୦ ବର୍ଷର ଶିକ୍ଷାଦାନ ଅଭିଜ୍ଞତା ରହିଥିବ। ପୂର୍ବରୁ କୁଳାଧିପତିଙ୍କ କାର୍ଯ୍ୟାଳୟ ଅଗଷ୍ଟ ୨୪ରୁ ୨୭ ମଧ୍ୟରେ ଖାଲିଥିବା କୁଳପତି ପଦବୀ ପାଇଁ ଆବେଦନ କରିବାକୁ ବିଜ୍ଞାପନ ଦେଇଥିଲା। ପରେ ରାଜ୍ୟ ସରକାର ବିଜ୍ଞାପନ ଦେଇଥିବାରୁ ରାଜଭବନ ଏବଂ ନୀତୀଶ କୁମାର ସରକାରଙ୍କ ମଧ୍ୟରେ ବିବାଦ ଲାଗିରହିଥିବା ସ୍ପଷ୍ଟ ହୋଇଛି ବୋଲି ମଗଧ ୟୁନିଭର୍ସିଟିର ଜଣେ ବରିଷ୍ଠ ପ୍ରଫେସର କହିଛନ୍ତି।


**ପୂର୍ବ ତଟ ରେଳପଥ**

**ଖାଦ୍ୟ ସରବରାହ ୟୁନିଟ୍ ପାଇଁ ଇ-ନିଲାମ**

1. **G-129-CATG-GMU-BAM-1 :** ବ୍ରହ୍ମପୁର ରେଳ ଷ୍ଟେସନ ସ୍ଥିତ ଖମ୍ବ ନଂ. 23 ଏବଂ 24 ମଧ୍ୟରେ ହାଓଡ଼ା ସୀମା ସ୍ଥିତ ପ୍ଲାଟଫର୍ମ ନଂ. 2 ଏବଂ 3 ଠାରେ ଜେନେରାଲ ମାଇନର ୟୁନିଟ୍ (GMU) ଜରିଆରେ ଖାଦ୍ୟ ସରବରାହ ଷ୍ଟଲ।
2. **G-129-CATG-GMU-BAM-2 :** ବ୍ରହ୍ମପୁର ରେଳ ଷ୍ଟେସନ ସ୍ଥିତ ଖମ୍ବ ନଂ. 28 ଏବଂ 29 ମଧ୍ୟରେ ଭୁବନେଶ୍ୱର ସୀମା ସ୍ଥିତ ପ୍ଲାଟଫର୍ମ ନଂ. 1 ଠାରେ ଜେନେରାଲ ମାଇନର ୟୁନିଟ୍ (GMU) ଜରିଆରେ ଖାଦ୍ୟ ସରବରାହ ଷ୍ଟଲ।
3. **G-129-CATG-GMU-BAM-3 :** ବ୍ରହ୍ମପୁର ରେଳ ଷ୍ଟେସନ ସ୍ଥିତ ଖମ୍ବ ନଂ. 16 ଏବଂ 17 ମଧ୍ୟରେ ଫୁଡ୍ ପ୍ଲାଜା ନିକଟସ୍ଥ ପ୍ଲାଟଫର୍ମ ନଂ. 1 ଠାରେ ଜେନେରାଲ ମାଇନର ୟୁନିଟ୍ (GMU) ଜରିଆରେ ଖାଦ୍ୟ ସରବରାହ ଷ୍ଟଲ।
4. **G-129-CATG-BBS-GMU-4 :** ଭୁବନେଶ୍ୱର ରେଳ ଷ୍ଟେସନ ସ୍ଥିତ ଖମ୍ବ ନଂ. 20 ଏବଂ 21 ମଧ୍ୟରେ ପ୍ଲାଟଫର୍ମ ନଂ. 4 ଏବଂ 5 ଠାରେ ଜେନେରାଲ ମାଇନର ୟୁନିଟ୍ (GMU) ଜରିଆରେ ଖାଦ୍ୟ ସରବରାହ ଷ୍ଟଲ।
5. **G-129-CATG-GMU-CTC-5 :** କଟକ ରେଳ ଷ୍ଟେସନର ପ୍ଲାଟଫର୍ମ ନଂ. 1 ର ମଧ୍ୟଭାଗରେ ଜେନେରାଲ ମାଇନର ୟୁନିଟ୍ (GMU) ଜରିଆରେ ଖାଦ୍ୟ ସରବରାହ ଷ୍ଟଲ।
6. **G-129-CATG-GMU-CTC-6 :** କଟକ ରେଳ ଷ୍ଟେସନର ଫୁଟ୍ ଓଭର୍ ବ୍ରିଜ୍ (FOB) ତଳ ଭାଗରେ ଜେନେରାଲ ମାଇନର ୟୁନିଟ୍ (GMU) ଜରିଆରେ ଖାଦ୍ୟ ସରବରାହ ଷ୍ଟଲ।

ବିଜ୍ଞାପିତ ମୂଲ୍ୟ (₹) : (1) 34,06,000/-, (2) 38,01,200/-, (3) 38,01,200/-, (4) 56,19,978/-, (5) 24,18,000/-, (6) 26,57,200/-.
EMD (ବିଡ୍ ସୁରକ୍ଷା ଜମା) (₹) : (1) 1,70,300/-, (2) 1,90,600/-, (3) 1,90,600/-, (4) 2,81,000/-, (5) 1,20,900/-, (6) 1,32,900/-.
ଟେଣ୍ଡର ନଥିପତ୍ରର ମୂଲ୍ୟ (₹) : 2,950/- (କ୍ର.ସଂ. 1-3, 5 ଏବଂ 6 ନିମନ୍ତେ), 5,900/- (କ୍ର.ସଂ. 4 ନିମନ୍ତେ)।
ଶେଷ ହେବା ଅବଧି : 05 (ପାଞ୍ଚ) ବର୍ଷ (ସମସ୍ତ ଟେଣ୍ଡର ନିମନ୍ତେ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : At 1100 Hrs. of 08.09.2023 (ସମସ୍ତ ଟେଣ୍ଡର ନିମନ୍ତେ)।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର http://www.ireps.gov.in ରେ ଉପଲବ୍ଧ ଅଟେ।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ୍
PR-484/O/23-24

**FAKIR MOHAN UNIVERSITY**
VYASA VIHAR, NUAPADHI-756089
BALASORE, ODISHA, INDIA
www.fmuniversity.nic.in
No.FMU/Purchase-88/2023/8059 Date: 23.08.2023

**TENDER CALL NOTICE**

Sealed tenders are invited from reputed firms for supply and installation of Video Camera and 4K Led TV. Tenders completed in all respect should be submitted to the Registrar, Fakir Mohan University, Nuapadhi, Balasore, Pin- 756089 through Registered Post / Speed Post (Indian Post) only. No hand delivery of tender document or by courier will be accepted. The last date of receipt of tender is on 28.08.2023 at 02.00 P.M. and technical bid shall be opened on 28.08.2023 at 03.40 P.M. The details are available in our website i.e. www.fmuniversity.nic.in

Sd./- Registrar

**OFFICE OF THE ENGINEER-IN-CHIEF (CIVIL), ODISHA, BHUBANESWAR**
No. B-743 GOVERNMENT OF ODISHA
**"e" - PROCUREMENT NOTICE**
**WORKS DEPARTMENT**
E-mail: ceworldbankprojects@gmail.com
Bid Identification No. CE-W.B.P.(O) - 13/2023-24

1. The Chief Engineer (World Bank Project), Odisha on behalf of Governor of Odisha invites percentage rate bid in Double Cover System in ONLINE MODE from eligible contractors for construction of Road & Bridge work as detailed below:
2. Nature of Work : Road Work
3. No. of Work : 01 No.
4. Tender Cost : Rs.10,000.00 (Online)
5. Class of Contractor : Special/Super Class Contractor
6. Available of Bid document in the Website : From 10.00 A.M. of 24.08.2023 to 5.00 P.M. of 14.09.2023
7. Pre-Bid Meeting : Dt.31.08.2023
8. Date of Opening of Bid : Dt.15.09.2023 at 11.30 A.M.
9. The bidders have to participate in ONLINE bidding only. Further details can be seen from the website https://tenderodisha.gov.in. Any addendum/corrigendum/cancellation of tender can also be seen in the said website.

Sd./- Chief Engineer
World Bank Project, Odisha
OIPR-34003/11/0026/2324

**OFFICE OF THE SUPERINTENDING ENGINEER BHUBANESWAR (R&B) DIVISION NO. II, BHUBANESWAR**
eerb2_bbsr@yahoo.com
**INVITATIONS FOR BIDS THROUGH e-Procurement**
Bid Identification No- C.C. (R&B) - 02
**e – Procurement Notice No. 26 of 2023-24**
No. Bhubaneswar the -2023

No. B-740: The Superintending Engineer, Bhubaneswar (R&B) Division No-II, Bhubaneswar on behalf of the Governor of Odisha invites percentage rate bids for Two Number Works to be received in online bidding, single cover system as detailed in: https://tendersorissa.gov.in. The details of bid documents will be available in the above website from **31.08.2023 to 5.00 P.M. of 16.09.2023**. The bidders must possess compatible Digital Signature Certificate of Class II or III. Bids received online shall be opened at 11.00 A.M. of 18.09.2023 in the Office of the Superintending Engineer, Bhubaneswar (R&B) Division No-II, Bhubaneswar. Further details can be seen from the e-procurement portal www.tendersorissa.gov.in.
Addendum / Corrigendum, if required, will be available only in the website.

Sd./- Superintending Engineer,
OIPR-34088/11/0014/2324 BBSR (R&B) Division No.II, BBSR

**कार्यपालक अभियंता का कार्यालय,**
**पथ निर्माण विभाग, पथ प्रमंडल, चाईबासा**
E-mail Id- eercdchaibasa-jhr@nic.in

**शुद्धि पत्र**

कार्यपालक अभियंता, पथ निर्माण विभाग, पथ प्रमण्डल, चाईबासा का E- Tender रेफरेंस न० RCD/CHAIBASA/602 दिनांक 16.08.2023 एवं PR 304836 West Singhbhum (23-24)#D में क्रमांक 3 Time of Completion में अंकित 06 (Six) Months को 05 (Five) Months पढ़ा जाए, क्रमांक 4 Date of Publication of Tender On Website में अंकित 23.08.2023 at 11.30 A.M को 26.08.2023 at 11.30 A.M पढ़ा जाए, क्रमांक 5 Last date/Time for receipt of bids में अंकित 13.09.2023 Up to 3.00 P.M को 16.09.2023 Up to 3.00 P.M पढ़ा जाए, क्रमांक 6 Last date/Time of receipt of cost of bidding document and Bid Security में अंकित 15.09.2023 Up to 12.00 P.M को 18.09.2023 Up to 12.00 P.M पढ़ा जाए एवं क्रमांक 7 Date of Opening of Bid में अंकित 15.09.2023 at 12:30 P.M को 18.09.2023 at 12:30 P.M पढ़ा जाए।
शेष शर्तें यथावत् रहेगी।

कार्यपालक अभियंता,
PR 305370 West Singhbhum(23-24)#D प०नि०वि०,पथ प्रमण्डल, चाईबासा

**OFFICE OF THE NOTIFIED AREA COUNCIL, CHATRAPUR**
Letter No.3335 Date 23.08.2023
**"e" Procurement Notice**
**Tender Reference No.- CTP-NAC-03/2023-24**
**Bid Id No.- 2023_ORULB_93020**

Bid documents consisting of work, Estimated cost, Cost of tender paper, EMD, Time of completion, Class of contractor and the set of term and conditions of contract and other necessary documents can be seen in govt. website i.e. www.tendersorissa.gov.in.

| | | | |
|---|---|---|---|
| 1. | Name of the work | : | Civil work mentioned in DTCN |
| 2. | No. of work | : | 36 |
| 3. | Estimated cost | : | Rs.6.29 - Rs.9.90 Lakhs |
| 4. | Date & time of availability of bid document in the portal | : | From 11.00 A.M. of 24.08.2023 to 02.09.2023 upto 4.00 P.M. |
| 5. | Last date / time for receipt of bids in the portal | : | 02.09.2023 upto 4.00 P.M. |
| 6. | Bids received online shall be opened on | : | 02.09.2023 at 4.30 P.M. |

Further details can be seen from the e-procurement portal https://tendersorissa.gov.in
Sd./- Executive Officer, NAC, Chatrapur

**ଓଡ଼ିଶା ସରକାର**
**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**
**ବିଜ୍ଞାପନ**
**୩୨ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର – ୨୦୨୦, ୩୩ତମ ରାଜ୍ୟ ଚଳଚ୍ଚିତ ପୁରସ୍କାର – ୨୦୨୧**
**ଏବଂ ୩୪ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର – ୨୦୨୨ ପାଇଁ ଦରଖାସ୍ତ ଆହ୍ୱାନ**

No. RR-29: ରାଜ୍ୟରେ ଉଚ୍ଚକୋଟୀର ଗୁଣବତ୍ତା ସମ୍ପନ୍ନ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ବର୍ଷ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଅଛି। ଚଳିତ ବର୍ଷ ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ୩୨ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର – ୨୦୨୦, ୩୩ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର – ୨୦୨୧ ଏବଂ ୩୪ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର – ୨୦୨୨ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଆଗ୍ରହୀ ପ୍ରଯୋଜକମାନେ ଆସନ୍ତା ତା୨୦।୦୯।୨୦୨୩ରିଖ ମଧ୍ୟରେ ସେମାନଙ୍କ ଦ୍ୱାରା ପ୍ରଯୋଜିତ ନିମ୍ନ ସର୍ତ୍ତାବଳୀ ମଧ୍ୟରେ ଆସୁଥିବା ମୌଳିକ ଓଡ଼ିଆ ଚଳଚ୍ଚିତ୍ରଗୁଡ଼ିକ ପୁରସ୍କାରରେ ଭାଗନେବା ନିମନ୍ତେ ନିର୍ଦ୍ଦିଷ୍ଟ Entry Form ଏବଂ ମନୋନୟନ ପତ୍ର ପୂରଣ କରି ବିଭାଗର ୱେବସାଇଟ୍ www.culture.odisha.gov.inରେ ଦର୍ଶାଯାଇଥିବା ଆବଶ୍ୟକୀୟ କାଗଜାତ ତଥା ଚଳଚ୍ଚିତ୍ରର Soft Copy ଥିବା ଏକ Pendrive ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶାଳୟ କାର୍ଯ୍ୟାଳୟରେ (Registered Post/Speed Post/Registered Parcel ମାଧ୍ୟମରେ) ଦାଖଲ କରିପାରିବେ। ସର୍ତ୍ତାବଳୀ ବହିର୍ଭୂତ ଏବଂ ଆବଶ୍ୟକୀୟ କାଗଜାତ ତଥା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରାଯାଇ ନ ଥିବା ଆବେଦନଗୁଡ଼ିକୁ ଚୟନ କମିଟିର ବିଚାର ପାଇଁ ଯୋଗ୍ୟ ବିବେଚିତ କରାଯିବ ନାହିଁ। ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ତଥ୍ୟ ପରବର୍ତ୍ତୀକାଳରେ ପରିବର୍ତ୍ତନ କରାଯାଇପାରିବ ନାହିଁ। ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର – ୨୦୧୦ ନିୟମାବଳୀ (୨୦୨୩ରେ ସଂଶୋଧିତ), Entry Form (Schedule - II), ମନୋନୟନ ପତ୍ରର ନମୁନା ଓ ଅନ୍ୟାନ୍ୟ ବିଶଦ ବିବରଣୀ ବିଭାଗର ୱେବ୍‌ସାଇଟ୍ www.culture.odisha.gov.inରେ ଉପଲବ୍ଧ ଅଛି।
ଓଡ଼ିଆ ଚଳଚ୍ଚିତ୍ର ଉପରେ Odia/English ଭାଷାରେ ଲିଖିତ ଶ୍ରେଷ୍ଠ ଲେଖା (Book/Monograph) ପାଇଁ ପୁରସ୍କାର ନିମନ୍ତେ ଆଗ୍ରହୀ ଲେଖକ/ଲେଖିକାମାନେ ବିଭାଗର ୱେବ୍‌ସାଇଟ୍ www.culture.odisha.gov.inରେ ଉପଲବ୍ଧ ଥିବା ଆବେଦନ ଫର୍ମରେ ଆବେଦନ କରିବା ସହିତ ଦଶ ଖଣ୍ଡ ଲେଖା (Book/Monograph) ତା୨୦।୦୯।୨୦୨୩ରିଖ ସୁଦ୍ଧା (କେବଳ Registered Post/Speed Post/Registered Parcel ମାଧ୍ୟମରେ) ଦାଖଲ କରିବେ।
୩୨ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର – ୨୦୨୦, ୩୩ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର – ୨୦୨୧ ଏବଂ ୩୪ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର – ୨୦୨୨ ପାଇଁ ଅଲଗା ଅଲଗା ଆବେଦନ ପତ୍ର ଦାଖଲ କରିବେ।

**ସର୍ତ୍ତାବଳୀ:**

୧. ୩୨ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର – ୨୦୨୦, ୩୩ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର – ୨୦୨୧ ଏବଂ ୩୪ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର – ୨୦୨୨ରେ ଭାଗନେବାକୁ ଚାହୁଁଥିବା ଚଳଚ୍ଚିତ୍ରଗୁଡ଼ିକ ଯଥାକ୍ରମେ ୨୦୨୦ ମସିହା (୧।୧।୨୦୨୦ରୁ ୩୧।୧୨।୨୦୨୦), ୨୦୨୧ ମସିହା (୧।୧।୨୦୨୧ରୁ ୩୧।୧୨।୨୦୨୧) ଏବଂ ୨୦୨୨ ମସିହା (୧।୧।୨୦୨୨ରୁ ୩୧।୧୨।୨୦୨୨) ଅବଧି ମଧ୍ୟରେ ନିର୍ମିତ ହୋଇଥିବା ଆବଶ୍ୟକ।
୨. କେବଳ ଓଡ଼ିଆ ଭାଷା ଓ ଓଡ଼ିଆ ଜନଜାତି ଭାଷାରେ ରାଜ୍ୟରେ ନିର୍ମିତ ମୌଳିକ ଚଳଚ୍ଚିତ୍ରଗୁଡ଼ିକୁ ପୁରସ୍କାର ପାଇଁ ଦାଖଲ କରାଯାଇପାରିବ।
୩. କେନ୍ଦ୍ର ସରକାର, ରାଜ୍ୟ ସରକାର କିମ୍ବା ପ୍ରାଧିକୃତ ଏଜେନ୍ସି ଦ୍ୱାରା Best Tribal Language Film, Best Children Film, Best Educational Film ଏବଂ Best Documentary Film ପୁରସ୍କାର ବ୍ୟତୀତ ଅନ୍ୟ କୌଣସି ଚଳଚ୍ଚିତ୍ର ପୁରସ୍କାର ପାଇଁ ବିବେଚନା କରାଯିବ ନାହିଁ।
୪. ନିର୍ଦ୍ଧାରିତ ଦୁଇକିତା ଆବେଦନପତ୍ର ତଥା ଅନ୍ୟାନ୍ୟ କାଗଜାତ ସହିତ ଫିଚର ଫିଲ୍ମ ପାଇଁ ଟ୩୦୦୦/-ଙ୍କା (ଅଣ ଫେରସ୍ତ) ଓ ନନ୍ ଫିଚର ଫିଲ୍ମ ପାଇଁ ଟ୧୫୦୦/-ଙ୍କା (ଅଣ ଫେରସ୍ତ), ବ୍ୟାଙ୍କ ଡ୍ରାଫ୍ଟ Director, Odia Language, Literature and Culture, Odisha, Bhubaneswarଙ୍କ ସପକ୍ଷରେ ଦାଖଲ କରାଯିବା ଆବଶ୍ୟକ।
୫. ଦରଖାସ୍ତ ପଠାଇବାର ଠିକଣା: ନିର୍ଦ୍ଦେଶକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା, ସଂସ୍କୃତି ଭବନ, ରାଜ୍ୟ ସଂଗ୍ରହାଳୟ ପରିସର, ଭୁବନେଶ୍ୱର – ୧୪ ଓ ଦରଖାସ୍ତ ଗ୍ରହଣର ଶେଷ ତାରିଖ: ୨୦।୦୯।୨୦୨୩ (କେବଳ Registered Post/Speed Post/Registered Parcel ମାଧ୍ୟମରେ)। ଆବେଦନକାରୀ ଆବେଦନ ପତ୍ର ଓ ଅନ୍ୟାନ୍ୟ କାଗଜାତ ଥିବା ଲଫାପା ଉପରେ "ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ନିମନ୍ତେ" ଉଲ୍ଲେଖ କରିବେ।
୬. ଆବଶ୍ୟକ ହେଲେ ଚଳଚ୍ଚିତ୍ରର Soft Copy ଥିବା ଅନ୍ୟ ଏକ Pendrive ଚଳଚ୍ଚିତ୍ରର Screening ପୂର୍ବରୁ ଦାଖଲ କରିବେ।
୭. କୌଣସି କାରଣ ନ ଦର୍ଶାଇ ମନୋନୟନ ପ୍ରକ୍ରିୟାକୁ ସରକାର ବାତିଲ କରିପାରିବେ।
୮. ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର, ସରକାରଙ୍କ ଦ୍ୱାରା ପ୍ରଣୀତ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ନିୟମାବଳୀ, ୨୦୧୦ (୨୦୨୩ରେ ସଂଶୋଧିତ) ଅନୁଯାୟୀ କାର୍ଯ୍ୟକାରୀ ହେବ।
୯. ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ନିୟମ, ୨୦୧୦ (୨୦୨୩ରେ ସଂଶୋଧିତ) ଅନ୍ତର୍ଗତ ସମସ୍ତ ବିଷୟ ଏବଂ ଏହି ନିୟମର ସମସ୍ତ ବ୍ୟାଖ୍ୟାନରେ ଓଡ଼ିଶା ସରକାରଙ୍କ ସିଦ୍ଧାନ୍ତ ଚୂଡ଼ାନ୍ତ।
୧୦. ୨୦୨୦ ମସିହାରେ Covid କଟକଣା ଯୋଗୁ କମ୍ ସଂଖ୍ୟକ ଚଳଚ୍ଚିତ୍ର ନିର୍ମାଣ ହୋଇଥିବା ସମ୍ଭାବନା ଥିବାରୁ ଯଦି ୨୦୨୦ ବର୍ଷର ପୁରସ୍କାର ନିମନ୍ତେ ଆଶାନୁରୂପକ ସଂଖ୍ୟକ ଚଳଚ୍ଚିତ୍ର ପୁରସ୍କାର ପାଇଁ ଦାଖଲ ହୋଇନଥାଏ, ତେବେ ବିଭିନ୍ନ ବର୍ଗରେ ୨୦୨୦ ବର୍ଷ ଏବଂ ୨୦୨୧ ବର୍ଷ ନିମନ୍ତେ ଗୋଟିଏ ପୁରସ୍କାର ପ୍ରଦାନ କରାଯିବ।

ସ୍ୱା./– ନିର୍ଦ୍ଦେଶକ
OIPR-03029/11/0017/2324 ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଭୁବନେଶ୍ୱର

**CITY HEALTH SOCIETY, CUTTACK**
**NATIONAL HEALTH MISSION, ODISHA**
**DEPT. OF HEALTH & FAMILY WELFARE, GOVT. OF ODISHA**
**CORRIGENDUM - 1**

**Adv. No. 1983/NUHM/2023, CPMU/Cuttack** **Date: 22.08.2023**
In continuation to the Advt. No. 1940/NUHM/2023, CPMU/Cuttack, Dated: 16.08.2023 under City Health Society, Cuttack the Walk-in-Interview date for Contractual Medical Officer recruitment is rescheduled from Dated: **25.08.2023 to 02.09.2023**.
Other terms & conditions will remain same.

Sd./- Additional District Urban Public Health Officer, Cuttack

**OFFICE OF THE CDM & PHO-CUM-DISTRICT MISSION DIRECTOR, NHM, SUNDARGARH**
**ADVERTISEMENT**
No. 4241/NHM/Sundargarh Date: 22.08.2023

No. E-353: Applications are invited from eligible candidates for filling up of the following contractual positions under Zilla Swasthya Samiti, Sundargarh through Walk-in-Interview or inviting applications as mentioned against each. All the positions are purely temporary in nature, subject to renewal and co-terminus with the scheme as per the terms & conditions of OSH & FW Society.

| Sl. No. | Name of the Post | Vacancy | Remuneration & Performance Incentive (P.I.) | Remarks |
|---|---|---|---|---|
| 1 | Medical officer, DTC | 1 No. | Rs.60,144/- + Performance Incentive | Walk-in-Interivew on Dt.05.09.2023 at CDM & PHO Conference Hall, Sundargarh From 9.00 A.M. to 12.00 P.M. |
| 2 | Medical Officer, UHWC | 2 Nos. | Rs.64,324/- + Performance Incentive | |
| 3 | Pediatrician Specialist - DEIC | 1 No. | Rs.78,110/- + Performance Incentive | |
| 4 | Ayush Doctor - Ayrvedic (Male), MHT (RBSK) | St - 3, SC - 1, UR - 2 | Rs.26,779/- + Performance Incentive | Applications are invited from the eligible candidates on or before Dtd.13.09.2023 upto 05.00 P.M. through Registered Post/Speed Post only |
| 5 | Ayush Doctor - Ayurvedic (Female) MHT (RBSK) | ST - 4, SC - 2, UR - 3 | Rs.26,779/- + Performance Incentive | |
| 6 | Ayush Doctor - Homeopathy (Male), MHT (RBSK) | ST - 1 | Rs.26,779/- + Performance Incentive | |
| 7 | Ayush Doctor - Homeopathy (Female), MHT (RBSK) | SC - 1, UR - 2 | Rs.26,779/- + Performance Incentive | |
| 8 | Ayush Doctor Co-Located (AYURVEDIC) | ST - 4 (W-2), SC - 2 (W-2), UR - 9 | Rs.26,779/- + Performance Incentive | |
| 9 | Ayush Doctor Co-Located (Homeopathic) | ST - 3, UR - 7 (W-4) | Rs.26,779/- + Performance Incentive | |
| 10 | Data Assistant-cum-Accountant | 2 Nos. | Rs.14,532/- + Performance Incentive | |
| 11 | Accountant-cum-DEO, DPMU | 1 No. | Rs.19,757/- + Performance Incentive | |

The interested candidates for the above said post (Sl. No. 1 to 3) may attend the Walk-in-Interivew at CDM & PHO Conference Hall, Sundargarh as per the scheduled date & time mentioned against each. Candidates attending beyond the scheduled date & time shall not be entertained. The candidates should bring their original certificates along with their Bio-data in specified format and a set of self-attested photocopies of required testimonials for verification.
For the posts, as mentioned at Sl. No. 4 to 11, the interested eligible candidates are required to submit application in the prescribed format along with copy of self-attested photocopies of required testimonials to the Office of the CDM & PHO, Sundargarh. District Headquarter Hospital, Sundargarh, PIN Code - 770001 on or before Dtd.13.09.2023 upto 05.00 P.M. through Registered Post/Speed Post only and the application must be superscribed with the name of the post applied for. Incomplete application in any form shall be rejected.
The details eligibility criteria, remuneration & application form can be downloaded from the official website of Sundargarh district i.e. www.sundergarh.nic.in. Incomplete application in any form and application received after the due date will summarily be rejected. The undersigned reserves the right to cancel any or all the applications without assigning any reason thereof. The vacancy as mentioned may vary during the time of actual engagement.

Sd./- Chief District Medical & PHO-cum-
OIPR-10100/11/0015/2324 District Mission Director, NHM, Sundargarh

GOVERNMENT OF ODISHA No. B-742
**OFFICE OF THE SUPERINTENDING ENGINEER**
**PARALAKHEMUNDI (R&B) DIVISION, PARALAKHEMUNDI**
Tel. Ph. No. 06815-222542, Email ID: eerbparala@yahoo.com
**e-Procurement Notice**
Bid Identification No. S.E., PKD, R&B Divn. - 15/2023-24
No. 2826 **INVITATION FOR BIDS** Dt.16.08.2023

| | | | |
|---|---|---|---|
| 1 | The Superintending Engineer, Paralakhemundi (R&B) Division on behalf of Governor of Odisha invites Percentage rate bid in Double/Single Cover system to be received in on ONLINE MODE only for the construction of works as detailed in the table below: | | |
| 2 | Nature of Works | : | Building Works |
| 3 | No. of Works | : | 17 (Seventeen) Nos. of Works |
| 4 | Estimated Cost (Approximately) | : | (Sl. No. 01) Rs.96.25 lakhs<br>(Sl. No. 02) Rs.8.47 lakhs to Rs.46.89 lakhs |
| 5 | Bid Cost | : | (Sl. No. 01) Rs.10000/-<br>(Sl. No. 02) Rs.6000/- |
| 6 | Class of Contractor | : | (Sl. No. 01) "B" Class<br>(Sl. No. 02) "B" Class/ "C" Class/ "D" Class |
| 7 | Availability of Bid Documents in the Website | : | 10.00 hrs. of Dt.28.08.2023 to 17.00 hrs. of Dt.11.09.2023 |
| 8 | Date of Opening of the Bid | : | 12.00 hrs. of Dt.12.09.2023 |
| 9 | The bidders have to participate in ONLINE bidding only. Further details can be seen from the website http://tendersorissa.gov.in. Any Addendum/Corrigendum/Cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | | |

Sd./- Superintending Engineer
Paralakhemundi (R&B) Division
OIPR-34065/11/0009/2324

ଧରିତ୍ରୀ DHARITRI
ଭୁବନେଶ୍ୱର, ଗୁରୁବାର, ୨୪ ଅଗଷ୍ଟ, ୨୦୨୩

## ମଙ୍ଗଳସୂତ୍ର ଚୋରି କରି ସମ୍ପର୍କୀୟ ଭାଇ ଗିରଫ

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା): ଭଉଣୀ ଘରୁ ସୁନା ମଙ୍ଗଳସୂତ୍ର ଚୋରି କରିବା ଅଭିଯୋଗରେ ଲିଙ୍ଗରାଜ ଥାନା ପୋଲିସ ଜଣେ ସମ୍ପର୍କୀୟ ଭାଇକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ପୁରୀ ଜିଲାର ଧର୍ମପଦ ମହାରଣା। ତାଙ୍କଠାରୁ ଉକ୍ତ ମଙ୍ଗଳସୂତ୍ର ଜବତ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଅଭିଯୁକ୍ତ ଧର୍ମପଦ କୌଣସି କାମରେ ତାଙ୍କ ସମ୍ପର୍କୀୟ ଭଉଣୀଙ୍କ ଘରକୁ କୌଣସି କାମରେ ଆସିଥିଲେ। ଖାଇ ସାରିବା ପରେ ସୁଯୋଗ ଦେଖି ଭଉଣୀଙ୍କ ଘରୁ ଏକ ସୁନା ମଙ୍ଗଳସୂତ୍ର ଚୋରି କରି ନେଇଯାଇଥିଲେ।



## ସଂକ୍ଷେପରେ

### ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଙ୍ଗଠନର ସାଧାରଣ ବୈଠକ

ଭୁବନେଶ୍ୱର, ୨୩।୮(ଅସମାପିକା ସାହୁ): ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା)ର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପରିସରରେ ବୁଧବାର ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଙ୍ଗଠନର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଯୋଗଦେଇ ବିଦ୍ୟାଳୟ ଓ କ୍ରୀଡ଼ା ସଙ୍ଗଠନ ପକ୍ଷରୁ ଅକ୍ଟୋବର ପ୍ରଥମ ସପ୍ତାହରେ ଆୟୋଜିତ ହେବାକୁ ଥିବା ଶିକ୍ଷାନୁଷ୍ଠାନର କ୍ରୀଡ଼ା କାର୍ଯ୍ୟକ୍ରମକୁ ଶାନ୍ତି, ଶୃଙ୍ଖଳା ଓ ସରସ ସୁନ୍ଦର କରିବା ପାଇଁ ସମସ୍ତ ସଦସ୍ୟମାନଙ୍କୁ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଶାରୀରିକ ଦକ୍ଷତା ଓ ମାନସିକ ବିଚକ୍ଷଣତା ଦିଗରେ କ୍ରୀଡ଼ାର ଆବଶ୍ୟକତା ରହିଛି। ଏହି କ୍ରୀଡ଼ା ପ୍ରତିଯୋଗିତାରେ ଛାତ୍ରୀଛାତ୍ରଙ୍କ ନିମନ୍ତେ ଖାଦ୍ୟପେୟ, ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ଦିଗରେ ସଚେତନ ରହି କାର୍ଯ୍ୟ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହି ଅବସରରେ ଓସେପା କାର୍ଯ୍ୟାଳୟ ପରିସରରେ ୫-'ଟି' କାର୍ଯ୍ୟକ୍ରମ ନିମନ୍ତେ ତିନୋଟି ରୁମ୍‌କୁ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଗଣଶିକ୍ଷା କମିଶନର ତଥା ଶାସନ ସଚିବ ଅଶ୍ୱଥୀ. ଏସ୍ ଓ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ(ଓସେପା) ଅନୁପମ ସାହା କ୍ରୀଡ଼ା ପ୍ରତିଯୋଗିତା ସମ୍ପର୍କରେ ତଥ୍ୟ ଉପସ୍ଥାପନା କରିଥିଲେ। ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାଶ ସ୍ୱାଗତ ଭାଷଣ ଓ ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ସପନ କୁମାର ଜେନା ଧନ୍ୟବାଦ ଦେଇଥିଲେ। ବୈଠକରେ ସମସ୍ତ ଜିଲା ଶିକ୍ଷାଧିକାରୀ, ଜିଲା ପ୍ରକଳ୍ପ ଅଧିକାରୀଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

### ଖୋଲିଲା ଶ୍ୟାମଳା ଡ୍ରାଏ ଫ୍ରୁଟ୍ସର ପ୍ରଥମ ଆଉଟଲେଟ

ବାରଙ୍ଗ, ୨୩।୮(ଲିଙ୍ଗରାଜ ରାଉତ): ଉଚ୍ଚମାନର ଅର୍ନ୍ତଜାତୀୟ ଡ୍ରାଏ ଫ୍ରୁଟ୍ସ, ନମକିନ ଏବଂ ହେଲଥ୍ ୱେଲନେସ ଉତ୍ପାଦ ସହିତ କାରବାର କରୁଥିବା ଅନ୍ୟତମ ଅଗ୍ରଣୀ ରିଟେଲ ବ୍ରାଣ୍ଡ ଶ୍ୟାମଳା ଡ୍ରାଏ ଫ୍ରୁଟ୍ସ ବୁଧବାର ରଘୁନାଥପୁର ରୟାଲ ଆର୍କେଡ ମଲ୍‌ରେ ଏକ ସ୍ୱତନ୍ତ୍ର ଆଉଟ୍‌ଲେଟ ଉଦ୍‌ଘାଟିତ କରିଛି। ଭୁବନେଶ୍ୱରର ସମସ୍ତ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସାମଗ୍ରୀ ଏହି ଷ୍ଟୋରରେ ମିଳିବ। ଗ୍ରାହକଙ୍କ ଚାହିଦାକୁ ପୂରଣ କରିବା ପାଇଁ ଗୁଣାତ୍ମକ ଏବଂ ସୁସ୍ଥ ଖାଦ୍ୟ ପ୍ରଦାନ କରିବାକୁ ଆମର ପ୍ରତିଶ୍ରୁତି ଏକ ପ୍ରଦର୍ଶନ ହେଉଛି ଏହି ଷ୍ଟୋରର ଶୁଭାରମ୍ଭ ସବୁପ୍ରକାର ପ୍ରିମିୟମ ଡ୍ରାଏ ଫ୍ରୁଟ୍ସ ନ୍ୟୁଟ୍ରିସ୍‌ୟୁକ୍ତ ପ୍ରଡକ୍ଟ ସହ ସ୍ୱାଦିଷ୍ଟ ଚକୋଲେଟ ପାଇଁ ଏକ ସର୍ବୋତ୍ତମ ଅତ୍ୟାଧୁନିକ ଆଉଟଲେଟ। ଏହା ସ୍ୱଚ୍ଛତା ଏବଂ ଗୁଣବତ୍ତା ବଜାୟ ରଖିଥାଏ। ଏହା ସବୁ ପ୍ରକାର ଆମଦାନୀ, ଘରୋଇ ଶୁଖିଲାଫଳ, ଘରେ ପ୍ରସ୍ତୁତ ହୋଇଥିବା ଚକୋଲେଟ, କୁକିଜ ଇତ୍ୟାଦି ପାଇଁ ଏହାର ଗୋଟିଏ ମାତ୍ର ଉପଯୁକ୍ତ ସ୍ଥାନ ବୋଲି ଶ୍ୟାମଳା ଡ୍ରାଏ ଫ୍ରୁଟ୍ସ ଏମ୍‌ଡି ମାଭୁଦ୍ଦୁରୁ ବିବେକ କହିଛନ୍ତି। ଓଡ଼ିଶାରେ ସବୁବେଳେ ଆନ୍ଧ୍ର ନମ୍‌କିନ ଏବଂ ଆଚାରର ଚାହିଦା ଅଧିକ ରହିଥାଏ। ଶ୍ୟାମଳା ଡ୍ରାଏ ଫ୍ରୁଟ୍ସ ଆନ୍ଧ୍ରପ୍ରଦେଶର ଏକ ଅଗ୍ରଣୀ ବ୍ରାଣ୍ଡ ଯାହାର ୧୬ଟି ଆଉଟଲେଟ ରହିଛି। ଏହାର ଗୁଣାତ୍ମକ ଶୁଖିଲା ଫଳ ଏବଂ ନମକିନ ପ୍ରଡକ୍ଟମାନ ସ୍ୱାସ୍ଥ୍ୟ କଲ୍ୟାଣ ଉତ୍ପାଦ ପାଇଁ ଜଣାଶୁଣା। ଓଡ଼ିଶାରେ ଏହା ପ୍ରଥମ ଆଉଟଲେଟ ବୋଲି ଓନର୍ ସୁନୀତକୁମାର ସାମଲ କହିଛନ୍ତି।

# ବିଏମ୍‌ସି ବୈଠକରେ ଡେଙ୍ଗୁକୁ ନେଇ ହୋହଲ୍ଲା

**ଦଳୀୟ ପ୍ରୀତିକୁ ନେଇ ଶାସକ-ବିରୋଧୀ କର୍ପୋରେଟର ମୁହାଁମୁହିଁ**

- ବିଏମ୍‌ସିରେ ଅଫିସର ରାଜ୍ ଚାଲିବା ନେଇ ଅସନ୍ତୋଷ
- କମିଶନର ଅଧାରୁ ଉଠଚାଲିଯିବାରୁ ହୋହଲ୍ଲା

ଭୁବନେଶ୍ୱର, ୨୩।୮ (ବନ୍ଦନା ସେଠୀ)

ରାଜଧାନୀରେ ଡେଙ୍ଗୁ ମୁକାବିଲାରେ ବିଏମ୍‌ସି ସଫଳ ହେଉ ନ ଥିବାରୁ ଏହାକୁ ନେଇ ସାଧାରଣଜନତାଙ୍କଠାରୁ ଆରମ୍ଭ କରି ବିରୋଧୀ ଦଳ ଓ ଖୋଦ୍ କର୍ପୋରେଟରମାନେ ମଧ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାକୁ ନେଇ ବୁଧବାର ବିଏମ୍‌ସି କର୍ପୋରେଶନ ବୈଠକରେ ତାତି ଦେଖିବାକୁ ମିଳିଥିଲା। ଡେଙ୍ଗୁ ସଂକ୍ରମଣ, ସହରର ପରିମଳ ବ୍ୟବସ୍ଥାକୁ ନେଇ ଗୃହ କମ୍ପିଥିଲା। ଏହା ସାଙ୍ଗକୁ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ ସମୟରେ ଦଳୀୟ ରାଜନୀତି ଏବଂ ବିଏମ୍‌ସିରେ ଅଫିସ୍‌ର ରାଜ୍‌କୁ ନେଇ ତୁମ୍ବିତୋଫାନ ହୋଇଥିଲା। ୱାର୍ଡ ନଂ. ୬୫, ୬୩, ୫୦ ଭଳି ବିରୋଧୀ କର୍ପୋରେଟରଙ୍କ ୱାର୍ଡରେ ବାର୍ଦ୍ଧକ୍ୟ ଏବଂ ବିଧବା ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ପୂର୍ବତନ କର୍ପୋରେଟର ତଥା ଦଳୀୟ କର୍ପୋରେଟର ପ୍ରାର୍ଥୀଙ୍କୁ ଡକାଯାଇ ପ୍ରାଧାନ୍ୟ ଦିଆଯାଇଥିଲା। ଏନେଇ ପ୍ରଥମେ କର୍ପୋରେଟର ରଶ୍ମିରଞ୍ଜନ ପାଟ୍ଟଶାଣୀ ମେୟରଙ୍କୁ ପ୍ରଶ୍ନ କରିଥିଲେ। ପରେ କର୍ପୋରେଟର ରାମଚନ୍ଦ୍ର ରଣସିଂହ ମଧ୍ୟ ସମାନ ପ୍ରଶ୍ନ ଦୋହରାଇଥିଲେ। ତେବେ କର୍ପୋରେଟର ଛବି ଦାସ ତାଙ୍କୁ ବାରଣ କରିବାରୁ ଅପରୂପ ନାରାୟଣ



ବୈଠକରେ ମେୟର ସୁଲୋଚନା ଦାସ, କମିଶନର ବିଜୟ ଅମୃତ କୁଲାଙ୍ଗେ ଓ ଅନ୍ୟ ଅଧିକାରୀଙ୍କ ସହ କର୍ପୋରେଟରମାନେ।

ରାଉତ ତାଙ୍କୁ ବିରୋଧ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଅପରୂପ ତାଙ୍କୁ ମାରିବା ଲାଗି ଆସିଥିବା ଛବି ଅଭିଯୋଗ କରିବା ସହ ଗୃହ ମଝିରେ ବସିଥିଲେ। ୨ ଘଣ୍ଟା କେବଳ ତୁତୁ ମେମେରେ କଟିଗଲା। ଯାହାଦ୍ୱାରା କୌଣସି ଚିଠା ପ୍ରସ୍ତାବ ଆଗତ ହୋଇପାରି ନ ଥିବା କିଛି କର୍ପୋରେଟର ଅଭିଯୋଗ କରିଛନ୍ତି। ୱାର୍ଡ ନଂ. ୬୫ରେ ୮କୋଟି ଟଙ୍କାର ହୋଲ୍ଡିଂ ଟିକସ ବାକି ପଡିଥିବାବେଳେ କେବଳ ଡି.ଏନ୍ ରେଗାଲିଆ ମଲ ଉପରେ ୫ କୋଟି ୭୨ଲକ୍ଷ ୯୯ହଜାର ୫୪୪ ଟଙ୍କାର ଟିକସ ବାକି ପଡିଛି। ସମ୍ପୃକ୍ତ ସ୍ଥାନରୁ ବିଏମ୍‌ସି ନିୟମିତ ଭାବେ ଅଳିଆ ଉଠାଉଥିବାବେଳେ ସମସ୍ତ ସୁବିଧା ଦିଆଯାଉଛି। ତେବେ ମଲ୍ କର୍ତ୍ତୃପକ୍ଷ କାହିଁକି ବକେୟା ଟିକସ ଦେଉ ନାହାନ୍ତି ଏବଂ ବିଏମ୍‌ସି କେଉଁ ସ୍ୱାର୍ଥ ପାଇଁ ଏହାକୁ ପ୍ରଶୟ ଦେଉଛି ବୋଲି କର୍ପୋରେଟର ପ୍ରଶ୍ନ କରିଥିଲେ। ସେହିପରି ସହରର ସ୍ୱଚ୍ଛତା ପରଖିବା ପାଇଁ ନିକଟରେ ବିଏମ୍‌ସି ଟିମ୍ 'ସାଇନ୍' ଗଠନ କରିଥିଲା। ଏଥିପାଇଁ ଏକାଧିକ ଗାଡ଼ି ଆସିବା ସହ ସେମାନଙ୍କ ଦରମା ଏବଂ ଅନ୍ୟାନ୍ୟ ବାବଦକୁ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ତେବେ ବିଏମ୍‌ସିର ଏଭଳି ପଦକ୍ଷେପ ସମ୍ପର୍କରେ କୌଣସି କର୍ପୋରେଟରଙ୍କୁ ସୂଚନା ଦିଆଯାଇ ନ ଥିଲା। ଏପରିକି ଏନେଇ କର୍ପୋରେଶନରେ ପୂର୍ବରୁ ପ୍ରସ୍ତାବ ପାସ୍ ହୋଇ ନ ଥିବାବେଳେ ବୁଧବାର ପ୍ରସ୍ତାବ ପାସ୍ କରାଗଲା। ବିଏମ୍‌ସିରେ କର୍ପୋରେଶନକୁ ଗୁରୁତ୍ୱ ଦିଆ ନ ଯାଇ ଅଫିସର ରାଜ୍ ଚାଲିଥିବାରୁ ଏହାକୁ ନେଇ କର୍ପୋରେଟରମାନେ କମିଶନରଙ୍କୁ ଘେରିଥିଲେ। ଏହାବାଦ୍ ୨୮ ତାରିଖରେ ଜାଗା ମିଶନ୍‌ରେ ପଟ୍ଟା ବଣ୍ଟନକୁ ନେଇ ମଧ୍ୟ ଅଭିଯୋଗ ଉଠିଥିଲା। ତେବେ ସବୁଠାରୁ ବଡ କଥା ହେଲା ବୈଠକରେ ପ୍ରଶ୍ନ ଉତ୍ତର ଚାଲିଥିବାବେଳେ ହଠାତ୍ ବୈଠକ ସରିଲା ବୋଲି କମିଶନର କହି ଅଧାରୁ ଉଠି ଚାଲି ଯାଇଥିଲେ। ଏହାକୁ ଭାଜପା କର୍ପୋରେଟର ବିରୋଧ କରି ପୁଣି ପାଟିତୁଣ୍ଡ କରିବାରୁ ମେୟର ତାଙ୍କୁ ବୁଝାଇବା ସହ କିଛି ପ୍ରଶ୍ନ ଶୁଣିଥିଲେ। ତେବେ କମିଶନର କର୍ପୋରେଶନ ବୈଠକରେ ବାରମ୍ବାର ଏଭଳି ଆଚରଣ ଦେଖାଉ ଥିବାରୁ ଭବିଷ୍ୟତରେ ଏଭଳି କଲେ ସମସ୍ତ କର୍ପୋରେଟର ବୈଠକ ତ୍ୟାଗ କରିବେ ବୋଲି କହିଛନ୍ତି।

### ଲୋକ ଜନଶକ୍ତି ପାର୍ଟି ରାମବିଳାସର ରାଜ୍ୟସ୍ତରୀୟ ବୈଠକ

ବାଲିପାଟଣା, ୨୩।୮(ଅଭିମନ୍ୟୁ ନାୟକ): ଲୋକ ଜନଶକ୍ତି ପାର୍ଟି ରାମବିଳାସ ପକ୍ଷରୁ ଏକ ରାଜ୍ୟସ୍ତରୀୟ କର୍ମକର୍ତ୍ତା ବୈଠକ ବାଲିପାଟଣାଠାରେ ଅନୁଷ୍ଠିତ ହୋଇଯାଇଛି। ଦଳର ରାଜ୍ୟ ସଭାପତି ଚିତ୍ତରଞ୍ଜନ ମଲ୍ଲିକଙ୍କ ସଭାପତିତ୍ୱରେ ଏହି ସଭାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଦଳର ଜାତୀୟ ସମ୍ପାଦକ ଏବଂ ରାଜ୍ୟ ପ୍ରଭାରୀ ରବି ଟିକୁ କହିଥିଲେ, ତୃଣମୂଳ ସ୍ତରରୁ କିପରି ଦଳ ସଂଗଠିତ ହେବ ସେଥିପ୍ରତି ରାଜ୍ୟ କର୍ମକର୍ତ୍ତାମାନେ ଗଠନମୂଳକ କାର୍ଯ୍ୟ କରି ସଙ୍ଗଠନ ମଜଭୁତ କରିବା ସହିତ ରାଜ୍ୟ ସରକାରଙ୍କର ମନମୁଖୀ ଅଗଣତାନ୍ତ୍ରିକ ଶାସନ, ପ୍ରଗତି ନାମରେ ଯେଉଁ ଧୂଆଁବାଣ କରୁଛନ୍ତି, ତା'ର ଦୃଢ ବିରୋଧ ଦଳ ପକ୍ଷରୁ କରାଯିବ। ଦଳ ଓଡ଼ିଶାରେ ସ୍ଥିତିକୁ ନେଇ ଆଗାମୀ ନିର୍ବାଚନରେ ଲୋକସଭା ଓ ବିଧାନ ସଭାରେ ପ୍ରାର୍ଥୀ ଦେବ ବୋଲି କହିଥିଲେ। ବ୍ଲକ ସ୍ତରରୁ ବିରୋଧର ସ୍ୱର ଉଠିବ ବୋଲି ରାଜ୍ୟ ସଭାପତି ଖବରଦାତାମାନଙ୍କ ପ୍ରଶ୍ନର ଉତ୍ତରରେ କହିଛନ୍ତି। ରାଜ୍ୟ କମିଟିର ଉପସଭାପତି, ସମ୍ପାଦକ, ସହସମ୍ପାଦକ, କୋଷାଧ୍ୟକ୍ଷ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଯୋଗଦେଇଥିଲେ।



ଡେଙ୍ଗୁକୁ ନେଇ ଭୁବନେଶ୍ୱର ଜିଲା ଭାଜପା ପକ୍ଷରୁ ବିଏମ୍‌ସି କାର୍ଯ୍ୟାଳୟ ଘେରାଉ ସହ ଅଭିନବ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ବିଏମ୍‌ସି ଅଫିସ ଭିତରକୁ ମଶା ଧୂଆଁ ଛାଡିଲା ଭାଜପା

**ଡେଙ୍ଗୁ ସ୍ଥିତି ନେଇ ବିଏମ୍‌ସି କାର୍ଯ୍ୟାଳୟ ଘେରାଉ**

ଭୁବନେଶ୍ୱର, ୨୩।୮ (ବନ୍ଦନା ସେଠୀ)

ରାଜଧାନୀରେ ଡେଙ୍ଗୁ ସ୍ଥିତିକୁ ନେଇ ବିଏମ୍‌ସିକୁ ପୁଣି ଥରେ ଟାର୍ଗେଟ କରିଛି ଭାଜପା। ଏନେଇ ବୁଧବାର ବିଏମ୍‌ସି କାର୍ଯ୍ୟାଳୟ ଘେରିବା ସହ ମେୟର ଓ କମିଶନରଙ୍କ ବିରୋଧରେ ଗର୍ଜିଥିଲା। ସେହିପରି ବିଏମ୍‌ସି କାର୍ଯ୍ୟାଳୟ ଭିତରକୁ ମଶା ଧୂଆଁ ଛାଡ଼ି ଅଭିନବ ଢଙ୍ଗରେ ନିଜର ପ୍ରତିବାଦ ଜଣାଇଥିଲା। ଜିଲା ସଭାପତି ବାବୁ ସିଂଙ୍କ ନେତୃତ୍ୱରେ ଭାଜପା ନେତା, କର୍ମୀ ମଶା, ମୁଖ୍ୟମନ୍ତ୍ରୀ ଏବଂ ମେୟରଙ୍କ ଛବି ଥିବା ହୋର୍ଡିଂ ସହିତ ହାତରେ ଫିଟା ମେଶିନ ଧରି ବିଏମ୍‌ସି ଅଫିସ ଘେରାଉ କରିଥିଲେ। ବାବୁ ସିଂ କହିଛନ୍ତି, ଗତ କିଛି ଦିନ ଧରି ରାଜଧାନୀରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା କ୍ରମାଗତ ଭାବେ ବଢିବାରେ ଲାଗିଛି। କେବଳ ଭୁବନେଶ୍ୱରରେ ୧୫ଶହରୁ ଊର୍ଦ୍ଧ୍ୱ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୧୦ରୁ ଊର୍ଦ୍ଧ୍ୱ ପୀଡିତଙ୍କ ମୃତ୍ୟୁ ହୋଇଛି। ରାଜ୍ୟରେ ସ୍ୱାୟତ୍ତ ଶାସନ ବାଟବଣା



ହୋଇଛି। ୨୩ ବର୍ଷ ଶାସନରେ ଥିବା ସତ୍ତ୍ୱେ ବିଜେଡି ସରକାରର 'ପରିମଳ ପରିଚାଳନା' ସମ୍ପୂର୍ଣ୍ଣ ଫେଲ ହୋଇଥିବାରୁ ପ୍ରତି ବର୍ଷ ଡେଙ୍ଗୁ ରୋଗ ବୃଦ୍ଧି ପାଇଚାଲିଛି। 'ପ୍ରତ୍ୟେକ ଜୀବନ ମୂଲ୍ୟବାନ' କହୁଥିବା ମୁଖ୍ୟମନ୍ତ୍ରୀଙ୍କ ପାଇଁ ଡେଙ୍ଗୁ ଆକ୍ରାନ୍ତଙ୍କ ଜୀବନ କ'ଣ ମୂଲ୍ୟହୀନ ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି ବିଏମ୍‌ସିର ଚରମ ଅବହେଳା କାରଣରୁ ରାସ୍ତା ଘାଟ, ନାଳ ନର୍ଦ୍ଦମାର ଦୁର୍ଦ୍ଦଶା ବଢି ଚାଲିଛି। ବର୍ଷା ପାଣି ଜମା ରହି ମଶା ବଂଶ ବୃଦ୍ଧିରେ ସହାୟକ ହେଉଛି। ବିଏମସି ସଠିକ ସମୟରେ ମଶା ନିୟନ୍ତ୍ରଣର କାମ କଲେ ନାହିଁ। ଏପରିକି ଲୋକେ ଡେଙ୍ଗୁରେ ପ୍ରାଣ ହରାଉଥିଲେ ବି ଡେଙ୍ଗୁ ମୃତ୍ୟୁକୁ ସ୍ୱୀକାର ନ କରିବା ଅତ୍ୟନ୍ତ ପରିତାପର ବିଷୟ ବୋଲି ବାବୁ କହିଛନ୍ତି। ବିକ୍ଷୋଭରେ ରାଜ୍ୟ ପ୍ରବକ୍ତା ଦିଲ୍ଲୀପ ମହାନ୍ତି ଭୁବନେଶ୍ୱରରେ ଡେଙ୍ଗୁ କାୟା ବିସ୍ତାର କରୁଥିବାବେଳେ ମେୟର ଓ କମିଶନର ଏଥିପାଇଁ ପଦକ୍ଷେପ ନ ନେଇ କ୍ରିକେଟ ଖେଳିବା ରାଜଧାନୀବାସୀଙ୍କ ପ୍ରତି ଉପହାସ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ଭୁବନେଶ୍ୱର ସାଂଗଠନିକ ଜିଲା ସାଧାରଣ ସମ୍ପାଦକ ହିମାଂଶୁ ଶେଖର ଛୋଟରାୟ, ଦିଲ୍ଲୀପ ବେହେରା, ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ସ୍ୱଂୟ ସେବକ ରାୟ, ନାରୀନେତ୍ରୀ ସୁନୀତି ମୁଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ।

### ୫୮ ଲକ୍ଷ ଠକେଇ, ଜଣେ ଗିରଫ

ଭୁବନେଶ୍ୱର, ୨୩।୮ (ସୂର୍ଯ୍ୟକାନ୍ତ ବେହେରା): ଓଡ଼ିଶାରେ ମଦର ହୋଲ୍‌ସେଲ୍‌ର ଲାଇସେନ୍ସ କରାଇଦେବା ଆଳରେ ୫୮ ଲକ୍ଷ ଠକିବା ଅଭିଯୋଗରେ ପାହାଳ ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ପଶ୍ଚିମବଙ୍ଗରେ ରହୁଥିବା ନୂଆଦିଲ୍ଲୀର ସନ୍ଦୀପ ଶର୍ମା। ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ, ଅଭିଯୋଗକାରୀ ଜଗତ ପ୍ରସାଦ ଭୁବନେଶ୍ୱରସ୍ଥିତ ଏକ କମ୍ପାନୀର ଅଂଶୀଦାରୀ ଅଟନ୍ତି। ଅଭିଯୁକ୍ତ ନିଜକୁ ଏମ୍/ଏସ୍ ବ୍ୟାରେଲ୍ସ ଏବଂ ଏମ୍/ଏସ୍ କାୟା ଏଣ୍ଡ ଡିଷ୍ଟିଲର୍ସ କମ୍ପାନୀ ଉପାଧ୍ୟକ୍ଷ ପରିଚୟ ଦେଇ ଓ ବିଭିନ୍ନ ବ୍ରାଣ୍ଡର ମଦ୍ୟପାନ ବଣ୍ଟନ ପାଇଁ ସେମାନଙ୍କ କମ୍ପାନୀ ସହିତ ଏକ ବ୍ୟବସାୟିକ ଭାଗୀଦାରିରେ ପ୍ରବେଶ କରିବାକୁ ପ୍ରସ୍ତାବ ଦେଇଥିଲେ। ଫଳରେ ଅଭିଯୁକ୍ତଙ୍କ କଥାରେ ବିଶ୍ୱାସ କରି ଜଗତ୍ ୨୦୨୨ ମସିହାରେ ୫୮ ଲକ୍ଷ ଟଙ୍କା ଦେଇଥିଲେ। ପରବର୍ତ୍ତୀ ସମୟରେ ଅଭିଯୋଗକାରୀ ଉକ୍ତ କମ୍ପାନୀକୁ ଯୋଗାଯୋଗ କରିଥିଲେ ମଧ୍ୟ ସେମାନେ କିଛି ଶୁଣି ନଥିଲେ। ସେହିଭଳି ଅଗଷ୍ଟ ୨୧ରେ ଅଭିଯୁକ୍ତ ପୁନର୍ବାର ଉକ୍ତ କମ୍ପାନୀର ଅପରେଶନ ହେଡ ପରିଚୟ ଦେଇ ଜଗତଙ୍କ କମ୍ପାନୀ ସହିତ ଯୋଗାଯୋଗ କରି ପୁନର୍ବାର ୩୦ ହଜାର ଟଙ୍କା ମାଗିଥିଲେ। ଅଭିଯୋଗକାରୀ ଏବଂ ତାଙ୍କର ସହଭାଗୀଦାରିମାନେ ଅଭିଯୁକ୍ତଙ୍କ କମ୍ପାନୀକୁ ପରିଦର୍ଶନରେ ଯିବାପରେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଅଭିଯୋଗକାରୀ ଏନେଇ ପାହାଳ ଥାନାରେ ଅଭିଯୋଗ କରିଥିଲେ।

# ଆଜି ଓୟୁଏଟି ପ୍ରତିଷ୍ଠା ଦିବସ




ଖବରଦାତା ସମ୍ମିଳନୀରେ ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ସୂଚନା ଦେଉଛନ୍ତି।

**ନିର୍ମାଣ ହେଉଛି ୨୦୦ କ୍ଷମତା ବିଶିଷ୍ଟ କୃଷକ ନିବାସ**

ଭୁବନେଶ୍ୱର, ୨୩।୮(ଅସମାପିକା ସାହୁ)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଗୁରୁବାର ୬୨ ପ୍ରତିଷ୍ଠା ଦିବସ ପାଳନ କରିବ। ଏହି ଅବସରରେ କୃଷି ମହାବିଦ୍ୟାଳୟର ଦ୍ୱିତୀୟ ମହଲା ଉଦ୍‌ଘାଟିତ ହେବ। ଓମ୍ବାଡାକ୍ ଦ୍ୱାରା ପ୍ରଦାନ କରାଯାଉଥିବା ଗ୍ରାମୀଣ ଯୁବପିଢ଼ିଙ୍କ ପାଇଁ ବର୍ଷକିଆ ପାଠ୍ୟକ୍ରମ ଆରମ୍ଭ କରାଯିବ ବୋଲି ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ସୂଚନା ଦେଇଛନ୍ତି। ବୁଧବାର ଓୟୁଏଟିଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କୁଳପତି କହିଛନ୍ତି, ବିଶ୍ୱବିଦ୍ୟାଳୟର ନୂତନ ପ୍ରଶାସନିକ ଭବନ ପାଇଁ ସରକାର ୫୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଭୁବନେଶ୍ୱରରେ ୨୦୦ କ୍ଷମତା ବିଶିଷ୍ଟ କୃଷକ ନିବାସ ଏବଂ ୫୦୦ କ୍ଷମତା ବିଶିଷ୍ଟ ଛାତ୍ରାବାସ ନିର୍ମାଣ କାର୍ଯ୍ୟ ସରିବାକୁ ଯାଉଛି। ଏଥିସହ ଗୋଟିଏ ଅତିଥି ଭବନ ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ ହେବ। ବିଶ୍ୱବିଦ୍ୟାଳୟରୁ ବିକଶିତ ଜ୍ଞାନକୌଶଳକୁ କ୍ଷେତ୍ରରେ ପ୍ରଦର୍ଶିତ କରିବା ପାଇଁ ଏକ ଆଧୁନିକ ଟେକ୍ନୋପାର୍କ ନିର୍ମାଣ କରାଯାଉଛି। ଭୁବନେଶ୍ୱରରେ ଏକ ଅକ୍ଷୟ ଶକ୍ତି ପାର୍କ ନିର୍ମାଣ ପ୍ରସ୍ତାବ ମଧ୍ୟ ରହିଛି। ଛାତ୍ରୀଛାତ୍ରଙ୍କ ପାଇଁ ପଠନ ଗୃହ ଓ କାଫେଟେରିଆ ସୁବିଧା ଯୋଗାଇ ଦେବାକୁ ବିଦ୍ୟାର୍ଥୀ ଭବନ ନିର୍ମାଣ କରାଯିବ। ଏଯାବତ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଭିନ୍ନ ଫସଲର ୧୯୧ ଅଧିକ ଅମଳକ୍ଷମ କିସମ ବିକଶିତ ହୋଇଛି। ଭବାନୀପାଟଣା ଓ ଚିପିଲିମାଠାରେ ଥିବା କୃଷି ମହାବିଦ୍ୟାଳୟ ଏବଂ ଚିପିଲିମାଠାରେ ଥିବା ଉଦ୍ୟାନ ବିଜ୍ଞାନ ମହାବିଦ୍ୟାଳୟରେ ସ୍ନାତକୋତ୍ତର ଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ କରାଯିବ ବୋଲି କୁଳପତି ସୂଚନା ଦେଇଛନ୍ତି। ପ୍ରତିଷ୍ଠା ଦିବସ ଅବସରରେ ବିଶ୍ୱବିଦ୍ୟାଳୟର ନୂତନ ୱେବ୍‌ସାଇଟ୍, ବିଶ୍ୱବିଦ୍ୟାଳୟ ସଙ୍ଗୀତ, କୃଷକଙ୍କ ପାଇଁ ଆପ୍, ଭିଜନ୍ ପୁସ୍ତକ, ଶୈକ୍ଷିକ-ଶିଳ୍ପ ପୁସ୍ତକ ଆଦି ଉନ୍ମୋଚନ କରାଯିବ। ସମ୍ମିଳନୀରେ କୁଳସଚିବ ଲୋପାମୁଦ୍ରା ମହାନ୍ତି, ସମ୍ପ୍ରସାରଣ ଡିନ୍ ପ୍ରଫେସର ପ୍ରସନ୍ନଜିତ ମିଶ୍ର, କୃଷି କଲେଜ ଡିନ୍ ହୃଷୀକେଶ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ପର୍ବତାରୋହୀ ସୌଭାଗ୍ୟଙ୍କୁ ସମ୍ବର୍ଦ୍ଧିତ କଲେ ରାଜ୍ୟପାଳ



ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ୍‌ଙ୍କ ସହ ପର୍ବତାରୋହୀ ସୌଭାଗ୍ୟ ଓ ଅନ୍ୟମାନେ।

ଭୁବନେଶ୍ୱର, ୨୩।୮(ଅଭିଜିତ ଦାସ)

ୟୁରୋପ ଓ ରୁଷର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ ଏଲବ୍ରସ୍ ପର୍ବତ (୫୬୪୨ ମିଟର) ଆରୋହଣ କରିଥିବା ସୌଭାଗ୍ୟ ରଥଙ୍କୁ ବୁଧବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉତ୍ତରୀୟ ପ୍ରଦାନ କରି ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ସୌଭାଗ୍ୟଙ୍କ ସ୍ତ୍ରୀ ଡ.ସାଗରିକ ମିଶ୍ର, ଶ୍ୱଶୁର ସତ୍ୟପ୍ରିୟ ମିଶ୍ର ଓ ସୂଚନା ଅଧିକାରୀ ସଚ୍ଚିଦାନନ୍ଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପରିବେଶ ସନ୍ତୁଳନ ପାଇଁ ବୃକ୍ଷରୋପଣ ନିତାନ୍ତ ଆବଶ୍ୟକ

**ଉଡ୍ର ପକ୍ଷରୁ ୫ ହଜାର ବୃକ୍ଷ ବଣ୍ଟନ**

ଭୁବନେଶ୍ୱର, ୨୩।୮(ଶର୍ମିଷ୍ଠା ପାଣିଗ୍ରାହୀ)

'ଉଡ୍ର ଚାରିଟେବୁଲ ଟ୍ରଷ୍ଟ' ପକ୍ଷରୁ ପ୍ରତିବର୍ଷ 'ଗିଫ୍ଟ ଏ ପ୍ଲାଣ୍ଟ' କାର୍ଯ୍ୟକ୍ରମ ମାଧ୍ୟମରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ବୃକ୍ଷ ବଣ୍ଟନ କରାଯାଉଛି। ଏହି କ୍ରମରେ ଟ୍ରଷ୍ଟର ପରାମର୍ଶଦାତା ଆକାଶ ଦାସନାୟକଙ୍କ ନେତୃତ୍ୱରେ ବୁଧବାର ପଟିଆଠାରେ 'ଗିଫ୍ଟ ଏ ପ୍ଲାଣ୍ଟ' କାର୍ଯ୍ୟକ୍ରମ ମାଧ୍ୟମରେ ୫ହଜାର ବୃକ୍ଷ ବଣ୍ଟନ କରାଯାଇଛି। ଏହି ଅବସରରେ ସେ କହିଲେ, ଜୀବଜଗତ ବଞ୍ଚିରହିବା ପାଇଁ ଗଛଲତା, ନଦୀ, ସମୁଦ୍ର ଆଦି ନିତ୍ୟାନ୍ତ ଜରୁରୀ, ଯାହାକି ଜୀବଜଗତକୁ ଜୀବନଧାରଣ ନିମନ୍ତେ ଅମ୍ଳଜାନ, ଔଷଧ, ଖାଦ୍ୟ ଓ ବାସସ୍ଥାନ ଯୋଗାଇଆସିଛି। କିନ୍ତୁ ମନୁଷ୍ୟ ଲୋଭ ଓ ସ୍ୱାର୍ଥସାଧନ ନିମନ୍ତେ ଦିନକୁ ଦିନ ପ୍ରକୃତି ଓ ପରିବେଶ ଉପରେ ଦାଉ ସାଧୁଛି। ଫଳରେ ଦିନ ତାପମାତ୍ରା ବଢ଼ି ଚାଲିଥିବାବେଳେ ବର୍ଷାର ପରିମାଣ କମିକମି ଆସିଲାଣି। ପରିବେଶ ସନ୍ତୁଳନ ପାଇଁ ବୃକ୍ଷରୋପଣ ନିତାନ୍ତ ଆବଶ୍ୟକ। ଭବିଷ୍ୟତ ପିଢ଼ି ପାଇଁ ଆମେ ସମସ୍ତେ ଚିନ୍ତାକରି ବୃକ୍ଷରୋପଣକୁ ଆଗକୁ ନେବାକୁ ପଡ଼ିବ ଏବଂ ପ୍ରଚୁର ପରିମାଣର ବୃକ୍ଷରୋପଣ ନିତାନ୍ତ ଆବଶ୍ୟକ। ପୁରୀ, ଖୋର୍ଦ୍ଧା, କଟକ, ଯାଜପୁର, ଭଦ୍ରକ, ବାଲେଶ୍ୱର ଆଦି ଜିଲାରେ ଚଳିତବର୍ଷ ୫ଲକ୍ଷ ବୃକ୍ଷ ବଣ୍ଟନ କରାଯିବାର ପ୍ରୟାସ ଜାରି ରହିଛି ବୋଲି ଟ୍ରଷ୍ଟର ପରାମର୍ଶଦାତା ଆକାଶ ଦାସନାୟକ କହିଥିଲେ। ଟ୍ରଷ୍ଟର ସମ୍ପାଦିକା ଶୁଭ୍ରାଜ୍ୟୋତି ଦାସନାୟକ କହିଲେ, ପରିବେଶ ବଞ୍ଚାଇବା ପାଇଁ ଗଛ ଲଗାଇବା ନିତାନ୍ତ ଆବଶ୍ୟକ। କାର୍ଯ୍ୟକ୍ରମରେ ଟ୍ରଷ୍ଟର ଦେବବ୍ରତ ଧୀର, ସଭାପତି ଶମ୍ଭୁକଲ୍ୟାଣ ଦାସ, ଉପସଭାପତି ଡ. ସୂର୍ଯ୍ୟପ୍ରକାଶ ଏସ. ଚୌଧୁରୀ ପ୍ରମଖ ଉପସ୍ଥିତ ଥିଲେ।




ଚାରା ବଣ୍ଟନ କାର୍ଯ୍ୟକ୍ରମରେ 'ଉଡ୍ର ଚାରିଟେବୁଲ ଟ୍ରଷ୍ଟ'ର ପରାମର୍ଶଦାତା ଆକାଶ ଦାସନାୟକ ଓ ଅନ୍ୟମାନେ।

### ରାପିଡ ଆକ୍ସନ ଫୋର୍ସ ପକ୍ଷରୁ ସଚେତନ ଶିବିର

ବାରଙ୍ଗ, ୨୩।୮(ଲିଙ୍ଗରାଜ ରାଉତ): ୧୦୬ ବାଟାଲିୟନର ରାପିଡ ଆକ୍ସନ ଫୋର୍ସ ଝାଡ଼ଖଣ୍ଡ ପକ୍ଷରୁ ବୁଧବାର ଅପରାହ୍ନରେ ବାରଙ୍ଗ ଝୁନଝୁନୱାଲା ବିଦ୍ୟାପୀଠରେ ଗୋଳାବାରୁଦ ଅସ୍ତ୍ରଶସ୍ତ୍ର ସମ୍ପର୍କିତ ଏକ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ଏଥିସହ ବେଟି ବଚାଓ ବେଟି ପଢ଼ାଓ ଭଳି କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। ବାଟାଲିୟନର ସିନିୟର୍ ଡେପୁଟି କମାଣ୍ଡାଣ୍ଟ ସଚ୍ଚିଦାନନ୍ଦ ମିଶ୍ର, ଡେପୁଟି କମାଣ୍ଡାଣ୍ଟ ଗୌତମ ମିତ୍ର ଏବଂ ଗୋଟିଏ ପ୍ଲାଟୁନ ଫୋର୍ସ ଏଥିରେ ଉପସ୍ଥିତ ଥିଲେ। ବାରଙ୍ଗ ଥାନାଧିକାରୀ ଆକାଶ ଚନ୍ଦ୍ର ରଣା, ଏସ୍‌ଆଇ ଜ୍ୟୋତ୍ସ୍ନା ପଟ୍ଟନାୟକ ଏବଂ ଝୁନ୍‌ଝୁନ୍‌ୱାଲା ବିଦ୍ୟାପୀଠର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ।

# ଇପିଏଫ୍ ପେନ୍‌ସନ ଭୋଗୀଙ୍କୁ ସରକାରଙ୍କ ଅଣଦେଖା

ଭୁବନେଶ୍ୱର, ୨୩।୮ (ବନ୍ଦନା ସେଠୀ)

ପେନ୍‌ସନ ପାଇବା ସମସ୍ତ ଅବସରପ୍ରାପ୍ତ କର୍ମଚାରୀଙ୍କ ମୌଳିକ ଅଧିକାର। ଏହା ସରକାରଙ୍କ ଦୟା ବା କରୁଣାର ଉତ୍ସ ନୁହେଁ ବରଂ ଏକ ସାମାଜିକ ସୁରକ୍ଷା ବ୍ୟବସ୍ଥା। ଦେଶରେ ଥିବା ବିଭିନ୍ନ ବର୍ଗର ଅବସରପ୍ରାପ୍ତ କର୍ମଚାରୀଙ୍କ କ୍ଷେତ୍ରରେ କେନ୍ଦ୍ର ତଥା ରାଜ୍ୟ ସରକାର ଭିନ୍ନଭିନ୍ନ ପେନସନ୍ ବ୍ୟବସ୍ଥା ଲାଗୁ କରିଛନ୍ତି। ଫଳରେ କେନ୍ଦ୍ର ତଥା ରାଜ୍ୟ ସରକାରୀ କାର୍ମଚାରୀ ଅବସର ପରେ ପାଉଥିବା ପେନ୍‌ସନ୍ ଓ ମହଙ୍ଗାଭତ୍ତା, ବ୍ୟାଙ୍କ୍, ବୀମା କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ସହ ସମାନ ନୁହେଁ। ସେହିଭଳି ପ୍ରତିରକ୍ଷା କ୍ଷେତ୍ରରେ ନିୟୋଜିତ କର୍ମଚାରୀଙ୍କ କ୍ଷେତ୍ରରେ ଲାଗୁ ହୋଇଥିବା ପେନ୍‌ସନ୍ ବ୍ୟବସ୍ଥା ଅନ୍ୟମାନଙ୍କଠାରୁ ଭିନ୍ନ। ଏହି ବର୍ଗର ପେନ୍‌ସନଭୋଗୀ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ 'କର୍ମଚାରୀ ପେନ୍‌ସନ୍ ଯୋଜନା-୯୫' ବା ଇପିଏସ୍-୯୫ ଦ୍ୱାରା ପରିଚାଳିତ ହୋଇଥାନ୍ତି। କେନ୍ଦ୍ର ସରକାରଙ୍କ ଶ୍ରମ ମନ୍ତ୍ରଣାଳୟ ଅଧୀନରେ ଥିବା କର୍ମଚାରୀ ଭବିଷ୍ୟନିଧି ସଂଗଠନ ଏହି ପେନ୍‌ସନ ବ୍ୟବସ୍ଥାକୁ ପରିଚାଳନା କରିଥାଏ। ତେବେ ଏହି ଯୋଜନା ଲାଗୁ ହେବାବେଳେ ସରକାର ଯେଉଁ ସବୁ ସୁନେଲି ସ୍ୱପ୍ନ ଦେଖାଇଥିଲେ, ତାହା ଏବେ ପ୍ରତାରଣାରେ ପରିଣତ ହୋଇଛି ବୋଲି ଅଲ୍ ଓଡ଼ିଶା ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନ ପକ୍ଷରୁ ଅଭିଯୋଗ କରାଯାଇଛି।

କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ସପ୍ତମ ବେତନ କମିସନଙ୍କ ସୁପାରିସ ଅନୁଯାୟୀ, କେନ୍ଦ୍ର ସରକାର ସେମାନଙ୍କ କର୍ମଚାରୀଙ୍କୁ ୨୦୧୬ ଜାନୁୟାରୀ ୧ରୁ ସର୍ବନିମ୍ନ ୯ହଜାର ଟଙ୍କା ମାସିକ ପେନ୍‌ସନ ସହ ମହଙ୍ଗା ଭତ୍ତା ଦେଉଛନ୍ତି। ଏହାକୁ ଅନୁକରଣ କରି ବିଭିନ୍ନ ରାଜ୍ୟ ସରକାର ସେମାନଙ୍କ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଅନୁରୂପ ଭାବେ ୯ହଜାର ଟଙ୍କା ସର୍ବନିମ୍ନ ପେନ୍‌ସନ ଦେଉଛନ୍ତି। ମାତ୍ର ଇପିଏଫ୍ ପେନ୍‌ସନଭୋଗୀମାନଙ୍କୁ ୨୦୧୪ରୁ କେନ୍ଦ୍ର ସରକାର ସର୍ବନିମ୍ନ ୧ହଜାର ଟଙ୍କା ମାସିକ ପେନ୍‌ସନ୍ ବିନା ମହଙ୍ଗା ଭତ୍ତାରେ ଦେଉଛନ୍ତି। ଏହାକୁ ବଢାଇବା ପାଇଁ ୨୦୧୩ରେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ଭଗତ ସିଂ ଖୋସିୟାରୀ କମିଟି ସୁପାରିସ କରିଥିଲେ ମଧ୍ୟ ତାହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇ ପାରିନାହିଁ। ଫଳରେ ଦେଶର ୭୫ଲକ୍ଷ ଇପିଏଫ୍ ପେନ୍‌ସନଭୋଗୀଙ୍କ ଦାରିଦ୍ର୍ୟତା ପ୍ରତି କଠୋର ଉପହାସ କରାଯାଉଥିବା ଅଭିଯୋଗ ହୋଇଛି। ତୁରନ୍ତ ଏନେଇ କେନ୍ଦ୍ର ସରକାର ପଦକ୍ଷେପ ନ ନେଲେ ଆସନ୍ତା ସାଧାରଣ ନିର୍ବାଚନରେ ଏହାର କୁପରିଣାମ ଭୋଗିବାକୁ ପଡିବ ବୋଲି ଚେତାବନୀ ଦିଆଯାଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୪ ଅଗଷ୍ଟ, ୨୦୨୩



## ସଂକ୍ଷେପରେ

### ରଶ୍ମିରଞ୍ଜନ କର୍ତ୍ତବ୍ୟନିଷ୍ଠ ଅଧ୍ୟାପକ ଥିଲେ

ଟାଙ୍ଗୀ(ଖୋର୍ଦ୍ଧା),୨୩।୮(ରଘୁନାଥ ସାହୁ)

ଟାଙ୍ଗୀ ଦୁର୍ଗାଚରଣ ଚିଲିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷା ବିଭାଗର ଅଧ୍ୟାପକ ସ୍ୱର୍ଗତ ଡ. ରଶ୍ମିରଞ୍ଜନ ନାଥଙ୍କ ଦ୍ୱାଦଶାହ ଦିବସରେ ଏକ ଶ୍ରଦ୍ଧାଞ୍ଜଳି ସଭା ପ୍ରଫେସର ଯୁଧିଷ୍ଠିର ଖଟୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ପ୍ରମୋଦ ଚନ୍ଦ୍ର ଦାଶ, କ୍ୟାପଟେନ ଦୁଷ୍ମନ୍ତ ରାଉତରାୟ, ପ୍ରାଧ୍ୟାପକ ଲକ୍ଷ୍ମୀଧର ସୁବୁଦ୍ଧି, ଅଧ୍ୟାପକ ଅଶୋକ ବେହେରା, କଲେଜ ଅଧ୍ୟକ୍ଷ ସୀଂତାଶୁ ଭୂଷଣ ନନ୍ଦ, ଅଧ୍ୟାପକ ସୁରେଶ ମାଣ୍ଡୋଇ, ଆଲୋକ ନାଥ, ଶଶିରେଖା ନାଥଶର୍ମା, ପରିଚାଳନା କମିଟି ପୂର୍ବତନ ସଭାପତି ରଘୁନାଥ ସାହୁ, ନୟାଗଡ଼ ଜିଲା ପୂର୍ବତନ ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମୀଧର ବେହେରା, ସାହିତ୍ୟ ଘର ସଭାପତି ବିଜୟ ରାଉତ, ପ୍ରାଥମିକ ଶିକ୍ଷକ ସଂଘ ଜିଲା ସମ୍ପାଦକ ପ୍ରସନ୍ନ ଶ୍ରୀଚନ୍ଦନ, ଦିଲୀପ ନାଥ, ବିକ୍ରମ ବାରିକ, ମାଧବ ଚନ୍ଦ୍ର ମହାରଣା, ଅଧ୍ୟାପକ ଭବାନୀ ମହାପାତ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନାଥଙ୍କ ଗୁଣାବଳୀ ବର୍ଣ୍ଣନା କରିଥିଲେ। ସ୍ୱର୍ଗତ ନାଥ ଜଣେ ଛାତ୍ରବତ୍ସଳ ଅଧ୍ୟାପକ, ପରୋପକାରୀ, ସୁସଂଗଠକ, କର୍ତ୍ତବ୍ୟନିଷ୍ଠ ଥିଲେ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଅଧ୍ୟାପକ କୈଳାସ ଚନ୍ଦ୍ର ମହାରଣା। ଏହି ଅବସରରେ ଶ୍ରଦ୍ଧାଞ୍ଜଳି ଶୀର୍ଷକ ଏକ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ରଶ୍ମି ରଞ୍ଜନ ନାଥ ସ୍ମୃତି ସଂସଦ ଗଠନ କରାଯାଇଥିଲା। ସଭାପତି ପ୍ରଫେସର ପ୍ରମୋଦ ଚନ୍ଦ୍ର ପଣ୍ଡା, ଉପସଭାପତି କୈଳାସ ଚନ୍ଦ୍ର ମହାରଣା ଓ ସଂଯୁକ୍ତ ପଟ୍ଟନାୟକ, ସମ୍ପାଦକ ଡ.ଲକ୍ଷ୍ମୀଧର ସୁବୁଦ୍ଧି, ସହ ସମ୍ପାଦକ ଅଶୋକ ବେହେରା ଓ କୋଷାଧ୍ୟକ୍ଷ ଭାବେ ସୁଶ୍ରୀ ପ୍ରିୟ ଦର୍ଶନୀୟ ପୂଜାପଣ୍ଡା ମନୋନୀତ ହୋଇଥିଲେ।

### ରାପିଡ ଆକ୍ସନ ଫୋର୍ସ ପକ୍ଷରୁ ସଚେତନତା ଶିବିର

ବାରଙ୍ଗ,୨୩।୮(ଲିଙ୍ଗରାଜ ରାଉତ)

୧୦୬ବାଟାଲିୟନର ରାପିଡ ଆକ୍ସନ ଫୋର୍ସ ଝାଡ଼ଖଣ୍ଡ ପକ୍ଷରୁ ବୁଧବାର ଅପରାହ୍ନରେ ବାରଙ୍ଗ ଝୁନଝୁନୱାଲା ବିଦ୍ୟାପୀଠରେ ଗୋଳାବାରୁଦ ଅସ୍ତ୍ରଶସ୍ତ୍ର ସମ୍ପର୍କିତ ଏକ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ଏହି ସଚେତନ ଶିବିରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ଏକାଠି କରି ବିଭିନ୍ନ ସଚେତନତା କରାଯାଇଥିଲା। ଏଥିସହ ବେଟି ବଚାଓ ବେଟି ପଢ଼ାଓ ଭଳି କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାଟାଲିୟନର ସିନିୟର୍ ଡେପୁଟି କମାଣ୍ଡାଣ୍ଟ ସଚ୍ଚିଦାନନ୍ଦ ମିଶ୍ର, ଡେପୁଟି କମାଣ୍ଡାଣ୍ଟ ଗୌତମ ମିତ୍ର ଏବଂ ଗୋଟିଏ ପ୍ଲାଟୁନ ଫୋର୍ସ ଏଥିରେ ଉପସ୍ଥିତ ଥିଲେ। ଉପସ୍ଥିତ ଅତିଥିମାନଙ୍କ ମଧ୍ୟରେ ବାରଙ୍ଗ ଥାନାଧିକାରୀ ଆକାଶ ଚନ୍ଦ୍ର ରଣା, ଏସ୍‌ଆଇ ଜ୍ୟୋସ୍ନା ପଟ୍ଟନାୟକ ଏବଂ ଝୁନ୍‌ଝୁନ୍‌ୱାଲା ବିଦ୍ୟାପୀଠର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ।

### ଖୋଲିଲା ଶ୍ୟାମଳା ଡ୍ରାଏ ଫ୍ରୁଟ୍ସର ପ୍ରଥମ ଆଉଟଲେଟ

ବାରଙ୍ଗ,୨୩।୮(ଲିଙ୍ଗରାଜ ରାଉତ)

ଉଚ୍ଚମାନର ଅର୍ନ୍ତଜାତୀୟ ଡ୍ରାଏ ଫ୍ରୁଟ୍ସ, ନମକିନ ଏବଂ ହେଲଥ୍ ୱେଲନେସ ଉତ୍ପାଦ ସହିତ କାରାବାର କରୁଥିବା ଅନ୍ୟତମ ଅଗ୍ରଣୀ ରିଟେଲ ବ୍ରାଣ୍ଡ ଶ୍ୟାମଳା ଡ୍ରାଏ ଫ୍ରୁଟ୍ସ ବୁଧବାର ରଘୁନାଥପୁର ରୟାଲ ଆର୍କେଡ ମଲ୍‌ରେ ଏକ ସ୍ୱତନ୍ତ୍ର ଆଉଟ୍‌ଲେଟ ଉଦ୍‌ଘାଟିତ କରିଛି। ଭୁବନେଶ୍ୱରର ସମସ୍ତ ସ୍ୱାସ୍ଥ୍ୟ ସମନ୍ଧୀୟ ସାମଗ୍ରୀ ଏହି ଷ୍ଟୋରରେ ମିଳିବ। ଗ୍ରାହକଙ୍କ ଚାହିଦାକୁ ପୂରଣ କରିବା ପାଇଁ ଗୁଣାତ୍ମକ ଏବଂ ସୁସ୍ଥ ଖାଦ୍ୟ ପ୍ରଦାନ କରିବାକୁ ଆମର ପ୍ରତିଶ୍ରୁତି ଏକ ପ୍ରଦର୍ଶନ ହେଉଛି ଏହି ଷ୍ଟୋରର ଶୁଭାରମ୍ଭ ସବୁ ପ୍ରକାର ପ୍ରିମିୟମ ଡ୍ରାଏ ଫ୍ରୁଟ୍ସ ନ୍ୟୁଟ୍ରିସ୍‌ଯୁକ୍ତ ପ୍ରଡକ୍ଟ ସହ ସ୍ୱାଦିଷ୍ଟ ଚକୋଲେଟ ପାଇଁ ଏକ ସର୍ବୋତ୍ତମ ଅତ୍ୟାଧୁନିକ ଆଉଟଲେଟ । ଏହା ସ୍ୱଚ୍ଛତା ଏବଂ ଗୁଣବତ୍ତା ବଜାୟ ରଖିଥାଏ। ଏହା ସବୁ ପ୍ରକାର ଆମଦାନୀ, ଘରୋଇ ଶୁଖିଲାଫଳ, ଘରେ ପ୍ରସ୍ତୁତ ହୋଇଥିବା ଚକୋଲେଟ, କୁକିଜ ଇତ୍ୟାଦି ପାଇଁ ଏହାର ଗୋଟିଏ ମାତ୍ର ଉପଯୁକ୍ତ ସ୍ଥାନ ବୋଲି ଶ୍ୟାମଳା ଡ୍ରାଏ ଫ୍ରୁଟ୍ସ ଏମ୍‌ଡି ମାଭୁଦୁରୁ ବିବେକ କହିଛନ୍ତି। ଓଡ଼ିଶାରେ ସବୁବେଳେ ଆନ୍ଧ୍ର ନମ୍‌କିନ ଏବଂ ଆଚାରର ଚାହିଦା ଅଧିକ ରହିଥାଏ। ଶ୍ୟାମଳା ଡ୍ରାଏ ଫ୍ରୁଟ୍ସ ଆନ୍ଧ୍ରପ୍ରଦେଶର ଏକ ଅଗ୍ରଣୀ ବ୍ରାଣ୍ଡ ଯାହାର ୧୬ଟି ଆଉଟଲେଟ ରହିଛି। ଏହାର ଗୁଣାତ୍ମକ ଶୁଖିଲା ଫଳ ଏବଂ ନମକିନ ପ୍ରଡକ୍ଟମାନ ସ୍ୱାସ୍ଥ୍ୟ କଲ୍ୟାଣ ଉତ୍ପାଦ ପାଇଁ ଜଣାଶୁଣା। ଓଡ଼ିଶାରେ ଏହା ପ୍ରଥମ ଆଉଟଲେଟ ବୋଲି ଓନର୍ ସୁନୀତ କୁମାର ସାମଲ କହିଛନ୍ତି।

# ଖାଲି ପଦବୀରେ ବିଶ୍ୱବିଦ୍ୟାଳୟ ସ୍ୱପ୍ନ

ଖୋର୍ଦ୍ଧା,୨୩।୮ (ପ୍ରଭାତ ପାଣିଗ୍ରାହୀ)




**ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ**
- ଏବେ ବି ୫୦% ଅଧ୍ୟାପକ ପଦବୀ ଖାଲି
- ପାଚେରି ଭାଙ୍ଗିପଡିଛି, ଇନ୍‌ଡୋର ଷ୍ଟାଡିୟମ ବିପର୍ଯ୍ୟସ୍ତ

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପ୍ରାଣନାଥ ପଟ୍ଟନାୟକ ଖୋର୍ଦ୍ଧାରେ ଶିକ୍ଷାର ପ୍ରଗତି ପାଇଁ ଏକ ମହାବିଦ୍ୟାଳୟ ଗଢିଥିଲେ। ତାଙ୍କ ନାମ ଅନୁସାରେ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ନାମକରଣ କରାଯାଇଛି। ୧୯୫୮ରେ ସ୍ଥାପିତ ଏହି ମହାବିଦ୍ୟାଳୟ ୨୦୦୬ରେ ସ୍ୱୟଂଶାସିତ ମାନ୍ୟତା ପାଇଛି। ଯୁକ୍ତ୨ ଏବଂ ଯୁକ୍ତ ୩ ସ୍ତରରେ ୭ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ଏଠାରେ ବିଭିନ୍ନ ବିଭାଗରେ ସ୍ନାତକୋତ୍ତର ରହିଛି। ଏଥିସହିତ ସେଲ୍ଫ ଫାଇନାନ୍ସ କୋର୍ସ ମଧ୍ୟ ଚାଲିଛି। କଲେଜ ୭୫ଏକର ପରିମିତ ଅଞ୍ଚଳ ରହିଛି। ରାଜ୍ୟ ତଥା ଜାତୀୟସ୍ତରୀୟ କ୍ରୀଡ଼ା ଏବଂ ଅନ୍ୟ ବିଷୟରେ ଏଠାରେ ଛାତ୍ରୀଛାତ୍ରମାନେ ସୁନାମ ଆଣିଛନ୍ତି। ହେଲେ ଦୀପ ତଳ ଅନ୍ଧାର ଭଳି ରାଜଧାନୀଠାରୁ ମାତ୍ର ୨୫ କିମି ଦୂରତାରେ ଥାଇ ସୁଦ୍ଧା ଏହି ମହାବିଦ୍ୟାଳୟର ବିକାଶ ପ୍ରତି କୌଣସି ଗୁରୁତ୍ୱ ଦିଆଯାଉ ନାହିଁ। ଆବଶ୍ୟକ ଅଧ୍ୟାପକଙ୍କଠାରୁ ୫୦ପ୍ରତିଶତ ଶିକ୍ଷକ ପଦବୀ ଖାଲି ପଡିଛି। ଫଳରେ ଶିକ୍ଷାଦାନ ଏକପ୍ରକାର ବାଧାପ୍ରାପ୍ତ ହେଉଛି। ଅଧ୍ୟାପକ ଅଭାବରୁ ଏବେ ଛାତ୍ରୀଛାତ୍ର ମଧ୍ୟ ନାମଲେଖାରୁ ମୁହଁ ଫେରାଉଛନ୍ତି। ସେହିଭଳି ପିଲାଙ୍କ ପାଇଁ ଏକ ଉନ୍ନତମାନର ଖେଳପଡିଆ ନ ଥିବାବେଳେ ଇନ୍‌ଡୋର ଷ୍ଟାଡିୟମ ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ଅତିତରେ କ୍ରୀଡ଼ା ବିଭାଗରେ ବିଶ୍ୱବିଦ୍ୟାଳୟ ସ୍ତରରେ ସୁନାମ ରହିଥିବା ସତ୍ତ୍ୱେ ଛାତ୍ରୀଛାତ୍ରମାନେ ଖେଳ ଅଭ୍ୟାସରୁ ବଞ୍ଚିତ ହେଉଛନ୍ତି। ଉଚ୍ଚ ଶିକ୍ଷାର ବିଭାଗର ଚରମ ଅବହେଳାରୁ ଏହି ଅଗ୍ରଣୀ ଶିକ୍ଷାନୁଷ୍ଠାନର ଶିକ୍ଷାଦାନରେ ବାଧା ସୃଷ୍ଟି ହେଉଛି।

ରାଜ୍ୟ ସରକାର ଶିକ୍ଷାର ବିକାଶ ଉପରେ ଡିଣ୍ଡିମ ପିଟୁଥିବା ବେଳେ ପ୍ରାଣନାଥ ମହାବିଦ୍ୟାଳୟରେ ଅଧ୍ୟାପକ ପଦବୀ ପୂରଣ ଦିଗରେ କୌଣସି ଗୁରୁତ୍ୱାରୋପ ଦେଉ ନାହାନ୍ତି। ଏପରି କି ମହାବିଦ୍ୟାଳୟଟି ୧୬ ନମ୍ବର ଜାତୀୟ ରାଜପଥକୁ ଲାଗି ରହିଛି। ସବୁ ସମୟରେ ପିଲାମାନେ ରାଜପଥ ଉପର ଦେଇ ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ କରୁଛନ୍ତି। ମହାବିଦ୍ୟାଳୟ ଆଗରେ ଅଣ୍ଡରପାସ ଏବଂ ବସ୍‌ଷ୍ଟପ ବ୍ୟବସ୍ଥା କରିବାକୁ ଜିଲା ପ୍ରଶାସନଠାରୁ ରାଜ୍ୟ ସରକାରଙ୍କ ନିକଟରେ ବାରମ୍ୱାର ଅଭିଯୋଗସତ୍ତ୍ୱେ କୌଣସି ଗୁରୁତ୍ୱ ଦିଆଯାଉ ନାହିଁ ବୋଲି ଛାତ୍ରୀଛାତ୍ରମାନେ ଅଭିଯୋଗ କରିଛନ୍ତି। ସେହିଭଳି ମହାବିଦ୍ୟାଳୟ ଚତୁଃପାର୍ଶ୍ୱ ପାଚେରି ନଥିବା ଏବଂ ରାଜପଥ ପ୍ରବେଶ ପଥ ପାଚେରି ଦୀର୍ଘ ଦିନ ଭାଙ୍ଗିଯାଇଥିବା ବେଳେ ଏହା ମରାମତି ପାଇଁ ମଧ୍ୟ ଧ୍ୟାନ ଦିଆଯାଉ ନାହିଁ। ଫଳରେ ସନ୍ଧ୍ୟା ହେଲେ କଲେଜର କ୍ୟାମ୍ପସ ପଡ଼ିଆରେ ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳୀ ପାଲଟିଛି।

**ଏମାନେ ଯାହା କୁହନ୍ତି...**

"ଏହି ମହାବିଦ୍ୟାଳୟ ଓଡ଼ିଶାରେ ଉଚ୍ଚଶିକ୍ଷା ଦିଗରେ ଏକ ମାଇଲଖୁଣ୍ଟ। ନାକ୍ ମାନ୍ୟତା ସହ ସମସ୍ତ ଭିତ୍ତିଭୂମି ଥିବା ସତ୍ତ୍ୱେ ବିଶ୍ୱବିଦ୍ୟାଳୟ ପ୍ରତି ଗୁରୁତ୍ୱ ଦିଆଯାଉ ନାହିଁ। ନିକଟରେ ସରକାର ଏକାଧିକ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେଇଛନ୍ତି। ଅଥଚ ପିଏନ୍ କଲେଜ ପ୍ରତି ଗୁରୁତ୍ୱ ନାହିଁ।

**-ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ମହାବିଦ୍ୟାଳୟ ଉପଦେଷ୍ଟା**

"ପ୍ରତିବର୍ଷ ପ୍ରତି ବିଭାଗରେ ସିନିୟର ଅଧ୍ୟାପକମାନେ ଅବସରଗ୍ରହଣ କରୁଛନ୍ତି। ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ହିସାବରେ ଏଠାରେ ଅଧ୍ୟାପକ ନିଯୁକ୍ତି ଆବଶ୍ୟକ। ଏଥିଲାଗି ଉଚ୍ଚ ଶିକ୍ଷା ବିଭାଗକୁ ଅବଗତ କରାଯାଇଛି। ରାଜ୍ୟ ସରକାର ଏହି ମହାବିଦ୍ୟାଳୟର ଉନ୍ନତି ପାଇଁ ୧.୫ କୋଟି ଟଙ୍କା ଅନୁଦାନ ମଞ୍ଜୁର କରିଛନ୍ତି।

**-ଜ୍ୟୋତିରିନ୍ଦ୍ରନାଥ ମିତ୍ର, ବିଧାୟକ ତଥା ପରିଚାଳନା କମିଟି ସଭାପତି**

"କଲେଜର ଅଧାଧିକ ଅଧ୍ୟାପକ ପଦବୀ ଖାଲି ପଡିଛି। ପ୍ରତିବର୍ଷ ଶିକ୍ଷା ଆରମ୍ଭ, ମିଡ୍‌ଟେ ସେକ୍ସନ ମଧ୍ୟରେ ବିଭିନ୍ନ ସମସ୍ୟା ନେଇ ଉଚ୍ଚ ଶିକ୍ଷା ବିଭାଗକୁ ଚିଠି କରାଯାଉଛି। ପିଲାଙ୍କ ପାଠପଢା ପାଇଁ ଅତିଥି ଅଧ୍ୟାପକକୁ ନିଯୁକ୍ତି ଦିଆଯାଉଛି। ଏଥିଲାଗି ଆର୍ଥିକ ସମସ୍ୟା ବଢ଼ିଗଲାଣି। ଅଧ୍ୟାପକଙ୍କ ଉପରେ ପାଠପଢ଼ାର ଚାପ ପଡୁଛି। ଏହି ସବୁ ସମସ୍ୟା ପ୍ରତି ବିଭାଗ ପକ୍ଷରୁ ଦୃଷ୍ଟି ଦେଇ ସମାଧାନ କରିବା ଆବଶ୍ୟକ।

**- ଅଜନ୍ତା ଶତପଥୀ, ମହାବିଦ୍ୟାଳୟ ଅଧ୍ୟକ୍ଷା**

### ଅଗ୍ନିବିପନ୍ନଙ୍କୁ ଭେଟିଲେ ସଞ୍ଜୟ ଦାସବର୍ମା

ପୁରୀ,୨୩।୮(ଅଜିତ ମହାନ୍ତି)

ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ କୃଷ୍ଣପ୍ରସାଦ ବ୍ଲକ ବଡ଼ଅଁଳ ପଞ୍ଚାୟତ ରସକୁଦି ଗ୍ରାମରେ ଭୟାବହ ଅଗ୍ନିକାଣ୍ଡ ଘଟି ଦୀପକ ବେହେରା, ବୁଲୁ ବେହେରା ଏବଂ ତ୍ରିନାଥ ବେହେରାଙ୍କ ଘର ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା ବୁଧବାର ଏହି ଅଗ୍ନିବିପନ୍ନ ପରିବାରଙ୍କୁ ଭେଟି ଆଶ୍ୱାସନା ଦେବା ସହିତ ସମବେଦନା ଜଣାଇଛନ୍ତି। ଏଥିସହ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ, ଚୁଡ଼ା, ଚାଉଳ, ଶୁଖିଲା ଖାଦ୍ୟ ଓ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ତତ୍‌ସହିତ ଦାସବର୍ମା କୃଷ୍ଣପ୍ରସାଦ ବ୍ଲକ ତହସିଲଦାର ଶରତ ଗିରିଙ୍କ ସହିତ ଆଲୋଚନା କରି ଅଗ୍ନିବିପନ୍ନ ପରିବାରବର୍ଗଙ୍କୁ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ସମୟରେ କୃଷ୍ଣପ୍ରସାଦ ବ୍ଲକ ଜିଲାପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ଚରେଇ, ସମିତି ସଭ୍ୟାଙ୍କ ପ୍ରତିନିଧି ସୋନୁ ପ୍ରଧାନ, ତହସିଲଦାର ଶରତ ଗିରି ଏବଂ କୃଷ୍ଣପ୍ରସାଦ ରାଜସ୍ୱ ନିରୀକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ।

## ଚନ୍ଦ୍ରଯାନ-୩ ସଫଳ ଅବତରଣ ନେଇ ଦୀପଦାନ




ବେଗୁନିଆ ବ୍ଲକ ଅନ୍ତର୍ଗତ ବୋତଲମାସ୍ଥିତ ଇଡେନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଚନ୍ଦ୍ରଯାନ-୩ର ସଫଳତା ନେଇ ପ୍ରାର୍ଥନା କରୁଛନ୍ତି।

ବେଗୁନିଆ,୨୩।୮(ହରପ୍ରସନ୍ନ ପଣ୍ଡା)

ଇସ୍ରୋ ବୈଜ୍ଞାନିକଙ୍କ ଦାରା ନିର୍ମିତ ଚନ୍ଦ୍ରଯାନ-୩ ସଫଳ ଭାବେ ଉତ୍‌କ୍ଷେପଣ ପରେ ବୁଧବାର ଦିନ ସନ୍ଧ୍ୟା ସମୟରେ ଦକ୍ଷିଣ ମେରୁରେ ସଫଳ ଭାବେ ଅବତରଣ କରି ଭାରତ ବର୍ଷ ପାଇଁ ଗୌରବ ଅର୍ଜନ କରିଛି। ଏଥିପାଇଁ ବେଗୁନିଆ ବ୍ଲକ ଅନ୍ତର୍ଗତ ବୋତଲମାସ୍ଥିତ ଇଡେନ ବିଦ୍ୟାଳୟ ପକ୍ଷରୁ ସମୂହ ଶ୍ରୀଜଗନ୍ନାଥଙ୍କ ନିକଟରେ ଦୀପଦାନ କରିବା ସହ ଛାତ୍ରୀଛାତ୍ର ଓ କର୍ମଚାରୀମାନେ ପ୍ରାର୍ଥନା କରିଥିଲେ। ପ୍ରଧାନ ଶିକ୍ଷକ ଲଲାଟ କେଶରୀ ପାଟ୍ଟଶାଣୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଦୀପଦାନ ଉତ୍ସବରେ ବିଜ୍ଞାନ ଶିକ୍ଷକ ନୀଳକଣ୍ଠ ବେହେରା, ମନୋଜ କୁମାର ସାହୁ, ସଞ୍ଜୟ କୁମାର ଗୁମାନସିଂହ ଓ କାହ୍ନୁଚରଣ ପାହାଡ଼ସିଂହ ପ୍ରମୁଖ ସହଯୋଗ କରିଥିଲେ। ପ୍ରୋଜେକ୍ଟ ଜରିଆରେ ପିଲାମାନଙ୍କୁ ଚନ୍ଦ୍ରଯାନ-୩ର ବିଶେଷତ୍ୱ ସମ୍ପର୍କରେ ଅବଗତ କରାଯାଇଥିଲା। ସେହିପରି କଣ୍ଟାବାଡ଼ ଗ୍ରାମସ୍ଥିତ ଶିଶୁ ମନ୍ଦିର ପରିସରରେ ପ୍ରଧାନ ଶିକ୍ଷକ ମନୋରଞ୍ଜନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ମଧ୍ୟ ଶ୍ରୀଜଗନ୍ନାଥଙ୍କ ନିକଟରେ ଚନ୍ଦ୍ରଯାନ ସଫଳ ନେଇ ସମୂହ ପ୍ରାର୍ଥନା କରିଥିଲେ। ଇସ୍ରୋ ବୈଜ୍ଞାନିକମାନଙ୍କୁ ପିଲାମାନଙ୍କ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।

### ଶ୍ରୀମନ୍ଦିର ୪ ଦ୍ୱାରରେ ଭକ୍ତଙ୍କୁ ପ୍ରବେଶ ଅନୁମତି ମିଳୁ

ପୁରୀ,୨୩।୮(ଅଜିତ ମହାନ୍ତି)

ସଚେତନ ନାଗରିକ ମଞ୍ଚ ସଭାପତି ପ୍ରସନ୍ନ କୁମାର ଦାଶଙ୍କ ନେତୃତ୍ୱରେ ୫ଜଣିଆ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ରାଜଭବନରେ ଭେଟି ଶ୍ରୀମନ୍ଦିର ୪ ଦ୍ୱାରରେ ଭକ୍ତଙ୍କ ପ୍ରବେଶ ପାଇଁ ସଂଗୃହୀତ ଏକଲକ୍ଷ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ପୁରୀରେ ପରିକ୍ରମା ମାର୍ଗ ନିର୍ମାଣ ଚାଲୁଥିବା ଯୋଗୁ ଭକ୍ତ ଶ୍ରୀମନ୍ଦିରକୁ ଯିବାରେ ଅସୁବିଧା ହେଉଥିବା କହିଥିଲେ। ସେ ଏ ନେଇ ସରକାରଙ୍କୁ ଅବଗତ କରାଇବା ପାଇଁ ମତ ଦେଇଥିଲେ। ପ୍ରତିନିଧି ମଣ୍ଡଳୀରେ କବି ଶଙ୍କର ପରିଡ଼ା, ସୂର୍ଯ୍ୟନାରାୟଣ ରଥ, ହରିଶଙ୍କର ମିଶ୍ର ଏବଂ ସଚ୍ଚିଦାନନ୍ଦ ଦାଶ ସାମିଲ ଥିଲେ।

### ଲୋକ ଜନଶକ୍ତି ପାର୍ଟି ରାମବିଳାସର ରାଜ୍ୟସ୍ତରୀୟ ବୈଠକ

ବାଲିପାଟଣା,୨୩।୮(ଅଭିମନ୍ୟୁ ନାୟକ)

ଲୋକ ଜନଶକ୍ତି ପାର୍ଟି ରାମବିଳାସ ପକ୍ଷରୁ ଏକ ରାଜ୍ୟସ୍ତରୀୟ କର୍ମକର୍ତ୍ତା ବୈଠକ ବାଲିପାଟଣାଠାରେ ଅନୁଷ୍ଠିତ ହୋଇଯାଇଛି। ଦଳର ରାଜ୍ୟ ସଭାପତି ଚିତ୍ତରଞ୍ଜନ ମଲ୍ଲିକଙ୍କ ସଭାପତିତ୍ୱରେ ଏହି ସଭାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଦଳର ଜାତୀୟ ସମ୍ପାଦକ ଏବଂ ରାଜ୍ୟ ପ୍ରଭାରୀ ରବି ଟିକୁ କହିଥିଲେ, ତୃଣମୂଳ ସ୍ତରରୁ କିପରି ଦଳ ସଂଗଠିତ ହେବ ସେଥିପ୍ରତି ରାଜ୍ୟ କର୍ମକର୍ତ୍ତାମାନେ ଗଠନମୂଳକ କାର୍ଯ୍ୟ କରି ସଙ୍ଗଠନ ମଜଭୁତ କରିବା ସହିତ ରାଜ୍ୟ ସରକାରଙ୍କର ମନମୁଖୀ ଅଗଣତାନ୍ତ୍ରିକ ଶାସନ, ପ୍ରଗତି ନାମରେ ଯେଉଁ ଧୂଆଁବାଣ କରୁଛନ୍ତି, ତା'ର ଦୃଢ ବିରୋଧ ଦଳ ପକ୍ଷରୁ କରାଯିବ। ଦଳ ଓଡ଼ିଶାରେ ସ୍ଥିତିକୁ ନେଇ ଆଗାମୀ ନିର୍ବାଚନରେ ଲୋକସଭା ଓ ବିଧାନ ସଭାରେ ପ୍ରାର୍ଥୀ ଦେବ ବୋଲି କହିଥିଲେ। ବ୍ଲକ ସ୍ତରରୁ ବିରୋଧର ସ୍ୱର ଉଠିବ ବୋଲି ରାଜ୍ୟ ସଭାପତି ଖବରଦାତାମାନଙ୍କ ପ୍ରଶ୍ନର ଉତ୍ତରରେ କହିଛନ୍ତି। ରାଜ୍ୟ କମିଟିର ଉପସଭାପତି, ସମ୍ପାଦକ, ସହସମ୍ପାଦକ, କୋଷାଧ୍ୟକ୍ଷ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଯୋଗଦେଇଥିଲେ।

### ଆଜିଠୁ ଇଣ୍ଡିପେଣ୍ଡେନ୍ସ କପ୍ ଡାର୍ଟ୍ସ ନ୍ୟାଶନାଲ ଚାମ୍ପିୟନ୍‌ଶିପ୍

ପୁରୀ, ୨୩।୮(ଅଜିତ ମହାନ୍ତି)

ଓଡ଼ିଶା ଡାର୍ଟ୍ସ ଆସୋସିଏଶନ୍ ଆନୁକୂଲ୍ୟରେ ପୁରୀ ଭିଆଇପି ରୋଡସ୍ଥିତ ପ୍ରାଇଡ ଅନନ୍ୟା ରିସୋର୍ଟ ପରିସରରେ ଇଣ୍ଡିପେଣ୍ଡେନ୍ସ କପ୍ ଡାର୍ଟ୍ସ ନ୍ୟାଶନାଲ ଚାମ୍ପିୟାନଶିପ୍-୨୦୨୩ ଅନୁଷ୍ଠିତ ହେବାକୁ ଯାଉଛି। ଏ ନେଇ ବୁଧବାର ଆୟୋଜକମାନଙ୍କ ପକ୍ଷରୁ ହୋଟେଲ ପ୍ରାଇଡ୍ ଅନନ୍ୟା ରିସୋର୍ଟ ପରିସରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅଲ୍‌ଇଣ୍ଡିଆ ଡାର୍ଟ୍ସ ଆସୋସିଏସନ୍‌ର ସଭାପତି ପ୍ରଶାନ୍ତ ସାହା, ଅଲ ଇଣ୍ଡିଆ ଡାର୍ଟ୍ସ ଆସୋସିଏସନ୍‌ର ଉପସଭାପତି ତଥା ଓଡ଼ିଶା ଡାର୍ଟ୍ସ ଆସୋସିଏସନ୍‌ର ସଭାପତି ଶୁଧାଂଶୁ ଶେଖର ହରିଚନ୍ଦନ, ଅନନ୍ୟା ପ୍ରାଇଡ୍ ହୋଟେଲ ନିର୍ଦ୍ଦେଶକ ମଧୁସୂଦନ ସିଂହାରୀ ଓ ହୋଟେଲ ମ୍ୟାନେଜର ପ୍ରୀତମ ଚାଟାର୍ଜି ପ୍ରମୁଖ ଉପସ୍ଥିତ ଥିଲେ। ସେମାନେ କହିଥିଲେ, ଏହି ପ୍ରତିଯୋଗିତା ଚଳିତ ମାସ ୨୪ରୁ ୨୬ ତାରିଖ ତିନିଦିନ ପର୍ଯ୍ୟନ୍ତ ପ୍ରାଇଡ ଅନନ୍ୟା ରିସୋର୍ଟ ପରିସରରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ପୁରୀରେ ପ୍ରଥମ ଥର ପାଇଁ ହେବାକୁ ଯାଉଛି। ତେବେ ୭ଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ରାଜ୍ୟରୁ ୭୦ରୁ ଅଧିକ ପ୍ରତିଯୋଗୀ ଭାଗନେବେ। ଏହି ପ୍ରତିଯୋଗିତାରେ ଯେ କୌଣସି ବର୍ଗର ପ୍ରତିଯୋଗୀ ଭାଗ ନେଇପାରିବେ। ଭାଗ ନେଇଥିବା ପ୍ରତିଯୋଗିତାମାନଙ୍କ ଭିତରେ ଉତ୍ତୀର୍ଣ୍ଣ ପ୍ରତିଯୋଗୀମାନଙ୍କ ନିମନ୍ତେ ପୁରସ୍କାର ବିତରଣ କରିବାର କାର୍ଯ୍ୟକ୍ରମ ରହିଛି।

### ଇସ୍ରୋ ବୈଜ୍ଞାନିକଙ୍କୁ କାଗଜ କଳାରେ କୁନି ଚିତ୍ରଶିଳ୍ପୀଙ୍କ ଶୁଭେଚ୍ଛା

ପୁରୁଣା ଭୁବନେଶ୍ୱର,୨୩।୮(ସୁବାସଚନ୍ଦ୍ର ପ୍ରଧାନ)

ଇତିହାସ ରଚିଲା ଭାରତ। ଚନ୍ଦ୍ରଯାନ-୩ ଛୁଇଁଲା ଚନ୍ଦ୍ରପୃଷ୍ଠ। ଜହ୍ନ ରାଇଜରେ ଭାରତ ଲେଖିଲା ନାଁ। ଆଦରର ଜହ୍ନମାମୁ ଘରେ ଫର୍‌ଫର୍ ହୋଇ ଉଡ଼ିଛି ତ୍ରିରଙ୍ଗା। ଭାରତ ମହାକାଶ ଗବେଷଣା ଇତିହାସରେ ଯୋଡ଼ି ହୋଇଯାଇଛି ଏକ ସ୍ୱର୍ଣ୍ଣିମ ଅଧ୍ୟାୟ। ଯେଉଁ ଐତିହାସିକ ମୁହୂର୍ତ୍ତକୁ ସାରା ବିଶ୍ୱ ଅପେକ୍ଷା କରିଥିଲା ତାହା ବୁଧବାର ସଫଳ ହୋଇଛି। ଏ ନେଇ ଦେଶର ଗାଁରୁ ସହର ସବୁଠି ଉତ୍ସାହର ମାହୋଲ। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ପୋଖରୀପୁଟରେ ରହୁଥିବା ୯ ବର୍ଷର ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପ ଏହି ଖୁସିର ମୁହୂର୍ତ୍ତକୁ ବେଶ୍ ଉତ୍ସାହର ସହ ସେଲିବ୍ରେଟ୍ କରିଛନ୍ତି। କାଗଜ କଳାରେ ପ୍ରତୀକାତ୍ମକ ଚନ୍ଦ୍ରଯାନ-୩ ତିଆରି କରି ଇସ୍ରୋର ସମସ୍ତ ବୈଜ୍ଞାନିକଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଖୁସି ପ୍ରକଟ କରି କହିଛନ୍ତି ଜୟ ବିଜ୍ଞାନ, ଜୟ ଇସ୍ରୋ, ଜୟ ଚନ୍ଦ୍ରଯାନ-୩, ଜୟ ହୋ ଭାରତ। ଏହି କୁନି ଚିତ୍ରଶିଳ୍ପୀ ଜଣକ ଭୁବନେଶ୍ୱର ଭୀମଟାଙ୍ଗିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଚତୁର୍ଥ ଶ୍ରେଣୀରେ ପାଠ ପଢୁଛନ୍ତି।



ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପଙ୍କ ଦ୍ୱାରା କାଗଜ କଳାରେ ପ୍ରସ୍ତୁତ ଚନ୍ଦ୍ରଯାନ-୩।

### ଅସହାୟଙ୍କୁ ସାହାଯ୍ୟ ହେଲେ ସାମାଜିକ କର୍ମୀ ରମେଶ



କୃଷ୍ଣପ୍ରସାଦ,୨୩।୮(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା ବ୍ରହ୍ମଗିରି ବ୍ଲକର ସାମାଜିକ କର୍ମୀ ରମେଶ ଚନ୍ଦ୍ର ପ୍ରଧାନ ଗତ ୨ ମାସ ମଧ୍ୟରେ କୃଷ୍ଣପ୍ରସାଦ ବ୍ଲକର ୨୦ଜଣ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରିଛନ୍ତି। ବୁଧବାର କୃଷ୍ଣପ୍ରସାଦ ବ୍ଲକର ପାରିକୁଦଗଡ଼ରେ ୨ଜଣ, ଯମୁନା, ଉଠାଣିକୁଦା, ମାଲୁଦ, ବଜ୍ରକୋଟ, ପାଇକରାୟପୁରରେ ଏହିଭଳି ୭ଜଣ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ ପ୍ରଦାନ କରିଛନ୍ତି। ସେହିଭଳି ଗୁରୁତର ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିବା ମାଲୁଦ ଏବଂ ପାଇକରାୟପୁର ଗ୍ରାମର ୨ଜଣ ଅସହାୟଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝି ଅର୍ଥ ପ୍ରଦାନ କରିଥିଲେ। ତାଙ୍କର ଏହିଭଳି ଜନସେବାକୁ ବିଭିନ୍ନ ମହଲରେ ପ୍ରଶଂସାର ସୁଅ ଛୁଟୁଛି। ମାଲୁଦ ତାଳଶିଳ୍ପ କେନ୍ଦ୍ରରେ ସହଯୋଗୀ କୃଷ୍ଣପ୍ରସାଦ ମହାପାତ୍ର, ରମାକାନ୍ତ ଜେନା, ରାମକୃଷ୍ଣ ଦଳେଇ, ପ୍ରସନ ପଲେଇ, ଅଖାରି ବରାଳ, ସୁକେଶ ଦାସ, ମନୋଜ ଜେନା, ଜ୍ୟୋତିରଞ୍ଜନ ପ୍ରଧାନ, ଶତ୍ରୁଘ୍ନ ସ୍ୱାଇଁ, ସୁନୀଲ ନାୟକ ପ୍ରମୁଖ ଏକ ବୈଠକ କରି ଆଗାମୀ ସହଯୋଗ ପ୍ରସ୍ତୁତି ଉପରେ ଆଲୋଚନା କରିଥିଲେ।

## ଡାକ୍ତରଙ୍କ ଘରୋଇ କ୍ଲିନିକ୍ ମୋହ

ଖୋର୍ଦ୍ଧା,୨୩।୮(ପ୍ରଭାତ ପାଣିଗ୍ରାହୀ)

**ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ**
- ଦୀର୍ଘ ସମୟ ଲମ୍ୱା ଧାଡ଼ିରେ ଠିଆ ହେଉଛନ୍ତି ରୋଗୀ
- ଦଲାଲ ସକ୍ରିୟ, ମଧୁଚନ୍ଦ୍ରିକାରେ କାରବାର ଚାଲିଛି

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍)ରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ କେତେଜଣ ଡାକ୍ତର ନିର୍ଦ୍ଧାରିତ ସମୟରେ ମେଡିକାଲରେ ରୋଗୀଙ୍କୁ ଦେଖିବା ପରିବର୍ତ୍ତେ ନିକଟସ୍ଥ ଘରୋଇ କ୍ଲିନିକ୍‌ରେ ସମୟ ଦେଉଛନ୍ତି। ସରକାରୀ ମେଡିକାଲରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ଲାଗି ସରକାର ପଦକ୍ଷେପ ନେଉଛନ୍ତି। ତେବେ ଏଠାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଡାକ୍ତରମାନେ ଧାର୍ଯ୍ୟ ସମୟଠାରୁ ବିଳମ୍ବରେ ରୋଗୀ ଦେଖୁଥିବା ଅଭିଯୋଗ ହେଉଛି। ଏପଟେ ରୋଗୀ ଦୂରଦୂରାନ୍ତରୁ ମେଡିକାଲକୁ ଆସି ଡାକ୍ତରଙ୍କ ପରାମର୍ଶ ଲାଗି ଘଣ୍ଟା ଘଣ୍ଟା ଲମ୍ୱାଧାଡ଼ିରେ ଠିଆ ହୋଇ ରହୁଛନ୍ତି। ଏହା ନିତିଦିନିଆ ଘଟଣାରେ ପରିଣତ ହୋଇଛି ବୋଲି କେତେଜଣ ରୋଗୀ ଗଣମାଧ୍ୟମ ଆଗରେ କହିଛନ୍ତି। ସକାଳ ୮ରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ବହିଃ ବିଭାଗ(ଓପିଡି) ସମୟ ରହିଛି। ତେବେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରଙ୍କ ପରାମର୍ଶ ଲାଗି ରୋଗୀମାନେ ଘଣ୍ଟା ଘଣ୍ଟା ଧରି ଲମ୍ୱାଧାଡ଼ିରେ ଠିଆ ହୋଇ ରହୁଛନ୍ତି। ଅନ୍ୟପଟେ ଡାକ୍ତରମାନେ ଏହି ସମୟରେ ସକାଳ ୮ଟାରୁ ୯.୩୦ଟା ପର୍ଯ୍ୟନ୍ତ ନିକଟ ଘରୋଇ କ୍ଲିନିକ୍‌ରେ ରୋଗୀଙ୍କୁ ଦେଖୁଥିବା ଅଭିଯୋଗ ହେଉଛି। ଅଧିକାଂଶ ଡାକ୍ତର ବିଳମ୍ବିତ ସମୟରେ ଆସୁଥିବା କେତେଜଣ ରୋଗୀ ଗଣମାଧ୍ୟମ ଆଗରେ କହିଛନ୍ତି। ଡିଏଚ୍‌ଏଚ୍‌କୁ ଲାଗି ଏକାଧିକ ଘରୋଇ କ୍ଲିନିକ୍ ଛତୁ ଫୁଟିବା ଭଳି ରହିଛି। ମେଡିକାଲରେ ଘରୋଇ କ୍ଲିନିକ୍ ଦଲାଲାଙ୍କ ପାର୍ଦୁଭାବ ବଢିବାରେ ଲାଗିଛି। ଏମାନେ ବିଭିନ୍ନ ୱାର୍ଡ ବୁଲି ରୋଗୀଙ୍କ ସହ ଆଲୋଚନା କରି ଘରୋଇ କ୍ଲିନିକ୍‌କୁ ପ୍ରୋତ୍ସାହିତ କରୁଛନ୍ତି। ଉତ୍ତମ ସେବା ଆଳରେ ରୋଗୀଙ୍କୁ ଘରୋଇ କ୍ଲିନିକ୍‌ରେ ଶୋଷଣ କରାଯାଉଛି।

ମାତୃ ଓ ଶିଶୁ ଯତ୍ନ କେନ୍ଦ୍ରରେ ଗର୍ଭବତୀ ମହିଳାଙ୍କୁ ଉପଯୁକ୍ତ ସେବା ପ୍ରଦାନ କରାଯାଉ ନ ଥିବା ଅଭିଯୋଗ ହେଉଛି। ବିଳମ୍ବିତ ରାତିରେ ପ୍ରସବ ଯନ୍ତ୍ରଣାଜନିତ ସମସ୍ୟା ନେଇ ଆସୁଥିବା ମହିଳାଙ୍କ ଚିକିତ୍ସା ପରିବର୍ତ୍ତେ ସେମାନଙ୍କୁ ଅବସ୍ଥା ଭଲ ନ ଥିବା କହି କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଉଛି। ଅନ୍ୟପଟେ ସେହି ମହିଳା ଦଲାଲଙ୍କ ଜରିଆରେ ଘରୋଇ କ୍ଲିନିକ୍‌ରେ ପ୍ରସବ ହେବା ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦି ଘରୋଇ କ୍ଲିନିକ୍‌ରେ ବିନା କୌଣସି ବାଧାରେ ପ୍ରସବ ହୋଇପାରୁଛି, ତେବେ ସରକାରୀ ମେଡିକାଲ କଣ ପାଇଁ ରହିଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଏକାଧିକ ଘଟଣାରେ ଏହାର ନଜିର ରହିଛି। ଗୋଟିଏ ପଟେ ସୁରକ୍ଷିତ ମାତୃତ୍ୱ ଉପରେ ସରକାର ଗୁରୁତ୍ୱରୋପ କରୁଛନ୍ତି। ଗର୍ଭବତୀ ମହିଳା ଓ ଶିଶୁଙ୍କ ଯତ୍ନ ଲାଗି ସରକାର ସରକାରୀ ମେଡିକାଲରେ ସମସ୍ତ ବ୍ୟବସ୍ଥା ଉପଲବ୍ଧ କରିଛନ୍ତି। ସମସ୍ତ ଅତ୍ୟାଧୁନିକ ବ୍ୟବସ୍ଥା ରହିଥିବା ସତ୍ତ୍ୱେ ଗର୍ଭବତୀଙ୍କୁ ବିଭିନ୍ନ ଆଳ ଦେଖାଇ, ରୋଗୀଙ୍କ ଅବସ୍ଥା ଗୁରୁତର ରହିଥିବା ଦର୍ଶାଇ କ୍ୟାପିଟାଲ ମେଡିକାଲ ଅଥବା କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରୁଛନ୍ତି। ଅନ୍ୟପଟେ ଆର୍ଥିକ ସ୍ୱଚ୍ଛଳତା ଓ ସୁରକ୍ଷିତ ମାତୃତ୍ୱ ଭୟରେ ବହୁ ଗରିବ ଶ୍ରେଣୀର ଲୋକେ ଘରୋଇ କ୍ଲିନିକ୍‌ରେ ପ୍ରସବ କରିବାକୁ ବାଧ୍ୟ ହେଉଛନ୍ତି। ଏନେଇ ସିଡିଏମ୍‌ଓ ଆର୍ତ୍ତବନ୍ଧୁ ନାୟକ କହିଛନ୍ତି, କୌଣସି ଡାକ୍ତର ଡ୍ୟୁଟି ସମୟରେ ଘରୋଇ କ୍ଲିନିକ୍‌ରେ ସେବା ଦେଉଥିବା ଜଣାପଡ଼ିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିପରି ସୁରକ୍ଷିତ ମାତୃତ୍ୱ, ପ୍ରସବ ଉପରେ ଗୁରୁତ୍ୱ ଦିଆଯାଉଛି। ଅତ୍ୟଧିକ ଗୁରୁତର ଥିଲେ ରୋଗୀଙ୍କୁ କଟକ ଏସ୍‌ସିବି ଅଥବା କ୍ୟାପିଟାଲ ହସ୍ପିଟାଲକୁ ପଠାଯାଉଛି।

## ସଂକ୍ଷେପରେ

### ସାପ କାମୁଡ଼ାରେ ବୃଦ୍ଧା ମୃତ

**କଟକ ସଦର, ୨୩।୮ (ସୁଶାନ୍ତ କୁମାର ଜେନା)**

ସାପ କାମୁଡାରେ ବୁଧବାର ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ କିଶନ ନଗର ଥାନା ଅନ୍ତର୍ଗତ ବିଶ୍ୱନାଥପୁର ଗ୍ରାମର ହେମଲତା ବେହେରା(୭୩)। ଅପରାହ୍ନରେ ହେମଲତା ଘରେ ଶୋଇଥିବାବେଳେ ଏକ ସାପ ତାଙ୍କ ଡାହାଣ ଗୋଡ଼ ପାଦକୁ କାମୁଡି ଦେଇଥିଲା। ଚିକିତ୍ସା ଲାଗି ତାଙ୍କୁ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ସ୍ଥାନୀୟ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୧/୨୩) ରୁଜୁ ହୋଇଛି।

### ପାଠାଗାର ନିର୍ମାଣ କାର୍ଯ୍ୟରୁ ଓହରିଲା ସିଏମ୍‌ସି

**ପଞ୍ଚାୟତ ସମିତି ବୈଠକ**

**କଟକ ସଦର, ୨୩।୮ (ସୁଶାନ୍ତ କୁମାର ଜେନା)**

କଟକ ସଦର ପଞ୍ଚାୟତ ସମିତିର ଚତୁର୍ଥ ବୈଠକ ପଞ୍ଚାୟତ ସମିତି ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା, ଜିଲା ପରିଷଦ ଉପାଧ୍ୟକ୍ଷା ସୁଭଦ୍ରା ଦାସ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ମହାଳି, ଆଶାଲତା ବେହେରା, ସସ୍ମିତା ମହାର୍ଥାଙ୍କ ସମେତ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ଯୋଗଦେଇଥିଲେ। ବୈଠକର ମୁଖ୍ୟ ପ୍ରସଙ୍ଗ ଥିଲା ବ୍ଲକ ପରିସରରେ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ପାଠାଗାର ନିର୍ମାଣ। ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ସିଏମ୍‌ସି ନିର୍ମାଣ ଆରମ୍ଭ କରିଥିବା ଘର କାମ ଆଉ ଆଗେଇବ ନାହିଁ ବୋଲି ବିଧାୟକ ବେହେରା କହିଥିଲେ। କାରଣ ଏହି ସ୍ଥାନଟି ୬୮ ବର୍ଷ ତଳେ କଟକ ସଦର ବ୍ଲକ ଅନ୍ତର୍ଗତ ବିଦ୍ୟାଧରପୁର ପଞ୍ଚାୟତ ଅଧୀନରେ ଥିଲା। ୧୯୭୮ ମସିହାରେ ବିଦ୍ୟାଧରପୁର ପଞ୍ଚାୟତ କଟକ ପୌର ପରିଷଦ ଅଧୀନକୁ ଯାଇଥିଲା। ହେଲେ ଉକ୍ତ ଜାଗା ବ୍ଲକ ଅଧୀନରେ ରହିଛି ବୋଲି ବିଡିଓ ରାଜୀବ ଲୋଚନ ପରିଡ଼ା କହିଥିଲେ। ମାତ୍ର ଏକ ଆବଦ୍ଧ ଅଞ୍ଚଳରେ ସିଏମ୍‌ସି କର୍ତ୍ତୃପକ୍ଷ ପ୍ରବେଶ କରି ପିଲାର ନିର୍ମାଣ କରିବା ଦୁର୍ଭାଗ୍ୟଜନକ ବୋଲି ସଭ୍ୟମାନେ କହିଥିଲେ। କାର୍ଯ୍ୟରୁ ଓହରି ଯିବା ନେଇ ସିଏମ୍‌ସି କମିଶନର ନିଖିଲ ପଓ୍ୱନ କଲ୍ୟାଣ କହିସାରିବା ପରେ ଆଉ ଆଲୋଚନାର ଆବଶ୍ୟକତା ନାହିଁ ବୋଲି ମତପ୍ରକାଶ ପାଇଥିଲା। ଅନ୍ୟ ବିଷୟ ମଧ୍ୟରେ ପଞ୍ଚାୟତ ସମିତି ଅଶଂଧନରେ ପ୍ରକଳ୍ପ ତାଲିକା ପ୍ରସ୍ତୁତି ସହିତ ପାନୀୟଜଳ ଉପରେ ଆଲୋଚନା ହୋଇଥିଲା।

# 'ସଚେତନତା ଦ୍ୱାରା ସମାଜରୁ କୁସଂସ୍କାର ଦୂରେଇ ହେବ'



ଡାହାଣୀ ପ୍ରଥା ନିରୋଧ ଆଇନ ସମ୍ବନ୍ଧିତ ଜିଲାସ୍ତରୀୟ କର୍ମଶାଳାରେ ମଞ୍ଚାସୀନ ଅତିଥିବୃନ୍ଦ।

**କଟକ, ୨୩।୮ (ସୁପ୍ରିୟା ପ୍ରିୟଦର୍ଶିନୀ)**

**ଡାହାଣୀ ପ୍ରଥା ନିରୋଧ ଆଇନ ସମ୍ବନ୍ଧିତ ଜିଲାସ୍ତରୀୟ କର୍ମଶାଳା**

କଟକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଡାହାଣୀ ପ୍ରଥା ନିରୋଧ ଆଇନ-୨୦୧୩ ସମ୍ପର୍କିତ ଜିଲାସ୍ତରୀୟ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ଶିବ ଟପୋ ଅଧ୍ୟକ୍ଷତା କରି କହିଥିଲେ, ସମସ୍ତେ ଶିକ୍ଷିତ ହେଲେ ଓ ଆଇନ ବିଷୟରେ ସଚେତନ ହେଲେ ଡାହାଣୀ ପ୍ରଥା ଭଳି କୁସଂସ୍କାରକୁ ସମାଜରୁ ସମୂଳେ ଦୂରେଇ ଦିଆଯାଇପାରିବ। ସେହିପରି ଜିଲା ସମାଜ କଲ୍ୟାଣ ଅଧିକାରୀ ଉପମା ଗନ୍ତାୟତ କହିଥିଲେ, ଗାଁ ଗହଳିର ଲୋକମାନେ ଅନ୍ଧବିଶ୍ୱାସର ଶିକାର ହୋଇ ଗୁଣିଆ, ଦିଶାରି ଆଦି ବ୍ୟକ୍ତିଙ୍କ କବଳରେ ପଡୁଛନ୍ତି। ସେମାନଙ୍କୁ ଉପଯୁକ୍ତ ଶିକ୍ଷା ଓ ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦିଆଯାଇ ପାରିଲେ ସେମାନେ ଗୁଣିଆମାନଙ୍କ ଉପଦ୍ରବରୁ ବର୍ତ୍ତି ପାରିବେ ବୋଲି ଗନ୍ତାୟତ କରିଥିଲେ। ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ପ୍ରମୋଦ କୁମାର ଆଚାର୍ଯ୍ୟ ଆମ ସମ୍ବିଧାନରେ ସମସ୍ତଙ୍କୁ ସମାନ ଭାବରେ ସମ୍ମାନର ସହ ବଞ୍ଚିବାର ଅଧିକାର ରହିଛି ବୋଲି ମତବ୍ୟକ୍ତ କରିଥିଲେ। ତେଣୁ କାହା ପ୍ରତି ବାଛ ବିଚାର ନ କରି ମାନବିକ ମୂଲ୍ୟବୋଧ ଯୁକ୍ତ ସମାଜ ଗଠନ କରିବା ଓ ସାମାଜିକ ନ୍ୟାୟ ପ୍ରଦାନ କରିବା ଉପରେ ଗୁରୁତ୍ୱ ଦେବାକୁ ସେ ଆହ୍ୱାନ ଦେଇଥିଲେ। ଆକ୍ସନ ଏଡ୍‌ର ଆସୋସିଏଟ୍ ଡାଇରେକ୍ଟର ଦେବବ୍ରତ ପାତ୍ର ଓ ରାଜ୍ୟ କାର୍ଯ୍ୟକ୍ରମ ଅଧିକାରୀ ବି.ଏ. ଦୁର୍ଗା ଡାହାଣୀ ପ୍ରଥା ନିରୋଧ ଆଇନ-୨୦୧୩ର ବିଭିନ୍ନ ଦିଗ ଓ ଏହାର କାର୍ଯ୍ୟକାରିତା ଉପରେ ଅବଗତ କରାଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି ପିଲାମାନଙ୍କ ଉପରେ ଡାହାଣୀ ପ୍ରଥାର କୁପ୍ରଭାବ ଉପରେ ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବେସରକାରୀ ସଙ୍ଗଠନ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ୱାନ୍ ଷ୍ଟପ୍ ସେଣ୍ଟର, ସ୍ୱାଧାର କର୍ମକର୍ତ୍ତା ଏବଂ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀମାନେ ଉପସ୍ଥିତ ଥିଲେ। ଏଥିରେ ଜିଲା ପୁଷ୍ଟି ସଂଯୋଜକ ସୁଧାଂଶୁ ମଣ୍ଡଳ ଓ ଜିଲା ପୋଷଣ ସଂଯୋଜକ ଶ୍ରୀକାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଆକ୍ସନ ଏଡ୍‌ର ଜିଲା ସଂଯୋଜିକା ନିବେଦିତା ପାଣିଗ୍ରାହୀ ସଭା ପରିଚାଳନା କରିଥିବାବେଳେ ସମାଜ କଲ୍ୟାଣ ବିଭାଗର କାର୍ଯ୍ୟକ୍ରମ ଅଧିକାରୀ ସ୍ୱର୍ଣ୍ଣମୟୀ ଦାସ ଧନ୍ୟବାଦ ଦେଇଥିଲେ।

# ତଦନ୍ତ କଲା ସିଡବ୍ଲ୍ୟୁସି

**ଛାତ୍ରାବାସରେ ନାବାଳିକାଙ୍କୁ ଦୁର୍ବ୍ୟବହାର ଘଟଣା**

**ଚୌଦ୍ୱାର, ୨୩।୮ (ଆଶୁତୋଷ ଦାସ)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଶଙ୍କରପୁରଠାରେ ଥିବା ଏକ ହଷ୍ଟେଲରେ ଜଣେ ନାବାଳିକାଙ୍କୁ ଡ୍ରିମ୍ ସେଣ୍ଟର ଫାଉଣ୍ଡେଶନ ନାମକ ଏକ ସଂସ୍ଥାର ମୁଖ୍ୟ ପରିଚାଳକ ଡେଭିଡ ନାୟକ ଦୁର୍ବ୍ୟବହାର କରିବା ସହ କର୍ମଚାରୀଙ୍କୁ ଲଗାଇ ମାଡ ମାରିଥିବା ଚୌଦ୍ୱାର ଥାନାରେ ଅଭିଯୋଗ ହୋଇଛି। ଏହି ଅଭିଯୋଗକୁ ଭିତ୍ତିକରି ବୁଧବାର ଶିଶୁ ମଙ୍ଗଳ କମିଟି(ସିଡବ୍ଲ୍ୟୁସି) ଅଧ୍ୟକ୍ଷ ପ୍ରମୋଦ ଆଚାର୍ଯ୍ୟ, ସଦସ୍ୟ ହରିହର ନାୟକ, ଡିସିପିଓ ପ୍ରଗତି ମହାନ୍ତି ପ୍ରମୁଖ ନିଜ ସଙ୍ଗଠନର ସଦସ୍ୟଙ୍କ ସହାୟତାରେ ଉକ୍ତ ହଷ୍ଟେଲରେ ପହଞ୍ଚି ଘଟଣା ସମ୍ପର୍କରେ ଅନୁଧ୍ୟାନ କରିଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ଏହି ସଂସ୍ଥା ରାଜ୍ୟର ବିଭିନ୍ନ ଜିଲାରୁ ପିଲାମାନଙ୍କୁ ଆଣି ଉକ୍ତ ହଷ୍ଟେଲରେ ରଖି ପାଠ ପଢାଇବା ସହ ସମସ୍ତ ଦାୟିତ୍ୱ ନେଇଥାଏ। ଉକ୍ତ ସଂସ୍ଥା ସରକାରୀ ନିୟମାବଳୀ ଅନୁଯାୟୀ ଜୁଭେନାଇଲ ଜଷ୍ଟିସ ଆକ୍ଟରେ ପଞ୍ଜୀକୃତ ହୋଇ ନ ଥିବା ଜଣାପଡ଼ିଛି। ଉକ୍ତ ହଷ୍ଟେଲରେ ରହି ଜଣେ ଛାତ୍ରୀ କଲେଜରେ ପଢୁଥିଲେ। କିଛିଦିନ ତଳେ ଛାତ୍ରୀ ଜଣଙ୍କ ହଷ୍ଟେଲରେ ଏକୁଟିଆ ଥିବାବେଳେ ଡେଭିଡ୍ ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ସେ ଏହାର ପ୍ରତିବାଦ କରିବାରୁ ଡେଭିଡ୍ କର୍ମଚାରୀଙ୍କୁ ଲଗାଇ ତାଙ୍କୁ ମାଡ଼ ମାରିଥିଲେ। ଏ ନେଇ ଛାତ୍ରୀ ଜଣଙ୍କ ଚୌଦ୍ୱାର ଥାନାରେ ଅଭିଯୋଗ କରିବା ସହ କଟକ ଶିଶୁ ମଙ୍ଗଳ କମିଟି ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଜଣାଇଥିଲେ। ଉକ୍ତ ଛାତ୍ରୀଙ୍କୁ ମାଡ଼ ମରାଯାଉଥିବାବେଳେ ସଂସ୍ଥାରେ କାର୍ଯ୍ୟରତ ଜଣେ ମହିଳା ରୋଷେୟା ଏହାର ପ୍ରତିବାଦ କରିଥିଲେ। ଫଳରେ ସେଠାରେ କାର୍ଯ୍ୟ କରୁଥିବା ସମ୍ପୃକ୍ତ ମହିଳା ଓ ତାଙ୍କ ସ୍ୱାମୀଙ୍କ ସମେତ ସେହି ସଂସ୍ଥାରେ ରହି ପଢୁଥିବା ତାଙ୍କର ଦୁଇ ପୁଅଙ୍କୁ ସେଠାରୁ ବାହାର କରିଦିଆଯାଇଥିଲା। ଏ ନେଇ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ଏହି ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ତଦନ୍ତ ଚଳାଇଛି। ଏ ସମ୍ପର୍କରେ ଡେଭିଡ୍ କହିଛନ୍ତି, ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ତଦନ୍ତ କରି ସତ୍ୟ ଉନ୍ମୋଚନ କରାଯାଉ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ସଂସ୍ଥା ଜୁଭେନାଇଲ ଆକ୍ଟରେ ପଞ୍ଜୀକୃତ ହୋଇ ନ ଥିବା ଓ ବିଭିନ୍ନ ବେଆଇନ କାର୍ଯ୍ୟ ଚାଲିଥିବାରୁ ୨ବର୍ଷ ତଳେ ସିଲ୍ କରାଯାଇଥିଲା।

# ଡେଙ୍ଗୁ ନିରାକରଣ ଦାବିରେ ବିକ୍ଷୋଭ



ଏସ୍‌ୟୁସିଆଇ(ସି) ପକ୍ଷରୁ ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

**କଟକ, ୨୩।୮ (ସୁପ୍ରିୟା ପ୍ରିୟଦର୍ଶିନୀ)**

ବିଭିନ୍ନ ଦାବି ନେଇ ଏସ୍‌ୟୁସିଆଇ(ସି) କଟକ ଜିଲା କମିଟି ପକ୍ଷରୁ ବୁଧବାର କଟକ ମହାନଗର ନିଗମ(ସିଏମ୍‌ସି) କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କଟକ ସହରରୁ ଡେଙ୍ଗୁ ନିରାକରଣ ପାଇଁ ପଦକ୍ଷେପ ଗ୍ରହଣ କରିବା, ସହରର ପରିମଳ ଓ ସଫେଇ କାର୍ଯ୍ୟର ଘରୋଇକରଣ ବନ୍ଦ କରିବା, ବେପରୁଆ ଜାଇକା କାମ ଯୋଗୁ ନଷ୍ଟ ହୋଇଥିବା ରାସ୍ତାର ନିର୍ମାଣ ଏବଂ ସୃଷ୍ଟି ହୋଇଥିବା ଖାଲଢିପକୁ ତୁରନ୍ତ ମରାମତି କରିବା, ଦିନକୁ ଦୁଇଥର ମଶାତେଲ ଓ ଧୂଆଁ ପ୍ରୟୋଗ କରିବା, ଜଗତପୁର ଶିଳ୍ପାଞ୍ଚଳରୁ ଦୂଷିତ ଜଳ ନିଷ୍କାସନ ବ୍ୟବସ୍ଥା କରିବା, ଭଙ୍ଗା ଡ୍ରେନ ଓ ନାଳଗୁଡିକର ତୁରନ୍ତ ମରାମତି କରିବା ପାଇଁ ଦାବି କରାଯାଇଛି। ଆଗାମୀ ଦିନରେ ଡେଙ୍ଗୁ ନିୟନ୍ତ୍ରଣ, ମଶା ଉପଦ୍ରବ ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରା ନ ଗଲେ ସହରବାସୀଙ୍କୁ ସଙ୍ଗଠିତ କରି ଶକ୍ତିଶାଳୀ ଆନ୍ଦୋଳନ କରିବା ପାଇଁ ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। ଏସ୍‌ୟୁସିଆଇ(ସି) କଟକ ଜିଲା କମିଟି ସମ୍ପାଦକ ଖଗେଶ୍ୱର ସେଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ଜିଲା କମିଟି ସଭ୍ୟ ବସନ୍ତ ନାୟକ, ରାଜକିଶୋର ମଲ୍ଲିକ, ବବି ବଳବନ୍ତରାୟ, ସିଦ୍ଧାର୍ଥ ରଥ, ଦୀପକ ଦାସ, ଭାଗ୍ୟରବି ଦାସ, ବିନୋଦ ସେଠୀ, ଇଶା ଧର, ତରୁଣସେନ ନାୟକ, ଶିବାନୀ ସାହୁ, ଶୁଭସ୍ମିତା ସାହୁ, ପାଭେଲ ପ୍ରିୟଦର୍ଶନଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

### ରାପିଡ୍ ଆକ୍ସନ ଫୋର୍ସ ପକ୍ଷରୁ ସଚେତନତା ଶିବିର

**ବାରଙ୍ଗ, ୨୩।୮ (ଲିଙ୍ଗରାଜ ରାଉତ)**

୧୦୬ ବାଟାଲିୟନର ରାପିଡ ଆକ୍ସନ ଫୋର୍ସ ଝାଡ଼ଖଣ୍ଡ ପକ୍ଷରୁ ବୁଧବାର ଅପରାହ୍ନରେ ବାରଙ୍ଗ ଝୁନଝୁନୱାଲା ବିଦ୍ୟାପୀଠରେ ଗୋଳାବାରୁଦ ଅସ୍ତ୍ରଶସ୍ତ୍ର ସମ୍ପର୍କିତ ଏକ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ଏହି ସଚେତନ ଶିବିରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ଏକାଠି କରି ବିଭିନ୍ନ ସଚେତନତା କରାଯାଇଥିଲା। ଏଥିସହ ବେଟି ବଚାଓ ବେଟି ପଢ଼ାଓ ଭଳି କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାଟାଲିୟନର ସିନିୟର୍ ଡେପୁଟି କମାଣ୍ଡାଣ୍ଟ ସଚ୍ଚିଦାନନ୍ଦ ମିଶ୍ର, ଡେପୁଟି କମାଣ୍ଡାଣ୍ଟ ଗୌତମ ମିତ୍ର ଏବଂ ଗୋଟିଏ ପ୍ଲାଟୁନ ଫୋର୍ସ ଏଥିରେ ଉପସ୍ଥିତ ଥିଲେ। ଉପସ୍ଥିତ ଅତିଥିମାନଙ୍କ ମଧ୍ୟରେ ବାରଙ୍ଗ ଥାନାଧିକାରୀ ଆକାଶ ଚନ୍ଦ୍ର ରଣା, ଏସ୍‌ଆଇ ଜ୍ୟୋସ୍ନା ପଟ୍ଟନାୟକ ଏବଂ ଝୁନ୍‌ଝୁନ୍‌ୱାଲା ବିଦ୍ୟାପୀଠର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ।

# ୧୬୦ ଲିଟର ଦେଶୀ ମଦ, ପୋଚ ଜବତ


ବଣିଆବନ୍ଧ ସଂରକ୍ଷିତ ଜଙ୍ଗଲରୁ ଜବତ ହୋଇଥିବା ମଦ, ପୋଚ।

**ଖୁଣ୍ଟୁଣୀ, ୨୩।୮ (ସଚ୍ଚିଦାନନ୍ଦ ପଣ୍ଡା)**

ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ବଣିଆବନ୍ଧ ସଂରକ୍ଷିତ ଜଙ୍ଗଲରେ ବୁଧବାର ବନ ବିଭାଗ ଓ ପୋଲିସ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇ ୧୬୦ ଲିଟର ମଦ ଜବତ କରାଯାଇଛି। ଏଥିସହ ମଦ ପ୍ରସ୍ତୁତ ପାଇଁ ଥିବା ୧୦୦୦ ଲିଟରରୁ ଊର୍ଦ୍ଧ୍ୱ ପୋଚ ନଷ୍ଟ କରାଯାଇଛି। ଚଢ଼ାଉବେଳେ ଡାଲୁଆ ଓ ଖଣ୍ଡୁଆଳି ଅଞ୍ଚଳର ମଦ ମାଫିଆମାନେ ଖସି ପଳାଇଛନ୍ତି। ଉକ୍ତ ଜଙ୍ଗଲରେ ବେଆଇନ ଭାବେ ମଦ ଓ ପୋଚ ପ୍ରସ୍ତୁତ କରାଯାଉଥିଲା। ଖବରପାଇ ବନ ବିଭାଗ ଓ ସ୍ଥାନୀୟ ପୋଲିସ ସେଠାରେ ମିଳିତଭାବେ ଚଢ଼ାଉ କରିଥିଲେ। ଜବତ ହୋଇଥିବା ମଦ ଓ ପୋଚକୁ ନଷ୍ଟ କରାଯାଇଥିବା ଖୁଣ୍ଟୁଣୀ ଥାନା ଅଧିକାରୀ କହିଛନ୍ତି। ଏହି ଚଢ଼ାଉରେ ପୋଲିସ ସହିତ ୧ ପ୍ଲାଟୁନ୍ ଫୋର୍ସ, ଫରେଷ୍ଟର ସରୋଜ କୁମାର ପଣ୍ଡା ଓ ଫରେଷ୍ଟ ଗାର୍ଡ ସସ୍ମିତା ନାୟକ ପ୍ରମୁଖ ସହଯୋଗ କରିଥିଲେ।

ସୂଚନାଯୋଗ୍ୟ, ଗତ ଜୁଲାଇ ୨୮ରେ ବଣିଆବନ୍ଧ ସଂରକ୍ଷିତ ଜଙ୍ଗଲରେ ବେଆଇନ ଭାବେ ଚାଲିଥିବା ଚୋରା ଦେଶୀ ମଦଭାଟି ଉପରେ ରାଜ୍ୟ ଫ୍ଲାଇଂ ସ୍କ୍ୱାଡ୍, କଟକ ୟୁନିଟ୍-୧ର ମୋବାଇଲ ସ୍କ୍ୱାଡ୍ ଓ ଆଠଗଡ଼ ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ଚଢାଉ କରାଯାଇଥିଲା। ହେଲେ ଏହି ସମୟରେ ସ୍ଥାନୀୟ ଅଞ୍ଚଳର କେତେଜଣ ଚୋରା ମଦ ବ୍ୟବସାୟୀ ମୁହଁରେ ମୁଖା ପିନ୍ଧି ଅବକାରୀ ବିଭାଗର ୨ ଜଣଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିସହ ୪ଟି ଗାଡ଼ି ଭଙ୍ଗାରୁଜା କରିବା ସହ ୧୨ଟି ଚକା କାଟି ଦେଇଥିଲେ। ଆକ୍ରମଣରେ ଅବକାରୀ ଏଏସ୍‌ଆଇ ହେମନ୍ତ ମଲ୍ଲିକ ଓ ଡ୍ରାଇଭର ବିଷ୍ଣୁ ମୋହନ ଦାସ ଆହତ ହୋଇଥିଲେ। ଏହାପରଠାରୁ ଅବକାରୀ ବିଭାଗର ଦେଖା ମିଳି ନ ଥିଲା। ବୁଧବାର ପୁଣିଥରେ ଉକ୍ତ ଜଙ୍ଗଲରେ ଚଢାଉ କରାଯାଇଥିଲା।

### ଚନ୍ଦ୍ରୟାନ-୩ ସଫଳ ଅବତରଣ ପାଇଁ ସାମୂହିକ ଦୀପଦାନ

**ଖୁଣ୍ଟୁଣୀ, ୨୩।୮ (ସଚ୍ଚିଦାନନ୍ଦ ପଣ୍ଡା)**

ଚନ୍ଦ୍ରୟାନ-୩ ଚନ୍ଦ୍ରରେ ସଫଳ ଅବତରଣ କରିବା ପରେ ଦେଶବ୍ୟାପୀ ଉତ୍ସାହ ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ କଖଡ଼ି ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମହାବୀର ଯୁବକ ସଂଘ ପକ୍ଷରୁ ସ୍ଥାନୀୟ ମହାବୀର ମନ୍ଦିର ନିକଟରେ ସାମୂହିକ ଦୀପ ଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାପତି ପ୍ରଦୀପ କୁମାର ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରବୀନ୍ଦ୍ର ବେହେରା, ପ୍ରକାଶ ବେହେରା, କୈଳାସ ବେହେରା, ପପୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଅଗ୍ନିଶମ ବାହିନୀର ମକ୍‌ଡ୍ରିଲ



**କଟକ, ୨୩।୮ (କାର୍ତ୍ତିକ ସାହୁ)**

ଜିଲା ଅଗ୍ନିଶମ ବାହିନୀ ପକ୍ଷରୁ ମକ୍‌ଡ୍ରିଲ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏସ୍‌ସିବି ମେଡିକାଲ ଓ ଆଚାର୍ଯ୍ୟ ହରିହର ପିଜି କର୍କଟ ରୋଗ ପ୍ରତିଷ୍ଠାନର ଉଚ୍ଚ ଅଟ୍ଟାଳିକାରେ ଅଗ୍ନିଶମ କର୍ମଚାରୀମାନେ ଆକସ୍ମିକ ଅଗ୍ନିକାଣ୍ଡକୁ ଆୟତ୍ତ କରିବାର କୌଶଳ ଅଭ୍ୟାସ କରିଥିଲେ। ଏଥିସହ ହସ୍ପିଟାଲର ଡାକ୍ତର, ସେବିକା, କର୍ମଚାରୀ, ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନଙ୍କୁ ଅଗ୍ନିକାଣ୍ଡବେଳେ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବା ଉପରେ ସଚେତନ କରାଯାଇଥିଲା। ଏପରି କି ହସ୍ପିଟାଲରେ ଥିବା ଅଗ୍ନି ନିର୍ବାପକ ଯନ୍ତ୍ରର ବ୍ୟବହାର ଉପରେ ମଧ୍ୟ ସଚେତନତା ସୃଷ୍ଟି କରାଯାଇଥିଲା। ଜିଲା ଅଗ୍ନିଶମ ଅଧିକାରୀ ସଞ୍ଜୀବ ବେହେରାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ୧୦ ଲକ୍ଷ ଠକେଇ, କମ୍ପାନୀ କର୍ମଚାରୀ ଗିରଫ

**ଫୁଲନଖରା, ୨୩।୮ (ସତ୍ୟରଞ୍ଜନ ଦାସମହାପାତ୍ର)**

୧୦ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଏକ କମ୍ପାନୀର ଜଣେ ସେଲ୍ସ ମ୍ୟାନେଜରଙ୍କୁ କଟକ ସଦର ପୋଲିସ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ପଶ୍ଚିମବଙ୍ଗ ୨୪ ପ୍ରଗଣା ଲେକ୍ ଟାଉନ ଥାନା ଅନ୍ତର୍ଗତ କାଳନ୍ଦୀ ହାଉସିଂ ଇଷ୍ଟେଟ୍ ଅଞ୍ଚଳର ଶୁଭବ୍ରତ ବାସୁରାୟ। ସେ କୋଲକାତାରେ ଥିବା ୟୁନିସେଫ ହେଲ୍‌ଥ କେୟାର ଆଣ୍ଡ୍ ହାଇଜେନିକ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ନାମକ କମ୍ପାନୀରେ ସେଲ୍ସ ମ୍ୟାନେଜର ଭାବେ କାମ କରନ୍ତି।

ପୋଲିସ ସୂତ୍ରରୁ ପ୍ରକାଶ, କଟକ ସଦର ଥାନା ଅନ୍ତର୍ଗତ ତେନ୍ତୁଳିନାଳି ଗ୍ରାମରେ ଟି. ବିଶ୍ୱନାଥ ପାତ୍ରଙ୍କର ଆଦି ନାରାୟଣମ ଆସୋସିଏଟ୍ ପ୍ରାଇଭେଟ୍ ଲିମିଟେଡ୍ ନାମକ ଏକ ଫାର୍ମ ଅଛି। ସେ ଏହି ଫାର୍ମର ପରିଚାଳନା ନିର୍ଦ୍ଦେଶକ। ଶୁଭବ୍ରତ କମ୍ପାନୀର ଉତ୍ପାଦିତ ସାମଗ୍ରୀଗୁଡିକ ବିକ୍ରି କରିବା ପାଇଁ ଅନ୍ୟ ଜଣେ କର୍ମଚାରୀଙ୍କ ସହ ବିଶ୍ୱନାଥଙ୍କ ଫାର୍ମକୁ ଆସିଥିଲେ। ତାଙ୍କ କମ୍ପାନୀର ଓଡ଼ିଶାରେ ଡିଲରଶିପ୍ ନେବା ପାଇଁ ତାଙ୍କୁ କହିଥିଲେ। ଏ ନେଇ ସେ ବିଶ୍ୱନାଥଙ୍କ ସହ ଏକ ଚୁକ୍ତି କରିଥିଲେ। ଏ ବାବଦରେ ପ୍ରଥମେ ୧୦ ଲକ୍ଷ ଟଙ୍କା କମ୍ପାନୀ ଆକାଉଣ୍ଟରେ ଜମା କରିବାକୁ ପଡିବ। ଏହାପରେ କମ୍ପାନୀ ତା'ର ଉତ୍ପାଦିତ ସାମଗ୍ରୀଗୁଡିକ ପଠାଇବ। ଏଥିସହ କମ୍ପାନୀ ଉକ୍ତ ସାମଗ୍ରୀଗୁଡିକ ବଜାରରେ ବିକ୍ରି କରିବା ପାଇଁ କର୍ମଚାରୀ ନିଯୁକ୍ତି କରିବ। ଏହି ଚୁକ୍ତିରେ ବିଶ୍ୱନାଥ ରାଜି ହୋଇ କମ୍ପାନୀ ଆକାଉଣ୍ଟରେ ୨୦୨୧ରେ ୧୦ ଲକ୍ଷ ଟଙ୍କା ଜମା କରିଥିଲେ। ଚୁକ୍ତି ମୁତାବକ କମ୍ପାନୀ ପକ୍ଷରୁ ଉତ୍ପାଦିତ ସାମଗ୍ରୀ ବିଶ୍ୱନାଥଙ୍କ ଫାର୍ମକୁ ପଠାଯାଇଥିଲା। କିନ୍ତୁ ଶୁଭବ୍ରତ କରିଥିବା ଚୁକ୍ତି ଅନୁଯାୟୀ ବିଶ୍ୱନାଥଙ୍କ ଫାର୍ମକୁ କେହି ବିକ୍ରୟ କର୍ମଚାରୀ ଆସିଲେ ନାହିଁ। ଫଳରେ ଏହି ସାମଗ୍ରୀ ବିଶ୍ୱନାଥଙ୍କ ଗୋଦାମରେ ପଡି ରହିଲା। ପରେ ଶୁଭବ୍ରତ ବିଶ୍ୱନାଥଙ୍କୁ କହିଥିଲେ, କମ୍ପାନୀର ସାମଗ୍ରୀଗୁଡିକ ଫେରସ୍ତ କରିଦିଅନ୍ତୁ। ଆପଣ ଜମା କରିଥିବା ଟଙ୍କା କମ୍ପାନୀ ଆପଣଙ୍କୁ ଫେରସ୍ତ କରିଦେବ। ବିଶ୍ୱନାଥ ଉକ୍ତ ସାମଗ୍ରୀଗୁଡିକ ଫେରାଇ ଦେଇଥିଲେ। ଟଙ୍କା ଫେରି ପାଇବା ପାଇଁ ବିଶ୍ୱନାଥ ବାରମ୍ବାର କୋଲକାତା ଯାଇଥିଲେ। ଶେଷରେ ଶୁଭବ୍ରତ ଏନେଇ କମ୍ପାନୀ ସହ ଯୋଗାଯୋଗ କରି ବିଶ୍ୱନାଥଙ୍କୁ ୩ଟି ଚେକ୍ ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ଏହି ଚେକ୍‌ଗୁଡିକ ବାଉନ୍ସ ହୋଇଯାଇଥିଲା। ଏ ନେଇ ବିଶ୍ୱନାଥ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୪୭୨/୨୩) ରୁଜୁ କରିଥିଲା।


ଗିରଫ ଅଭିଯୁକ୍ତ ଶୁଭବ୍ରତ ବାସୁରାୟ।




ଚନ୍ଦ୍ରୟାନ-୩ ଚନ୍ଦ୍ରରେ ସଫଳ ଅବତରଣକୁ ନେଇ ବୁଧବାର କଟକ ତୁଳସୀପୁର ସରସ୍ୱତୀ ହାୟର ସେକେଣ୍ଡାରି ସ୍କୁଲ ଛାତ୍ରୀଛାତ୍ରମାନେ ଖୁସି ମନାଉଛନ୍ତି(୧)। କଟକ ଦରଘାବଜାରସ୍ଥିତ କଦମ-ଇ-ରସୁଲଠାରେ ମୁସଲମାନ ବ୍ୟକ୍ତିମାନେ ସମୂହ ପ୍ରାର୍ଥନା କରୁଛନ୍ତି(୨)। ଡ୍ରିମ୍ସ ଛାତ୍ରୀଛାତ୍ରଙ୍କ ପକ୍ଷରୁ କ୍ୟାଣ୍ଡେଲ ଓ ଦୀପଦାନ(୩)।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୩।୮।୨୦୨୩

| | |
|---|---|
| ୩,୦୯,୬୮୩ ଟଙ୍କା | |
| ସୁନା | ୮.୨୦୦ ଗ୍ରାମ୍ |
| ରୁପା | ୨୪.୫୩୦ ଗ୍ରାମ୍ |

# ଅଭିଯୁକ୍ତ ସ୍ୱାମୀ ଗିରଫ, କଟୁରି ଜବତ

ପୁରୀ, ୨୩।୮ (ଅଜିତ୍ ମହାନ୍ତି

ପୁରୀ ଚନ୍ଦନପୁର ଥାନା ଅନ୍ତର୍ଗତ ରୁଆ ଗ୍ରାମରେ ଗତ ୨୧ ତାରିଖରେ ଘଟିଥିବା ରଶ୍ମିତା ବରାଳ ହତ୍ୟାକାଣ୍ଡ ଘଟଣାର ପର୍ଦ୍ଦାଫାଶ୍ କରିଛି ପୋଲିସ। ରଶ୍ମିତାଙ୍କୁ ହତ୍ୟା କରିଥିବା ତାଙ୍କ ଅଭିଯୁକ୍ତ ସ୍ୱାମୀ ପ୍ରମୋଦ କୁମାର ବରାଳଙ୍କୁ ପୋଲିସ ଗିରଫ କରିଛି। ଏନେଇ ବୁଧବାର ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ରବିନାରାୟଣ ଭଞ୍ଜ ସୂଚନା ଦେଇଛନ୍ତି। ଭଞ୍ଜ କହିଛନ୍ତି, ଗତ ୨୧ ତାରିଖରେ ଚନ୍ଦନପୁର ଥାନା ଅନ୍ତର୍ଗତ ରୁଆ ଛକରେ ହୋଇଥିବା ହତ୍ୟାକାଣ୍ଡର ଅଭିଯୁକ୍ତଙ୍କୁ ପୋଲିସ ୨୪ଘଣ୍ଟା ମଧ୍ୟରେ ଗିରଫ କରିବାରେ ସଫଳ ହୋଇଛି। ହତ୍ୟାକାଣ୍ଡ ସମ୍ପର୍କରେ ଖବର ମିଳିବା ପରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ୩ ଟିମ୍ ଗଠନ କରାଯାଇ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ୨୪ ଘଣ୍ଟା ମଧ୍ୟରେ ରୁଆ ଅଞ୍ଚଳରୁ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ପାରିବାରିକ ଘଟଣାକୁ ନେଇ ହତ୍ୟାକାଣ୍ଡ ଘଟିଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି। ହତ୍ୟାକାଣ୍ଡରେ ବ୍ୟବହୃତ କଟୁରିକୁ ପୋଲିସ ଜବତ କରିଛି। ଉଭୟେ ପ୍ରେମ ବିବାହ କରିଥିଲେ। ତେବେ ଅନେକ ସମୟରେ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ଲାଗୁଥିଲା। ବିଶେଷକରି ଅଭିଯୁକ୍ତ ନିଶା ସେବନ କରୁଥିବାବେଳେ ରଶ୍ମିତା ତାଙ୍କ ସ୍ୱାମୀଙ୍କ କଥା ମାନୁ ନ ଥିଲେ। ଫଳରେ ଦୀର୍ଘଦିନ ଧରି ପାରିବାରିକ ଅସନ୍ତୋଷ, ଭୁଲ ବୁଝାମଣା ଲାଗିରହିଥିଲା। ଯାହା ପାଇଁ ଏପରି ଘଟଣା ଘଟିଛି। ଗତ ୨୧ ତାରିଖରେ ରଶ୍ମିତା ତାଙ୍କ ଦୋକାନରେ ବସିଥିବା ସମୟରେ କୌଣସି କାରଣକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଳହ ଲାଗିଥିଲା। ଫଳରେ ପ୍ରମୋଦ ରଶ୍ମିତାକୁ ମାଡ଼ ମାରିଥିଲେ। ପରେ ଏକ କଟୁରୀ ସାହାଯ୍ୟରେ ତାଙ୍କୁ ଆକ୍ରମଣ କରିଥିଲେ। ଏହାପରେ ସେ ଫେରାର ହୋଇଯାଇଥିଲେ। ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ରଶ୍ମିତାଙ୍କୁ ଉଦ୍ଧାର କରି ଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ତେବେ ସେଠାରେ ଡାକ୍ତର ରଶ୍ମିତାଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷରେ ପୋଲିସ ପକ୍ଷରୁ ୧ ମାସ ମଧ୍ୟରେ ଚାର୍ଜଶିଟ୍ ଦାଖଲ କରାଯିବା ସହ ଅଭିଯୁକ୍ତଙ୍କୁ ଯେପରି ଶୀଘ୍ର ଦଣ୍ଡ ମିଳିବ ସେ ନେଇ ଚେଷ୍ଟା କରାଯିବ। ଅପରପକ୍ଷରେ ନିଶା କାରବାର ଓ ଚରିତ୍ର ସନ୍ଦେହକୁ ନେଇ ହତ୍ୟାକାଣ୍ଡ ହୋଇଥିବା ଅଭିଯୋଗ ହେଉଛି। ତାହା ଉପରେ ମଧ ପୋଲିସ ପକ୍ଷରୁ ତଦନ୍ତ କରାଯାଉଛି। ନିଶା କାରବାର ନେଇ ବିରୋଧରେ ପୂର୍ବରୁ କିଛି ମାମଲା ରହିଛି କି ନାହିଁ ସେ ସଂକ୍ରାନ୍ତରେ ତଦନ୍ତ କରିବା ପାଇଁ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଏସ୍‌ଡିପିଓ ଭଞ୍ଜ ସୂଚନା ଦେଇଛନ୍ତି।



ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସ ଅଧିକାରୀ ସୂଚନା ଦେଉଛନ୍ତି।

### ରୁଆରେ ହତ୍ୟାକାଣ୍ଡ ଘଟଣା

■ ପାରିବାରିକ କଳହକୁ ନେଇ ହାଣିଦେଇଥିଲେ



# ଶ୍ରୀମନ୍ଦିର ୪ ଦ୍ୱାରରେ ଭକ୍ତଙ୍କୁ ପ୍ରବେଶ ଅନୁମତି ମିଳୁ

ପୁରୀ, ୨୩।୮ (ଅଜିତ ମହାନ୍ତି):

### ରାଜ୍ୟପାଳଙ୍କୁ ଦାବିପତ୍ର

ସଚେତନ ନାଗରିକ ମଞ୍ଚ ସଭାପତି ପ୍ରସନ୍ନ କୁମାର ଦାଶଙ୍କ ନେତୃତ୍ୱରେ ପାଞ୍ଚଜଣିଆ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ରାଜଭବନରେ ଭେଟି ଶ୍ରୀମନ୍ଦିର ୪ ଦ୍ୱାରରେ ଭକ୍ତଙ୍କ ପ୍ରବେଶ ପାଇଁ ସଂଗୃହୀତ ଏକଲକ୍ଷ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ପୁରୀରେ ପରିକ୍ରମା ମାର୍ଗ ନିର୍ମାଣ ଚାଲୁଥିବା ଯୋଗୁ ଭକ୍ତଙ୍କ ଅସୁବିଧା ପାଇଁ ସେ ସମ୍ବେଦନଶୀଳ ବୋଲି କହିଥିଲେ। ସେ ଏ ନେଇ ରାଜ୍ୟ ସରକାରଙ୍କୁ ଅବଗତ କରାଇବା ପାଇଁ ମତ ଦେଇଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତି ସୁରକ୍ଷା ସମିତିର ଅଧ୍ୟକ୍ଷ କବି ଶଙ୍କର ପରିଡ଼ା, ଶ୍ରୀଜଗନ୍ନାଥ ଭକ୍ତ ପରିଷଦର ଆବାହକ ସୂର୍ଯ୍ୟନାରାୟଣ ରଥ, ସ୍ତମ୍ଭକାର ଓ ସଚେତନ ନାଗରିକ ମଞ୍ଚ ଉପଦେଷ୍ଟା ହରିଶଙ୍କର ମିଶ୍ର ଏବଂ ଶ୍ରୀଜଗନ୍ନାଥ ତୀର୍ଥଯାତ୍ରୀ ସେବା ସମିତିର ସଭାପତି ସଚ୍ଚିଦାନନ୍ଦ ଦାଶ ସାମିଲ ଥିଲେ।

# ଭରଣପୋଷଣ ଟଙ୍କା ନ ଦେଇ ସ୍ତ୍ରୀଙ୍କୁ ନିର୍ଯାତନା, ହତ୍ୟା ଧମକ

ନିମାପଡ଼ା, ୨୩।୮ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ଜାମୁଦଣ୍ଡା ଗ୍ରାମର ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ କୋର୍ଟ ଆଦେଶକୁ ଅବମାନନା କରି ଭରଣପୋଷଣ ଟଙ୍କା ନ ଦେଇ ସ୍ତ୍ରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ଜୀବନରୁ ମାରିଦେବାକୁ ଧମକ ଦେଉଥିବା ବୁଧବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏନେଇ ସୁକାନ୍ତ ମଲ୍ଲିକଙ୍କ ବିରୋଧରେ ଦଫା ୨୯୪, ୪୯୮(କ), ୫୦୬, ୪ ଡିପି ଆକ୍ଟରେ ୨୯୪/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ସୂଚନା ମୁତାବକ, ସୁକାନ୍ତ ୨୦୧୪ରେ ବର୍ଷା ଘଡେଇଙ୍କୁ ବୈଦିକ ରୀତିନୀତିରେ ବିବାହ କରିଥିଲେ। ବିବାହବେଳେ ବରପକ୍ଷ ଦାବି ମୁତାବକ ନଗଦ ୭୫ ହଜାର ଟଙ୍କା ଓ ବିଭିନ୍ନ ଆସବାବପତ୍ର ଯୌତୁକ ବାବଦରେ କନ୍ୟାଘର ପକ୍ଷରୁ ଦିଆଯାଇଥିଲା। ବିବାହର କିଛି ମାସ ପରେ ସ୍ୱାମୀଙ୍କ ପୌରୁଷତ୍ୱ ନ ଥିବା ସ୍ତ୍ରୀ ବର୍ଷା ଜାଣି ଶାଶୁଘରେ କହିବା ସହ ପ୍ରତିବାଦ କରିଥିଲେ। ଏଥିରେ ଶାଶୁଘର ଲୋକେ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିଲେ। ସେଥିରେ ସେ ମାନସିକ ଭାରସାମ୍ୟ ହରାଇ ଗତ ୪ ବର୍ଷ ହେବ ଶାଶୁଘର ଛାଡ଼ି ବାପଘରେ ଆଶ୍ରୟ ନେଇଛନ୍ତି। ଏନେଇ ବର୍ଷା ଫାମିଲି କୋର୍ଟରେ ଏକ ମାମଲା ଦାଏର କରିଥିଲେ। ଏଥିରେ କୋର୍ଟ ବର୍ଷାଙ୍କୁ ଭରଣପୋଷଣ ପାଇଁ ପ୍ରତ୍ୟେକ ମାସରେ ୫ ହଜାର ଟଙ୍କା ଦେବାକୁ ସୁକାନ୍ତଙ୍କୁ ଆଦେଶ ଦେଇଥିଲେ। ହେଲେ ସୁକାନ୍ତ ଭରଣପୋଷଣ ଟଙ୍କା ନ ଦେଇ ଜୀବନରୁ ମାରିଦେବାକୁ ଧମକ ଦେଉଥିବା ବର୍ଷା ଅଭିଯୋଗରେ ଦର୍ଶାଇଛନ୍ତି।

## ସଂକ୍ଷେପରେ

### ମହାପ୍ରଭୁଙ୍କ ବନକଲାଗି

ପୁରୀ, ୨୩।୮ (ଅଜିତ ମହାନ୍ତି)

ଶ୍ରାବଣ ମାସ ଶୁକ୍ଳପକ୍ଷ ସପ୍ତମୀ ତିଥି ବୁଧବାର ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ଶ୍ରୀମୁଖ ଶୃଙ୍ଗାର ବା ବନକ ଲାଗି ନୀତି ସମ୍ପନ୍ନ ହୋଇଛି। ଶ୍ରୀବିଗ୍ରହମାନଙ୍କ ବିଭିନ୍ନ ଗୁପ୍ତ ନୀତି ମଧ୍ୟରୁ ଏହି ନୀତି ଅନ୍ୟତମ। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ଶ୍ରୀବିଗ୍ରହମାନଙ୍କ ଦ୍ୱିତୀୟ ଭୋଗମଣ୍ଡପ ସମ୍ପନ୍ନ ହୋଇ ପାଣି ପଡ଼ିବା ପରେ ମଇଲମ ଓ ତଡ଼ପ ଲାଗି ନୀତି ଅନୁଷ୍ଠିତ ହୋଇଥିଲା। ପରେ ପହୁଡ଼ ଆଳତି କରାଯାଇଥିଲା। ସନ୍ଧ୍ୟା ୬ଟା ୧୫ରେ ବନକଲାଗି ନୀତି ପାଇଁ ଦତ୍ତମହାପାତ୍ର ସେବକମାନେ ଶ୍ରୀମନ୍ଦିର ଗର୍ଭଗୃହକୁ ପ୍ରବେଶ କରିଥିଲେ। ସେମାନେ ନୀତି ସାରି ୮ଟା ୫୦ରେ ମନ୍ଦିରରୁ ପ୍ରସ୍ଥାନ କରିଥିଲେ। ଏହାପରେ ମହାପ୍ରଭୁଙ୍କ ମହାସ୍ନାନ ଓ ଅନ୍ୟାନ୍ୟ ନୀତି କରାଯାଇଥିଲା। ଏହି ଗୁପ୍ତନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ନୀତି ସରିବା ପରେ ପୁନର୍ବାର ଦର୍ଶନ ଆରମ୍ଭ ହୋଇଥିଲା। ବନକଲାଗିରେ ମୁଖ୍ୟତଃ କସ୍ତୁରୀ, ହରିତାଳ, ଶଙ୍ଖତାଳ, ହେଙ୍ଗୁଳ, କେଶର, ବାହାଡ଼ା ପରି ଅନେକ ପ୍ରାକୃତିକ ରଙ୍ଗର ବ୍ୟବହାର କରାଯାଇଥାଏ।

### କାର୍ଯ୍ୟାଳୟରେ ବାୟୋମେଟ୍ରିକ୍ ମେଶିନ ସ୍ଥାପନ ଦାବି

ପୁରୀ, ୨୩।୮ (ଅଜିତ ମହାନ୍ତି)

ପୁରୀ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ବାୟୋମେଟ୍ରିକ୍ ମେଶିନ ସ୍ଥାପନ ପାଇଁ ଦାବି କରି ସୂଚନା ଅଧିକାର କର୍ମୀ ଦିଲୀପ କୁମାର ବରାଳ ଜିଲାପାଳଙ୍କୁ ଏକ ପତ୍ର ଦେଇଛନ୍ତି। ସେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ନିଯୁକ୍ତି ପାଇଥିବା ଅଧିକାରୀ ଏବଂ କର୍ମଚାରୀମାନେ ନିଜ ଇଚ୍ଛାନୁସାରେ କାର୍ଯ୍ୟାଳୟକୁ ଯାତାୟତ କରୁଛନ୍ତି। ସରକାରଙ୍କ ସମୟ ଅନୁସାରେ କୌଣସି କର୍ମଚାରୀ କାର୍ଯ୍ୟାଳୟକୁ ଆସୁନାହାନ୍ତି। ଅଧିକାରୀ ଏବଂ କର୍ମଚାରୀମାନେ କାର୍ଯ୍ୟାଳୟକୁ କେତେବେଳେ ଆସି କେତେବେଳେ ଫେରୁଛନ୍ତି ତାହାର ତଥ୍ୟ ରଖିବା ପାଇଁ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟଙ୍କ କାର୍ଯ୍ୟାଳୟରେ ବାୟୋମେଟ୍ରିକ୍ ମେଶିନ୍ ସ୍ଥାପନ କରାଯାଉ ବୋଲି ବରାଳ ଦାବି କରିଛନ୍ତି।

### ବିଶ୍ୱକର୍ମା ମହାସଭା ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ପୁରୀ, ୨୩।୮ (ଅଜିତ ମହାନ୍ତି)

ବିଶ୍ୱକର୍ମା ମହାସଭା ସଙ୍ଗଠନ ପକ୍ଷରୁ ୭ଦଫା ସମ୍ବଳିତ ଦାବିପତ୍ର ବୁଧବାର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଦାବିପତ୍ରରେ ଦର୍ଶାଯାଇଛି ଯେ, ବିଶ୍ୱକର୍ମାଙ୍କ ଜୟନ୍ତୀ (କନ୍ୟା ସଂକ୍ରାନ୍ତି)କୁ ରାଜ୍ୟସ୍ତରୀୟ ସରକାରୀ ଛୁଟି ଘୋଷଣା କରାଯାଉ। ବିଶ୍ୱକର୍ମା ସମାଜରେ ଆର୍ଥିକ ଦୃଷ୍ଟିରୁ ଗରିବ କାରିଗରଙ୍କୁ ଡିଆଇସି ମାଧ୍ୟମରେ ଋଣ ଯୋଗାଇ ଦିଆଯାଉ। କାରିଗରମାନଙ୍କୁ ମହାରଣା ସମାଜ ସମ୍ମାନ ଦିଆଯାଉ। କୁଶଳୀ କାରିଗରଙ୍କୁ ୫୦ ବର୍ଷ ବୟସରୁ ସରକାରୀ ଭତ୍ତା ଦିଆଯାଉ। ମହାରଣା କାରିଗର କାର୍ଯ୍ୟ କରିବା ସମୟରେ କୌଣସି ଦୁର୍ଘଟଣାର ସମ୍ମୁଖୀନ ହୋଇ ବିକଳାଙ୍ଗ ହେଲେ ଭତ୍ତା ପ୍ରଦାନ ସହ ସେମାନଙ୍କ ପିଲାଙ୍କ ଶିକ୍ଷାଗ୍ରହଣ ପାଇଁ ଅର୍ଥ ବ୍ୟବସ୍ଥା କରାଯାଉ। ବିଶ୍ୱକର୍ମା ସମାଜର ପ୍ରତ୍ୟେକ ସଦସ୍ୟଙ୍କୁ କୋଣାର୍କ ସୂର୍ଯ୍ୟମନ୍ଦିର ନିଃଶୁଳ୍କ ଦର୍ଶନ ବ୍ୟବସ୍ଥା କରାଯାଉ। ଦାବିପତ୍ର ପ୍ରଦାନ ସମୟରେ ବିଶ୍ୱକର୍ମା ମହାସଭା ସଂଗଠନର ସଭାପତି ଗୌତମ ମହାରଣା ଏବଂ ସମ୍ପାଦକ ହାଡ଼ିବନ୍ଧୁ ମହାରଣାଙ୍କ ସହ ସଙ୍ଗଠନର ଅନେକ ସଦସ୍ୟ ଉପସ୍ଥିତ ଥିଲେ।



ଚନ୍ଦ୍ରୟାନ-୩ର ସଫଳ ଅବତରଣ ନେଇ ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖରେ ସତ୍ୟବାଦୀର ବୁଦ୍ଧିଜୀବୀଙ୍କ ପକ୍ଷରୁ ବିଜୟ ଉତ୍ସବ ପାଳନ କରାଯାଉଛି।

# ଚନ୍ଦ୍ରୟାନ-୩ର ସଫଳ ଅବତରଣର ବିଜୟୋତ୍ସବ

ସାକ୍ଷୀଗୋପାଳ, ୨୩।୮
(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ଭାରତର ଚନ୍ଦ୍ରୟାନ-୩ର ଲ୍ୟାଣ୍ଡର 'ବିକ୍ରମ' ବୁଧବାର ସନ୍ଧ୍ୟାରେ ଚନ୍ଦ୍ରପୃଷ୍ଠରେ ସଫଳ ଅବତରଣ କରିଛି। ଏଥିପାଇଁ ଭାରତର ମହାକାଶ ଗବେଷଣା କେନ୍ଦ୍ର ଇସ୍ରୋର ବୈଜ୍ଞାନିକଙ୍କୁ ଭାରତର ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ସାରା ବିଶ୍ୱରୁ ଶୁଭେଚ୍ଛାର ସୁଅ ଛୁଟୁଛି। ଏହି ସଫଳତା ପରେ ସତ୍ୟବାଦୀର ବୁଦ୍ଧିଜୀବୀମାନେ ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖରେ ଏକତ୍ରିତ ହୋଇ ପ୍ରଦୀପ ପ୍ରଜ୍ୱଳନ କରିବା ସହ ଜାତୀୟ ପତାକା ଉଡାଇ ସଫଳତାର ବିଜୟ ଉତ୍ସବ ପାଳନ କରିଥିଲେ। ଏଥିରେ ଆଇନଜୀବୀ ସୁଶାନ୍ତ ମିଶ୍ର, ଶିକ୍ଷକ ସତ୍ୟବାଦୀ ଦାଶ, ଗୋପୀନାଥ ରଥ, କିଶୋର ମହାପାତ୍ର, ନିରଞ୍ଜନ ମିଶ୍ର, ଆଲୋକ ଖୁଣ୍ଟିଆ, ହରିୟାଣାର ଅଶୋକ ବର୍ମା, ସୁରେଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ସ୍ଥାନୀୟ ଭାଜପା ପକ୍ଷରୁ ସ୍ଥାନୀୟ ଦକ୍ଷିଣକାଳୀ ମନ୍ଦିର ନିକଟରେ ୩୨ ନଂ. ଜିଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ଜୟପୁର ସମିତି ସଭ୍ୟ ଦୀପକ ଶତପଥୀ, ପ୍ରହ୍ଲାଦ ଘଟୁଆରୀ, ମାଧବ ମହାପାତ୍ର, ବାବୁଜି ମହାପାତ୍ର, ରଞ୍ଜନ ବରାଳ, ଅବସରପ୍ରାପ୍ତ ଶିକ୍ଷକ ବିଜୟ ପରିଡ଼ା ପ୍ରମୁଖଙ୍କ ସହ ଅନ୍ୟମାନେ ପ୍ରଦୀପ ପ୍ରଜ୍ୱଳନ କରି ଇସ୍ରୋ ବୈଜ୍ଞାନିକଙ୍କୁ ଶୁଭ କାମନା ଜଣାଇଥିଲେ।

# ଚନ୍ଦନପୁର ବଜାର ଦେଇ ବସ୍ ଚଳାଚଳ କରୁ

ପୁରୀ ୨୩।୮ (ଅଜିତ୍ ମହାନ୍ତି)

### ସଦର କଂଗ୍ରେସ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

ପୁରୀରୁ ଭୁବନେଶ୍ୱରକୁ ଚଳାଚଳ କରୁଥିବା ଯାତ୍ରୀବାହୀ ବସଗୁଡ଼ିକ ଚନ୍ଦନପୁର ବଜାର ଦେଇ ଯିବା ପାଇଁ ପୁରୀ ସଦର ବ୍ଲକ କଂଗ୍ରେସ ଦାବି କରିଛି। ଏ ନେଇ ବୁଧବାର ସଦର ବ୍ଲକ କଂଗ୍ରେସ ସଭାପତି ଅବିନାଶ ମିଶ୍ରଙ୍କ ନେତୃତ୍ୱରେ ଜିଲପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ବସ୍‌ଗୁଡ଼ିକ ବାଇପାସ୍ ରାସ୍ତା ଦେଇ ଯିବା ଦ୍ୱାରା ଚନ୍ଦନପୁର ଅଞ୍ଚଳର ଯାତ୍ରୀମାନେ ଅସୁବିଧା ଭୋଗୁଛନ୍ତି। ସମଯାଜପୁର ଗେଟ୍ ପାଖରେ ଯାତ୍ରୀଙ୍କୁ ବସ୍ ଛାଡ଼ିଦେଉଛି, ସେଠାରୁ ଅଟୋ ଭଡ଼ା କରି ଚନ୍ଦନପୁର ଆସିବାକୁ ପଡୁଛି। ଅଟୋ ନ ମିଳିଲେ ଚାଲିକି ଆସିବାକୁ ପଡୁଛି। ନିଛାଟିଆ ରାସ୍ତା ହୋଇଥିବାରୁ ସମୟେ ସମୟେ ଯାତ୍ରୀମାନେ ଅସାମାଜିକ ବ୍ୟକ୍ତି ଓ ଲୁଟେରାଙ୍କ ହାବୁଡ଼ରେ ପଡୁଛନ୍ତି। ତେଣୁ ଯାତ୍ରୀବାହୀ ବସ୍‌ଗୁଡ଼ିକୁ ଚନ୍ଦନପୁର ବଜାର ଦେଇ ଯିବା ପାଇଁ ବ୍ୟବସ୍ଥା କରାଯାଉ। ସେହିପରି ବନମାଳିପୁର ଛକରୁ ଦିଫେନ୍ସ ଓଭରବ୍ରିଜ ତଳ ଦେଇ ଚାରିଶ୍ରୀ ରୋଡ୍‌କୁ ଯିବା ପାଇଁ ଯେଉଁ କଲଭର୍ଟ (ୟୁ-ଟର୍ନ) ଅଛି, ତାହା ସମ୍ପୂର୍ଣ୍ଣ ଭୁଲ ରହିଛି। ଫଳରେ ସେହି ଯାଗାରୁ ଓଭରବ୍ରିଜ ତଳକୁ ତଥା ଚାରିଶ୍ରୀ ରୋଡ଼କୁ ଯିବା ପାଇଁ ପ୍ରାୟ ଦୁଇଶହ ମିଟର ଭୁଲ ରାସ୍ତାରେ ଯିବାକୁ ପଡୁଛି। ଏଥିଯୋଗୁ ଉକ୍ତ ସ୍ଥାନରେ ପ୍ରାୟ ପ୍ରତିଦିନ ଦୁର୍ଘଟଣା ଘଟୁଛି। ଅତୀତରେ ପୁରୀ ସଦର ଅଞ୍ଚଳର ୩ଜଣଙ୍କ ମୃତ୍ୟୁ ଘଟିଥିଲା। ତେଣୁ ତୁରନ୍ତ ସେହି ରାସ୍ତାକୁ ବନ୍ଦ କରି ଦୁଇଶହ ମିଟର ଆଗରେ ଖୋଲିଲେ ଦୁର୍ଘଟଣାକୁ ଏଡାଇ ହେବ ବୋଲି ସଦର କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଆଗାମୀ ୭ଦିନ ମଧ୍ୟରେ ପ୍ରଶାସନ ଦାବି ପୂରଣ ନ କଲେ ସ୍ଥାନୀୟ ବାସିନ୍ଦା ଆନ୍ଦୋଳନକୁ ଓହ୍ଲାଇବେ ବୋଲି କହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସଦର କଂଗ୍ରେସ ସଭାପତି ଅବିନାଶ ମିଶ୍ର, କୃଷ୍ଣ ନନ୍ଦ, ମାନସ ମିଶ୍ର, ଗୋବର୍ଦ୍ଧନ ପ୍ରଧାନ, ଜଟି ବାରିକ, ଜଟାଧାରୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଶିକ୍ଷାବିତ୍ ରାଧାମୋହନଙ୍କ ସ୍ମରଣିକା ଉନ୍ମୋଚିତ



କାର୍ଯ୍ୟକ୍ରମରେ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଏବଂ ଅନ୍ୟମାନେ।

ପିପିଲି, ୨୩।୮ (ଦୁର୍ଗାମାଧବ ମିଶ୍ର)

ମାଧିପୁର ଗ୍ରାମର ରାଜ୍ୟପାଳ ଏବଂ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସ୍ୱନାମଧନ୍ୟ ପ୍ରଧାନଶିକ୍ଷକ ରାଧାମୋହନ ନାୟକ(୮୮)ଙ୍କ ଦେହାନ୍ତ ହୋଇଥିଲା। ବୁଧବାର ତାଙ୍କର ଏକାଦଶାହ ଉପଲକ୍ଷେ ନିଜ ଗ୍ରାମରେ ଏକ ଶୋକସଭା ଆୟୋଜନ କରାଯାଇଥିଲା। ଏଥିରେ ପିପିଲି- ଡେଲାଙ୍ଗ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ପୂର୍ବତନ ବିଧାୟକ ଯୁଧିଷ୍ଠିର ସାମନ୍ତରାୟ, ଡେଲାଙ୍ଗ ବ୍ଲକ ଚେୟାରମ୍ୟାନ ବାସନ୍ତୀ ସାହୁ, ସମବାୟ ସମିତି ସଭାପତି କିଶୋର ଛୋଟରାୟ, ପୁରୀ ଜିଲା ଯୁବ ବିଜେଡି ସଭାପତି ନାରାୟଣ ସ୍ୱାଇଁ, ଯୁବନେତା କୁନା ସାମନ୍ତରାୟ ଓ ବହୁ ଅବସରପ୍ରାପ୍ତ ଶିକ୍ଷକ ଯୋଗ ଦେଇଥିଲେ। ଶିକ୍ଷକଙ୍କ ଜୀବନୀ ଉପରେ ଲିଖିତ ସ୍ମରଣିକାକୁ ବିଧାୟକ ମହାରଥୀ ଉନ୍ମୋଚନ କରିଥିଲେ। ଉପସ୍ଥିତ ଅତିଥି ସ୍ୱର୍ଗତ ଶିକ୍ଷକ ନାୟକଙ୍କ ଜୀବନର ଉଲ୍ଲେଖନୀୟ ବିଭିନ୍ନ ଘଟଣାବଳୀଗୁଡ଼ିକୁ ବର୍ଣ୍ଣନା କରିଥିଲେ। ପରେ ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଆଜିଠୁ ଇଣ୍ଡିପେଣ୍ଡେନ୍ସ କପ୍ ଡାର୍ଟ୍ସ ନ୍ୟାଶନାଲ ଚାମ୍ପିୟନ୍‌ଶିପ୍



ଆୟୋଜକମାନେ ଜର୍ସି ଉନ୍ମୋଚନ କରୁଛନ୍ତି।

ପୁରୀ, ୨୩।୮ (ଅଜିତ ମହାନ୍ତି)

ଓଡ଼ିଶା ଡାର୍ଟ୍ସ ଆସୋସିଏଶନ୍ ଆନୁକୂଲ୍ୟରେ ପୁରୀ ଭିଆଇପି ରୋଡସ୍ଥିତ ପ୍ରାଇଡ ଅନନ୍ୟା ରିସୋର୍ଟ ପରିସରରେ ଇଣ୍ଡିପେଣ୍ଡେନ୍ସ କପ୍ ଡାର୍ଟ୍ସ ନ୍ୟାଶନାଲ ଚାମ୍ପିୟନଶିପ୍-୨୦୨୩ ଅନୁଷ୍ଠିତ ହେବାକୁ ଯାଉଛି। ଏ ନେଇ ବୁଧବାର ଆୟୋଜକମାନଙ୍କ ପକ୍ଷରୁ ହୋଟେଲ ପ୍ରାଇଡ୍ ଅନନ୍ୟା ରିସୋର୍ଟ ପରିସରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅଲଇଣ୍ଡିଆ ଡାର୍ଟ୍ସ ଆସୋସିଏଶନ୍‌ର ସଭାପତି ପ୍ରଶାନ୍ତ ସାହା, ଅଲ ଇଣ୍ଡିଆ ଡାର୍ଟ୍ସ ଆସୋସିଏସନ୍‌ର ଉପସଭାପତି ତଥା ଓଡ଼ିଶା ଡାର୍ଟ୍ସ ଆସୋସିଏଶନ୍‌ର ସଭାପତି ସୁଧାଂଶୁ ଶେଖର ହରିଚନ୍ଦନ, ଅନନ୍ୟା ପ୍ରାଇଡ୍ ହୋଟେଲ ନିର୍ଦ୍ଦେଶକ ମଧୁସୂଦନ ସିଂହାରୀ ଓ ହୋଟେଲ ମ୍ୟାନେଜର ପ୍ରୀତମ ଚାଟାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ। ସେମାନେ କହିଥିଲେ, ଏହି ପ୍ରତିଯୋଗିତା ଚଳିତ ମାସ ୨୪ରୁ ୨୬ ତାରିଖ ତିନିଦିନ ପର୍ଯ୍ୟନ୍ତ ପ୍ରାଇଡ ଅନନ୍ୟା ରିସୋର୍ଟ ପରିସରରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ପୁରୀରେ ପ୍ରଥମ ଥର ପାଇଁ ହେବାକୁ ଯାଉଛି। ତେବେ ୭ଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ରାଜ୍ୟରୁ ୭୦ରୁ ଅଧିକ ପ୍ରତିଯୋଗୀ ଭାଗନେବେ। ଏହି ପ୍ରତିଯୋଗିତାରେ ଯେ କୌଣସି ବର୍ଗର ପ୍ରତିଯୋଗୀ ଭାଗ ନେଇପାରିବେ। ଭାଗ ନେଇଥିବା ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ପ୍ରତିଯୋଗୀମାନଙ୍କ ନିମନ୍ତେ ପୁରସ୍କାର ବିତରଣ କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ଚଳିତବର୍ଷ ଡେନମାର୍କଠାରେ ୱାର୍ଲ୍ଡକପ୍ ଅନୁଷ୍ଠିତ ହେବାକୁ ଯାଉଛି। ୨୦୨୪ରେ ତାଇପେରେ ଏସିଆ ପାସିଫିକ୍ କପ୍ ଅନୁଷ୍ଠିତ ହେବ। ପ୍ରତିଯୋଗୀଙ୍କ ପାଇଁ ଏହି ପ୍ରତିଯୋଗିତା ସହାୟକ ହୋଇପାରିବ। ଓଡ଼ିଶାର ଯୁବବର୍ଗଙ୍କୁ ଏହି ପ୍ରତିଯୋଗିତା ଆକୃଷ୍ଟ କରିବ ବୋଲି ଆୟୋଜକମାନେ ମତବ୍ୟକ୍ତ କରିଛନ୍ତି।

# ପ୍ରତିଶ୍ରୁତିର ୩ ଘଣ୍ଟା ମଧ୍ୟରେ ବିଦ୍ୟାଳୟରେ ଯୋଗଦେଲେ ନୂତନ ଶିକ୍ଷକ

### ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି ଘଟଣା

ଡେଲାଙ୍ଗ, ୨୩।୮ (ରଶ୍ମିରଞ୍ଜନ ପ୍ରଧାନ)

ପ୍ରତିଶ୍ରୁତିର ୩ ଘଣ୍ଟା ମଧ୍ୟରେ ଡେଲାଙ୍ଗ ବ୍ଲକର ପୁରୁଣା ଡେଲାଙ୍ଗସ୍ଥିତ ଡେଲାଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନୂତନ ଶିକ୍ଷକ ଯୋଗଦେଇଛନ୍ତି। ବିଦ୍ୟାଳୟରୁ ଶିକ୍ଷକଙ୍କ ବଦଳିକୁ ନେଇ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ଶିକ୍ଷକ ବଦଳି ପ୍ରତିବାଦରେ ମଙ୍ଗଳବାର ଅଭିଭାବକ ଓ ଛାତ୍ରୀଛାତ୍ର ବିଦ୍ୟାଳୟ ସମ୍ମୁଖ ମୁଖ୍ୟ ଫାଟକରେ ଧାରଣା ଦେଇଥିଲେ। ଦିନ ତମାମ ଧାରଣା ପରେ ଶିକ୍ଷା ବିଭାଗର କୌଣସି ଅଧିକାରୀ ଘଟଣା ସ୍ଥଳକୁ ନ ଆସିବାରୁ ଗ୍ରାମବାସୀ, ଅଭିଭାବକ ଓ ଛାତ୍ରୀଛାତ୍ର ବୁଧବାର ରାଜରାସ୍ତାକୁ ଓହ୍ଲାଇବା ପାଇଁ ଚେତାବନୀ ଦେଇଥିଲେ। ପୂର୍ବାହ୍ନ ୧୦ଟାବେଳେ ବିଦ୍ୟାଳୟ ସମ୍ମୁଖରୁ ଅଭିଭାବକ ନିର୍ମଳ ପରିଡ଼ା, ପୂର୍ବତନ ଜିଲା ପରିଷଦ ଅଶୋକ ପ୍ରଧାନ, ପରିଚାଳନା କମିଟି ସଭାପତି ମନୋରଞ୍ଜନ ବେହେରା, ବସନ୍ତ ବେହେରାଙ୍କ ନେତୃତ୍ୱରେ ନିଶିକାନ୍ତ ମହାପାତ୍ର, ସସ୍ମିତା ଦାସ, ସୁଦର୍ଶନ ବାରିକ୍, ସନ୍ଧ୍ୟାରାଣୀ ମହାପାତ୍ର, ପ୍ରତିମା ବେହେରା ପ୍ରମୁଖଙ୍କ ସମେତ ଛାତ୍ରୀଛାତ୍ର ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଶିକ୍ଷକ ନିଯୁକ୍ତି ଦାବି ସ୍ଲୋଗାନ ଦେଇ ପୁରୁଣା ଡେଲାଙ୍ଗ ମୁଖ୍ୟରାସ୍ତାରେ ପହଞ୍ଚି ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ। ଖବରପାଇ ବ୍ଲକ ଶିକ୍ଷାଧିକାରୀ ବିନୋଦ ପାରମାଣିକ୍, ଆଇଆଇସି ଦେବାଶିଷ ମହାନ୍ତି, ସହ ଶିକ୍ଷାଧିକାରୀ ଲକ୍ଷ୍ମଣ ପ୍ରଧାନ, ସ୍ଥାନୀୟ ସରପଞ୍ଚ ଦୀପକ ସାହୁ ସେଠାରେ ପହଞ୍ଚିଥିଲେ। ବ୍ଲକ ଶିକ୍ଷାଧିକାରୀ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଦ୍ୟାଳୟରେ ଶିକ୍ଷକ ଯୋଗ ଦେବାକୁ ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ସୂଚନାଥାଉକି, ପୁରୁଣା ଡେଲାଙ୍ଗ ଗ୍ରାମରେ ଅବସ୍ଥିତ ଏହି ବିଦ୍ୟାଳୟରେ ୧ମରୁ ୮ମ ଶ୍ରେଣୀ ରହିଛି। ବିଦ୍ୟାଳୟରେ ମୋଟ ୭୧ଜଣ ଛାତ୍ରୀଛାତ୍ର ଅଧ୍ୟନ କରୁଥିବାବେଳେ ୫ଜଣ ଶିକ୍ଷକ ନିଯୁକ୍ତ ଅଛନ୍ତି। ସେଥିମଧ୍ୟରୁ ଜଣଙ୍କୁ ବେରବୋଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବଦଳି କରାଯାଇଛି। ଆଉ ଜଣେ ଶିକ୍ଷକ ୪ମାସ ପରେ ଅବସର ଗ୍ରହଣ କରିବେ। ତେବେ ୩ଜଣ ଶିକ୍ଷକ ୮ଟି ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ କିପରି ପାଠ ପଢାଇବେ ସେନେଇ ଅଭିଭାବକଙ୍କ ଚିନ୍ତାର ବିଷୟ ପାଲଟିଥିଲା। ବ୍ଲକ ଶିକ୍ଷାଧିକାରୀଙ୍କ ପ୍ରତିଶ୍ରୁତି ଅନୁଯାୟୀ, ଅପରାହ୍ନ ୩ଟାବେଳେ ନୂତନ ଭାବେ ଶିକ୍ଷକ ରବୀନ୍ଦ୍ରନାଥ ବେହେରା ବିଦ୍ୟାଳୟରେ ଯୋଗଦେଇଥିଲେ।



ଗ୍ରାମବାସୀଙ୍କ ସହ ବ୍ଲକ ଶିକ୍ଷାଧିକାରୀ ବିନୋଦ ପାରମାଣିକ୍ ଆଲୋଚନା କରୁଛନ୍ତି।

# ଚନ୍ଦ୍ରୟାନ ସହ ଯୋଡ଼ିହେଲେ ଛାତ୍ରୀଛାତ୍ର

ଭୁବନେଶ୍ୱର,୨୩।୮(ଶର୍ମିଷ୍ଠା ପାଣିଗ୍ରାହୀ) – ଚନ୍ଦ୍ରୟାନ-୩ ଚନ୍ଦ୍ରରେ ସଫଳ ଅବତରଣ କରିବା ପରେ ଦେଶବ୍ୟାପୀ ଉତ୍ସବ ଓ ଉତ୍ସାହ ଦେଖିବାକୁ ମିଳିଛି। ଓଡ଼ିଶାରେ ମଧ୍ୟ ସ୍କୁଲ୍, କଲେଜ, ପ୍ରତିଷ୍ଠାନଠାରୁ ଆରମ୍ଭ କରି ସବୁଠି ଖୁସିର ଲହରି ଖେଳିଯାଇଛି। ଏହାକୁ ନେଇ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଉତ୍କଣ୍ଠା ଲାଗି ରହିଥିଲା। ପୂଜାର୍ଚ୍ଚନା, ପ୍ରାର୍ଥନା କରି ସଫଳତା କାମନା କରାଯାଇଥିବାବେଳେ ବିଭିନ୍ନ ସ୍ଥାନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଯୋଡ଼ି ହୋଇଥିଲେ। କେଉଁଠି ପିଲାଙ୍କୁ ଲାଇଭ୍ ଷ୍ଟ୍ରିମିଂ କରାଯାଇଥିଲା ତ ଆଉ କେଉଁଠି ଦେଶାତ୍ମବୋଧକ ଓ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମାଧ୍ୟମରେ ଚନ୍ଦ୍ରୟାନ ସମ୍ପର୍କରେ ଅଧିକ ସୂଚନା ପ୍ରଦାନ କରାଯାଇଥିଲା। ଶେଷରେ ଭାରତର ଏହି ଐତିହାସିକ ମୁହୂର୍ତ୍ତକୁ ସମସ୍ତେ ଉପଭୋଗ କରିଥିଲେ।

## ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ ଲାଇଭ୍ ଷ୍ଟ୍ରିମିଂ

ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରଠାରେ ଚନ୍ଦ୍ରୟାନ-୩ର ସଫଳ ଅବତରଣ ଦେଖିଥିଲେ ଛାତ୍ରୀଛାତ୍ର ଓ ଜନସାଧାରଣ। ଏଥିପାଇଁ ସେଠାରେ ଲାଇଭ୍ ଷ୍ଟ୍ରିମିଂ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଅପରାହ୍ନ ୫ରୁ ସନ୍ଧ୍ୟା ୬ଟା ୩୦ ପର୍ଯ୍ୟନ୍ତ ପାଖାପାଖି ୧୦୦ରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କ ସହ ଛାତ୍ରୀଛାତ୍ର ଭାରତର ଏହି ଐତିହାସିକ ଯାତ୍ରାର ସିଧାପ୍ରସାରଣ ଦେଖିଥିଲେ। ବିଜ୍ଞାନ କେନ୍ଦ୍ରର ଏଜୁକେଶନ୍ ଅଫିସର ହିମାଂଶୁ ଶେଖର ଶତପଥୀ ଓ ପ୍ରୋଜେକ୍ଟ କୋଅର୍ଡିନେଟର କପିଳ ଜେନ୍‌ଙ୍କ ସହ ଅନ୍ୟାନୀ ଅଧିକାରୀ ଉପସ୍ଥିତ ଥିଲେ।



ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରଠାରେ ଚନ୍ଦ୍ରୟାନ-୩ ପ୍ରତିକୃତି ନିକଟରେ ସେଲ୍‌ଫି ନେଉଛନ୍ତି।


ଉତ୍ସାହିତ ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲର ଛାତ୍ରୀଛାତ୍ର।

## ଦେଶାତ୍ମବୋଧକ, ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ସହ ସିଧାପ୍ରସାରଣ

ବିଶ୍ୱର ପ୍ରଥମ ଦେଶଭାବେ ଚନ୍ଦ୍ରର ଦକ୍ଷିଣ ମେରୁରେ ଭାରତର ଚନ୍ଦ୍ରୟାନ-୩ ଅବତରଣ କରିବାମାତ୍ରେ ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲର ଛାତ୍ରୀଛାତ୍ର ଏକାସ୍ୱରରେ 'ଭାରତ ମାତା କି ଜୟ' କହିବା ସହ ସେହି ଐତିହାସିକ ମୁହୂର୍ତ୍ତକୁ ଉପଭୋଗ କରିଥିଲେ। ଏଥିସହ ଛାତ୍ରୀଛାତ୍ର ବିଭିନ୍ନ ଦେଶାତ୍ମବୋଧକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଜୟ ହୋ ଓ ଆଶାୟେ ଗୀତରେ ଦେଶପ୍ରୀତି ଜାଗ୍ରତ କରିଥିଲେ। ଏହାପୂର୍ବରୁ ଦିନତମାମ ସମସ୍ତ ଶ୍ରେଣୀରେ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚନ୍ଦ୍ରୟାନ ସମ୍ପର୍କିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅପରାହ୍ନରେ ଅବତରଣ ମୁହୂର୍ତ୍ତର ସିଧାପ୍ରସାରଣ କରାଯାଇଥିଲା। ସ୍କୁଲ୍‌ର ଚେୟାରପର୍ସନ ଡ. ଶିଳ୍ପୀ ସାହୁ କହିଥିଲେ, ଏହି ସଫଳତାର ମୁହୂର୍ତ୍ତ ସମସ୍ତଙ୍କ ପାଇଁ ରୋମାଞ୍ଚକର ଥିଲା। ବିଶେଷକରି ଏହା ଛାତ୍ରୀଛାତ୍ରଙ୍କୁ ଆଗାମୀ ଭବିଷ୍ୟତରେ ବୈଜ୍ଞାନିକ ହେବା ପାଇଁ ପ୍ରୋତ୍ସାହିତ କରିବ। ସିନିୟର ପ୍ରିନ୍ସପାଲ୍ ନୀଳକଣ୍ଠ ପାଣିଗ୍ରାହୀ କହିଲେ, ଚନ୍ଦ୍ରୟାନ-୩ ଅବତରଣର ଏହି ସ୍ୱର୍ଣ୍ଣିମ ମୁହୂର୍ତ୍ତ ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାରେ ଅଧ୍ୟୟନ ପାଇଁ ଉତ୍ସାହିତ କରିବ।

## ସଫଳତା ପାଇଁ ଛାତ୍ରୀଛାତ୍ରଙ୍କ ପ୍ରାର୍ଥନା

ବିଜେଇଏମ୍ ସ୍କୁଲର ଛାତ୍ରୀଛାତ୍ର ଚନ୍ଦ୍ରୟାନ-୩ର ସଫଳ ଅବତରଣ ପାଇଁ ଦିନସାରା ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ପିଲାମାନେ ବେଲୁନ୍ ଧରି ପୋଷ୍ଟର ସହ ଚନ୍ଦ୍ରୟାନ-୩ର ଏକ ମଡେଲ ପ୍ରସ୍ତୁତ କରିଥିଲେ। ଏଥିସହ ବିଭିନ୍ନ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିଥିଲେ। ଚନ୍ଦ୍ରୟାନ-୩ ସମ୍ପର୍କରେ ଜ୍ଞାନ ଆହରଣ କରିବା ସହ ଅଭିଯାନର ସଫଳତା ପାଇଁ ପ୍ରାର୍ଥନା କରିଥିଲେ।


ଚନ୍ଦ୍ରୟାନ-୩ର ସଫଳ ଅବତରଣ ପରେ ଏହାର ସିଧା ପ୍ରସାରଣ ଦେଖୁଥିବା କିସ୍ ଛାତ୍ରୀଛାତ୍ର ପତାକା ହଲାଇ ସ୍ୱାଗତ କରୁଛନ୍ତି।

## ମୁରୁଜ, ଜାତୀୟ ପତାକାରେ ଇସ୍ରୋ ବୈଜ୍ଞାନିକଙ୍କୁ ଶୁଭେଚ୍ଛା

ଭୁବନେଶ୍ୱର,୨୩।୮(ଅନୁରାଧା ମହାରଣା)- ଆଶାଏଁ ପାଠଶାଳାର ୫ଟି କେନ୍ଦ୍ରର ଛାତ୍ରୀଛାତ୍ରମାନେ ମୁରୁଜ ମାଧ୍ୟମରେ ଚନ୍ଦ୍ରୟାନର ଛବି ଆଙ୍କି ଇସ୍ରୋର ବୈଜ୍ଞାନିକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଇସ୍ରୋ ପକ୍ଷରୁ ପ୍ରସାରିତ ଅବତରଣ ସମୟର ଦୃଶ୍ୟ ଦେଖିଥିଲେ। ଇସ୍ରୋର ଏହି ଐତିହାସିକ ସଫଳତା ଆଗାମୀ ଦିନରେ ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ କ୍ଷେତ୍ରରେ ଯିବାକୁ ପ୍ରେରଣା ଦେବ ବୋଲି ଆଶାଏଁର ଅଧ୍ୟକ୍ଷ ରତ୍ନାକର ସାହୁ କହିଥିଲେ। ଏଥିସହ ସେ କେନ୍ଦ୍ର ସରକାର ଓ ଇସ୍ରୋର ସମସ୍ତ ବୈଜ୍ଞାନିକଙ୍କୁ ଶୁଭେଚ୍ଛା ଜଣାଇଥିଲେ।



ବିଜେଇଏମ୍ ସ୍କୁଲରେ ଛାତ୍ରୀଛାତ୍ରମାନେ ଚନ୍ଦ୍ରୟାନ-୩ର ସଫଳତା କାମନା ପୂର୍ବକ ଶୁଭେଚ୍ଛା ଜଣାଉଛନ୍ତି। (ଫଟୋ- ବିକାଶ ନାୟକ)


ଭୁବନେଶ୍ୱର ଭୀମଟାଙ୍ଗିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଚତୁର୍ଥ ଶ୍ରେଣୀ ଛାତ୍ର ତଥା ପୋଖରୀପୁଟରେ ରହୁଥିବା ୯ ବର୍ଷର ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପ କାଗଜ କଳାରେ ପ୍ରତୀକାତ୍ମକ ଚନ୍ଦ୍ରୟାନ-୩ ତିଆରି କରି ଇସ୍ରୋର ସମସ୍ତ ବୈଜ୍ଞାନିକଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛନ୍ତି।

## ସଫଳତା ସମଗ୍ର ଦେଶ ପାଇଁ ଗର୍ବ ଗୌରବର ବିଷୟ

### ପଠାଣି ସାମନ୍ତ ପାନେଟୋରିୟମ୍‌ରେ ସିଧାପ୍ରସାରଣ

ଭୁବନେଶ୍ୱର,୨୩।୮(ଶର୍ମିଷ୍ଠା ପାଣିଗ୍ରାହୀ)-ପଠାଣି ସାମନ୍ତ ପାନେଟୋରିୟମ୍‌ରେ ଚନ୍ଦ୍ରୟାନ-୩ର ସଫଳ ଯାତ୍ରାର ସିଧା ପ୍ରସାରଣ ହୋଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଥିଲେ, ଏହି ସଫଳତା ସମଗ୍ର ଦେଶବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ । ନିକଟରେ ଛାତ୍ରୀଛାତ୍ରଙ୍କ ପାଇଁ ଇସ୍ରୋ' ପକ୍ଷରୁ ବିଭାଗ ଆନୁକୂଲ୍ୟରେ ଆୟୋଜିତ 'ସ୍ପେସ ଅନ ହୁଇଲ' କାର୍ଯ୍ୟକ୍ରମ ଅତ୍ୟନ୍ତ ପ୍ରଶଂସନୀୟ ହୋଇଥିଲା। ଏଥି ସହିତ 'ଇସ୍ରୋ'ର ବିଜ୍ଞାନୀମାନଙ୍କୁ ଏହି ମହାନ ସଫଳତା ପାଇଁ ଧନ୍ୟବାଦ ଜଣାଇଥିଲେ। ଚନ୍ଦ୍ରୟାନ-୩ର ସଫଳତାର ସିଧା ପ୍ରସାରଣ ଦେଖି ସମସ୍ତେ କରତାଳିରେ ଭାରତୀୟ ବିଜ୍ଞାନୀଙ୍କ ଏହି ସଫଳତାକୁ ଭୂୟସୀ ପ୍ରଶଂସା କରିଥିଲେ। ବିଭାଗର ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ୍‌ଙ୍କ ସମେତ ବହୁ ପଦାଧିକାରୀ ଉପସ୍ଥିତ ଥିଲେ।


ଚନ୍ଦ୍ରଯାନ-୩ର ସଫଳତାର ସିଧା ପ୍ରସାରଣ ଅବସରରେ ପଠାଣୀ ସାମନ୍ତ ପ୍ଲାନେଟୋରିୟମଠାରେ ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଭାଗର ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ୍‌ଙ୍କ ସମେତ ଅନ୍ୟମାନେ ।


ସୂଚନା ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ, ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡାଙ୍କ ସମେତ ଅନ୍ୟ ଅଧିକାରୀମାନେ ଚନ୍ଦ୍ରଯାନ-୩ର ସଫଳ ଅବତରଣ କାର୍ଯ୍ୟକ୍ରମ ଦେଖୁଛନ୍ତି।


GOVERNMENT OF ODISHA
OFFICE OF THE SUPERINTENDING ENGINEER, KALAHANDI RWS&S DIVISION, BHAWANIPATNA
e-mail:eerwsskld@gmail.com, eerwss_kld@nic.in, Phone No.06670-230784
INVITATION OF BID THROUGH e-TENDERING
Bid Identification No.28/SE/RWSS/2023-24/Bpt, Dated 22.08.2023
No.O-733:01.Name of the Work: As per Annexure-A

| Procurement Officer | Bid Identification No. | Availability of tender online for bidding on office hour only | | Date of Opening (Technical Bid) |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Kalahandi RWS&S Division, Bhawanipatna | 28/SE/RWSS/2023-24/Bpt, Dated 22.08.2023 | 29.08.2023 10.00 A.M. | 14.09.2023 05.30 PM | 15.09.2023 10.00 AM onwards |

Cost of tender paper to be made online payment system.
Further details can be seen from the e-procurement portal http://tenderodisha.gov.in.
The original documents schould be scanned and uploaded.
Sd./-Superintending Engineer, Kalahandi RWS&S Division, Bhawanipatna
OIPR-25005/11/0007/2324

Government of Odisha
OFFICE OF THE SUPERINTENDING ENGINEER-CUM-DEPUTY ELECTRICAL INSPECTOR, KEONJHAR, BANIAPAT (D.D. COLLEGE ROAD), KEONJHAR - 758001
Email Id: deikeonjhar-od@gov.in
Letter No. 613
QUOTATION/TENDER CALL NOTICE
Date: 08.08.2023

No. AA-14: Sealed quotation/tenders are invited from interested reputed Travel Agencies/Tour Operators or Private individuals for providing 1 No. of Non-Ac/AC vehicle of following type of vehicle including Driver, which shall confirm to the terms and conditions as mentioned in Annexure - II (a copy of the annexure is attached herewith) for official use in the O/o. Superintending Engineer-cum-Deputy Electrical Inspector, Keonjhar on monthly rent basis.

| Sl. No. | Type of Vehicles | Maximum hire charges per Month | Minimum average mileage in Kms. per litre | Remarks |
|---|---|---|---|---|
| 1 | TUV300 / Bolero (Neo) / Sumo Gold / Scorpio / Ertiga | Rs.31,000/- | 10 Kmpl | Service Tax would be reimbursed separately over & above the hire charges. |

1. The vehicle must be in Road Worthy condition, shall not more than 3 (three) years old from the date of initial registration and must have valid Registration Certificate, Insurance Certificate, Fitness Certificate, valid Contract carriage permit, proof of uptodate tax payment etc. which are mandatory for plying of vehicle.
2. The driver of the vehicle must have a valid Driving Licence for driving light transport passenger vehicle and should be sufficiently experienced in driving transport passenger vehicle.
3. The Driver should be well behaved, gentle and obedient in nature.
4. The monthly rate of hire charge be quoted separately in the general bid information (excluding fuel, lubricants & GST).
5. The vehicle must achieve a fuel efficiency of 10 Kms per litre.
6. The details of the make and year of manufacture of the vehicle, registration No. mileae (Kms covered per litre) and name of the Driver with Driving Licence No. and period of validity should be specifically provided in general bid information to be furnished with the quotation tender (Annexure - III).
7. The application form of quotation/tender containing General Bid Information & terms and condition for hiring of vehicles etc. can be obtained from the Electrician Grade-II of this office at Baniapat, D.D. College Road, Dist.: Keonjhar on payment of Rs.100/- (Rupees one hundred) only during office hour on working days upto 1.00 P.M. of Dt.01.09.2023.
8. A sum of Rs.5000/- shall be deposited by the intending bidders in shape of Account Payee Demand Draft drawn in favour of the SE-CUM-DEI, Keonjhar in any Nationalized Bank payable at Keonjhar & submitted along with the tender as security deposit. After completion of tender process the amount will be refunded to unsuccessful bidders. The undersigned reserves the right to reject the tenders without assigning any reason thereof.
9. The quotation completed in all respect should reach the undersigned on or before Dt.08.09.2023 by 3.30 P.M. and shall be opened on the same day at 4 P.M. in presence of the bidders or their authorized.

Sd./- Superintending Engineer-cum-Deputy Electrical Inspector, Keonjhar
OIPR-04073/11/0001/2324

GOVERNMENT OF ODISHA
ST & SC DEVELOPMENT DEPARTMENT
OFFICE OF THE PROJECT ADMINISTRATOR
INTEGRATED TRIBAL DEVELOPMENT AGENCY, JEYPORE
E- PROCUREMENT NOTICE
BID IDENTIFICATION No. PA ITDA (I)-04/2023-2024
No.2390/2023 Dated, the 22nd August, 2023

No.CAD-1796:Bid Documents consisting of Work, Estimated Cost, Cost of Tender Paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e "www.tendersodisha.gov.in".

| | | | |
|---|---|---|---|
| 01. | Name of the Work | : | Civil Works as mentioned in DTCN |
| 02. | No. of Works | : | 04 (Four) Numbers only |
| 03. | Estimated Cost | : | Rs.20.16 Lakh to Rs.61.00 Lakhs |
| 04. | Period of Completion | : | 02 (Two) Calendar Months |
| 05. | Date & Time of Bidding | : | From 24/08/2023 at 12.00 Hours to 31/08/2023 Upto 17.00 Hours |
| 06. | Last date & time for receipt of bids in portal | : | 31/08/2023 Upto 17.00 Hours |
| 07. | Offline Documents Received through Speed Post/ Registered Post | : | 25/08/2023 at 10.00 Hours to 01/09/2023 Upto 14.00 hours (Working Days Only) |
| 08. | Bids received online shall be opened on | : | 01/09/2023 at 13.00 Hours onwards |
| 09. | Bid Received offline documents shall be opened & Transparency Lottery Draw | : | 01/09/2023 at 15.30 Hours onwards Offline Document Open & Transparency Lottery Draw |
| 10. | Name and address of the officer inviting Bid | : | Project Administrator, I.T.D.A. Jeypore |

Further details can be seen from the www.tendersodisha.gov.in.
Sd./- Project Administrator
I.T.D.A., Jeypore
OIPR-26037/11/0005/2324

OFFICE OF THE NOTIFIED AREA COUNCIL, BINKA
Dist:Subarnapur (Pin-767019) Email Id: nacbinka@gmail.com
Phone/Fax:06654-241113
E-Tender Call Notice No.1830/Dt.23.08.2023
Tender ID 2023_ORULB_92933
Tender Reference No.BINKA-NAC-02/2023-24

No.C-1165:Bid documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.

| | | |
|---|---|---|
| 1 | Type of the Work | Civil Work |
| 2 | No. of Works | 30 Nos. |
| 3 | Estimated Cost | As per DTCN |
| 4 | Period of Completion | As per DTCN |
| 5 | Date & Time of bidding online from | Dt.24.08.2023 at 11.00 AM |
| 6 | Last date & time of bidding online | Dt.01.09.2023 at 05.00 PM |
| 7 | Date & Time of opening of Technical Bid | Dt.02.09.2023 at 11.00 AM |
| 8 | Name and address of the Officer Inviting Bid | Executive Officer, Binka N.A.C. |

Further details can be seen from the procurement portal i.e. www.tendersodisha.gov.in.
Sd./- Executive Officer
Notified Area Council,
Binka
OIPR-13198/11/0009/2324

GOVERNMENT OF ODISHA No.A-474:
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER, DRAINAGE DIVISION, JAJPUR
e-mail id-ddckl121@gmail.com
"e" PROCUREMENT NOTICE NO.- DDJPR - 03/2023-24

| | | |
|---|---|---|
| 1 | Name of work: - | Drainage works (Under D.I.P, CRITICAL & NON-PLAN Scheme) |
| 2 | Total No. of Project: - | 4 Nos of. Individual work. |
| 3 | Estimated cost of individual works: - | Varies from Rs. 15,33,417 /- to Rs. 73,15,202 /-(Excluding G.S.T.) |
| 4 | Period of completion: - | 6 (Six) to 8(Eight) Calendar Months |
| 5 | Bid Identification Number | DDJPR - 11/2023-24 to 14/2023-24 |
| 6 | Date & Time of availability of Bid document in the Portal | From Dt. 07.09.2023 at 10.00 hours to Dt.21.09.2023 at 17.00 hours |
| 7 | Date of Opening of bid | Dt.22.09.2023 at 11.30 Hrs in the O/o.The Superintending Engineer, Drainage Division, Jajpur |
| 8 | Date of Opening of Financial bid ( For the work Sl No-04 ) | Dt.03.10.2023 at 11.30 Hrs.in the O/o. The Superintending Engineer, Drainage Division, Jajpur |
| 9 | Date of Lottery (if required) | Dt. 18.10.2023 at 11.30 Hrs in the O/o. The Superintending Engineer, Drainage Division, Jajpur |
| 10 | Procurement Officer/ Name & address of the officer inviting Bids. | Superintending Engineer, Drainage Division, Jajpur. |

Further details can be seen from the Govt. website www.tendersodisha.gov.in.
Sd./- Superintending Engineer
Drainage Division, Jajpur
OIPR-32360/11/0003/2324

Department of Agriculture & Farmers' Empowerment,
Government of Odisha
Directorate of Soil Conservation and Watershed Development Odisha,
Krushi Bhawan, Bhubaneswar-751001

No.L-79:Request for Proposal is invited for engagement of State Level Support Agency for Capacity Building and Policy Development of Rejuvenating Watersheds for Agricultural Resilience through innovative Development (REWARD) programme, Govt. of Odisha.

The bidder can access and download the complete RFP and TOR documents with other details from website - https:// www.soilodisha.nic.in and e-procurement site of Govt. of Odisha "tendersodisha.gov.in". The date and time for submission of proposal through e - procurement portal is from 23.08.2023 to 14.09.2023 (5.30 PM). The hard copy of RFP complete in all respects must reach the undersigned by Registered post/ Speed post /Courier only latest by 22.09.2023 (5.30 PM) within office hour in a sealed envelope clearly mentioning on the top of it "Request For Proposal (RFP) for Engagement of State Level Support Agency for Capacity Building and Policy Development for Rejuvenating Watersheds for Agricultural Resilience through innovative Development programme (REWARD) programme, Govt. of Odisha". The hard copy should address to the Director, Directorate of Soil Conservation and Watershed Development Odisha, Bhubaneswar (DSC&WD), Department of Agriculture & Farmers' Empowerment Government of Odisha, Krushi Bhawan, Keshari Nagar( Near State Guest House),Pin-751001.

The proposal received beyond the last date & time will be rejected. The authority reserves the right to reject any/all proposals without assigning any reason thereof.

Director, SC&WD
OIPR-01470/11/0007/2324

# ସ୍ମାର୍ଟ ସ୍କୁଲ ଛାତରୁ ଖସିଲା ପ୍ଲାଷ୍ଟର

## ଅଳ୍ପକେ ବର୍ତ୍ତିଲେ ଛାତ୍ରୀଛାତ୍ର

ଜଟଣୀ,୨୩।୮ (ରବୀନ୍ଦ୍ର ମହାକୁଡ଼)

ଜଟଣୀ ବ୍ଲକ କନ୍ତିଆ ପଞ୍ଚାୟତରେ ୫-ଟି ସ୍କୁଲରେ ରୂପାନ୍ତର ହୋଇଥିବା ସରକାରୀ ବିଦ୍ୟାଳୟ ଛାତରୁ ବୁଧବାର ଏକ ପ୍ଲାଷ୍ଟର ଖସିପଡ଼ିଛି। ଫଳରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଳ୍ପକେ ବର୍ତ୍ତିଯାଇଥିବା ସୂଚନା ମିଳିଛି। ତେବେ ସ୍ମାର୍ଟସ୍କୁଲର ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ନେଇ ଅଭିଯୋଗ ହେଉଛି। ରାଜ୍ୟର ପ୍ରତି ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଛାତ୍ରଙ୍କୁ ଉନ୍ନତମାନର ଶିକ୍ଷା ଯୋଗାଇ ଦେବା ପାଇଁ ୫-ଟି ଅଧୀନରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ରୂପାନ୍ତର କରାଯାଉଛି। ହେଲେ କାର୍ଯ୍ୟ ସବୁ ନିମ୍ନମାନର ହେଉଥିବାରୁ ଅନେକ ୫-ଟି ସ୍କୁଲଗୁଡ଼ିକର କାନ୍ଥ, ଛାତରୁ ପ୍ଲାଷ୍ଟର ଖସିବା, ପାଣି ଗଳିବା ଭଳି ଗୁରୁତର ଅଭିଯୋଗ ହେଉଥିବା ଦେଖିବାକୁ ମିଳିଛି। ତେବେ ଜଟଣୀର ଏହି ଭାଗବତ ବାସୁଦେବ ବିଦ୍ୟାପୀଠକୁ ପ୍ରାୟ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ କିଛିଦିନ ତଳେ ୫-ଟିରେ ରୂପାନ୍ତରିତ କରାଯାଇଛି। କାମ ସାରିବାର ମାତ୍ର ୩ ମାସ ନପୂରୁଣୁ ବୁଧବାର ଏହି ସ୍ମାର୍ଟ ସ୍କୁଲର ନବମ ଶ୍ରେଣୀ ଗୃହ ଛାତରୁ ପ୍ଲାଷ୍ଟର ଖସିଥିବା ନେଇ ସୂଚନା ମିଳିଛି। ସୌଭାଗ୍ୟବଶତଃ ଖାଇବା ଛୁଟିବେଳେ କ୍ଲାସ ରୁମରେ କେହି ନଥିବା ସମୟରେ ପ୍ଲାଷ୍ଟର ଖସିପଡିଥିଲା। ଫଳରେ ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପକମାନେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ତେବେ ଘଟଣା ପ୍ରଚାର ହେବା ପରେ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିବା ସହ ବିଦ୍ୟାଳୟରେ ପହଞ୍ଚି ତଦାରଖ କରିଥିଲେ। ଏ ନେଇ ବିଡିଓ ସରୋଜ ରାଉତଙ୍କୁ ପଚାରିବାରେ, ଘଟଣାସ୍ଥଳକୁ ଯନ୍ତ୍ରୀ ଯାଇ ଅନୁଧ୍ୟାନ କରୁଛନ୍ତି। ତ୍ରୁଟି ସ୍ଥାନକୁ ତୁରନ୍ତ ମରାମତି କରାଯିବ। କାର୍ଯ୍ୟ ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଗ୍ରାମବାସୀ। ଖାଲି ଛାତ ପ୍ଲାଷ୍ଟର ନୁହେଁ ବରଂ ସବୁ କାମ ନିମ୍ନମାନର ହୋଇଛି ବୋଲି ଅଭିଯୋଗ ଆଣିଛନ୍ତି। ଏହି ଘଟଣା ଉପରେ ଉପରିସ୍ଥ ଅଧିକାରୀ ତଦନ୍ତ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।




ଜଟଣୀର ଭାଗବତ ବାସୁଦେବ ବିଦ୍ୟାପୀଠ ଛାତରୁ ପ୍ଲାଷ୍ଟର ଖସି ପଡ଼ିଛି।

# ୫-ଟି ସଚିବଙ୍କ ନିକଟରେ ପଞ୍ଚାୟତ ପିଅନ ସଂଘର ସର୍ବନିମ୍ନ ଦରମା ଦାବି

**ଜଟଣୀ,୨୩।୮ (ରବୀନ୍ଦ୍ର ମହାକୁଡ଼):** ଜଟଣୀରେ ୫-ଟି ସଚିବ ଭି. କେ. ପାଣ୍ଡିଆନଙ୍କ ଗସ୍ତ ସମୟରେ ଗ୍ରାମପଞ୍ଚାୟତ ପିୟନ କର୍ମଚାରୀ ସଂଘ ପଞ୍ଚାୟତ ସ୍ତରରେ ପିଅନ ଭାବେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ସର୍ବନିମ୍ନ ଦରମା ପ୍ରଦାନ କରିବା ପାଇଁ ୫-ଟି ସଚିବଙ୍କ ନିକଟରେ ଦାବି କରିଛ। ଦୀର୍ଘ ବର୍ଷଧରି ବିଭିନ୍ନ ପଞ୍ଚାୟତରେ ପିଅନ ରୂପେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ମାସିକ ୩୦୦ଟଙ୍କା ମିଳୁଛି। ଏତିକି ଅର୍ଥରେ ପରିବାର ଚଳାଇବା ପାଇଁ କଷ୍ଟକର ହେଉଥିବା ବେଳେ ଦରମା ବୃଦ୍ଧି କରିବା ପାଇଁ ସଂଘ ପକ୍ଷରୁ ଦୀର୍ଘଦିନ ଧରି ବିଭିନ୍ନ ସ୍ତରରେ ଦାବି ହୋଇ ଆସୁଥିଲା ବେଳେ ଅଦ୍ୟାବଧି କୌଣସି ସୁଫଳ ମିଳୁନାହିଁ। ଶହ ଶହ ପିଅନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବୁଧବାର ଉକ୍ତ ସଂଘ ପକ୍ଷରୁ ସ୍ଥାୟୀ ନିଯୁକ୍ତି ସହିତ ନିୟମିତ ଦରମା ପ୍ରଦାନ କରିବା,୧୯୬୪ ମସିହା ୧୨୩ ଆଇନ ଓ ୨୦୧୪ ମସିହା୧୨୫ ନିୟମକୁ ତୁରନ୍ତ ସଂଶୋଧନ କରିବା,ରାଜ୍ୟ ବଜେଟରେ ପଞ୍ଚାୟତରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ବଜେଟ କରିବା, କର୍ମଚାରୀଙ୍କୁ ପଞ୍ଚାୟତିରାଜ ବିଧି ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରିବା ସହିତ ଇ -ଗଭାର୍ନାଂସ ପୋର୍ଟାଲ ପିଆର ବିଭାଗରେ କର୍ମଚାରୀଙ୍କ ନାମ ପଞ୍ଜିକରଣ କରିବା, ଶିକ୍ଷାଗତ ଯୋଗ୍ୟତା ଭିତ୍ତିରେ ପଦୋନ୍ନତି ପ୍ରଦାନ କରିବା, ଚାକିରି କ୍ଷେତ୍ରରେ ସୁରକ୍ଷା ପ୍ରଦାନ ଆଦି ଦାବିକୁ ପୂରଣ କରିବା ପାଇଁ ସଂଗଠନ ରାଜ୍ୟ ସଂଯୋଜକ ରାକେଶ ନାୟକ ୫-ଟି ସଚିବଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।


GOVERNMENT OF ODISHA

OFFICE OF THE SUPERINTENDING ENGINEER, KALAHANDI RWS&S DIVISION, BHAWANIPATNA

e-mail:eerwsskld@gmail.com, eerwss_kld@nic.in, Phone No.06670-230784

INVITATION OF BID THROUGH e-TENDERING

Bid Identification No.28/SE/RWSS/2023-24/Bpt, Dated 22.08.2023

No.O-733:01.Name of the Work: As per Annexure-A

| Procurement Officer | Bid Identification No. | Availability of tender online for bidding on office hour only | | Date of Opening (Technical Bid) |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Kalahandi RWS&S Division, Bhawanipatna | 28/SE/RWSS/2023-24/Bpt, Dated 22.08.2023 | 29.08.2023 10.00 A.M. | 14.09.2023 05.30 PM | 15.09.2023 10.00 AM onwards |

Cost of tender paper to be made online payment system.
Further details can be seen from the e-procurement portal http://tenderodisha.gov.in.
The original documents schould be scanned and uploaded.

Sd./-Superintending Engineer, Kalahandi RWS&S Division, Bhawanipatna
OIPR-25005/11/0007/2324



Government of Odisha

OFFICE OF THE SUPERINTENDING ENGINEER-CUM-DEPUTY ELECTRICAL INSPECTOR, KEONJHAR, BANIAPAT (D.D. COLLEGE ROAD), KEONJHAR - 758001

Email Id: deikeonjhar-od@gov.in

Letter No. 613 — QUOTATION/TENDER CALL NOTICE — Date: 08.08.2023

No. AA-14: Sealed quotation/tenders are invited from interested reputed Travel Agencies/Tour Operators or Private individuals for providing 1 No. of Non-Ac/AC vehicle of following type of vehicle including Driver, which shall confirm to the terms and conditions as mentioned in Annexure - II (a copy of the annexure is attached herewith) for official use in the O/o. Superintending Engineer-cum-Deputy Electrical Inspector, Keonjhar on monthly rent basis.

| Sl. No. | Type of Vehicles | Maximum hire charges per Month | Minimum average mileage in Kms. per litre | Remarks |
|---|---|---|---|---|
| 1 | TUV300 / Bolero (Neo) / Sumo Gold / Scorpio / Ertiga | Rs.31,000/- | 10 Kmpl | Service Tax would be reimbursed separately over & above the hire charges. |

1. The vehicle must be in Road Worthy condition, shall not more than 3 (three) years old from the date of initial registration and must have valid Registration Certificate, Insurance Certificate, Fitness Certificate, valid Contract carriage permit, proof of uptodate tax payment etc. which are mandatory for plying of vehicle.
2. The driver of the vehicle must have a valid Driving Licence for driving light transport passenger vehicle and should be sufficiently experienced in driving transport passenger vehicle.
3. The Driver should be well behaved, gentle and obedient in nature.
4. The monthly rate of hire charge be quoted separately in the general bid information (excluding fuel, lubricants & GST).
5. The vehicle must achieve a fuel efficiency of 10 Kms per litre.
6. The details of the make and year of manufacture of the vehicle, registration No. mileae (Kms covered per litre) and name of the Driver with Driving Licence No. and period of validity should be specifically provided in general bid information to be furnished with the quotation tender (Annexure - III).
7. The application form of quotation/tender containing General Bid Information & terms and condition for hiring of vehicles etc. can be obtained from the Electrician Grade-II of this office at Baniapat, D.D. College Road, Dist.: Keonjhar on payment of Rs.100/- (Rupees one hundred) only during office hour on working days upto 1.00 P.M. of Dt.01.09.2023.
8. A sum of Rs.5000/- shall be deposited by the intending bidders in shape of Account Payee Demand Draft drawn in favour of the SE-CUM-DEI, Keonjhar in any Nationalized Bank payable at Keonjhar & submitted along with the tender as security deposit. After completion of tender process the amount will be refunded to unsuccessful bidders. The undersigned reserves the right to reject the tenders without assigning any reason thereof.
9. The quotation completed in all respect should reach the undersigned on or before Dt.08.09.2023 by 3.30 P.M. and shall be opened on the same day at 4 P.M. in presence of the bidders or their authorized.

Sd./- Superintending Engineer-cum-Deputy Electrical Inspector, Keonjhar
OIPR-04073/11/0001/2324


# ବେଗୁନିଆ, ବୋଲଗଡ଼ରେ ଆମ ବସ୍‌ଷ୍ଟାଣ୍ଡ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ




କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଏବଂ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ।

ବେଗୁନିଆ,(ହରପ୍ରସନ୍ନ ପଣ୍ଡା)/ ବୋଲଗଡ଼, ୨୩।୮ (ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ବେଗୁନିଆ ସଦର ମହକୁମା ଓ ବୋଲଗଡ଼ ଅଞ୍ଚଳରେ ନିର୍ମାଣ ହେବ 'ଆମ ବସଷ୍ଟାଣ୍ଡ'। ଏଥିପାଇଁ ଓଡ଼ିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ବୁଧବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଭିସି ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବ୍ଲକସ୍ତରୀୟ ବସଷ୍ଟାଣ୍ଡ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏଥିରେ ୨୬ଟି ଜିଲାର ୧୨୪ଟି ବସ୍‌ଷ୍ଟାଣ୍ଡ ମଧ୍ୟରେ ବେଗୁନିଆ ସ୍ଥାନ ପାଇଛି। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ବେଗୁନିଆ ନିର୍ବାଚନ ମଣ୍ଡଳୀର ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ସାହୁ, ବିଭାଗୀୟ ମନ୍ତ୍ରୀ, ସଚିବ ଏବଂ ଅଧିକାରୀମାନେ ଉପସ୍ଥିତ ଥିଲେ। ଶୁଭାରମ୍ଭ ଖବର ଶୁଣିବା ପରେ ବେଗୁନିଆ ଓ ବୋଲଗଡ଼ ଅଞ୍ଚଳବାସୀ ଓ ବିଧାୟକଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୂଚନାଥାଉକି ଉକ୍ତ ବସଷ୍ଟାଣ୍ଡ ନିର୍ମାଣ ହେଲେ ବେଗୁନିଆ ଅଞ୍ଚଳବାସୀଙ୍କର ଆର୍ଥିକ ପ୍ରଗତି ହେବ। ସ୍କୁଲ, କଲେଜ ପିଲା, ଯାତ୍ରୀ, ଡ୍ରାଇଭର ଏବଂ ସମସ୍ତ କର୍ମଚାରୀ ସବୁପ୍ରକାର ସୁବିଧା ସୁଯୋଗ ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଇଥିଲେ।

# ମହାପ୍ରଭୁଙ୍କ ବନକଲାଗି

ପୁରୀ, ୨୩।୮ (ଅଜିତ ମହାନ୍ତି)

ଶ୍ରାବଣ ମାସ ଶୁକ୍ଳପକ୍ଷ ସପ୍ତମୀ ତିଥି ବୁଧବାର ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ବନକ ଲାଗି ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ଶ୍ରୀବିଗ୍ରହମାନଙ୍କ ଦ୍ୱିତୀୟ ଭୋଗମଣ୍ଡପ ସମ୍ପନ୍ନ ହୋଇ ପାଣି ପଡ଼ିବା ପରେ ମଇଲମ ଓ ତଡ଼ପ ଲାଗି ନୀତି ଅନୁଷ୍ଠିତ ହୋଇଥିଲା। ପରେ ପହୁଡ଼ ଆଳତି କରାଯାଇଥିଲା। ସନ୍ଧ୍ୟା ୬ଟା ୧୫ରେ ବନକଲାଗି ନୀତି ପାଇଁ ଦଇତାପତି ସେବକମାନେ ଶ୍ରୀମନ୍ଦିର ଗର୍ଭଗୃହକୁ ପ୍ରବେଶ କରିଥିଲେ। ସେମାନେ ନୀତି ସାରି ୮ଟା ୫୦ରେ ମନ୍ଦିରରୁ ପ୍ରସ୍ଥାନ କରିଥିଲେ। ଏହାପରେ ମହାପ୍ରଭୁଙ୍କ ମହାସ୍ନାନ ଓ ଅନ୍ୟାନ୍ୟ ନୀତି କରାଯାଇଥିଲା। ଏହି ଗୁପ୍ତନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ନୀତି ସରିବା ପରେ ପୁନର୍ବାର ଦର୍ଶନ ଆରମ୍ଭ ହୋଇଥିଲା। ବନକଲାଗିରେ କସ୍ତୁରୀ, ହରିତାଳ, ଶଙ୍ଖତାଳ, ହେଙ୍ଗୁଳ, କେଶର, ବାହାଡ଼ା ପରି ପ୍ରାକୃତିକ ରଙ୍ଗର ବ୍ୟବହାର କରାଯାଇଥାଏ।

# ଯଜ୍ଞ ନାଁରେ ମହିଳା, ନାବାଳକଙ୍କ ଦ୍ୱାରା ଚାନ୍ଦା ଆଦାୟ

ନିରାକାରପୁର,୨୩।୮ (ମାନସ ଚନ୍ଦ୍ର ପଟ୍ଟନାୟକ)

ଯଜ୍ଞ ନାଁରେ କେତେଜଣ ମହିଳା ଓ ନାବାଳକ ଗାଁକୁ ଗାଁ ବୁଲି ଚାନ୍ଦା ମାଗୁଥିବା ଦେଖିବାକୁ ମିଳୁଛି। ଏଭଳି ଦୃଶ୍ୟ ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅଞ୍ଚଳର କେତେକ ସ୍ଥାନରେ ଦେଖିବାକୁ ମିଳିଛି। ପର୍ବପର୍ବାଣି ଓ ଯଜ୍ଞକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ଥାନରେ ଯଜ୍ଞ ଅନୁଷ୍ଠିତ ହେଉଥିବା ବେଳେ ଏହି ସୁଯୋଗରେ ଦୁରଦୂରାନ୍ତରୁ ମାଲବୁହା ଗାଡିରେ ଉପରେ ଜରି ପାଲ ଘୋଡାଇ ଗାଡି ଚାରିପଟେ ବଡ ବଡ଼ ଅକ୍ଷରରେ ବ୍ୟାନର ମାରିବା ସହିତ ମାଇକ ଲଗାଇ ସେଥିରେ ମହିଳା ଓ ନାବାଳକମାନଙ୍କୁ ସାଙ୍ଗରେ ନେଇ ଗାଁ ଗାଁରେ ବୁଲି ଚାନ୍ଦା ଆଦାୟ କରୁଛନ୍ତି। ଯେଉଁମାନେ ଟଙ୍କା ଦେଉଛନ୍ତି ମାଇକରେ ତାଙ୍କର ମଙ୍ଗଳ କରନ୍ତୁ ବୋଲି ଗାଁ ଦାଣ୍ଡରେ କୁହାଯାଉଛି। ଯଜ୍ଞ ଓ ଠାକୁରଙ୍କ ନାମରେ ଲୋକମାନଙ୍କର ଭାବପ୍ରବଣତାକୁ ପାଥେୟ କରି ଏହିଭଳି କେତେଜଣ ଏହାକୁ ନିତିଦିନିଆ କାର୍ଯ୍ୟରେ ପଇସା ରୋଜଗାର କରୁଛନ୍ତି। ସରକାରୀ ନିୟମ ଅନୁସାରେ ଚାନ୍ଦା ଆଦାୟ ଏକ ପ୍ରକାର ଅପରାଧ ବୋଲି ନିୟମ ରହିଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ପ୍ରକାର ଧଡ଼ପଗଡ଼ ହେଉ ନ ଥିବାରୁ ଏଭଳି କାର୍ଯ୍ୟ ଖୁଲମଖୋଲା ଦିନବେଳେ ପୁଣି ମାଇକରେ ପ୍ରଚାରକରି ମହିଳା ଓ ଶିଶୁ ବ୍ୟାଗ ଧରି ଗାଁ ଗାଁରେ ଚାନ୍ଦା ଆଦାୟ କରାଯାଉଛି। ଏହି କାର୍ଯ୍ୟରେ ନିୟୋଜିତ ପିଲାଙ୍କର ମାନସିକତା ଉପରେ ନକାରାତ୍ମକ ପ୍ରଭାବ ପଡୁଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ଦିବ୍ୟାଙ୍ଗ ଶିଶୁଙ୍କ ମାତାପିତା, ଶିକ୍ଷକ ତାଲିମ ଶିବିର




ଶିବିରରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ।

ଟାଙ୍ଗୀ(ଖୋର୍ଦ୍ଧା),୨୩।୮ (ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀଧରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଦିବ୍ୟାଙ୍ଗ ଶିଶୁମାନଙ୍କର ମାତାପିତା ଏବଂ ଶିକ୍ଷକମାନଙ୍କର ଏକଦିବସୀୟ ତାଲିମ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସର୍ବେଶ୍ୱର ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ କ୍ଷେତ୍ରବାସୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରସନ୍ନ ଶ୍ରୀଚନ୍ଦନ, ପାରିଓରଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲୀପ ଦାସ, ଦୀନବନ୍ଧୁପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ଯୁଝାରସିଂ, ଶିକ୍ଷକ ନେତା ଗୋପାଳ କିଶୋର ସେନ, ସିଆର୍‌ସିସି ଦୀନବନ୍ଧୁ ପୃଷ୍ଟି ପ୍ରମୁଖ ଅତିଥିରୂପେ ଯୋଗଦେଇ ଦିବ୍ୟାଙ୍ଗ ଶିଶୁମାନଙ୍କ ବିକାଶ ନିମନ୍ତେ ସମାଜର ପ୍ରତ୍ୟେକ ବ୍ୟକ୍ତି ସାହାଯ୍ୟ ସହଯୋଗ କରିବା ସହିତ ପ୍ରତ୍ୟେକ ବିଦ୍ୟାଳୟରେ ସରକାର ଏକ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ବିଆର୍‌ଟି ରୋଜାଲିନ ମିଶ୍ର, ହୃଷୀକେଶ ପାଣିଗ୍ରାହୀ, ଲଳିତ ନାରାୟଣ ମହାପାତ୍ର ପ୍ରମୁଖ ପ୍ରଶିକ୍ଷକ ରୂପେ ଯୋଗଦେଇ ବିଭିନ୍ନ ସରକାରୀ ସୁବିଧାସୁଯୋଗ ଚିହ୍ନଟୀକରଣ ପ୍ରମାଣପତ୍ର ସ୍ୱାସ୍ଥ୍ୟସୁବିଧା ସୁନେତ୍ର ଅସ୍ତ୍ରୋପଚାର କୃତିମ ଅଙ୍ଗନିରୂପଣ ସ୍ଥାନ ସଂରକ୍ଷଣ ସାମଗ୍ରୀ ପ୍ରଦାନ ଉପରେ ଆଲୋଚନା କରିଥିଲେ। ଲକ୍ଷ୍ମୀଧରପୁର ଏବଂ ଜୟମଙ୍ଗଳପୁର କ୍ଲଷ୍ଟର ୭ଟି ବିଦ୍ୟାଳୟର ମୋଟ ୪୯ଜଣ ଶିକ୍ଷକ ଏବଂ ଦିବ୍ୟାଙ୍ଗ ଶିଶୁମାନଙ୍କ ମାତାପିତା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସିଆର୍‌ସିସି କାହ୍ନୁଚରଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଟାଙ୍ଗୀକୁ ଏନ୍‌ଏସି ଘୋଷଣା ଦାବି ଜୋର ଧରିଲା

ଟାଙ୍ଗୀ(ଖୋର୍ଦ୍ଧା), ୨୪।୮ (ରଘୁନାଥ ସାହୁ)

ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ ଖୋର୍ଦ୍ଧା ବ୍ଲକ, ଟାଙ୍ଗୀ ବ୍ଲକ ଓ ଖୋର୍ଦ୍ଧା ପୌର ପରିଷଦକୁ ନେଇ ଗଠିତ। ରାଜନୈତିକ, ଭୌଗୋଳିକ ଓ ସାଂସ୍କୃତିକ ଦୃଷ୍ଟିରୁ ଟାଙ୍ଗୀ ବ୍ଲକର ଏକ ସତନ୍ତ୍ର ମର୍ଯ୍ୟାଦା ଓ ଗାରିମା ରହିଛି। ଜନସଂଖ୍ୟା ଦୃଷ୍ଟିରୁ ଟାଙ୍ଗୀ ବ୍ଲକ ଅଧିକ ରହିଛି। ଏହି ପରିପ୍ରେକ୍ଷୀରେ ଟାଙ୍ଗୀକୁ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି) ମାନ୍ୟତା ଦେବା ପାଇଁ ଜନସାଧାରଣଙ୍କ ତରଫରୁ ଦୀର୍ଘ ୧୫ବର୍ଷ ଧରି ଦାବି ହୋଇଆସୁଥିବା ବେଳେ ବିଧାୟକ ମଧ୍ୟ ଚେଷ୍ଟା ଜାରି ରଖିଛନ୍ତି। ଏହା ମଧ୍ୟରେ ଟାଙ୍ଗୀ ସରପଞ୍ଚ କିଶୋର କୁମାର ବେହେରା ଏହି ଦାବି ସମ୍ପର୍କରେ ଖୋର୍ଦ୍ଧାଠାରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି. କେ. ପାଣ୍ଡିଆନଙ୍କୁ ଲିଖିତ ଭାବେ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଏନ୍‌ଏସି ଘୋଷଣା ସମ୍ପର୍କରେ ବିରୋଧୀ ଦଳ ଭାଜପା କିମ୍ବା କଂଗ୍ରେସର କୌଣସି ପ୍ରଚେଷ୍ଟା ନାହିଁ। ଜନସଂଖ୍ୟା, ଭୋଟର ସଂଖ୍ୟା, ଭୌଗୋଳିକ ଦୃଷ୍ଟିକୋଣରୁ ଟାଙ୍ଗୀଠାରୁ ଛୋଟ ଅଞ୍ଚଳକୁ ଅତୀତରେ ରାଜ୍ୟ ସରକାର ଏନ୍‌ଏସି ଘୋଷଣା କରିଛନ୍ତି। କିନ୍ତୁ ଟାଙ୍ଗୀ ପଞ୍ଚାୟତକୁ ଘୋଷଣା ନ କରିବା ସମସ୍ତଙ୍କୁ ବିସ୍ମିତ କରୁଛି। ବର୍ତ୍ତମାନ ଟାଙ୍ଗୀ ପଞ୍ଚାୟତ ଜନସଂଖ୍ୟା ୨୦ ହଜାର ଓ ମତଦାତାଙ୍କ ସଂଖ୍ୟା ୧୨ହଜାର ଅଛି। ୨୦୧୭ ମସିହାରେ ଏହି ପଞ୍ଚାୟତକୁ ୨ଟି ପଞ୍ଚାୟତ କରିବା ପାଇଁ ସରକାରୀ ନିର୍ଦ୍ଦେଶନାମା ପ୍ରକାଶ ପାଇଥିଲା। ଏନ୍‌ଏସି ହେବା ଉଦ୍ଦେଶ୍ୟରେ ସ୍ଥାନୀୟ ଜନସାଧାରଣ ଏହି ପଞ୍ଚାୟତକୁ ଭାଗ ନ କରିବା ପାଇଁ ଲିଖିତ ଭାବେ ଅନୁରୋଧ କରିଥିଲେ। ଫଳରେ ଦୁଇଟି ପଞ୍ଚାୟତ ହେଲାନି କି ଏନ୍‌ଏସି ଘୋଷଣା ମଧ୍ୟ କଲେ ନାହିଁ। ତେଣୁ ସ୍ଥାନୀୟ ଅଞ୍ଚଳରେ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଆସନ୍ତା ନିର୍ବାଚନରେ ଏହାର ପ୍ରତିଫଳନ ଦେଖାଦେବ। ଏହାମଧ୍ୟରେ ଟାଙ୍ଗୀ ଏନ୍‌ଏସି କ୍ରିୟାନୁଷ୍ଠାନ କମିଟି ଗଠନ ହୋଇସାରିଲାଣି। ତେଣୁ ବିଧାନସଭା ନିର୍ବାଚନ ଘୋଷଣା ପୂର୍ବରୁ ଟାଙ୍ଗୀକୁ ଏନ୍‌ଏସି ଘୋଷଣା କରିବାକୁ ଅଞ୍ଚଳର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଛାତ୍ର, ଯୁବକ, ମହିଳାମାନେ ଦାବି ଜଣାଇଛନ୍ତି।


GOVERNMENT OF ODISHA

ST & SC DEVELOPMENT DEPARTMENT

OFFICE OF THE PROJECT ADMINISTRATOR

INTEGRATED TRIBAL DEVELOPMENT AGENCY, JEYPORE

E- PROCUREMENT NOTICE

BID IDENTIFICATION No. PA ITDA (I)-04/2023-2024

No.2390/2023 — Dated, the 22nd August, 2023

No.CAD-1796:Bid Documents consisting of Work, Estimated Cost, Cost of Tender Paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e "www.tendersodisha.gov.in".

| | | | |
|---|---|---|---|
| 01. | Name of the Work | : | Civil Works as mentioned in DTCN |
| 02. | No. of Works | : | 04 (Four) Numbers only |
| 03. | Estimated Cost | : | Rs.20.16 Lakh to Rs.61.00 Lakhs |
| 04. | Period of Completion | : | 02 (Two) Calendar Months |
| 05. | Date & Time of Bidding | : | From 24/08/2023 at 12.00 Hours to 31/08/2023 Upto 17.00 Hours |
| 06. | Last date & time for receipt of bids in portal | : | 31/08/2023 Upto 17.00 Hours |
| 07. | Offline Documents Received through Speed Post/ Registered Post | : | 25/08/2023 at 10.00 Hours to 01/09/2023 Upto 14.00 hours (Working Days Only) |
| 08. | Bids received online shall be opened on | : | 01/09/2023 at 13.00 Hours onwards |
| 09. | Bid Received offline documents shall be opened & Transparency Lottery Draw | : | 01/09/2023 at 15.30 Hours onwards Offline Document Open & Transparency Lottery Draw |
| 10. | Name and address of the officer inviting Bid | : | Project Administrator, I.T.D.A. Jeypore |

Further details can be seen from the www.tendersodisha.gov.in.

Sd./- Project Administrator
I.T.D.A., Jeypore
OIPR-26037/11/0005/2324



OFFICE OF THE NOTIFIED AREA COUNCIL, BINKA

Dist:Subarnapur (Pin-767019) Email Id: nacbinka@gmail.com
Phone/Fax:06654-241113
E-Tender Call Notice No.1830/Dt.23.08.2023
Tender ID 2023_ORULB_92933
Tender Reference No.BINKA-NAC-02/2023-24

No.C-1165:Bid documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.

| | | |
|---|---|---|
| 1 | Type of the Work | Civil Work |
| 2 | No. of Works | 30 Nos. |
| 3 | Estimated Cost | As per DTCN |
| 4 | Period of Completion | As per DTCN |
| 5 | Date & Time of bidding online from | Dt.24.08.2023 at 11.00 AM |
| 6 | Last date & time of bidding online | Dt.01.09.2023 at 05.00 PM |
| 7 | Date & Time of opening of Technical Bid | Dt.02.09.2023 at 11.00 AM |
| 8 | Name and address of the Officer Inviting Bid | Executive Officer, Binka N.A.C. |

Further details can be seen from the procurement portal i.e. www.tendersodisha.gov.in.

Sd./- Executive Officer
Notified Area Council,
Binka

OIPR-13198/11/0009/2324



GOVERNMENT OF ODISHA — No.A-474:

DEPARTMENT OF WATER RESOURCES

OFFICE OF THE SUPERINTENDING ENGINEER, DRAINAGE DIVISION, JAJPUR

e-mail id-ddckl121@gmail.com

"e" PROCUREMENT NOTICE NO.- DDJPR - 03/2023-24

| | | |
|---|---|---|
| 1 | Name of work: - | Drainage works (Under D.I.P, CRITICAL & NON-PLAN Scheme) |
| 2 | Total No. of Project: - | 4 Nos of. Individual work. |
| 3 | Estimated cost of individual works: - | Varies from Rs. 15,33,417 /- to Rs. 73,15,202 /-(Excluding G.S.T.) |
| 4 | Period of completion: - | 6 (Six) to 8(Eight) Calendar Months |
| 5 | Bid Identification Number | DDJPR - 11/2023-24 to 14/2023-24 |
| 6 | Date & Time of availability of Bid document in the Portal | From Dt. 07.09.2023 at 10.00 hours to Dt.21.09.2023 at 17.00 hours |
| 7 | Date of Opening of bid | Dt.22.09.2023 at 11.30 Hrs in the O/o.The Superintending Engineer, Drainage Division, Jajpur |
| 8 | Date of Opening of Financial bid ( For the work Sl No-04 ) | Dt.03.10.2023 at 11.30 Hrs.in the O/o. The Superintending Engineer, Drainage Division, Jajpur |
| 9 | Date of Lottery (if required) | Dt. 18.10.2023 at 11.30 Hrs in the O/o. The Superintending Engineer, Drainage Division, Jajpur |
| 10 | Procurement Officer/ Name & address of the officer inviting Bids. | Superintending Engineer, Drainage Division, Jajpur. |

Further details can be seen from the Govt. website www.tendersodisha.gov.in.

Sd./- Superintending Engineer
Drainage Division, Jajpur
OIPR-32360/11/0003/2324



Department of Agriculture & Farmers' Empowerment,

Government of Odisha

Directorate of Soil Conservation and Watershed Development Odisha, Krushi Bhawan, Bhubaneswar-751001

No.L-79:Request for Proposal is invited for engagement of State Level Support Agency for Capacity Building and Policy Development of Rejuvenating Watersheds for Agricultural Resilience through innovative Development (REWARD) programme, Govt. of Odisha.

The bidder can access and download the complete RFP and TOR documents with other details from website - https:// www.soilodisha.nic.in and e-procurement site of Govt. of Odisha "tendersodisha.gov.in". The date and time for submission of proposal through e - procurement portal is from 23.08.2023 to 14.09.2023 (5.30 PM). The hard copy of RFP complete in all respects must reach the undersigned by Registered post/ Speed post /Courier only latest by 22.09.2023 (5.30 PM) within office hour in a sealed envelope clearly mentioning on the top of it "Request For Proposal (RFP) for Engagement of State Level Support Agency for Capacity Building and Policy Development for Rejuvenating Watersheds for Agricultural Resilience through innovative Development programme (REWARD) programme, Govt. of Odisha". The hard copy should address to the Director, Directorate of Soil Conservation and Watershed Development Odisha, Bhubaneswar (DSC&WD), Department of Agriculture & Farmers' Empowerment Government of Odisha, Krushi Bhawan, Keshari Nagar( Near State Guest House),Pin-751001.

The proposal received beyond the last date & time will be rejected. The authority reserves the right to reject any/all proposals without assigning any reason thereof.

Director, SC&WD
OIPR-01470/11/0007/2324

## କଣାସ ସବ୍‌ରେଜିଷ୍ଟ୍ରି କାର୍ଯ୍ୟାଳୟ ଆଗରୁ ହୋର୍ଡିଂ ଚିରିଲେ ଦୁର୍ବୃତ୍ତ

କଣାସ, (ବିଭୂତି ଭୂଷଣ ତ୍ରିପାଠୀ)- ରାଜ୍ୟ ସରକାରଙ୍କଠାରୁ ଜନସାଧାରଣ ଯେପରି ସହଜରେ ରାଜସ୍ୱ ସମ୍ପର୍କୀୟ ତଥ୍ୟ ଅବଗତ ହୋଇପାରିବେ ସେଥିନିମନ୍ତେ କଣାସ ସବ୍‌ରେଜିଷ୍ଟ୍ରି କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଅପରାହ୍ଣରେ ଏକ ସରକାରୀ ସୂଚନା ହୋର୍ଡିଂ ବୋର୍ଡ ଲଗାଯାଇଥିଲା । ହେଲେ କେହି ଦୁର୍ବୃତ୍ତ ମଧ୍ୟରାତ୍ରରେ ଏହି ହୋର୍ଡିଂକୁ ଅଧାରୁ ଚିରି ନେଇଯାଇଥିଲେ । ଏବେ ହୋର୍ଡିଂ ନଷ୍ଟ ହୋଇଯାଇଥିବାରୁ ଜନସାଧାରଣ ସୂଚନା ପାଇବାରୁ ବଞ୍ଚିତ ହୋଇଛନ୍ତି । ତହସିଲଦାର ସନ୍ତୋଷ ପାଣିଗ୍ରାହୀ ସୂଚନା ଫଳକ ଚିରିନେଇଯାଇଥିବା ସଂପର୍କରେ କଣାସ ଥାନାରେ ଜଣାଇଥିବା ଜଣାପଡିଛି ।

**ସଂକ୍ଷେପରେ**

## ଅଗ୍ନିବିପନ୍ନଙ୍କୁ ଭେଟିଲେ ସଞ୍ଜୟ ଦାସବର୍ମା

ପୁରୀ,୨୩।୮(ଅଜିତ ମହାନ୍ତି)

ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ କୃଷ୍ଣପ୍ରସାଦ ବ୍ଲକ ବଡ଼ଅଁଳ ପଞ୍ଚାୟତ ରଗଡୁଦି ଗ୍ରାମରେ ଭୟାବହ ଅଗ୍ନିକାଣ୍ଡ ଘଟି ଦୀପକ ବେହେରା, ଜୁଲୁ ବେହେରା ଏବଂ ତ୍ରିନାଥ ବେହେରାଙ୍କ ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା ବୁଧବାର ଏହି ଅଗ୍ନିପିଡ଼ିତ ପରିବାରଙ୍କୁ ଭେଟି ଆଶ୍ୱାସନା ଦେବା ସହିତ ସମବେଦନା ଜଣାଇଛନ୍ତି । ଏଥିସହ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ, ଲୁଗା, ଚାଉଳ, ଶୁଖିଲା ଖାଦ୍ୟ ଓ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି । ତତ୍‌ସହିତ ଦାସବର୍ମା କୃଷ୍ଣପ୍ରସାଦ ତହସିଲଦାର ଶରତ ଗିରିଙ୍କ ସହିତ ଆଲୋଚନା କରି ଅଗ୍ନିପିଡ଼ିତ ପରିବାରବର୍ଗଙ୍କୁ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏହି ସମୟରେ କୃଷ୍ଣପ୍ରସାଦ ବ୍ଲକ ଜିଲାପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ, ବ୍ଲକ ଅଧ୍ୟକ୍ଷଙ୍କ ପ୍ରତିନିଧି ବିଜୟ କୁମାର ବେରେଇ, ସମିତି ସଭ୍ୟାଙ୍କ ପ୍ରତିନିଧି ଯୋଗୁ ପ୍ରଧାନ, ତହସିଲଦାର ଶରତ ଗିରି ଏବଂ କୃଷ୍ଣପ୍ରସାଦ ରାଜସ୍ୱ ନିରୀକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ ।

# କାକଟପୁରରେ ସରକାରୀ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟିତ

କାକଟପୁର, ୨୩।୮ (ଶୁଭଦର୍ଶନ ମିଶ୍ର)

ରାଜ୍ୟର ୧୩ ଜିଲାର ୨୧ଟି ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡକୁ ବୁଧବାର ଅପରାହ୍ଣରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି । ପୁରୀ ଜିଲାରେ ଉଦ୍‌ଘାଟିତ ହୋଇଥିବା କାକଟପୁର ବସ୍‌ଷ୍ଟାଣ୍ଡର ଉଦ୍‌ଘାଟନୀ ସମାରୋହରେ ଗୃହ ରାଷ୍ଟ୍ରମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ତୁଷାରକାନ୍ତି ବେହେରା, ଜଗତସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ପୁରୀ ପରିବହନ ଅଧିକାରୀ ରବିନ ପଟ୍ଟନାୟକ, ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, କାକଟପୁର ତହସିଲଦାର ବିରଞ୍ଚି ନାରାୟଣ ବେହେରା, କାକଟପୁର ବିଡିଓ ତୁଷାର ଜ୍ୟୋତିରଞ୍ଜନ ପ୍ରମୁଖ ଉପସ୍ଥିତ ଥିଲେ । ସମାରୋହରେ ପୁରୀ ଜିଲା କିମ୍ବା କାକଟପୁର ଘରୋଇ ବସ୍ ମାଲିକ ସଂଘକୁ ଏ ସମ୍ପର୍କରେ କୌଣସି ଅବଗତ କରାଯାଇ ନ ଥିଲା । ଫଳରେ ଘରୋଇ ବସ୍ ମାଲିକ ସଂଘର କର୍ମକର୍ତ୍ତା ଓ କର୍ମଚାରୀ ଅସନ୍ତୋଷ ବ୍ୟକ୍ତ କରିଥିଲେ । ସରକାର ରାଜ୍ୟର ଘରୋଇ ବସ୍ ସେବା ବନ୍ଦ କରିବାକୁ ଚକ୍ରାନ୍ତ କରିଥିବା ସଂଘ ପକ୍ଷରୁ ଅଭିଯୋଗ ହୋଇଛି । ଏହି ବସ୍‌ଷ୍ଟାଣ୍ଡ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ପ୍ରାୟ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି । ତେବେ ଏହି ବସ୍‌ଷ୍ଟାଣ୍ଡ ନିର୍ମାଣକୁ ନେଇ ଅନେକ ବିବାଦ ଉପୁଜିଛି । ସରକାର ବେଆଇନ ଭାବେ ଅର୍ଦ୍ଧାଧିକ ହାତୀ ଆଖଡ଼ା ମଠର ଜମିକୁ ଅକ୍ତିଆର କରି ବସ୍‌ଷ୍ଟାଣ୍ଡ ନିର୍ମାଣ କରିଥିବା ନେଇ ଅବସରପ୍ରାପ୍ତ ସାମରିକ କର୍ମଚାରୀ ତଥା ସୂଚନା ଅଧିକାର କର୍ମୀ ବିଦ୍ୟାଧର ନାୟକ ଓ ଲକ୍ଷ୍ମୀଧର ବିଶ୍ୱାଳ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କ ନିକଟରେ ଫେରାଦ ହୋଇଛନ୍ତି ।



କାର୍ଯ୍ୟକ୍ରମରେ ମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ ଏମ୍‌ପି ରାଜଶ୍ରୀ ମଲ୍ଲିକ ।

# ମନ୍ଦିରରୁ ଝୁଲନ୍ତା ମୃତଦେହ ଜବତ

ନିମାପଡ଼ା, ୨୩।୮ (ବିଚିତ୍ରାନନ୍ଦ ସାହୁ)

ଚାରିଛକ ଥାନା ଅଧୀନ ଅମରେଶ୍ୱର ଗ୍ରାମର ପ୍ରସିଦ୍ଧ ଶୈବପୀଠ ପ୍ରଭୁ ଅମରେଶ୍ୱର ମହାଦେବଙ୍କ ମନ୍ଦିରର ପାର୍ଶ୍ୱ ଦେବତା ମା' ପାର୍ବତୀଙ୍କ ଆସ୍ଥାନ ନିକଟରେ ଲାଗିଥିବା ଲୁହାଗ୍ରୀଲରେ ବେକରେ ରଶି ଲାଗିଥିବା ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ପୋଲିସ ବୁଧବାର ଜବତ କରିଛି । ସେ ହେଲେ ନିଆଳି ଥାନା ଅଧୀନ ବଢେଇପାଟଣା ଗ୍ରାମର ଶ୍ୟାମସୁନ୍ଦର ମାଣିକ(୪୮) । ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ମେଡିକାଲକୁ ପଠାଇଛି । ଏନେଇ ପୋଲିସ ୭/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ସୂଚନା ମୁତାବକ, ବୁଧବାର ସକାଳେ ମନ୍ଦିର ପୂଜକ ପୂଜା କରିବାକୁ ଆସିବାବେଳେ ଉକ୍ତ ଯୁବକଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ପୋଲିସକୁ ଖବର ଦେଇଥିଲେ । ଖବରପାଇ ଯୁବକଙ୍କ ପରିବାର ଲୋକେ ସେଠାରେ ପହଞ୍ଚି ଶ୍ୟାମସୁନ୍ଦରଙ୍କୁ ଚାରିଛକ ମେଡିକାଲକୁ ନେଇଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ଶ୍ୟାମସୁନ୍ଦରଙ୍କ ଭାଇ କୈଳାସ ମାଣିକ ଥାନାରେ ଅଭିଯୋଗ କରିଛନ୍ତି । ଖବରପାଇ ପୁରୀରୁ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି । ମୃତ୍ୟୁର କାରଣ ସ୍ପଷ୍ଟ ଭାବେ ଜଣା ପଡ଼ିନାହିଁ ।


GOVERNMENT OF ODISHA
OFFICE OF THE SUPERINTENDING ENGINEER, KALAHANDI RWS&S DIVISION, BHAWANIPATNA
e-mail:eerwsskld@gmail.com, eerwss_kld@nic.in, Phone No.06670-230784
INVITATION OF BID THROUGH e-TENDERING
Bid Identification No.28/SE/RWSS/2023-24/Bpt, Dated 22.08.2023
No.O-733:01.Name of the Work: As per Annexure-A

| Procurement Officer | Bid Identification No. | Availability of tender online for bidding on office hour only | | Date of Opening (Technical Bid) |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Kalahandi RWS&S Division, Bhawanipatna | 28/SE/RWSS/2023-24/Bpt, Dated 22.08.2023 | 29.08.2023 10.00 A.M. | 14.09.2023 05.30 PM | 15.09.2023 10.00 AM onwards |

Cost of tender paper to be made online payment system.
Further details can be seen from the e-procurement portal http://tenderodisha.gov.in.
The original documents schould be scanned and uploaded.
Sd./-Superintending Engineer, Kalahandi RWS&S Division, Bhawanipatna
OIPR-25005/11/0007/2324



Government of Odisha
OFFICE OF THE SUPERINTENDING ENGINEER-CUM-DEPUTY ELECTRICAL INSPECTOR, KEONJHAR, BANIAPAT (D.D. COLLEGE ROAD), KEONJHAR - 758001
Email Id: deikeonjhar-od@gov.in
Letter No. 613 QUOTATION/TENDER CALL NOTICE Date: 08.08.2023

No. AA-14: Sealed quotation/tenders are invited from interested reputed Travel Agencies/Tour Operators or Private individuals for providing 1 No. of Non-Ac/AC vehicle of following type of vehicle including Driver, which shall confirm to the terms and conditions as mentioned in Annexure - II (a copy of the annexure is attached herewith) for official use in the O/o. Superintending Engineer-cum-Deputy Electrical Inspector, Keonjhar on monthly rent basis.

| Sl. No. | Type of Vehicles | Maximum hire charges per Month | Minimum average mileage in Kms. per litre | Remarks |
|---|---|---|---|---|
| 1 | TUV300 / Bolero (Neo) / Sumo Gold / Scorpio / Ertiga | Rs.31,000/- | 10 Kmpl | Service Tax would be reimbursed separately over & above the hire charges. |

1. The vehicle must be in Road Worthy condition, shall not more than 3 (three) years old from the date of initial registration and must have valid Registration Certificate, Insurance Certificate, Fitness Certificate, valid Contract carriage permit, proof of uptodate tax payment etc. which are mandatory for plying of vehicle.
2. The driver of the vehicle must have a valid Driving Licence for driving light transport passenger vehicle and should be sufficiently experienced in driving transport passenger vehicle.
3. The Driver should be well behaved, gentle and obedient in nature.
4. The monthly rate of hire charge be quoted separately in the general bid information (excluding fuel, lubricants & GST).
5. The vehicle must achieve a fuel efficiency of 10 Kms per litre.
6. The details of the make and year of manufacture of the vehicle, registration No. mileae (Kms covered per litre) and name of the Driver with Driving Licence No. and period of validity should be specifically provided in general bid information to be furnished with the quotation tender (Annexure - III).
7. The application form of quotation/tender containing General Bid Information & terms and condition for hiring of vehicles etc. can be obtained from the Electrician Grade-II of this office at Baniapat, D.D. College Road, Dist.: Keonjhar on payment of Rs.100/- (Rupees one hundred) only during office hour on working days upto 1.00 P.M. of Dt.01.09.2023.
8. A sum of Rs.5000/- shall be deposited by the intending bidders in shape of Account Payee Demand Draft drawn in favour of the SE-CUM-DEI, Keonjhar in any Nationalized Bank payable at Keonjhar & submitted along with the tender as security deposit. After completion of tender process the amount will be refunded to unsuccessful bidders. The undersigned reserves the right to reject the tenders without assigning any reason thereof.
9. The quotation completed in all respect should reach the undersigned on or before Dt.08.09.2023 by 3.30 P.M. and shall be opened on the same day at 4 P.M. in presence of the bidders or their authorized.

Sd./- Superintending Engineer-cum-Deputy Electrical Inspector, Keonjhar
OIPR-04073/11/0001/2324




ଚନ୍ଦ୍ରୟାନ-୩ର ସଫଳ ଅବତରଣ ନେଇ ବୁଧବାର ଶ୍ରୀମନ୍ଦିର ସମ୍ମୁଖରେ ସେବାୟତମାନେ ଦୀପଦାନ କରୁଛନ୍ତି । (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

## ଅବସରପ୍ରାପ୍ତ ପୋଲିସ କର୍ମଚାରୀ ଠକେଇର ଶିକାର

ଗୋପ,୨୩।୮(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଥାନା ଅଧୀନ କୁଶୁପୁରୁ ମଠସାହି ଗ୍ରାମର ଜଣେ ଅବସରପ୍ରାପ୍ତ ପୋଲିସ କର୍ମଚାରୀଙ୍କୁ ଜାଲିଆତି ଓ ମିଥ୍ୟା କଥା କହି ୫୦ ହଜାର ଟଙ୍କା ଠକି ନେଇଥିବା ଥାନାରେ ଅଭିଯୋଗ ହୋଇଛି । ପୋଲିସ ଏନେଇ ୩୪୮/୨୩ରେ ଏକ ମମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ପ୍ରକାଶ ଯେ, ଅବସରପ୍ରାପ୍ତ ପୋଲିସ କର୍ମଚାରୀ ଗୋପାଳଚନ୍ଦ୍ର ସ୍ୱାଇଁଙ୍କୁ ମମତା ପଟ୍ଟନାୟକ ନାମ୍ନୀ ଜଣେ ମହିଳା ଶିକ୍ଷୟିତ୍ରୀ ପରିଚୟ ଦେଇ ବିଭିନ୍ନ ସମୟରେ ୩ କିସ୍ତିରେ ୫୦ ହଜାର ଟଙ୍କା ନେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି । ଏହି ଠକି ଥିବା ମହିଳାଙ୍କ ସହ ନିମାପଡ଼ା ଅଞ୍ଚଳର ଦେବାଶିଷ ପ୍ରଧାନ ନାମକ ଜଣେ ଯୁବକଙ୍କ ସମ୍ପୃକ୍ତି ଥିବା ଜଣାପଡିଛି । ମହିଳା ଓ ଉକ୍ତ ଯୁବକଙ୍କୁ ପୋଲିସ ଖୋଜୁଥିବାବେଳେ ଠକ ମହିଳାଙ୍କ ଟେଲିଫୋନକୁ ଟ୍ରାକିଂ କରୁଥିବା ଜଣାପଡିଛି । ଜଣେ ଅବସରପ୍ରାପ୍ତ ପୋଲିସ କର୍ମଚାରୀଙ୍କୁ ଠକିଥିବା ଠକଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଗୋପ ଥାନା ଅଧିକାରୀ ମହେଶ୍ୱର ସେଠୀ ସୂଚନା ଦେଇଛନ୍ତି ।

## ଶ୍ରମିକଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ

ବଳଙ୍ଗା,୨୩।୮(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ନାଲିହଣା ବେହେରା ସାହିରେ ଜଣେ ଶ୍ରମିକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ବଳଙ୍ଗା ଥାନାରେ ବୁଧବାର ଅଭିଯୋଗ ହୋଇଛି । ପୋଲିସ ଏନେଇ ୨୬୩/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ପ୍ରକାଶ ଯେ, ଚନ୍ଦନପୁର ଥାନା ଅନ୍ତର୍ଗତ ବାଙ୍ଗୁରୁ ଗ୍ରାମର ବସନ୍ତ ପରିଡ଼ା (୩୭) ଜଣେ ରାଜମିସ୍ତ୍ରି । ସେ ବୁଧବାର ତାଙ୍କ ଶ୍ରମିକଙ୍କ ସହିତ ନାଲିହଣା ବେହେରା ସାହିରେ ସଞ୍ଜୟ ବେହେରାଙ୍କ ଘର କାମ କରିବାକୁ ଯାଇଥିଲେ । ଘର କାମ ସାରି ମଧ୍ୟାହ୍ନରେ ଖାଇବାକୁ ଯିବାବେଳେ ହଠାତ୍ ପଛପଟୁ ତାଙ୍କ ମୁଣ୍ଡକୁ ସେହି ଗ୍ରାମର ବିଜୟ ବେହେରା ପିଟିଦେଇଥିଲେ । ଫଳରେ ଶଙ୍କର ଅଚେତ ହୋଇପଡିଥିଲେ । ସେଠାରେ ଉପସ୍ଥିତ ଶ୍ରମିକମାନେ ତାଙ୍କୁ ଚିକିତ୍ସା ନିମନ୍ତେ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ।

# ବ୍ୟଭିଚାରୀ ଶାସନର ଖୁବ୍‌ଶୀଘ୍ର ଅନ୍ତ ଘଟିବ

ନିମାପଡ଼ା,୨୩।୮(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ନିର୍ବାଚନମଣ୍ଡଳୀରେ ଏବେଠାରୁ ପରିବର୍ତ୍ତନର ପବନ ବୋହିଲାଣି । ଖୁବ୍‌ଶୀଘ୍ର ଦୁର୍ନୀତିଗ୍ରସ୍ତ, କଳଙ୍କିତ, ଭ୍ରଷ୍ଟାଚାରୀ, ବ୍ୟଭିଚାର ଶାସନର ଅନ୍ତ ଘଟିବ । ଆଗାମୀ ସାଧାରଣ ନିର୍ବାଚନରେ ପଦ୍ମଫୁଲ ଫୁଟିବ । ଭାଜପା ବିଜୟର ଧ୍ୱଜା ଉଡିବ । ଭାଜପା ପକ୍ଷରୁ ନିମାପଡ଼ାଠାରେ ବୁଧବାର ଭୋଟର ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ଓ ଜିଲା ନେତୃବୃନ୍ଦମାନେ ଯୋଗେଦଇ ଏଭଳି ମତପ୍ରକାଶ କରିଛନ୍ତି । ବିଜେଡିର ଅହଂକାରୀ, ଏକଚ୍ଛତ୍ରବାଦ ଶାସନରେ ନିମାପଡ଼ା ସମେତ ରାଜ୍ୟର ସାଧାରଣ ଜନତା ଅତିଷ୍ଠ ହୋଇଗଲେଣି । ଆଗାମୀ ସାଧାରଣ ନିର୍ବାଚନରେ ନିମାପଡ଼ା ନିର୍ବାଚନ ମଣ୍ଡଳୀର ଜନସାଧାରଣ ଏହି ଅହଂକାରୀ ଶାସନ ବିରୋଧରେ ଦୃଢ ଜବାବ ଦେବେ ବୋଲି ଭାଜପାର ନେତୃବୃନ୍ଦ କହିଛନ୍ତି । କାର୍ଯ୍ୟକ୍ରମରେ ଅତିଥି ଭାବେ ବରିଷ୍ଠ ନେତ୍ରୀ ପ୍ରଭାତୀ ପରିଡ଼ା, ଦିଲ୍ଲୀପ ନାୟକ, ପୁରୀ ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ, ନିର୍ବାଚନମଣ୍ଡଳୀ ସଂଯୋଜକ ପ୍ରଦୀପ ନାୟକ, ଜିଲା ପରିଷଦ ସଭ୍ୟ ପ୍ରମୋଦ ରାୟ, ଜିଲା ଉପସଭାପତି ପୂର୍ଣ୍ଣଚନ୍ଦ୍ର ଓଝା, ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ, ରାକେଶ ବାରିକ, ମହିଳା ମୋର୍ଚ୍ଚାର ଜିଲା ସମ୍ପାଦକ ମୀନଲତା ମହାନ୍ତି ପ୍ରମୁଖ ଯୋଗଦେଇ ଆଗାମୀ ନିର୍ବାଚନରେ ଦଳର ବିଜୟ ପାଇଁ ସମସ୍ତ ନେତୃବୃନ୍ଦ, କାର୍ଯ୍ୟକର୍ତ୍ତା, ପଦାଧିକାରୀମାନେ କଠିନ ପରିଶ୍ରମ କରି ନିଷ୍ଠାର ସହ କାର୍ଯ୍ୟ କରିବାକୁ ଓ ବୁଥ୍, ତୃଣମୂଳସ୍ତରରୁ ଦଳୀୟ ସଂଗଠନକୁ ଅଧିକ ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ । ସମାରୋହରେ ଜିଲା ସାଧାରଣ ସମ୍ପାଦକ ସୁଶାନ୍ତ ସ୍ୱାଇଁ ଅଧ୍ୟକ୍ଷତା କରିବା ସହ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।



ସମାରୋହରେ ମଞ୍ଚାସୀନ ଭାଜପା ନେତୃବୃନ୍ଦ ।


GOVERNMENT OF ODISHA
ST & SC DEVELOPMENT DEPARTMENT
OFFICE OF THE PROJECT ADMINISTRATOR
INTEGRATED TRIBAL DEVELOPMENT AGENCY, JEYPORE
E- PROCUREMENT NOTICE
BID IDENTIFICATION No. PA ITDA (I)-04/2023-2024
No.2390/2023 Dated, the 22nd August, 2023

No.CAD-1796:Bid Documents consisting of Work, Estimated Cost, Cost of Tender Paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e "www.tendersodisha.gov.in".

| | | | |
|---|---|---|---|
| 01. | Name of the Work | : | Civil Works as mentioned in DTCN |
| 02. | No. of Works | : | 04 (Four) Numbers only |
| 03. | Estimated Cost | : | Rs.20.16 Lakh to Rs.61.00 Lakhs |
| 04. | Period of Completion | : | 02 (Two) Calendar Months |
| 05. | Date & Time of Bidding | : | From 24/08/2023 at 12.00 Hours to 31/08/2023 Upto 17.00 Hours |
| 06. | Last date & time for receipt of bids in portal | : | 31/08/2023 Upto 17.00 Hours |
| 07. | Offline Documents Received through Speed Post/ Registered Post | : | 25/08/2023 at 10.00 Hours to 01/09/2023 Upto 14.00 hours (Working Days Only) |
| 08. | Bids received online shall be opened on | : | 01/09/2023 at 13.00 Hours onwards |
| 09. | Bid Received offline documents shall be opened & Transparency Lottery Draw | : | 01/09/2023 at 15.30 Hours onwards Offline Document Open & Transparency Lottery Draw |
| 10. | Name and address of the officer inviting Bid | : | Project Administrator, I.T.D.A. Jeypore |

Further details can be seen from the www.tendersodisha.gov.in.
Sd./- Project Administrator
I.T.D.A., Jeypore
OIPR-26037/11/0005/2324



OFFICE OF THE NOTIFIED AREA COUNCIL, BINKA
Dist:Subarnapur (Pin-767019) Email Id: nacbinka@gmail.com
Phone/Fax:06654-241113
E-Tender Call Notice No.1830/Dt.23.08.2023
Tender ID 2023_ORULB_92933
Tender Reference No.BINKA-NAC-02/2023-24

No.C-1165:Bid documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.

| | | |
|---|---|---|
| 1 | Type of the Work | Civil Work |
| 2 | No. of Works | 30 Nos. |
| 3 | Estimated Cost | As per DTCN |
| 4 | Period of Completion | As per DTCN |
| 5 | Date & Time of bidding online from | Dt.24.08.2023 at 11.00 AM |
| 6 | Last date & time of bidding online | Dt.01.09.2023 at 05.00 PM |
| 7 | Date & Time of opening of Technical Bid | Dt.02.09.2023 at 11.00 AM |
| 8 | Name and address of the Officer Inviting Bid | Executive Officer, Binka N.A.C. |

Further details can be seen from the procurement portal i.e. www.tendersodisha.gov.in.
Sd./- Executive Officer
Notified Area Council,
Binka
OIPR-13198/11/0009/2324


# ବାଟଘାଟରେ ଦାସକାଠିଆ ମାଧ୍ୟମରେ ସଚେତନତା

ଗୋପ,୨୩।୮(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକରେ ସମନ୍ୱିତ ଶିଶୁ ବିକାଶ ଅଧୀନରେ ଚାଲୁଥିବା ୨୮୭ ଅଙ୍ଗନୱାଡ଼ି ଓ ମିନି ଅଙ୍ଗନୱାଡ଼ି କେନ୍ଦ୍ର ମଧ୍ୟରୁ ଅଧିକାଂଶ ଅଙ୍ଗନୱାଡ଼ି କେନ୍ଦ୍ରରେ ତାଲା ଝୁଲୁଛି । ଆଉ କେତେକ ଅଙ୍ଗନୱାଡ଼ି କେନ୍ଦ୍ର ଠିକ୍ ସମୟରେ ଖୋଲୁ ନାହିଁ । ଏବେ ୩ ଦିନ ଧରି ବାଟଘାଟରେ ଅଙ୍ଗନୱାଡ଼ି କେନ୍ଦ୍ରକୁ ଆସୁଥିବା ଶିଶୁ କିପରି ପରିଚ୍ଛନ୍ନତା ରହିବେ, ବାଲ୍ୟ ବିବାହକୁ ବିରୋଧ କରିବା, ପାଇଖାନା ବ୍ୟବହାର ଭଳି ବିଷୟକୁ ନେଇ ଦାସକାଠିଆ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଉଥିବା ଜଣାପଡିଛି । ପ୍ରକାଶ ଯେ, ଗୋପ ବ୍ଲକର ଏହି ବିଭାଗ କିଛି ଦିନ ଧରି ସ୍ଥାଣୁ ଅବସ୍ଥାରେ ରହିଥିବାବେଳେ ୧୨ ଗୋଟି ସେକ୍ଟର ପାଇଁ ଥିବା ୧୧ ଜଣ ସୁପରଭାଇଜରଙ୍କ ମନିଟରିଂ ଅଭାବ ଯୋଗୁ

**ଖୋଲୁନି ଅଙ୍ଗନୱାଡି କେନ୍ଦ୍ର**

ଏପରି ହେଉଥିବା ଅଭିଯୋଗ ହୋଇଛି । ବିଭାଗ ଅଧୀନରେ ଥିବା ୨୮୭ ଅଙ୍ଗନୱାଡ଼ି କେନ୍ଦ୍ର ଠିକ ଭାବେ ନ ଖୋଲିବା, ସରକାର ଯୋଗାଇ ଦେଉଥିବା ଖାଦ୍ୟ ଠିକ ଭାବରେ ବଣ୍ଟନ ନ ହେବା, ସରକାରୀସ୍ତରରେ କେନ୍ଦ୍ରକୁ ଆସୁଥିବା ଶିଶୁ ପୋଷାକ ଓ ଜୋତା ନ ପିନ୍ଧିବା ଭଳି ଆଉ ଅନେକ ଅଭିଯୋଗ ରହିଛି । ଏପରି ସବୁ ଅଭିଯୋଗ ପ୍ରତି ବିଭାଗୀୟ ଅଧିକାରିଣୀ ଦୃଷ୍ଟି ଦେଉ ନ ଥିବାବେଳେ ଦାସକାଠିଆ ମାଧ୍ୟମରେ ସଚେତନତା ସୃଷ୍ଟି କରିବା ଏକ ପ୍ରହସନ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ୧୧ ଜଣ ସୁପରଭାଇଜର କାର୍ଯ୍ୟାଳୟକୁ ଠିକ୍ ସମୟରେ ନ ଆସିବା, ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ ନ ଯିବା ଓ ସିଡିପିଓ କେନ୍ଦ୍ର ମନିଟରିଂ ନ କରିବା ଏହାର ମୁଖ୍ୟ କାରଣ ବୋଲି ଅଭିଯୋଗ ହେଉଛି । ଏଥିସହ କେବଳ ୨୮୭ ଅଙ୍ଗନୱାଡ଼ି କେନ୍ଦ୍ର କାଗଜପତ୍ରରେ ଚାଲୁଥିବା ଅଭିଯୋଗ ହୋଇଛି । ବାରମ୍ବାର ପୁରୀ ଜିଲାପାଳ ଓ ଉପଜିଲାପାଳଙ୍କୁ ଏ ସମ୍ପର୍କରେ ଅଭିଯୋଗ ହେଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ମଧ୍ୟ ଅଭିଯୋଗ ରହିଛି । ଏପରି ଅଭିଯୋଗ ସମ୍ପର୍କରେ ସିଡିପିଓ ମୀନାକ୍ଷୀ ସାହୁଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ । ଏନେଇ ଉପଜିଲାପାଳ ଭବତରଣ ସାହୁଙ୍କୁ ପଚାରିବାରେ, ତାଙ୍କ ନିକଟରେ ଏପରି କିଛି ଅଭିଯୋଗ ନାହିଁ । ନିଶ୍ଚିତ ଏପରି ଅଭିଯୋଗକୁ ଗୁରୁତ୍ୱ ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଥିଲେ ।


GOVERNMENT OF ODISHA No.A-474:
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER, DRAINAGE DIVISION, JAJPUR
e-mail id-ddckl121@gmail.com
"e" PROCUREMENT NOTICE NO.- DDJPR - 03/2023-24

| | | |
|---|---|---|
| 1 | Name of work: - | Drainage works (Under D.I.P, CRITICAL & NON-PLAN Scheme) |
| 2 | Total No. of Project: - | 4 Nos of. Individual work. |
| 3 | Estimated cost of individual works: - | Varies from Rs. 15,33,417 /- to Rs. 73,15,202 /-(Excluding G.S.T.) |
| 4 | Period of completion: - | 6 (Six) to 8(Eight) Calendar Months |
| 5 | Bid Identification Number | DDJPR - 11/2023-24 to 14/2023-24 |
| 6 | Date & Time of availability of Bid document in the Portal | From Dt. 07.09.2023 at 10.00 hours to Dt.21.09.2023 at 17.00 hours |
| 7 | Date of Opening of bid | Dt.22.09.2023 at 11.30 Hrs in the O/o.The Superintending Engineer, Drainage Division, Jajpur |
| 8 | Date of Opening of Financial bid ( For the work Sl No-04 ) | Dt.03.10.2023 at 11.30 Hrs.in the O/o. The Superintending Engineer, Drainage Division, Jajpur |
| 9 | Date of Lottery (if required) | Dt. 18.10.2023 at 11.30 Hrs in the O/o. The Superintending Engineer, Drainage Division, Jajpur |
| 10 | Procurement Officer/ Name & address of the officer inviting Bids. | Superintending Engineer, Drainage Division, Jajpur. |

Further details can be seen from the Govt. website www.tendersodisha.gov.in.
Sd./- Superintending Engineer
Drainage Division, Jajpur
OIPR-32360/11/0003/2324



Department of Agriculture & Farmers' Empowerment,
Government of Odisha
Directorate of Soil Conservation and Watershed Development Odisha,
Krushi Bhawan, Bhubaneswar-751001

No.L-79:Request for Proposal is invited for engagement of State Level Support Agency for Capacity Building and Policy Development of Rejuvenating Watersheds for Agricultural Resilience through innovative Development (REWARD) programme, Govt. of Odisha.

The bidder can access and download the complete RFP and TOR documents with other details from website - https:// www.soilodisha.nic.in and e-procurement site of Govt. of Odisha "tendersodisha.gov.in". The date and time for submission of proposal through e - procurement portal is from 23.08.2023 to 14.09.2023 (5.30 PM). The hard copy of RFP complete in all respects must reach the undersigned by Registered post/ Speed post /Courier only latest by 22.09.2023 (5.30 PM) within office hour in a sealed envelope clearly mentioning on the top of it "Request For Proposal (RFP) for Engagement of State Level Support Agency for Capacity Building and Policy Development for Rejuvenating Watersheds for Agricultural Resilience through innovative Development programme (REWARD) programme, Govt. of Odisha". The hard copy should address to the Director, Directorate of Soil Conservation and Watershed Development Odisha, Bhubaneswar (DSC&WD), Department of Agriculture & Farmers' Empowerment Government of Odisha, Krushi Bhawan, Keshari Nagar( Near State Guest House),Pin-751001.

The proposal received beyond the last date & time will be rejected. The authority reserves the right to reject any/all proposals without assigning any reason thereof.

Director, SC&WD
OIPR-01470/11/0007/2324

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଁ ଶ୍ରୀ ଶ୍ରୀ ଲୋକନାଥ ମହାଦେବ ଏବଂ ଓଁ ଶ୍ରୀ ଶ୍ରୀ ସିଦ୍ଧ ମହାବୀରଙ୍କର ଅଷ୍ଟାଦଶ ଜନ୍ମ ବାର୍ଷିକ ଉତ୍ସବର ସୂର୍ଯ୍ୟପୂଜା, ପି ଆଣ୍ଡ୍ ଟି କଲୋନୀ ଏବଂ ଆର୍ ଟି ଟି ସି କଲୋନୀ, ବାଣୀବିହାର, ସକାଳ ୭ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶୀ ନୃତ୍ୟାଙ୍ଗନା ସଂଯୁକ୍ତା ପାଣିଗ୍ରାହୀଙ୍କ ୭୯ତମ ଜୟନ୍ତୀ, ଗୁରୁ କେଳୁଚରଣ ଗବେଷଣା କେନ୍ଦ୍ର ପରିସରସ୍ଥ ପ୍ରତିମୂର୍ତ୍ତି ସ୍ଥଳ, ସକାଳ ୯ଟା।
- ଏଚ୍ଆର୍ କନକ୍ଲେଭ ମିଟ୍, ରିଜିଓନାଲ କଲେଜ ଅଫ ମ୍ୟାନେଜମେଣ୍ଟ, ପୂର୍ବାହ୍ନ ୧୦ଟା।
- 'ଇମେଜ୍ ଓ ଇମାଜିନେଶନ୍' ଫଟୋ ପ୍ରଦର୍ଶନୀ, ବୁଦ୍ଧ ଆର୍ଟ ଗ୍ୟାଲେରି, ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିର, ଭଞ୍ଜକଳା ମଣ୍ଡପ, ପୂର୍ବାହ୍ନ ୧୧ଟା।
- ଓମେନ୍ ଲିଡରଶିପ୍ ଫର ସଷ୍ଟେନେବଲ ଟୁମରୋ, ରେଡକ୍ରସ ଭବନ, ଅପରାହ୍ନ ୩ଟା।
- ୭୯ତମ ସଂଯୁକ୍ତା ପାଣିଗ୍ରାହୀଙ୍କ ଜୟନ୍ତୀ ପାଳନ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

# ସିଏଡବ୍ଲ୍ୟୁଏଣ୍ଡସିଡବ୍ଲ୍ୟୁ ଏଡିଜିପିଙ୍କୁ ମହିଳା କମିଶନଙ୍କ ରିପୋର୍ଟ ତଲବ

**ଭୁବନେଶ୍ୱର,୨୩।୮ (ସତ୍ୟଜିତ୍ ରାଉତ)**

### ମହିଳା ହୋମ୍‌ଗାର୍ଡଙ୍କୁ ନିର୍ଯାତନା ମାମଲାର ତନାଘନା

- ଅନୁଗୋଳ ଏସ୍‌ପିଙ୍କୁ ରିପୋର୍ଟ ମାଗିଲେ ହୋମଗାର୍ଡ ଡିଜି
- ଗୃହ ସଚିବ, ଡିଜିପି, ମୁଖ୍ୟ ଶାସନ ସଚିବଙ୍କୁ ଏନ୍‌ଏଚ୍ଆର୍‌ସିଙ୍କ ରିପୋର୍ଟ ତଲବ

ମହିଳା ହୋମ୍‌ଗାର୍ଡ ସୈରିନ୍ଦ୍ରୀ ସାହୁଙ୍କୁ ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ବ୍ରିଜେଶ ରାଏଙ୍କ ସ୍ତ୍ରୀ ନିର୍ଯାତନା ଦେବା ଅଭିଯୋଗ ଘଟଣା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଛି। ଏହି ମାମଲାରେ ବ୍ରିଜେଶ୍‌ଙ୍କୁ ମଙ୍ଗଳବାର ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଥିଲେ ମଧ୍ୟ ତାଙ୍କ ବିରୋଧରେ ବିଭିନ୍ନ ମହଲରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହେଉଛି। ଏଭଳିସ୍ଥିତିରେ ବୁଧବାର ରାଜ୍ୟ ମହିଳା କମିଶନ (ଓଏସ୍‌ସିଡବ୍ଲ୍ୟୁ) ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି। କମିଶନ ଏ ସଂକ୍ରାନ୍ତରେ ନିଜ ଆଡୁ ମାମଲା ରୁଜୁ କରି ମହିଳା ଏବଂ ଶିଶୁ ଅପରାଧ ନିରୋଧ ୱିଙ୍ଗ୍ (ସିଏଡବ୍ଲ୍ୟୁଏଣ୍ଡସିଡବ୍ଲ୍ୟୁ)ର ଏଡିଜିପି ଅରୁଣ ବୋଥ୍ରାଙ୍କୁ ରିପୋର୍ଟ ତଲବ କରିଛନ୍ତି।୧୫ ଦିନ ମଧ୍ୟରେ ତଦନ୍ତ କରି ରିପୋର୍ଟ ଦେବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ମହିଳା କମିଶନ ଅଧକ୍ଷା ମିନତି ବେହେରା କହିଛନ୍ତି, ପୀଡ଼ିତା ସୈରିନ୍ଦ୍ରୀଙ୍କ ସହ ଆଲୋଚନା କରିବୁ। ଏହି ମାମଲାରେ ଠିକ୍ ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ଅପରପକ୍ଷରେ ଏହି ଘଟଣାରେ ଅନୁଗୋଳ ଏସ୍‌ପିଙ୍କୁ ହୋମ୍‌ଗାର୍ଡ ଡିଜି ସୁଧାଂଶୁ ଷଡ଼ଙ୍ଗୀ ପ୍ରାରମ୍ଭିକ ରିପୋର୍ଟ ମାଗିଛନ୍ତି। ଡିଜିଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ସୈରିନ୍ଦ୍ରୀ ସୁସ୍ଥ ହେବା ପରେ ତାଙ୍କୁ ପଚରାଉଚରା କରାଯିବ। ତାଙ୍କ ସମ୍ପୂର୍ଣ୍ଣ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବେ। ଆବଶ୍ୟକ ପଡ଼ିଲେ ସୈରିନ୍ଦ୍ରୀଙ୍କ ଝିଅଙ୍କୁ ହୋମଗାର୍ଡ ଭାବେ ଥଇଥାନ କରାଯିବ ବୋଲି ମଧ୍ୟ ସୂଚନା ମିଳିଛି। ସେପଟେ ମାନବାଧିକାର କର୍ମୀ ଜୟନ୍ତ ଦାସଙ୍କ ଦ୍ୱାରା ମଙ୍ଗଳବାର ହୋଇଥିବା ଏତଲାକୁ ଗ୍ରହଣ କରି ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍ଆର୍‌ସି) ରାଜ୍ୟ ସରକାରଙ୍କୁ ରିପୋର୍ଟ ମାଗିଛନ୍ତି। ଆସନ୍ତା ୪ ସପ୍ତାହ ମଧ୍ୟରେ ତଦନ୍ତ କରି ଏ ସଂକ୍ରାନ୍ତରେ ରିପୋର୍ଟ ଦେବାକୁ ରାଜ୍ୟ ଗୃହ ସଚିବ, ପୋଲିସ ଡିଜି, ମୁଖ୍ୟ ସାଶନ ସଚିବଙ୍କୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ତେବେ ହୋମଗାର୍ଡମାନେ ପୋଲିସ ବାବୁଙ୍କ ଘରେ ବ୍ୟକ୍ତିଗତ କାମ କରିବା ବେଆଇନ ହୋଇଥିବାବେଳେ ଡିଆଇଜିଙ୍କ ସ୍ତ୍ରୀ ଆୟୁଷୀ ରାଏ କିଭଳି ସୈରିନ୍ଦ୍ରୀଙ୍କୁ ନିର୍ଯାତନା ଦେଉଥିଲେ ତାହା ଚର୍ଚ୍ଚାର ବିଷୟ ହୋଇଛି। ଏଭଳି ସମ୍ବେଦନଶୀଳ ଘଟଣାରେ କାର୍ଯ୍ୟାନୁଷ୍ଠାନ ହେବ ନା ମାମଲାକୁ ଚପାଇ ଦିଆଯିବ ତାହା ବଡ଼ ପ୍ରଶ୍ନ ସୃଷ୍ଟି କରିଛି। ସୂଚନାଯୋଗ୍ୟ, ଡିଆଇଜି ବ୍ରିଜେଶଙ୍କ ଅନୁଗୋଳସ୍ଥିତ ସରକାରୀ ବାସଭବନରେ ନିୟୋଜିତ ଥିବା ସୈରିନ୍ଦ୍ରୀଙ୍କୁ ତାଙ୍କ ସ୍ତ୍ରୀ ନିର୍ଯାତନା ଦେଉଥିଲେ। ଏପରି କି ଚାକିରି ନେଇଯିବାର ଧମକ ଦେଇ ଗତ ୪ ତାରିଖରେ ସୈରିନ୍ଦ୍ରୀଙ୍କୁ ଧକ୍କା ଦେଇ ବାହାର କରି ଦେଇଥିଲେ। ଏନେଇ ଅଗଷ୍ଟ ୧୩ରେ ସେ ନିର୍ଯାତନା ସମ୍ପର୍କରେ ଲିଖିତ ଭାବେ ହୋମ୍‌ଗାର୍ଡ ଡିଜିଙ୍କୁ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା। ଏହାପରେ ସୈରିନ୍ଦ୍ରୀ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିବାବେଳେ ଦୁଇଟି ଯାକ ଗୋଡ଼ ହରାଇ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

## ପ୍ରାଥମିକ ଶିକ୍ଷକ ସଂଘ ଗଣଶିକ୍ଷା ମନ୍ତ୍ରୀଙ୍କ ଆଲୋଚନା

**ଭୁବନେଶ୍ୱର,୨୩।୮ (ଅନୁରାଧା ମହାରଣା):** ଓଡିଶା ସମଗ୍ରଶିକ୍ଷାସ୍ଥିତ ସମ୍ମିଳନୀ କକ୍ଷରେ ପ୍ରାଥମିକ ଶିକ୍ଷକ ସଙ୍ଘର କର୍ମକର୍ତ୍ତାମାନଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀସୁଦାମ ମାର୍ଣ୍ଡିଙ୍କ ପୌରହିତ୍ୟରେ ହୋଇଥିବାଏହି ଆଲୋଚନାରେ ସଚିବ ଶ୍ୱଥ୍.ଏସ ଏବଂ ସମଗ୍ରଶିକ୍ଷାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହାଙ୍କ ଉପସ୍ଥିତିରେ ପ୍ରାଥମିକ ଶିକ୍ଷକ ସଙ୍ଘର କର୍ମକର୍ତ୍ତାମାନେ ନିଜର ୩ ଦଫା ସମ୍ବଳିତ ଦାବୀ ଉପସ୍ଥାପନ କରିଥିଲେ। ପୁଙ୍ଖାନୁପୁଙ୍ଖ ଆଲୋଚନା ପୂର୍ବକ ସମସ୍ତ ଦାବୀଗୁଡିକୁ ଆନ୍ତଃ ମନ୍ତ୍ରୀସ୍ତରୀୟ ବୈଠକରେ ଉପସ୍ଥାପନ କରାଯିବାର ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ଦାବୀ ଗୁଡିକ ସମ୍ପର୍କରେ ବିଭାଗ ତ୍ୱରିତ ପଦକ୍ଷେପ ଗ୍ରହଣ ପାଇଁନିଷ୍ପତ୍ତି ନିଆଯାଇଛି।

# ରାଜ୍ୟପାଳଙ୍କ ଦ୍ୱାରା ୨ ପୁସ୍ତକ ଉନ୍ମୋଚିତ



ରାଜଭବନ ପରିସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଅନୁବାଦ ପୁସ୍ତକଗୁଡ଼ିକୁ ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର,୨୩।୮ (ଅଭିଜିତ ଦାସ)**

ଭାରତୀ ପ୍ରକାଶନ ସଂସ୍ଥା ପକ୍ଷରୁ ଅନାମିକା ଦାସ 'ଅବୁଝା ଏ ମନ'ର ଇଂରାଜୀ ଅନୁବାଦ 'The Unconsoled Mind' ଏବଂ ହିନ୍ଦୀ ଅନୁବାଦ 'ଦିଲ ହେ କି ମାନତା ନେହିଁ' ପୁସ୍ତକ ରାଜଭବନ ପରିସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି। ଏହି ଅବସରରେ ରାଜ୍ୟପାଳ କହିଲେ, 'ଅବୁଝା ଏ ମନ' ପୂର୍ବରୁ ଲୋକଙ୍କ ନିକଟରେ ଖୁବ ପ୍ରଶଂସନୀୟ ହୋଇପାରିଛି, ଯାହାକି ତାଙ୍କୁ ଇଂରାଜୀ ଏବଂ ହିନ୍ଦୀ ଭାଷାରେ ଅନୁବାଦ କରିବା ପାଇଁ ପ୍ରେରଣା ମିଳିଥିଲା। 'The Unconsoled Mind' ବହିଟିକୁ ସିଦ୍ଧଭୈରବୀ ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପିକା ମୋନାଲିସା ଦାସ ଇଂରାଜୀ ଭାଷାରେ ଅନୁବାଦ କରିଥିବାବେଳେ 'ଦିଲ ହେ କି ମାନତା ନେହିଁ' ପୁସ୍ତକଟିକୁ ଅନିତା ଦାସ ହିନ୍ଦୀ ଭାଷାରେ ଅନୁବାଦ କରିଛନ୍ତି। କାର୍ଯ୍ୟକ୍ରମରେ ଭାରତ ସ୍କାଉଟ୍ ଏବଂ ଗାଇଡସ୍‌ର ଜାତୀୟ ଉପସଭାପତି ତଥା ଓଡିଶା ରାଜ୍ୟ ମୁଖ୍ୟ କମିଶନର୍ ଡ.କାଳୀପ୍ରସାଦ ମିଶ୍ର, ଯୁଗ୍ମ ସମ୍ପାଦକ ମିହିର ରଞ୍ଜନ ପଟ୍ଟନାୟକ, ଲେଖିକା ଅନାମିକା ଦାସ, ଅନୁବାଦିକା ମୋନାଲିସା ଦାସ ଓ ଅନିତା ପ୍ରମୁଖ ଉପସ୍ଥିତ ଥିଲେ।

## ୩ଜଣ ପାଇଲେ 'ଶିଳ୍ପୀକା ସମ୍ମାନ'

**ଭୁବନେଶ୍ୱର,୨୩।୮ (ଶର୍ମିଷ୍ଠା ପାଣିଗ୍ରାହୀ)**

ଶିଳ୍ପୀକା ପକ୍ଷରୁ 'ଶିଳ୍ପୀକା ସମ୍ମାନ' ପ୍ରଦାନ ଉତ୍ସବ ଓ 'ଡାର୍କ ଟୁ ଲାଇଟ୍' ନୃତ୍ୟ ସଙ୍ଗୀତ ସମାରୋହ ବୁଧବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ପ୍ରସିଦ୍ଧ ହିନ୍ଦୁସ୍ତାନୀ କଣ୍ଠ ସଂଗୀତ ଗୁରୁ କୃଷ୍ଣ ଚନ୍ଦ୍ର ମାନ୍ନା, ଚିତ୍ରଶିଳ୍ପ ତଥା ବିକେ ଆର୍ଟ କଲେଜ କଳା ମହାବିଦ୍ୟାଳୟ ଅଧ୍ୟାପକ ଅନ୍ତର୍ଯ୍ୟାମୀ ଦାଶ ଏବଂ ଓଡିଶୀ ନୃତ୍ୟଗୁରୁ ପାର୍ଥସାରଥୀ ଦାସଙ୍କୁ 'ଶିଳ୍ପୀକା ସମ୍ମାନ ୨୦୨୩'ରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରାଣକୃଷ୍ଣ ନାୟକ, ହେମେନ୍ଦ୍ର ନାରାୟଣ ମହାନ୍ତି, ଡ. ଦିଲୀପ ଶ୍ରୀଚନ୍ଦନ, ଗୁରୁ ଗଜେନ୍ଦ୍ର ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସନ୍ଧ୍ୟାରେ ଅନୁଷ୍ଠାନ ପକ୍ଷରୁ ଝୁମର ନୃତ୍ୟ ପରିବେଷିତ ହୋଇଥିଲା। ଏଥିସହ ପୁରୀର ସୃଷ୍ଟି ଗୋଟିପୁଅ ନୃତ୍ୟାନୁଷ୍ଠାନ ପକ୍ଷରୁ ଗୋଟିପୁଅ ନୃତ୍ୟ ଓ କେନ୍ଦୁଝରର ବୀଣାପାଣି କଳା ନିକେତନ ପକ୍ଷରୁ ନୃତ୍ୟାଭିନୟ ପ୍ରଦର୍ଶିତ କରାଯାଇଥିଲା। ଉତ୍ସବକୁ ଚନ୍ଦନ ସାହୁ କରିଥିବାବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଅନୁଷ୍ଠାନର ସମ୍ପାଦକ ବାସୁଦେବ ନାଥ।

## ପ୍ରଣବ ପଟ୍ଟନାୟକ ଅସୁସ୍ଥ

### ହସ୍ପିଟାଲରେ ଭେଟି ସହାୟତା ଦେଲା କଳାକାର ସଂଘ



**ଭୁବନେଶ୍ୱର,୨୩।୮ (ଶର୍ମିଷ୍ଠା ପାଣିଗ୍ରାହୀ):** ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକ ଅସୁସ୍ଥ ହୋଇ ସ୍ଥାନୀୟ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଡେଙ୍ଗୁରେ ଆକ୍ରାନ୍ତ ହେବା ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଜ୍ୱର ବଢ଼ିବାରୁ ସେ ଚିକିତ୍ସାଧୀନ ଥିଲେ। ଏବେ ସେ ସୁସ୍ଥ ହୋଇ ଆସିଲେଣି। ଗୁରୁବାର ସେ ଡାକ୍ତରଖାନାରୁ ଡିସ୍‌ଚାର୍ଜ ହେବେ ବୋଲି ସୂଚନା ମିଳିଛି। ତେବେ ତାଙ୍କ ଅସୁସ୍ଥ ଖବର ଶୁଣିବା ପରେ ବୁଧବାର ଓଡ଼ିଆ ଚଳଚ୍ଚିତ୍ର ଉନ୍ନୟନ ନିଗମ ଅଧକ୍ଷ ସତ୍ୟବ୍ରତ ତ୍ରିପାଠୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ନିର୍ଦ୍ଦେଶକ ଦିଲୀପ ରାଉତରାଏ, ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଆଚାର୍ଯ୍ୟ, ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ ପ୍ରମୁଖ ହସ୍ପିଟାଲରେ ପହଞ୍ଚି ତାଙ୍କୁ ସାକ୍ଷାତ କରିଥିଲେ। ଏଥିସହ ଚିକିତ୍ସା ପାଇଁ ୧ଲକ୍ଷ ଟଙ୍କା ଅର୍ଥରାଶି ରାଜ୍ୟ କଳାକାର ସଂଘ ପକ୍ଷରୁ ପ୍ରଦାନ କରିଥିଲେ। ପ୍ରଣବଙ୍କ ପାଖରେ ତାଙ୍କ ସ୍ତ୍ରୀ କସ୍ତୁରୀ ପଟ୍ଟନାୟକ ଉପସ୍ଥିତ ଥିଲେ।

# ଏଫ୍‌ଏମ୍ କମ୍ପାନୀର ପୂର୍ବତନ ଆକାଉଣ୍ଟାଣ୍ଟ୍ ଗିରଫ

**ଭୁବନେଶ୍ୱର,୨୩।୮ (ସୂର୍ଯ୍ୟକାନ୍ତ ବେହେରା)**

### ୬୧.୫୧ ଲକ୍ଷ ବିଜ୍ଞାପନ ଟଙ୍କା ଆତ୍ମସାତ୍

- କମ୍ପାନୀ ନାମରେ ବେଆଇନ ଆକାଉଣ୍ଟ ଖୋଲିଥିଲେ
- ଠକେଇ ଟଙ୍କା ଷ୍ଟକ ମାର୍କେଟରେ ଲଗାଉଥିଲେ



ସୁବ୍ରତ ସାମଲ

'ସାଉଥ୍ ଏସିଆ ଏଫ୍‌ଏମ୍ ଲିମିଟେଡ' ନାମରେ ବେଆଇନ ବ୍ୟାଙ୍କ ଆକାଉଣ୍ଟ ଖୋଲି ୬୧.୫୧ ଲକ୍ଷ ବିଜ୍ଞାପନ ଟଙ୍କା ଆତ୍ମସାତ କରିବା ଅଭିଯୋଗରେ ଖାରବେଳ ନଗର ଥାନା ପୋଲିସ କମ୍ପାନୀର ପୂର୍ବତନ ଆକାଉଣ୍ଟାଟ୍‌ଙ୍କୁ ଗିରଫ କରିଛି। ସେ ହେଲେ ମଞ୍ଚେଶ୍ୱର ଅଞ୍ଚଳରେ ରହୁଥିବା ଯାଜପୁରର ସୁବ୍ରତ ସାମଲ (୩୦)। କୋର୍ଟଚାଲାଣ ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ, ଅଭିଯୁକ୍ତ ସୁବ୍ରତ ୨୦୧୯ରୁ ୨୦୨୨ ପର୍ଯ୍ୟନ୍ତ 'ସାଉଥ୍ ଏସିଆ ଏଫଏମ୍ ଲିମିଟେଡ୍'ର ଭୁବନେଶ୍ୱରସ୍ଥିତ 'ରେଡ୍ ଏଫ୍‌ଏମ୍ ୯୩.୫'ରେ ବରିଷ୍ଠ କାର୍ଯ୍ୟନିର୍ବାହୀ ଅର୍ଥ ଏବଂ ଆଡ୍‌ମିନିଷ୍ଟେଟର(ଆକାଉଣ୍ଟାଣ୍ଟ) ଭାବେ କାର୍ଯ୍ୟ କରିଥିଲେ। ସେ କମ୍ପାନୀର ବିଭିନ୍ନ ଗ୍ରାହକଙ୍କଠାରୁ ବିଜ୍ଞାପନ ବାବଦକୁ ଚେକ କିମ୍ବା ନଗଦ କିମ୍ବା ଏନଇଏଫ୍‌ଟି ଜରିଆରେ ଏଚ୍‌ଡିଏଫସି ବ୍ୟାଙ୍କରେ ଥିବା କମ୍ପାନୀ ଆକାଉଣ୍ଟରେ ଅର୍ଥ ଗ୍ରହଣ କରିବା ପାଇଁ ଅନୁମତିପ୍ରାପ୍ତ ଥିଲେ। ତାଙ୍କ କାର୍ଯ୍ୟକାଳ ସମୟରେ ସୁବ୍ରତ ଅଶୋକ ନଗର ଶାଖା ୟୁକୋ ବ୍ୟାଙ୍କରେ 'ସାଉଥ୍ ଏସିଆ ଏଫଏମ୍ ଲିମିଟେଡ' ନାମରେ ଏକ ବେଆଇନ ଆକାଉଣ୍ଟ ଖୋଲିବା ସହ ଉକ୍ତ କମ୍ପାନୀକୁ ଠକିବାର ଉଦ୍ଦେଶ୍ୟ ରଖି ବିଜ୍ଞାପନ ନେତୃତ୍ୱ ନେଇଥିବା ଗ୍ରାହକଙ୍କଠାରୁ ଚେକ ସଂଗ୍ରହ କରିବା ପରେ ହେରଫେର କରି ଉକ୍ତ ଜାଲ ଆକାଉଣ୍ଟରେ ଜମା କରୁଥିଲେ। ଏହିପରି ଭାବରେ ସୁବ୍ରତ ୬୧ ଲକ୍ଷ ୫୧ ହଜାର ୮୧୩ ଟଙ୍କା ନେଇଯାଇଥିଲେ। ଏହାପରେ ସେ ଉକ୍ତ ଟଙ୍କାରେ ଷ୍ଟକ୍ ମାର୍କେଟ ବ୍ୟବସାୟ କରିଥିଲେ। ଘଟଣା ଜଣାପଡିବା ପରେ କମ୍ପାନୀ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ମେ ୩୧ରେ ଏକ ମାମଲା (ନଂ.୨୫୯/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ଲୁଟିନେଲେ ୪୯ ହଜାର ଟଙ୍କା

**ନିମାପଡ଼ା,୨୩।୮ (ଚିତ୍ରାନନ୍ଦ ସାହୁ)**

ନିମାପଡ଼ା ଗୋଲେଇ ଛକଠାରେ ଜଣେ ବ୍ୟକ୍ତିଙ୍କଠାରୁ କେତେଜଣ ଦୁର୍ବୃତ୍ତ ୪୯ ହଜାର ଟଙ୍କା ଲୁଟିଛନ୍ତି। ଲୁଟ୍‌ର ଶିକାର ବ୍ୟକ୍ତି ଜଣକ ହେଲେ ନିମାପଡ଼ା ଥାନା ଅଧୀନ ବିଷ୍ଣୁପୁର ସାମିଲ କରଞ୍ଜି ସାହି ଗ୍ରାମର ଈଶ୍ୱର ସ୍ୱାଇଁ। ବୁଧବାର ସେ ଗ୍ରାମ୍ୟ ବ୍ୟାଙ୍କରୁ ୪୯ ହଜାର ଟଙ୍କା ଉଠାଇ ଟଙ୍କା ବ୍ୟାଗ ରଖି ସାଇକେଲରେ ନିଜ ଘରକୁ ଫେରୁଥିଲେ। ବାଟରେ ୨ ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇ ତାଙ୍କ ବ୍ୟାଗରୁ ଜୋରଜବରଦସ୍ତ ଟଙ୍କା ଛଡାଇ ନେଇ ପଳାଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ଖବରପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ରିପୋର୍ଟ ଲେଖିଯିବାବେଳକୁ ଥାନାରେ ଏ ସମ୍ପର୍କରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିଭୁ



@ ମିଳନ



@ ସୁମନ



@ ମାନସ



@ ମହେନ୍ଦ୍ର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ୪ ବର୍ଷର ଶିଶୁପୁତ୍ର କେନାଲରେ ଭାସି ମୃତ

**ସାଲେପୁର,୨୩।୮ (ଅରବିନ୍ଦ ଭୂୟାଁ)**

### ଅଙ୍ଗନୱାଡିକୁ ପଢ଼ିବାକୁ ଯାଇଥିଲେ

ସାଲେପୁର ଥାନା ପିକୋଳ ପଞ୍ଚାୟତର ଚମାରିଗୋଳଠାରେ ୪ ବର୍ଷର ଶିଶୁପୁତ୍ର ଅଙ୍ଗନୱାଡି କେନ୍ଦ୍ରକୁ ପାଠ ପଢ଼ିବାକୁ ବୁଧବାର ଯାଇଥିଲେ। କୌଣସି କାରଣରୁ ୬ନଂ. କେନାଲରେ ଭାସି ଯାଇଥିଲେ। ସୁନ୍ଦରପୁର ପୋଲ ପାଖରେ ଅପରାହ୍ନ ୧ଟାରେ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଛି। ଚମାରିଗୋଳ ଗ୍ରାମର କ୍ଷୀତିଶ ରଞ୍ଜନ ଓଝା ଥାନାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି, ତାଙ୍କ ପୁଅ ତାପସ (୪) ସକାଳୁସ୍ଥାନୀୟ ଚମାରିଗୋଳ ଅଙ୍ଗନୱାଡି କେନ୍ଦ୍ରକୁ ପଢ଼ିବାକୁ ଯାଇଥିଲା। ସେଠାରୁ ଆଉ ଘରକୁ ନ ଫେରିବାରୁ ବହୁ ଖୋଜାଖୋଜି ପରେ ଜାଣିବାକୁ ପାଇଲେ ଯେ ତାଙ୍କ ପୁଅ ନିକଟସ୍ଥ ସୁନ୍ଦରପୁର ପୋଲ ପାଖରେ ଲୋକମାନଙ୍କ ଦ୍ୱାରା ଉଦ୍ଧାର ହୋଇଛି। ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ସେ ସ୍ଥାନୀୟ ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ଉପରେ ଦୋଷ ଲଦିଛନ୍ତି। ପୋଲିସ ଏହି ଘଟଣାର ତଦନ୍ତ କରୁଛି।



ସ୍ୱର୍ଗତ ସ୍ୱାମୀ ପ୍ରଫେସର ଡା. ଚିତ୍ତରଞ୍ଜନ କରଙ୍କ ୬୦ତମ ଜନ୍ମଦିନରେ ସ୍ତ୍ରୀ ସୁମିତା ମିଶ୍ରଙ୍କ ପକ୍ଷରୁ ପୁଅ ପଙ୍କଜ ପ୍ରିୟଦର୍ଶୀ ଓସେପା କାର୍ଯ୍ୟାଳୟଠାରେ ବ୍ରହ୍ମପୁରସ୍ଥିତ ସରକାରୀ କୁଇନ୍ ଅଫ୍ ଦି ମିଶନ୍‌ସ ଉଚ୍ଚ ବିଦ୍ୟାଳୟ ପାଇଁ 'ମୋ ସ୍କୁଲ୍'ର ସଦସ୍ୟ ସଚିବ ଅନୁପମ ସାହା ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମରଜିତ୍ ଜେନାଙ୍କୁ ୧ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରୁଛନ୍ତି।

## ସ୍ୱାମୀଙ୍କ ଜନ୍ମଦିନରେ ସ୍କୁଲ୍‌କୁ ଦେଲେ ଅନୁଦାନ

**ଭୁବନେଶ୍ୱର, ୨୩।୮ (ଅସମାପିକା ସାହୁ)**

ସ୍ୱର୍ଗତ ସ୍ୱାମୀ ପ୍ରଫେସର ଡା. ଚିତ୍ତରଞ୍ଜନ କରଙ୍କ ୬୦ତମ ଜନ୍ମଦିନରେ ବ୍ରହ୍ମପୁରସ୍ଥିତ ସରକାରୀ କୁଇନ୍ ଅଫ୍ ଦ ମିଶନ୍‌ସ ଉଚ୍ଚ ବିଦ୍ୟାଳୟକୁ ୧ଲକ୍ଷ ଟଙ୍କା ଅନୁଦାନ ଦେଇଛନ୍ତି ସ୍ତ୍ରୀ ସୁମିତା ମିଶ୍ର। ମା'ଙ୍କ ପକ୍ଷରୁ ପୁଅ ପଙ୍କଜ ପ୍ରିୟଦର୍ଶୀ କର ବୁଧବାର ଓସେପା କାର୍ଯ୍ୟାଳୟରେ ଚେକ୍ ପ୍ରଦାନ କରିଛନ୍ତି। 'ମୋ ସ୍କୁଲ୍'ର ସଦସ୍ୟ ସଚିବ ତଥା ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା ଓ 'ମୋ ସ୍କୁଲ୍'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମରଜିତ୍ ଜେନା ଚେକ୍ ଗ୍ରହଣ କରିଛନ୍ତି। ଉକ୍ତ ଟଙ୍କାରେ 'ମୋ ସ୍କୁଲ୍' ପକ୍ଷରୁ ଦୁଇଗୁଣା ଅନୁଦାନ ମିଶାଇ ଛାତ୍ରୀଛାତ୍ରଙ୍କ କମ୍ପ୍ୟୁଟର ଶିକ୍ଷା ପାଇଁ କମ୍ପ୍ୟୁଟର କିଣାଯିବା ସହ ପ୍ରଶିକ୍ଷକ ନିୟୋଜିତ କରାଯିବ। ଏଭଳି କାର୍ଯ୍ୟ ପାଇଁ 'ମୋ ସ୍କୁଲ୍' ପକ୍ଷରୁ ସୁମିତା ମିଶ୍ରଙ୍କୁ ଧନ୍ୟବାଦ ଦିଆଯାଇଛି। ସ୍ୱର୍ଗତ କର କଟକ ଏସ୍‌ସିବି ମେଡିକାଲ କଲେଜର ପୂର୍ବତନ ନେଫ୍ରୋଲୋଜି ବିଭାଗର ମୁଖ୍ୟ ଥିଲେ। ସେ କୁଇନ୍ ସ୍କୁଲର ୧୯୭୭ ବ୍ୟାଚର ଛାତ୍ର। ସମାଜସେବା ସହ ସ୍କୁଲ୍‌ର ଉନ୍ନତି ସହ ଜଡିତ ଥିଲେ। କରୋନା ମହାମାରୀରେ ରୋଗୀ ସେବା ସମୟରେ ସଂକ୍ରମିତ ହେବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ଚେକ୍ ପ୍ରଦାନ ସମୟରେ ସ୍ୱର୍ଗତ କରଙ୍କ ସହପାଠୀ ଓ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ପ୍ରି କ୍ୱାର୍ଟରରେ ଗାୟତ୍ରୀ-ତ୍ରିସା

## ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍



ଗାୟତ୍ରୀ ଗୋପୀଚାନ୍ଦ ଓ ତ୍ରିସା ଜୋଲି।

କୋପେନ୍‌ହାଗେନ୍, ୨୩।୮ (ପି.ଟି.)

କୋପେନହାଗେନରେ ଅନୁଷ୍ଠିତ ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ଭାରତୀୟ ଖେଳାଳିଙ୍କ ଦମଦାର ପ୍ରଦର୍ଶନ ଜାରି ରହିଛି। ମହିଳା ଡବଲ୍ସର ପ୍ରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଭାରତୀୟ ଯୋଡି ଗାୟତ୍ରୀ ଗୋପୀଚାନ୍ଦ ଓ ତ୍ରିସା ଜୋଲି। ପ୍ରଥମ ରାଉଣ୍ଡରେ ବାଇ ପାଇଥିବା ଭାରତୀୟ ଯୋଡି ବୁଧବାର ଚାଇନିଜ୍ ତାଇପେର ଚାଙ୍ଗ ଚିଙ୍ଗ ହୁଇ ଓ ୟାଙ୍ଗ ଚିଙ୍ଗ ଟୁନ୍‌ଙ୍କୁ ୨୧-୧୮ ଓ ୨୧-୧୦ରେ ପରାସ୍ତ କରିଥିଲେ। ବିଶ୍ୱ ମାନ୍ୟତାର ୧୯ତମ ସ୍ଥାନରେ ଥିବା ଅଲ୍ ଇଂଲଣ୍ଡ ବ୍ୟାଡ୍‌ମିଣ୍ଟନ ଓପନ ସେମିଫାଇନାଲିଷ୍ଟ ଭାରତୀୟ ଯୋଡି ବିଶ୍ୱ ମାନ୍ୟତାର ୩୭ ତମ ସ୍ଥାନରେ ଥିବା ଚାଙ୍ଗ ଚିଙ୍ଗ ହୁଇ ଓ ୟାଙ୍ଗ ଚିଙ୍ଗ ଟୁନ୍‌ଙ୍କୁ ସିଧାସଳଖ ସେଟ୍‌ରେ ମାତ୍ର ୩୮ ମିନିଟ ସମୟ ନେଇ ପରାସ୍ତ କରିଥିଲେ। ରାଜ୍ୟ ଗୋଷ୍ଠୀ କ୍ରୀଡାର ବ୍ରୋଞ୍ଜ ପଦକ ବିଜୟିନୀ ଗାୟତ୍ରୀ-ତ୍ରିସା ଯୋଡି ଆରମ୍ଭରୁ ୨-୫ରେ ପଛୁଆ ରହିଥିଲେ। ତେବେ ଚମତ୍କାର ପ୍ରତ୍ୟାବର୍ତ୍ତନ ସହିତ ୮-୬ରେ ଆଗୁଆ ହୋଇଥିଲେ। ଚାଙ୍ଗ-ୟାଙ୍ଗ ଯୋଡି ମ୍ୟାଚକୁ ୮-୮କୁ ଆଣିବା ସହିତ ୧୧-୯ରେ ଆଗୁଆ ରହିଥିଲେ। ତେବେ ଗାୟତ୍ରୀଙ୍କ ପ୍ରତ୍ୟୁତ୍ପନ୍ନମତିତା କାରଣରୁ ଭାରତ ଲଗାତର ଦୁଇଟି ପଏଣ୍ଟ ଅର୍ଜନ କରି ୧୪-୧୧ରେ ଆଗୁଆ ରହିଥିଲା। ପ୍ରଥମ ସେଟ୍‌କୁ ୨୧-୧୮ରେ ଜିତିବା ପରେ ପ୍ରତିପକ୍ଷ ଯୋଡିକୁ ସୁଯୋଗ ଦେଇ ନ ଥିଲେ ଗାୟତ୍ରୀ-ତ୍ରିସା। ଦ୍ୱିତୀୟ ସେଟ୍‌କୁ ୨୧-୧୦ରେ ଏକ ପାଖିଆ ଭାବରେ ଜିତିବା ସହିତ ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଥିଲେ।

ଦ୍ୱିତୀୟ ସେଟ୍‌ରେ ସାଇଡ୍ ପରବର୍ତ୍ତନ ହେବା ପରେ ଗାୟତ୍ରୀ-ତ୍ରିସା ଯୋଡି ଆରମ୍ଭରୁ ୮-୫ରେ ଆଗୁଆ ରହିଥିଲେ। ଉଭୟ ସମାନ ପ୍ରଦର୍ଶନ ବଜାୟ ରଖି ୧୪-୮ରେ ଆଗୁଆ ରହିବା ସହିତ ଚାଇନିଜ୍ ତାଇପେ ଖେଳାଳିଙ୍କୁ ପ୍ରତ୍ୟାବର୍ତ୍ତନର ସୁଯୋଗ ଦେଇ ନ ଥିଲେ। ପରବର୍ତ୍ତୀ ରାଉଣ୍ଡରେ ଟୁର୍ନାମେଣ୍ଟର ଟପ୍ ସିଡେଡ୍ ଖେଳାଳି ଚାଇନାର ଚେନ୍ କ୍ୱିଙ୍ଗ ଚେନ୍ ଓ ଜିଆ ୟି ଫାନଙ୍କୁ ଭେଟିବେ ଗାୟତ୍ରୀ-ତ୍ରିସା।

# ଇଂଲଣ୍ଡ, ନେଦରଲାଣ୍ଡ୍ସ ସହ ଖେଳିବ ଭାରତ

ଦୁବାଇ, ୨୩।୮ (ପି.ଟି.)

ଦିନିକିଆ କ୍ରିକେଟ ବିଶ୍ୱକପ ପୂର୍ବରୁ ବୁଧବାର ଆଇସିସି ପକ୍ଷରୁ ୱାର୍ମ ଅପ୍ କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ହାଇଦ୍ରାବାଦ, ଗୁଆହାଟୀ ଓ ଥିରୁଭାନନ୍ତପୁରମରେ ସମସ୍ତ ୱାର୍ମଅପ୍ ମ୍ୟାଚ୍ ଖେଳାଯିବ। ଭାରତ ଏହାର ଦୁଇଟି ୱାର୍ମ ଅପ୍ ମ୍ୟାଚ୍ ଇଂଲଣ୍ଡ ଓ ନେଦରଲାଣ୍ଡ୍ସ ସହ ଖେଳିବ। ଦୁଇ ଥର ଚାମ୍ପିୟନ ଭାରତ ଡିଫେଣ୍ଡିଂ ଚାମ୍ପିୟନ ଇଂଲଣ୍ଡ ବିପକ୍ଷରେ ସେପ୍ଟେମ୍ବର ୩୦ରେ ଗୁଆହାଟୀର ବର୍ଷାପଡା କ୍ରିକେଟ ଷ୍ଟାଡିୟମରେ ପ୍ରଥମ ୱାର୍ମ ଅପ୍ ମ୍ୟାଚ୍ ଖେଳିବ। ସେହିପରି ଥିରୁଭାନନ୍ତପୁରମରେ ଦଳ ଅକ୍ଟୋବର ୩ ତାରିଖରେ ନେଦରଲାଣ୍ଡ୍ସ ବିପକ୍ଷରେ ଖେଳିବ। ସମସ୍ତ ଅଭ୍ୟାସ ମ୍ୟାଚ୍ ଅପରାହ୍ନ ୨.୦୦ ମଧ୍ୟରେ ଶେଷ ହେବ। ପ୍ରତ୍ୟେକ ଦଳ ୧୫ ଜଣ ଖେଳାଳିଙ୍କୁ ସାମିଲ କରି ପାରିବେ।

## ବିଶ୍ୱକପ୍ ୱାର୍ମ ଅପ୍

### କାର୍ଯ୍ୟସୂଚୀ

**ସେପ୍ଟେମ୍ବର ୨୯:** ବାଂଲାଦେଶ ବନାମ ଶ୍ରୀଲଙ୍କା (ଗୁଆହାଟୀ), ଦକ୍ଷିଣ ଆଫ୍ରିକା ବନମା ଆଫଗାନିସ୍ତାନ (ଥିରୁଭାନନ୍ତପୁରମ), ନ୍ୟୁଜିଲାଣ୍ଡ ବନାମ ପାକିସ୍ତାନ (ହାଇଦ୍ରାବାଦ)।

**ସେପ୍ଟେମ୍ବର ୩୦:** ଭାରତ ବନାମ ଇଂଲଣ୍ଡ (ଗୁଆହାଟୀ), ଅଷ୍ଟ୍ରେଲିଆ ବନାମ ନେଦରଲାଣ୍ଡ୍ସ (ଥିରୁଭାନନ୍ତପୁରମ)।

**ଅକ୍ଟୋବର ୨:** ଇଂଲଣ୍ଡ ବନାମ ବାଂଲାଦେଶ (ଗୁଆହାଟୀ), ନ୍ୟୁଜିଲାଣ୍ଡ ବନାମ ଦକ୍ଷିଣ ଆଫ୍ରିକା (ଥିରୁଭାନନ୍ତପୁରମ)।

**ଅକ୍ଟୋବର ୩:** ଭାରତ ବନାମ ନେଦରଲାଣ୍ଡ୍ସ (ଥିରୁଭାନନ୍ତପୁରମ), ଆଫଗାନିସ୍ତାନ ବନାମ ଶ୍ରୀଲଙ୍କା (ଗୁଆହାଟୀ), ପାକିସ୍ତାନ ବନାମ ଅଷ୍ଟ୍ରେଲିଆ (ହାଇଦ୍ରାବାଦ)।

# ଇଣ୍ଡିପେଣ୍ଡେଣ୍ଟ କ୍ଲବ ଚାମ୍ପିୟନ



ଫାଓ ଲିଗ୍ ସିଲଭର ଗ୍ରୁପ୍ ଚାମ୍ପିୟନ ହୋଇଥିବା ଇଣ୍ଡିପେଣ୍ଡେଣ୍ଟ କ୍ଲବ ଦଳ।

## ଫାଓ ଲିଗ୍ ସିଲ୍‌ଭର ଗ୍ରୁପ୍ ଫାଇନାଲ

ଭୁବନେଶ୍ୱର, ୨୩।୮ (ତପନ ସ୍ୱାଇଁ)

କଟକର ବାରବାଟୀ ଷ୍ଟାଡିୟମରେ ଫାଓ ଲିଗ୍ ସିଲଭର ଗ୍ରୁପ୍‌ର ଫାଇନାଲ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇଣ୍ଡିପେଣ୍ଡେଣ୍ଟ କ୍ଲବ ୪-୦ ଗୋଲରେ ସନ୍‌ସାଇନ୍ କ୍ଲବକୁ ହରାଇ ଚାମ୍ପିୟନ ହୋଇଛି। ବିଜୟୀ ଦଳ ପକ୍ଷରୁ ପ୍ରକାଶ ନାଏକ ୫ ଓ ୩୦ ଏବଂ ଚନ୍ଦନ ନାୟକ ୬୪ ଓ ୭୪ତମ ମିନିଟରେ ୨ଟି ଲେଖାଏ ଗୋଲ ଦେଇଥିଲେ। ଚାମ୍ପିୟନ ହେବାଦ୍ୱାରା ଇଣ୍ଡିପେଣ୍ଡେଣ୍ଟ କ୍ଲବ ଫାଓ ସୁପର କପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ସୁପର କପ୍ ଗୁରୁବାର ବାରବାଟୀ ଷ୍ଟାଡିୟମରେ ଆରମ୍ଭ ହେବ। ପ୍ରଥମ ଦିବସରେ ୨ଟି ମ୍ୟାଚ ଅନୁଷ୍ଠିତ ହେବ। ଗୋଟିଏ ମ୍ୟାଚରେ ରାଧା ରମଣ କ୍ଲବ ଓ କିଶୋର କ୍ଲବ ଏବଂ ଅନ୍ୟଟିରେ ସ୍ପୋର୍ଟ୍ସ ଓଡ଼ିଶା ଓ ଜୟ ଦୁର୍ଗା କ୍ଲବ ପରସ୍ପରକୁ ଭେଟିବେ।

# ମୁଖ୍ୟ କୋଚ୍‌ଙ୍କ ଭିଡିଓ ଭାଇରାଲ

## ସ୍ପେନ୍ ଫୁଟ୍‌ବଲରେ ବିବାଦ



ଜର୍ଜ ଭିଲ୍ଡା

ମାଡ୍ରିଡ୍, ୨୩।୮ (ପି.ଟି.)

ଫିଫା ମହିଳା ବିଶ୍ୱକପ୍‌ରେ ପ୍ରଥମ ଥର ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିବା ସ୍ପେନ୍ ଫୁଟବଲ ଦଳର ପିଛା ଛାଡୁନି ବିବାଦ। ଷ୍ଟ୍ରାଇକର ଜେନି ହର୍ମୋସୋ ଓ ଫୁଟବଲ ମହାସଂଘ ସଭାପତି ଲୁଇସ୍ ରୁବେଲଙ୍କ ଚୁମ୍ବନକୁ ନେଇ ବିବାଦ ଥମି ନ ଥିବା ବେଳେ ମୁଖ୍ୟ କୋଚ୍‌ଙ୍କ ଏକ ଭିଡିଓ ବୁଧବାର ଭାଇରାଲ ହୋଇଛି। ଭାଇରାଲ ହୋଇଥିବା ଏହି ଭିଡିଓରେ ସ୍ପେନ୍ ଫୁଟବଲ ଦଳର ମୁଖ୍ୟ କୋଚ୍ ଜର୍ଜ ଭିଲ୍ଡା ଜଣେ ମହିଳା ସହକାରୀ କୋଚ୍‌ଙ୍କ ଛାତିରେ ହାତ ମାରୁଥିବା ଦେଖିବାକୁ ମିଳିଛି। ଫାଇନାଲ ମ୍ୟାଚ୍‌ରେ ସ୍କୋର ହୋଇଥିବା ଏକମାତ୍ର ଗୋଲ ପରେ ଏହି ଘଟଣା ଦେଖିବାକୁ ମିଳିଥିଲା। ଭିଲ୍ଡାଙ୍କ ୩ ସହଯୋଗୀଙ୍କ ମଧ୍ୟରୁ ଜଣେ ପୁରୁଷ ଓ ଦୁଇ ଜଣ ମହିଳା। ୩ ଜଣଙ୍କୁ ସେ ଆଲିଙ୍ଗନ କରୁଥିବା ବେଳେ ମହିଳାଙ୍କ ଛାତିକୁ ଛୁଇଁଥିବାର ଭିଡିଓଟି ଭାଇରାଲ ହେବାରେ ଲାଗିଛି। ଏହି ଘଟଣାକୁ ନେଇ ସ୍ପାନିଶ ଫୁଟବଲ ଫେଡେରେଶନ ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ। ତେବେ ଜେନି ହର୍ମୋସୋ ମାମଲାରେ ସଭାପତି ଲୁଇସ୍ ରୁବେଲଙ୍କ ଇସ୍ତଫା ଦାବି କରିଛନ୍ତି କାର୍ଯ୍ୟକାରୀ ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜ୍।

---

## COLLECTORATE, KORAPUT
### (Sports Section)
### Advertised Tender Call Notice
### No.422 DSO. KPT/Date:21.08.2023

**No.F-112:** Sealed quotations are hereby invited for supply of Sports Materials i.e. 1. Suplimation Jersy Set, 2. Volleyball Net, 3. Football Net, 4. Volleyball, 5. Football. The intending suppliers are requested to submit their sealed quotation on or before 05/09/2023 by 5:30 P:M in the Office of District Sports Officer, Koraput. The sealed quotation will opened on 07/09/2023 at 3:30 P:M in presence of participants or his authorized representative in the office of Addl. Dist. Magistrate, Koraput. The details terms & Conditions of the tender will be available either in the office of District Sports Officer , Koraput during office hours on all working days w.e.f. the date of publication of this advertisement OR in the website of Koraput District Portal (http://www.koraput.nic.in).

**Sd./- District Sports Officer, Koraput**

OIPR-29010/11/0001/2324

## CUTTACK MUNICIPAL CORPORATION
### "e" PROCUREMENT NOTICE

No. C-1178 **Tender ID: 2023_ORULB_92886**

**Bid Reference No. MC(CMC)CTC_Div.-I_No. 13/2023-24**

**Tender Call Notice No. 5191 (PW) Date: 22.08.2023**

| | | |
|---|---|---|
| Name of Work | : | Civil Works |
| No. of Works | : | 12 Nos. |
| Bid Value | : | Rs.3.85 Lakh to Rs.48.43 lakh |
| Period of Completion | : | One Calendar Month to Two Calendar Months |

Date and Time Schedule :

| Start | End | Opening |
|---|---|---|
| 3.00 P.M. on Dt.25.08.2023 | 5.00 P.M. on Dt.05.09.2023 | 11.00 A.M. on Dt.11.09.2023 |

Tender details can be seen from the procurement portal: **www.tendersorissa.gov.in**.

**Executive Engineer, City Div.-I**

OIPR-13031/11/0055/2324

## ODISHA HYDRO POWER CORPORATION LTD.
(A Government of Odisha Undertaking)
Regd. Office: ODISHA STATE POLICE HOUSING & WELFARE CORPORATION BUILDING
VANIVIHAR CHOUK, JANPATH, BHOINAGAR, BHUBANESWAR-751022
Tel:91-0674-2542983, 2542802, 2545526, Fax:2542102, e-mail:ohpc.co@gmail.com
CIN: U40101OR1995SGC003963

No.OHPC:OHPC: TECH:C&P:01/2023-24/ 8188 Dated 22.08.2023

### NOTICE INVITING TENDER No.11/2023-24

**No.CAD-1805:** Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Registered Manufacturers only having valid GST Registration Certificate & IT PAN for supply of the following:

| Description of Services | Cost of Tender Paper (Non-refundable) in Rs. | EMD (Refundable) in Rs. |
|---|---|---|
| For Design, Manufacturing, Supply including Supervision of Installation, Testing & Commissioning of 01 No. of 11/230 KV,102 MVA Generator, Transformer for Upper Kolab Hydro Electric Project, Bariniput | 11,800/- (10,000+ GST @ 18%) | 8,30,000/- |

For details of the tender documents, terms and conditions please visit/refer our website **www.ohpcltd.com from dated 28.08.2023**

**C & P Head**

OIPR-04012/11/0009/2324

## OFFICE OF THE MUNICIPAL COUNCIL, JATNI
### SHORT QUOTATION CALL NOTICE
**No.3907, Dt.22.08.2023**

**No.C-1175:** The Executive Officer, Jatni Municipality, on behalf of Municipal Council invites quotations in prescribed format are invited from the intending Suppliers/ Manufacturers/ Authorized Company Dealer/Dealers for supply of office furniture's to Jatni Municipality.

The last date of receipt of the quotation is Dt.02.09.2023 up to 11.30 AM and will be opened on Dt.02.09.2023 at 12.30 PM

The detailed documents can also be downloaded from the official website of Khorda District (www.Khordha.nic.in) up to 5.00 PM of 01.09.2023.

**Sd./- Executive Officer**
**Jatni Municipality**

OIPR-13041/11/0023/2324

## GOVERNMENT OF ODISHA
No. B-747
## OFFICE OF THE SUPERINTENDING ENGINEER, KALAHANDI (R&B) DIVISION, BHAWANIPATNA
E-mail: eekalahandi@gmail.com, Fax No.: 06670-230512
### E-Procurement Notice
**Bid Identification No. BC KLD-15/2023-24**

No. Dated:

| | | | |
|---|---|---|---|
| 1. | No. of the Work | : | 08 (Eight) number Civil Works and 03 (Three) number Electrical Works |
| 2. | Estimated Cost | : | Rs.9.00 to 99.92 Lakhs |
| 3. | Period of Completion | : | 01 (One) and 04 (Four) Calendar Months |
| 4. | Date and time of availability of bid document in the portal | : | 11.00 hours of 04.09.2023 to 17.00 hours of 15.09.2023 |
| 5. | Last date/time for receipt of bid in the portal | : | 17.00 hours of 15.09.2023 |
| 6. | Name and address of the Officer Inviting Bid | : | Superintending Engineer, Kalahandi (R&B) Division, Bhawanipatna |
| 7. | Date & Venue of Opening of the Single Cover Bid and Technical Bid (Cover 1) of Double Cover Bid | : | On 16.09.2023 at 11.00 A.M. in the Office of the Superintending Engineer, Kalahandi (R&B) Division, Bhawanipatna |

Further details can be seen from the e-procurement portal **https://tendersodisha.gov.in**.

**Sd./- (Er. P.K. Behera)**
**Superintending Engineer**
**Kalahandi (R&B) Division**

OIPR-34017/11/0011/2324

## OFFICE OF THE SUPERINTENDING ENGINEER BALASORE (ROADS & BUILDINGS) DIVISION-I
### AT/PO-PADHUANPADA, BALASORE
Contact No.:06782262045, E-mail ID: ee_blsrb@yahoo.co.in
BID INVITATION NO. SE (R and B) BLS-Divn-I-39/2023-24

No.B-746: Letter No.7813, Date:17.08.2023

| | | | |
|---|---|---|---|
| 1 | The Superintending Engineer, Balasore (R&B) Division-I, Balasore on behalf of the Governor of Odisha invites Percentage rate bids to be received in ON-LINE MODE only for Road and Building works. | | |
| 2 | No. of Work | : | 1 No. |
| 3 | Nature of Work | : | Building work of Balasore (R&B) Division-I |
| 4 | Class of Contractor | : | "B" Class Contractor |
| 5 | Approx. value of Work | : | Rs.97.71 Lakh |
| 6 | Tender Cost | : | Rs.10,000/- |
| 7 | Availability of Bid documents in the Website | : | From 10.00 hours of dt.24.08.2023 to 16.00 hours of dt.02.09.2023 |
| 8 | Date of Opening of Bid | : | Dt.04.09.2023 at 11.00 Hours |
| 9 | Other details can be seen in the bidding documents from the website: https://tendersorissa.gov.in. | | |

**Sd./- Superintending Engineer**
**Balasore (R&B) Division-I**

OIPR-34157/11/0008/2324

## OFFICE OF THE MUNICIPAL COUNCIL, BELPAHAR
Ph:06645-356292,Fax:06645-250236
Email:municipalitybelpahar@gmail.com

No.C-1170: **"e" PROCUREMENT NOTICE**
**BID REFERENCE NO. EO/BPHM/03/23-24**
**BID IDENTIFICATION NO.2023_ORULB_92931**
**TENDER CALL NOTICE NO.1985, DT.22.08.2023**

| | |
|---|---|
| Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. www.tendersorissa.gov.in. | |
| Name of the Work | Individual Civil Construction Works |
| No. of Works | 12 Nos. |
| Bid Value | As per DTCN |
| Period of Completion | As per DTCN |
| Date & Time of availability of the bid documents in the portal | From dt.23.08.2023 at 10.00 A.M. to dt.01.09.2023 upto 5.00 P.M. |
| Submission of original Financial documents (Bid cost & EMD) by Regd. Post/ Speed Post | dt.02.09.2023 to dt.06.09.2023 during office hours on working days. |
| Bids received online shall be opened on | 11.00 AM on dt.07.09.2023 |
| Name & Address of the Officer Inviting Bid | Executive Officer, Belpahar Municipality |
| Further the details can be seen from the procurement portal: www.tendersorissa.gov.in. If any addendum/ corrigendum/ cancellation of tender shall be publish in the above website only. | |

**Sd./- Executive Officer**
**Belpahar Municipality**

OIPR-13024/11/0005/2324

## ODISHA PUBLIC SERVICE COMMISSION CUTTACK
### NOTICE
No.6616/P.S.C., Dt.23.8.23
(1E-10-2023/24) (DR-II)
Website:http://www.opsc.gov.in

**No.D-114:** It is for information of all concerned that the Written Examination for recruitment to the Post of Dental Surgeons (Junior Branch) in Group-A, pursuant to Advertisement No. 02 of 2023-24 will be held on 24.09.2023 (Sunday) from 10.00 AM to 1.00 PM (10.00 A.M. to 2.00 PM for PWD candidates). The detailed programme alongwith venue shall be notified later.

The concerned candidates are advised to visit the website of OPSC (www.opsc.gov.in) regularly for further updates.

**Sd./- Secretary**

OIPR-12002/11/0084/2324

## Department of Agriculture & Farmers' Empowerment,
### Government of Odisha
### Directorate of Soil Conservation and Watershed Development Odisha, Krushi Bhawan, Bhubaneswar-751001

**No.L-77:** Request for Proposal is invited for engagement of Internal Audit of Rejuvenating Watersheds for Agricultural Resilience through innovative Development (REWARD) programme, Govt. of Odisha.

The bidder can access and download the complete RFP and TOR documents with other details from web site - https://www.soilodisha.nic.in and e-procurement site of Govt. of Odisha "tendersodisha.gov.in". The date and time for submission of proposal through e - procurement portal is from 23.08.2023 to 14.09.2023 (5.30PM). The hard copy of RFP complete in all respects must reach the undersigned by Registered post/ speed post /courier only latest by 22.09.2023 (5.30 PM) within office hour in a sealed envelope clearly mentioning on the top of it "Request For Proposal (RFP) for engagement of Internal Audit for Rejuvenating Watersheds for Agricultural Resilience through innovative Development programme (REWARD) programme, Govt. of Odisha". The hard copy should address to the Director, Directorate of Soil Conservation and Watershed Development Odisha, Bhubaneswar (DSC&WD) .Department of Agriculture & Farmers' Empowerment Government of Odisha, Krushi Bhawan, Keshari Nagar( Near State Guest House),Pin-751001.

The proposal received beyond the last date & time will be rejected. The authority reserves the right to reject any/all proposals without assigning any reason thereof.

**Director, SC&WD**

OIPR-01470/11/0004/2324

## "e" PROCUREMENT NOTICE
### Reference No. E.E. (A), Mayurbhanj Division, Baripada - 02/2023-24

**No. 1388** **Date: 22.08.2023**

No. L-74: Bid documents consisting of work, estimate cost, cost of tender papers, EMD/BID Security Declaration, Time of Completion, Class of Contractors and the set of term and conditions of contract and other necessary documents can be seen/downloaded from Govt. website i.e. **https://tenderodisha.gov.in**.

| | | | |
|---|---|---|---|
| 1. | No. of Work | : | 27 |
| 2. | Estimate Cost | : | Rs.252439.00 to Rs.843305.00 |
| 3. | Period of Completion | : | 2 Calendar to 3 Calendars |
| 4. | Date & time of availability of the bid Documents | : | Dt.25.08.2023 at 3.00 P.M. to Dt.14.09.2023 at 5.30 P.M. |
| 5. | Date of original bid document submission | : | Dt.28.08.2023 at 11.00 A.M. to Dt.15.09.2023 at 5.30 P.M. |
| 6. | Bids shall be opened on | : | Dt.16.09.2023 at 12.00 P.M. |
| 7. | Name and address of the Officer Inviting Bids | : | Executive Engineer (Agril.) Mayurbhanj Division, Baripada |

Further details can be seen/downloaded from the procurement portal i.e. **https://tenderodisha.gov.in**.

**Sd./- Executive Engineer (Agril.)**
**Mayurbhanj Division, Baripada**

OIPR-01474/11/0002/2324

No.C-1161:

## WATCO
### OFFICE OF THE GENERAL MANAGER WATCO DIVISION-I, BHUBANESWAR
Vanivihar Square, Bhubaneswar-751022, Odisha, India
Telefax:-+91-674-2542821, Email:gmdivonewatco@gmail.com

### NATIONAL COMPETITIVE BIDDING THROUGH e-PROCUREMENT
### Invitation For Bids (IFB)
**GMWATCO-I/42/2023-24, Dt.19.08.2023**

| | | |
|---|---|---|
| 01. Name of the Work | : | 03 Nos. (Three Nos. Works) |
| 02. Estimate Cost | : | Rs.13.63 Lakhs to 26.65 Lakhs |
| 03. Period of Completion | : | 12 (Twelve Months) |
| 04. Class of Contractor | : | D, C, B Class |
| 05. Date & Time of availability of bid document in the Portal | : | From 11.00 AM of Dt.24.08.23 to 5.00 PM of 01.09.2023. |
| 06. Last date/ time of receipt of bids in the Portal | : | 5.00 PM of 01.09.2023 |
| 07. Date & Time of Opening of Bids | : | At 12.30 PM of 02.09.2023 |
| 08. Name and Address of the Officer Inviting Bid | : | General Manager WATCO Division-I, BBSR |

Further details can be seen from the e-Procurement portal "https://www.tendersorissa.gov.in".

**Sd./- General Manager**
**WATCO DIVISION-I, BHUBANESWAR**

OIPR-13194/11/0041/2324

## WATCO
### OFFICE OF THE GENERAL MANAGER WATCO DIVISION-II; BHUBANESWAR
Near Rajiv Bhawan, Unit-V, Bhubaneswar-751001,Odisha, India
Telefax: - +91-674-2390322, E-mail - gmdivtwowatco@gmail.com

### NATIONAL COMPETITIVE BIDDING THROUGH e-PROCUREMENT
### Invitation For Bids (IFB)
**Dtd.22.08.2023**

**No.C-1162:** 01.Name of the work : Supply, Installation, Testing Wiring & Commissioning of salient type stand alone DG set of 100 KVA, 125 KVA & 200 KVA capacity for implementation of Drink from Tap with 24x7 water supply to Unit-IX flat, Pallaspalli, Bhimatangi, Haladipadia & Satabdinagar area at Bhubaneswar.

| | | |
|---|---|---|
| 02. Estimate cost | : | Rs.52.59 Lakhs |
| 03. Period of completion | : | 1 (One Months) |
| 04. Class of contractor | : | Manufacturers / Authorized Dealer / Distributor joint venture with Electrical license holder |
| 05. Date & Time of availability of bid document in the portal | : | From 11.00 AM of Dt.25.08.23 to 5.00 PM of 04.09.2023 |
| 06. Last date / time of receipt of bids in the portal | : | 5.00 PM of 04.09.2023 |
| 07. Last date & time of seeking clarification | : | 5.00 PM of 31.08.2023 |
| 08. Date & Time of opening of bids | : | At 12.30 PM of 05.09.2023 |
| 09. Name and Address of the Officer Inviting Bid | : | General Manager WATCO Division-II, BBSR |

Further details can be seen from the e-Procurement portal "https://www.tendersorissa.gov.in."

**Sd./- General Manager**
**WATCO DIVISION-II, BHUBANESWAR**

OIPR-13089/11/0014/2324

# ୫୨୧ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ କ୍ରୟ ଲକ୍ଷ୍ୟ

## ଓଡ଼ିଶାରୁ ୪୪.୨୮ ଲକ୍ଷ ମେଟ୍ରିକ ଟନ୍



ନୂଆଦିଲ୍ଲୀ,୨୩।୮

ଚଳିତ ଆର୍ଥିକ ବର୍ଷର ଖରିଫ ବିପଣନ ଋତୁ ( କେଏମ୍‌ଏସ୍) ମଧ୍ୟରେ ଆବଶ୍ୟକ ପରିମାଣର ଚାଉଳ କ୍ରୟ ସହ ଅନ୍ୟାନ୍ୟ ଦିଗ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗ (ଡିଏଫ୍‌ପିଡି) ସଚିବଙ୍କ ସମେତ ଆନ୍ଧ୍ରପ୍ରଦେଶ, ଆସାମ, ବିହାର, ଛତିଶଗଡ଼,ଗୁଜରାଟ,ହରିୟାଣା, ହିମାଚଳ ପ୍ରଦେଶ, ଜମ୍ମୁ ଓ କଶ୍ମୀର, ଝାଡ଼ଖଣ୍ଡ, କର୍ଣ୍ଣାଟକ, ରାଜସ୍ଥାନ, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଓଡ଼ିଶା, ପଞ୍ଜାବ, ତାମିଲନାଡୁ, ତେଲଙ୍ଗାନା, ତ୍ରିପୁରା, ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ ଓ ପଶ୍ଚିମବଙ୍ଗର ମୁଖ୍ୟ ସଚିବ, ଖାଦ୍ୟ ସଚିବ ଏବଂ ଅନ୍ୟ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଗତ କିଛି ବର୍ଷ ହେବ ଆକଳନଠାରୁ କମ୍ ଚାଉଳ କ୍ରୟ ଏବଂ ଦରବୃଦ୍ଧି ଉଭୟ ଖାଉଟି ଏବଂ ଖାଉଟି କଲ୍ୟାଣ ମନ୍ତ୍ରଣାଳୟ ପାଇଁ ଚିନ୍ତାର କାରଣ ପାଲିଟିଛି। ସେହିଭଳି ଆଗାମୀ କେଏମଏସ୍‌ରେ ଖରିଫ ଫସଲର କ୍ରୟ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ୨୦୨୩-୨୪ ଆର୍ଥିକ ବର୍ଷର କେଏମ୍‌ଏସ୍ ମଧ୍ୟରେ ମୋଟ ୫୨୧.୨୭ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ କ୍ରୟର ଲକ୍ଷ୍ୟ ରଖାଯାଇଛି। ଗତ ଆର୍ଥିକ ବର୍ଷର ଅନୁମାନ ପ୍ରାୟ ୫୧୮ ଲକ୍ଷ ମେଟ୍ରିକ ଟନ୍ ଥିଲାବେଳେ ଗତ ଖରିଫ୍ ବିପଣନ ଋତୁରେ ମୋଟ ୪୯୬ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ କ୍ରୟ କରାଯାଇଥିଲା। ଚଳିତ ଖରିଫ ବିପଣନ ଋତୁରେ ଚାଉଳର ଆନୁମାନିକ କ୍ରୟ ମଧ୍ୟ ବିଭିନ୍ନ ରାଜ୍ୟ ଅନୁଯାୟୀ ସ୍ଥିର କରାଯାଇଛି। ଏ କ୍ଷେତ୍ରରେ ଅଗ୍ରଣୀ ରାଜ୍ୟ ସୂଚୀ ଅନୁଯାୟୀ ପଞ୍ଜାବ-୧୨୨ଏଲ୍‌ଏମ୍‌ଟି, ଛତିଶଗଡ଼ ୬୧ଏଲ୍‌ଏମ୍‌ଟି, ତେଲଙ୍ଗାନା ୫୦ଏଲ୍‌ଏମ୍‌ଟି, ଓଡ଼ିଶା ୪୪.୨୮ଏଲ୍‌ଏମ୍‌ଟି, ଉତ୍ତର ପ୍ରଦେଶ ୪୪ ଏଲ୍‌ଏମ୍‌ଟି, ହରିୟାଣା ୪୦ ଏଲ୍‌ଏମ୍‌ଟି, ମଧ୍ୟପ୍ରଦେଶ ୩୪ ଏଲ୍‌ଏମ୍‌ଟି, ବିହାର ୩୦ ଏଲ୍‌ଏମ୍‌ଟି, ଆନ୍ଧ୍ର ପ୍ରଦେଶ ୨୫ ଏଲ୍‌ଏମ୍‌ଟି, ପଶ୍ଚିମବଙ୍ଗ ୨୪ ଏଲ୍‌ଏମ୍‌ଟି, ଓ ତାମିଲନାଡୁ ୧୫ ଏଲ୍‌ଏମ୍‌ଟିରେ କ୍ରୟ ପରିମାଣ ରହିଛି। ସେହିପରି ଚଳିତ ଖରିଫ୍ ବିପଣନ ଋତୁରେ ୩୩.୦୯ ଲକ୍ଷ ମେଟ୍ରିକ୍ ଟନ୍ ଶ୍ରୀଅନ୍ନ-ବାଜରା (ଶ୍ରୀ ଅନ୍ନ)ର କ୍ରୟ ଅନୁମାନ କରାଯାଇଥିଲାବେଳେ ଗତ ଖରିଫ ବିପଣନ ଋତୁ (ଖରିଫ୍ ଓ ରବି)ରେ ମୋଟ ୭.୩୭ ଲକ୍ଷ ମେଟ୍ରିକ୍ ଟନର ବାସ୍ତବିକ କ୍ରୟ କରାଯାଇଛି। ଚଳିତ ଖରିଫ ବିପଣନ ଋତୁରୁ ଆରମ୍ଭ କରି ଆଗାମୀ ୩ବର୍ଷ ପର୍ଯ୍ୟନ୍ତ ରାଗିର ସର୍ବନିମ୍ନ ସମର୍ଥନ ମୂଲ୍ୟରେ ମଧ ପରିବର୍ତ୍ତନ କରାଯାଇଛି। ଉକ୍ତ ବୈଠକରେ ଏଫ୍‌ସିଆଇର ଅଧ୍ୟକ୍ଷଙ୍କ ସମେତ ପ୍ରବନ୍ଧ ନିର୍ଦ୍ଦେଶକ, ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗ, ଭାରତୀୟ ଜଳବାୟୁ ବିଜ୍ଞାନ ବିଭାଗ ଏବଂ କୃଷି ଏବଂ କୃଷକ କଲ୍ୟାଣ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଶେୟାର ବଜାର କାରବାରରେ ଉତ୍ସାହ

ଭୁବନେଶ୍ୱର,୨୩।୮

କ୍ରମାଗତ ୩ୟ ଦିନ ଲାଗି ଭାରତୀୟ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟ ଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ଫଳରେ ଶେୟାର ବଜାର ନିବେଶକଙ୍କ ମନରେ ଉତ୍ସାହ ପରିଲକ୍ଷିତ ହୋଇଛି। ବୁଧବାର ଷ୍ଟକ୍ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୨୧୩ (୨୧୩.୨୭) ପଏଣ୍ଟ ବଢ଼ି ୬୫,୪୩୩ (୬୫,୪୩୩.୩୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ ୪୮(୪୭.୫୫) ପଏଣ୍ଟ ବୃଦ୍ଧି ଘଟି ୧୯,୪୪୪(୧୯,୪୪୪.୦୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଗତ କିଛିଦିନ ହେଲା କ୍ରମାଗତ ଭାବେ ଭାରତୀୟ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି।

## 'ଗୁଣବତ୍ତା ସୁଧାର' ପାଇଁ ଏମ୍‌ସିଏଲ୍‌କୁ ପ୍ରଥମ ପୁରସ୍କାର



ଜେନେରାଲ ମ୍ୟାନେଜର (ଗୁଣବତ୍ତା ନିୟନ୍ତ୍ରଣ) ପୁରସ୍କାର ଗ୍ରହଣ କରୁଛନ୍ତି।

ତାଳଚେର,୨୩।୮ (ମନୋଜ ନନ୍ଦ)

ଗ୍ରୀନଟେକ ଫାଉଣ୍ଡେଶନ ପକ୍ଷରୁ 'ଗୁଣବତ୍ତା ସୁଧାର' ନିମନ୍ତେ ମହାନଦୀ କୋଲଫିଲ୍ଡସ ଲିମିଟେଡ (ଏମ୍‌ସିଏଲ୍)କୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି। ନୂଆଦିଲ୍ଲୀ ଠାରେ ଆୟୋଜିତ ଏହି ପୁରସ୍କାର ବିତରଣ ଉତ୍ସବରେ ଜେନେରାଲ ମ୍ୟାନେଜର (ଗୁଣବତ୍ତା ନିୟନ୍ତ୍ରଣ) ରବିକେଶ କୁମାର ରାଜୁ ଯୋଗଦେଇ ଏମ୍‌ସିଏଲ୍ ତରଫରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। କୋଇଲା ଗୁଣବତ୍ତା ସୁନିଶ୍ଚିତ କରିବା ପାଇଁ ନିରନ୍ତର ଉଦ୍ୟମ କରିଥିବାରୁ ଟିମ୍ ଏମ୍‌ସିଏଲ୍‌କୁ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଓ.ପି. ସିଂହ ଅଭିନନ୍ଦନ ଜଣାଇଛନ୍ତି। ଗ୍ରାହକଙ୍କ ସନ୍ତୁଷ୍ଟି ନିମନ୍ତେ ସର୍ବୋଚ୍ଚ ଗୁଣର ମାନ ବଜାୟ ରଖିବା ପାଇଁ ପ୍ରୟାସ ଜାରି ରଖିବା ଉଚିତ ବୋଲି ଏମ୍‌ସିଏଲ୍ ଅଧ୍ୟକ୍ଷ କହିଛନ୍ତି। ସୂଚନାଯୋଗ୍ୟ, ଏହା ପୂର୍ବରୁ କମ୍ପାନୀ ୨୦୨୨-୨୩ ମସିହାରେ ଗୁଣବତ୍ତା ଆଶ୍ୱାସନା ପାଇଁ କୋଇଲା ମନ୍ତ୍ରୀ ପୁରସ୍କାର ପାଇଥିଲା।

## ସୋଆରୁ ଜିଓର ଟ୍ରୁ-୫ଜି କ୍ୟାମ୍ପସ୍ ଅଭିଯାନ

ଭୁବନେଶ୍ୱର, ୨୩।୮

ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓ ଟ୍ରୁ-୫ଜି କ୍ୟାମ୍ପସ ଅଭିଯାନର ସର୍ବଭାରତୀୟ ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଓଡ଼ିଶା କ୍ଷେତ୍ର ପକ୍ଷରୁ ବୁଧବାର ଭୁବନେଶ୍ୱରର ସୋଆ ବିଶ୍ୱବିଦ୍ୟାଳୟ ପରିସରରୁ ଉକ୍ତ ଅଭିଯାନର ଆନୁଷ୍ଠାନିକ ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ସୋଆ ବିଶ୍ୱବିଦ୍ୟାଳୟର କୃଷି ବିଜ୍ଞାନ ପ୍ରତିଷ୍ଠାନ ଅଡିଟୋରିୟମଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ୫ଜି ସେବା ସମ୍ପର୍କିତ ବିଭିନ୍ନ ସୂଚନା ଓ ବ୍ୟବହାରିକ ପ୍ରୟୋଗ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ରିଲାଏନ୍ସ ଜିଓର ଓଡ଼ିଶା ମୁଖ୍ୟ ପ୍ରଦୀପ ରାଉତ, ସୋଆ ଫାକଲ୍ଟି ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ, ଉପଦେଷ୍ଟା ପ୍ରଫେସର ବିଜୟ କୁମାର ସାହୁ, ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତିରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ରିଲାଏନ୍ସ ଜିଓ ପକ୍ଷରୁ ରାଜ୍ୟର ପ୍ରମୁଖ ଶିକ୍ଷାନୁଷ୍ଠାନଗୁଡ଼ିକରେ ଏକାଧିକ ୫ଜି ନେଟ୍‌ୱର୍କ ସାଇଟ୍ ସ୍ଥାପନ କରାଯାଇଛି। ଅପରପକ୍ଷରେ ଜିଓ ଟ୍ରୁ-୫ଜିର ଶୁଭାରମ୍ଭ ଦ୍ରୁତଗତିରେ ଆଗେଇ ଚାଲିଥିବା ବେଳେ ଶିକ୍ଷା କ୍ଷେତ୍ରରେ ଟ୍ରୁ-୫ଜିର ବ୍ୟାପକ ସମ୍ଭାବନାକୁ ଦୃଷ୍ଟିରେ ରଖି ରିଲାଏନ୍ସ ଜିଓ ପକ୍ଷରୁ ରାଜ୍ୟର ପ୍ରମୁଖ ଶିକ୍ଷାନୁଷ୍ଠାନ ପରିସରଗୁଡ଼ିକରେ ଜିଓ ଟ୍ରୁ-୫ଜିର ରୂପାନ୍ତରଣ ଯାତ୍ରାର ଶୁଭାରମ୍ଭ କରାଯାଇଛି।

## ଟିବିଡବ୍ଲ୍ୟୁଇଏସ୍‌କୁ ପ୍ଲେଟ୍ ଯୋଗାଇବ ଜେଏସ୍‌ଏଲ୍

ଭୁବନେଶ୍ୱର,୨୩।୮ (ଅଭୟ ଦାଶ)



ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍)ର ଗୁଣାତ୍ମକ ଷ୍ଟେନ୍‌ଲେସ୍ ଷ୍ଟିଲ୍ ପ୍ଲେଟ୍‌ର ଚାହିଦା ଉଭୟ ଘରୋଇ ଓ ଅନ୍ତଃରାଷ୍ଟ୍ରୀୟ ବଜାରରେ ରହିଛି। ଏପରିକି ଅଗ୍ରଣୀ ବଏଲର ଉତ୍ପାଦକ ଥର୍ମାକ୍ସ ବାବ୍‌କକ ଆଣ୍ଡ ୱିଲକକ୍ସ ଏନର୍ଜି ସଲ୍ୟୁସନ୍ (ଟିବିଡବ୍ଲ୍ୟୁଇଏସ୍) ଲିମିଟେଡ୍‌କୁ ଜେଏସ୍‌ଏଲ୍ ଆବଶ୍ୟକ ପରିମାଣର ଷ୍ଟେନ୍‌ଲେସ୍ ଷ୍ଟିଲ୍ ପ୍ଲେଟ୍ ଯୋଗାଇବ ବୋଲି ଉଭୟ କମ୍ପାନୀ ମଧ୍ୟରେ ଚୁକ୍ତି ହୋଇଛି। ବିଶେଷକରି ଜେଏସ୍‌ଏଲ୍ ପକ୍ଷରୁ ଯୋଗାଇ ଦିଆଯାଉଥିବା ପ୍ଲେଟ୍‌ଗୁଡ଼ିକ ୟୁରୋପର ଏକ ପ୍ରତିଷ୍ଠିତ ପ୍ରକଳ୍ପ କାର୍ଯ୍ୟରେ ବ୍ୟବହାର କରାଯାଇଥିଲା। ଏପରିକି ଥର୍ମାକ୍ସ ଲିମିଟେଡ୍‌ର ସମ୍ପୂର୍ଣ୍ଣ ମାଲିକାନା ଥିବା ଟିବିଡବ୍ଲ୍ୟୁଇଏସ୍ ଜିନ୍ଦଲ ଷ୍ଟେନ୍‌ଲେସ୍ ପାଇଁ ଦେଇଥିବା ପ୍ରଶଂସାପତ୍ର ଅନୁଯାୟୀ ୟୁରୋପର ଏକ ପ୍ରତିଷ୍ଠିତ ପ୍ରକଳ୍ପ ପାଇଁ ଉକ୍ତ ପ୍ଲେଟ୍‌ଗୁଡ଼ିକ ବ୍ୟବହାର କରାଯାଇଥିଲା। ଏ ସମ୍ପର୍କରେ ଟିବିଡବ୍ଲ୍ୟୁଇଏସ୍‌ର ହେଡ୍ ପ୍ରୋକ୍ୟୁରିମେଣ୍ଟ ଏସ୍.କେ.ରାଇଚୁର କହିଛନ୍ତି, ଆମଦାନୀ ବିକଳ୍ପ ଭାବେ କାର୍ଯ୍ୟ କରିଥିବା ତଥା ଶ୍ରେଷ୍ଠ ଶ୍ରେଣୀର ଷ୍ଟେନ୍‌ଲେସ୍ ଷ୍ଟିଲ୍ ପ୍ଲେଟ୍ ଯୋଗାଇ ଦେଇଥିବାରୁ ଆମେ ଜିନ୍ଦଲ ଷ୍ଟେନ୍‌ଲେସ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଉଛୁ। ସେହିଭଳି ହିସାରର ବରିଷ୍ଠ ଉପସଭାପତି ତଥା ୟୁନିଟ୍ ହେଡ୍ ବିଜୟ କୁମାର ବିଦ୍‌ଲିଶ କହିଛନ୍ତି, ଜିନ୍ଦଲ ଷ୍ଟେନ୍‌ଲେସ୍ ବିଶ୍ୱରେ ପ୍ରତିଦ୍ୱନ୍ଦ୍ୱିତା କରିବା ଏବଂ ସେମାନଙ୍କର ଷ୍ଟେନ୍‌ଲେସ୍ ଷ୍ଟିଲ୍ ସମାଧାନର କ୍ଷମତା ପାଇଁ ଗର୍ବିତ ଥିଲାବେଳେ କମ୍ପାନୀ ଭାରତରେ ଘରୋଇ ଷ୍ଟେନ୍‌ଲେସ ଷ୍ଟିଲ୍‌ର ବ୍ୟବହାର ବୃଦ୍ଧି କରିବା ସହିତ ଆମଦାନୀକୁ କମ୍ କରିବା ପାଇଁ ଏକ ଦୂରଦୃଷ୍ଟି ସହିତ ପ୍ରତିଷ୍ଠିତ ହୋଇଥିଲା। ଏପରିକି ବିଗତ ୫ଦଶନ୍ଧି ମଧ୍ୟରେ ୧୦୦% ଆମଦାନୀ ନିର୍ଭରଶୀଳତା ଥିବା ଶିଳ୍ପ କ୍ଷେତ୍ରରେ ପରିବର୍ତ୍ତନ ଦେଖିଛୁ।

## ନରାକାସ୍‌ର ୫୪ତମ ଅର୍ଦ୍ଧବାର୍ଷିକ ବୈଠକ

ଭୁବନେଶ୍ୱର,୨୩।୮

ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି ବା ନରାକାସ୍ (ବ୍ୟାଙ୍କ) ଭୁବନେଶ୍ୱରର ୫୪ତମ ଅର୍ଦ୍ଧବାର୍ଷିକ ବୈଠକ ମଙ୍ଗଳବାର ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ)ର ଭୁବନେଶ୍ୱର ମୁଖ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ନରାକାସ୍ (ବ୍ୟାଙ୍କ) ଭୁବନେଶ୍ୱରର ଅଧ୍ୟକ୍ଷ ତଥା ଏସ୍‌ବିଆଇ ମୁଖ୍ୟ ମହାପ୍ରବନ୍ଧକ ଚନ୍ଦ୍ରଶେଖର ଶର୍ମା ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ,ରାଜଭାଷା ବିଭାଗର ଉପନିର୍ଦ୍ଦେଶକ(କାର୍ଯ୍ୟାନ୍ୱୟନ) ନିର୍ମଳ କୁମାର ଦୁବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆର୍‌ବିଆଇର ଆଞ୍ଚଳିକ ନିର୍ଦ୍ଦେଶକ ଡ. ସାରଦା ପ୍ରସନ୍ନ ମହାନ୍ତି, ନାବାର୍ଡ ଆଞ୍ଚଳିକ କାର୍ଯ୍ୟାଳୟର ମୁଖ୍ୟ ମହାପ୍ରବନ୍ଧକ ଡ.ସୁଧାଂଶୁ କେ.କେ. ମିଶ୍ର ଏବଂ ଏସ୍‌ବିଆଇର ମଣ୍ଡଳ ବିକାଶ ଅଧିକାରୀ ତଥା ନାରାକାସ୍ (ବ୍ୟାଙ୍କ) ଭୁବନେଶ୍ୱରର ଉପାଧ୍ୟକ୍ଷ ମନୋଜ କୁମାର ସିଂହଙ୍କ ସମେତ ଭୁବନେଶ୍ୱରର ସମସ୍ତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଓ ବୀମା କମ୍ପାନୀର କାର୍ଯ୍ୟାଳୟ ମୁଖ୍ୟ, ବରିଷ୍ଠ ଅଧିକାରୀ ଏବଂ ରାଜଭଷା ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଶର୍ମା ବ୍ୟାଙ୍କିଙ୍ଗ୍ ବ୍ୟବସାୟରେ ହିନ୍ଦୀ ଓ ସ୍ଥାନୀୟ ଭାଷାର ଗୁରୁତ୍ୱ ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ସେହିଭଳି ଡ.ସାରଦା ହିନ୍ଦୀର ବ୍ୟବହାର ବଢ଼ାଇବା ଓ ହୃଦୟରୁ ହିନ୍ଦୀକୁ ଗ୍ରହଣ କରାଯିବା ଉପରେ ଗୁରୁତ୍ୱ ଦେଇଥିଲାବେଳେ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ମହାପ୍ରବନ୍ଧକ ସର୍ବେଶ ରଞ୍ଜନ ଉଚ୍ଚ ଅଧିକାରୀମାନଙ୍କୁ ହିନ୍ଦୀର ବ୍ୟବହାର ପାଇଁ ଅନୁରୋଧ କରିଥିଲେ। ଉଲ୍ଲେଖଯୋଗ୍ୟ,ଏସ୍‌ବିଆଇ ସଂଯୋଜନାରେ ଉକ୍ତ ବୈଠକ ପରିଚାଳିତ ହୋଇଥିଲା।

ଫୁର୍‌ସତ୍

# ଚର୍ମରେ ପରିବେଶ ଦେଖେ

ନୂଆଦିଲ୍ଲୀ



ଆମେ ବିଭିନ୍ନ ପ୍ରକାରର ମାଛ ବିଷୟରେ ଜାଣିଛେ। ସମସ୍ତ ମାଛର ଆଖି ଥାଏ। ହେଲେ ଏପରି ଏକ ମାଛ ଅଛି, ଯିଏ ଆଖିରେ ନ ଦେଖି ତା' ଚର୍ମ ସାହାଯ୍ୟରେ ଦେଖିଥାଏ। ସେ ଲଢ଼େଇ ନ କରି ଶିକାରକୁ ହରାଇ ଦିଏ। ହଗ୍‌ଫିଶ୍ ସାଧାରଣତଃ ସେମାନଙ୍କ ଛଦ୍ମରୂପ ଦକ୍ଷତାକୁ ସମର୍ଥନ କରିବାକୁ ରଙ୍ଗ ପରିବର୍ତ୍ତନ କରିବା କ୍ଷମତାକୁ ବ୍ୟବହାର କରିଥାଏ। ସେମାନଙ୍କର ଥିବା ହାଲୁକା, ସମ୍ବେଦନଶୀଳ ଚର୍ମ ତାଙ୍କୁ ଦେଖିବାରେ ସାହାଯ୍ୟ କରେ। ତେବେ ଅନୁସନ୍ଧାନରୁ ଜଣାପଡିଛି, ହଗ୍‌ଫିଶ୍ କେବଳ ତା' ଚର୍ମକୁ ପରିବେଶ ଦେଖିବାକୁ ବ୍ୟବହାର କରୁନାହିଁ। ଉତ୍ତର କାରୋଲିନା ୱିଲମିଙ୍ଗଟନ୍ ବିଶ୍ୱବିଦ୍ୟାଳୟର ଜୀବବିଜ୍ଞାନୀ ଲୋରିଆନ ସ୍କୱିକେର୍ଟ କହିଛନ୍ତି, ସେମାନେ ନିଜକୁ ଦେଖିବାକୁ ଏହାକୁ ବ୍ୟବହାର କରିପାରନ୍ତି। ହଗ୍‌ଫିଶ୍‌ର ଆଚରଣକୁ ଅନୁଧ୍ୟାନ କରିବାକୁ ସେମାନେ ତା' ଚର୍ମର ନମୁନା ନେଇ ପରୀକ୍ଷଣ କରିଥିଲେ। ସେଥିରେ ଏକ ଅପ-କ୍ଲୋଜ୍ ଲୁକ୍‌ରେ ବହୁତ କ୍ରୋମାଟୋଫୋର ନାମକ କୋଷ ଦେଖାଗଲା, ଯେଉଁଥିରେ ରଙ୍ଗର ଗ୍ରାନ୍ୟୁଲ ରହିଥାଏ। ଏହା କିରଣର ସଂସ୍ପର୍ଶରେ ଆସିଲେ ନିଜ ରଙ୍ଗ ମଧ ପରିବର୍ତ୍ତନ କରିଥାଏ। ଏହାଛଡ଼ା କେହି ଏହାର ପାଖକୁ ଆସିଲେ, ସେ ତୁରନ୍ତ ନିଜ ରଙ୍ଗ ବଦଳାଇଥାଏ। ପୂର୍ବ ଅନୁସନ୍ଧାନରୁ ଜଣାପଡିଛି, ହଗ୍‌ଫିଶ୍‌ର ଚର୍ମରେ ଅପସିନ ନାମକ ଏକ ହାଲୁକା, ସମ୍ବେଦନଶୀଳ ପ୍ରୋଟିନ ଥାଏ, ଯାହା ସେମାନଙ୍କ ଆଖିରେ ମିଳୁଥିବା ଅପ୍‌ସିନଠାରୁ ଭିନ୍ନ। ଏହା ଦୁନିଆର ଏକମାତ୍ର ଜୀବ, ଯାହାର ମୁଣ୍ଡ ଅଛି। ହେଲେ ମୁଣ୍ଡରେ ହାଡ଼ ନାହିଁ। ପାଖାପାଖି ୩୦୦ ମିଲିୟନ୍ ବର୍ଷ ପୂର୍ବରୁ ଏହି ମାଛର ଅସ୍ତିତ୍ୱ ରହିଛି। ଆକ୍ରମଣ ସମୟରେ ସେ ଅନ୍ୟ ଜୀବଙ୍କ ଉପରକୁ କିଛି ଖରାପ ପଦାର୍ଥ ଛାଡ଼ିଥାଏ।

## ୧୯ ବର୍ଷ ପରେ ଅକ୍ଷୟଙ୍କ ସହ ରବିନା

ମୁମ୍ବାଇ



୯୦ ଦଶକରେ ବଲିଉଡ୍‌ରେ ବେଶ୍ ଚର୍ଚ୍ଚିତ ଯୋଡି ଥିଲେ ରବିନା ଟଣ୍ଡନ୍ ଏବଂ ଅକ୍ଷୟ କୁମାର। ସେମାନଙ୍କ କେମେଷ୍ଟ୍ରିକୁ ଲୋକେ ଖୁବ୍ ପସନ୍ଦ କରୁଥିବା ବେଳେ ସେମାନେ ବଲିଉଡ୍‌ରେ ଅନେକ ହିଟ୍ ଫିଲ୍ମ ଦେଇଛନ୍ତି। ହେଲେ ସେମାନଙ୍କ ମଧ୍ୟରେ କିଛି ଶତ୍ରୁତା କାରଣରୁ ପରସ୍ପର ସହ ଫିଲ୍ମ ନ କରିବାକୁ ମନସ୍ଥ କରିଥିଲେ। ତେବେ ଦୀର୍ଘ ୧୯ ବର୍ଷ ପରେ ଶତ୍ରୁତା ଭୁଲି ଏହି ଯୋଡି ପୁଣି ପରଦାରେ ଏକାଠି ହେବାକୁ ଯାଉଛନ୍ତି। ଖୁବ୍‌ଶୀଘ୍ର ସେମାନଙ୍କୁ 'ୱେଲକମ୍ ୩'ରେ ଦେଖିବାକୁ ମିଳିବ। ରିପୋର୍ଟ ଅନୁଯାୟୀ, ରବିନା ଖୁବ୍‌ଶୀଘ୍ର ଅକ୍ଷୟଙ୍କ ଫିଲ୍ମ 'ୱେଲକମ୍ ୩'ରେ ମୁଖ୍ୟ ଅଭିନେତ୍ରୀ ଭାବେ ଯୋଗଦେବେ। ତେବେ ଶେଷ ଥର ପାଇଁ ଉଭୟଙ୍କୁ ୨୦୦୪ରେ ଫିଲ୍ମ 'ଆନ୍: ମେନ୍ ଆଟ୍ ୱାର୍କ'ରେ ଦେଖିବାକୁ ମିଳିଥିଲା। ୧୯୯୦ ଦଶକରେ ରବିନା ଏବଂ ଅକ୍ଷୟଙ୍କ ଚଳଚ୍ଚିତ୍ର ସହିତ ତାଙ୍କ ପ୍ରେମ କାହାଣୀକୁ ନେଇ ମଧ ଖୁବ୍ ଆଲୋଚନା ହେଉଥିଲା। ଏହି ଯୋଡି ପ୍ରଥମେ ୧୯୯୪ରେ ଚଳଚ୍ଚିତ୍ର 'ମୋହରା' ଜରିଆରେ ପରସ୍ପରର ନିକଟତର ହୋଇଥିଲେ। ପରେ ଦୁହିଁଙ୍କ ନିର୍ବନ୍ଧ ମଧ ହୋଇଥିଲା। କିନ୍ତୁ ପରେ କୌଣସି କାରଣରୁ ଉଭୟ ଅଲଗା ହୋଇଯାଇଥିଲେ।

## ସ୍କୁଲ ପ୍ରୋଜେକ୍ଟରୁ ଲେଖିଲେ ପୁସ୍ତକ



ଲକ୍ଷ୍ନୌ

ପିଲାମାନେ ଯେଉଁ ସମୟରେ ଖେଳିବା କଥା ସେହି ସମୟରେ ଜଣେ ପିଲା ଲୋକଙ୍କୁ ଶିକ୍ଷଣୀୟ ବାର୍ତ୍ତା ଦେବାରେ ସଫଳ ହୋଇଛନ୍ତି। ଲକ୍ଷ୍ନୌର ବାସିନ୍ଦା ଆୟୁଷମାନ ପ୍ରସାଦ ୧୦ ବର୍ଷ ବୟସରେ ତାଙ୍କ ପ୍ରତିଭା ଦେଖାଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଦେଇଛନ୍ତି। ସେ ନିକଟରେ ଏକ ପୁସ୍ତକ ଲେଖିଛନ୍ତି। ଯାହାର ନାମ ରହିଛି 'ଦି ଅଜୁରୀ ଭ୍ୟାଲି'। ଏହି ପୁସ୍ତକରେ ସେ ଅଧର୍ମ ଉପରେ ଧର୍ମର ବିଜୟକୁ ଦର୍ଶାଇଛନ୍ତି। ପୁସ୍ତକ ଲେଖିବା ପାଇଁ ସେ ତାଙ୍କ ଦାଦା ବ୍ରିଜଲାଲଙ୍କଠାରୁ ପ୍ରେରଣା ପାଇଥିବା କହିଛନ୍ତି। ବ୍ରିଜଲାଲ ଉତ୍ତର ପ୍ରଦେଶର ଡିଜିପି ଥିବାବେଳେ ସେ ଏବେ ରାଜ୍ୟ ସଭାର ସଦସ୍ୟ ରହିଛନ୍ତି। ଏହି ପୁସ୍ତକ ଲେଖିବାକୁ ଆୟୁଷମାନଙ୍କୁ ପାଖାପାଖି ୨୫ ଦିନ ସମୟ ଲାଗିଥିଲା। ତାଙ୍କ ସ୍କୁଲରେ ସମସ୍ତଙ୍କୁ ଏକ କାହାଣୀ ଲେଖିବାକୁ ପ୍ରୋଜେକ୍ଟ ମିଳିଥିଲା। ଏହି ପ୍ରୋଜେକ୍ଟରେ ତାଙ୍କ ମନରେ ଅଧର୍ମ ଉପରେ ଧର୍ମର ଜୟ ବାବଦରେ ଏକ କାହାଣୀ ଲେଖିବାକୁ ଲାଗିଲେ। ସେ କାହାଣୀ ଲେଖିବାରେ ଏତେ ମଗ୍ନ ହୋଇଗଲେ ଯେ, ଗୋଟେ ବହି ଲେଖିଦେଲେ। ସେ ଛୋଟ କାହାଣୀକୁ ୧୦ଟି ଚାପ୍ଟରରେ ପରିଣତ କରିଥିଲେ। ଆୟୁଷମାନ ୬ଷ୍ଠ ଶ୍ରେଣୀରେ ପଢୁଛନ୍ତି। କାହାଣୀରେ ଏକ ଯାଦୁର ଫୁଲ ଅଛି। ଯାହା ଧର୍ମ ରକ୍ଷା କରେ। ସେହି ଫୁଲ ଏକ ସାମ୍ରାଜ୍ୟ ଭିତରେ ରହିଛି। ଯେଉଁଠାରେ ଧର୍ମର ପାଳନ କରାଯାଏ। ହେଲେ ସେଠାକୁ କିଛି ଖରାପ ଲୋକ ଆସନ୍ତି ଏବଂ ସେହି ଫୁଲକୁ ନଷ୍ଟ କରିବାକୁ ଚେଷ୍ଟା କରନ୍ତି। ଏଠାରୁ ଆରମ୍ଭ ହୁଏ ଧର୍ମର ଶିକ୍ଷା।

## ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡରେ ଟୁଲିପ ଗାର୍ଡେନ

**ଶ୍ରୀନଗର:** ଶ୍ରୀନଗରର ଇନ୍ଦିରାଗାନ୍ଧୀ ମେମୋରିଆଲ ଟୁଲିପ ଗାର୍ଡେନ ଏସିଆର ସର୍ବବୃହତ୍ ପାର୍କ ଭାବରେ ୱାର୍ଲ୍ଡ ବୁକ୍ ଅଫ ରେକର୍ଡ(ଲଣ୍ଡନ)ରେ ସ୍ଥାନ ପାଇଛି। ୬୮ଟି ବିଭିନ୍ନ କିସମର ୧.୫ ମିଲିୟନ୍ ଟୁଲିପ ଗଛ ରହିଥିବା ଏହି ଉଦ୍ୟାନଟି ସୁସଜ୍ଜିତ ହୋଇଥିବା କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରୀ ଏକ୍ସରେ ଲେଖିଛନ୍ତି। ଶ୍ରୀନଗରର ଡାଲ ହ୍ରଦ ଏବଂ ଜବାରୱାନ ପାହାଡ ମଧ୍ୟରେ ଏହି ୩୦ ହେକ୍ଟର ଉଦ୍ୟାନ ରହିଛି। ପୂର୍ବରୁ ଏହି ଉଦ୍ୟାନ ସିରାଜ ବାଗ ନାମରେ ଜଣାଶୁଣା ଥିଲା। ଶ୍ରୀନଗରର ପର୍ଯ୍ୟଟନ ଅନୁଯାୟୀ, କଶ୍ମୀର ଉପତ୍ୟକାରେ ପୁଷ୍ପଗୁଚ୍ଛ ପର୍ଯ୍ୟଟନ ବୃଦ୍ଧି ଉଦ୍ଦେଶ୍ୟରେ



ଏହି ଉଦ୍ୟାନ ୨୦୦୭ରେ ଖୋଲାଯାଇଥିଲା। ଜମ୍ମୁ-କଶ୍ମୀର ପ୍ରଶାସନ ପ୍ରତିବର୍ଷ ଟୁଲିପ ମହୋତ୍ସବ ପାଳନ କରିଥାଏ ; ଯେଉଁଥିରେ ଲୋକଙ୍କ ପାଇଁ ଏହି ଉଦ୍ୟାନ ଖୋଲାଯାଇଥାଏ। ଏହି ମହୋତ୍ସବ ପ୍ରତିବର୍ଷ ବସନ୍ତ ଋତୁ ଆରମ୍ଭରୁ ପାଳନ କରାଯାଇଥାଏ।

## ସଂକ୍ଷେପରେ

### ଆଜି ୨୪ ଘଣ୍ଟିଆ ମୟୂରଭଞ୍ଜ ବନ୍ଦ

ବାରିପଦା,୨୩।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ): ୧୫ଦଫା ଦାବି ନେଇ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା(ଜେଏମ୍ଏମ୍) ପକ୍ଷରୁ ଗୁରୁବାର ୨୪ ଘଣ୍ଟିଆ ମୟୂରଭଞ୍ଜ ଜିଲା ବନ୍ଦ ଡାକରା ଦିଆଯାଇଛି। ଜିଲାର ଜନସାଧାରଣଙ୍କ ବୃହତ୍ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ବନ୍ଦକୁ ସଫଳ କରିବାକୁ ଆହ୍ୱାନ ଦିଆଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ଜିଲାର ମୂଳ ଅଧିବାସୀମାନେ ଏଥିରୁ ବଞ୍ଚିତ ହେଉଛନ୍ତି। ଏହାର ପ୍ରତିବାଦରେ ଏହି ବନ୍ଦ ଡାକରା ଦିଆଯାଇଥିବା ଜେଏମ୍ଏମ୍ ପକ୍ଷରୁ କୁହାଯାଇଛି। ବନ୍ଦ ପୂର୍ବରୁ ବୁଧବାର ସନ୍ଧ୍ୟାରେ ବାରିପଦା ସହରରେ ମାଇକ୍ ଯୋଗେ ଲୋକଙ୍କୁ ସୂଚନା ପ୍ରଦାନ କରାଯାଇଛି। ସମସ୍ତ ଯାନବାହନ ଚଳାଚଳ ଓ ଦୋକାନ ବଜାର ବନ୍ଦ କରିବାକୁ ନିବେଦନ କରାଯାଇଛି।

### ସ୍ତ୍ରୀଙ୍କୁ ଶାବଳରେ ପିଟି ହତ୍ୟା, ସ୍ୱାମୀ ଗିରଫ

ମୋହନା,୨୩।୮(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ରାଣିଖମା ଗ୍ରାମରେ ମଙ୍ଗଳବାର ପାରିବାରିକ କଳହର କରୁଣ ପରିଣତି ଦେଖିବାକୁ ମିଳିଛି। ସ୍ୱାମୀ ଶାବଳରେ ପିଟି ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି। ମୃତା ମହିଳା ହେଲେ ସରୁଗଳା ମଳିକ। ପୋଲିସ ବୁଧବାର ମୃତଦେହ ଜବତ କରିଛି। ଅଭିଯୁକ୍ତ ସ୍ୱାମୀ ହାଡୁ ମଳିକଙ୍କୁ ଗିରଫ କରିଛି। ପ୍ରକାଶ ଯେ, ହାଡୁ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ପ୍ରଥମେ ବଚସା ହୋଇଥିଲା। ପରେ ଏହା ଉଗ୍ର ରୂପ ନେଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ହାଡୁ ଶାବଳରେ ସରୁଗଳାଙ୍କୁ ପିଟିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସରୁଗଳାଙ୍କ ଭାଇ ସୁରେନ୍ଦ୍ର ମଳିକ ଏହା ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିଲା। ଘଟଣାସ୍ଥଳରୁ ହତ୍ୟାରେ ବ୍ୟବହୃତ ଶାବଳ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ବସନ୍ତ କୁମାର ସେଠି ସୂଚନା ଦେଇଛନ୍ତି। ଏ ନେଇ ଏକ ହତ୍ୟା ମାମଲା ରୁଜୁ ହୋଇଛି।

### ଟାଙ୍ଗିଆରେ ହାଣି ସ୍ତ୍ରୀଙ୍କୁ ହତ୍ୟା

ବୌଦ୍ଧ,୨୩।୮(ଅଜିତ କୁମାର ବାରିକ)

**ଥାନାରେ ସ୍ୱାମୀଙ୍କ ଆତ୍ମସମର୍ପଣ**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ସମ୍ପୋଚ ଗ୍ରାମରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ସ୍ୱାମୀ ହତ୍ୟା କରିଛନ୍ତି। ମିଳିଥିବା ସୂଚନା ମୁତାବକ ସମ୍ପୋଚ ଗ୍ରାମର ଭୋଳାନାଥ ସ୍ୱାଇଁ ସ୍ତ୍ରୀ କସ୍ତୁରୀ ସ୍ୱାଇଁ (୪୫)ଙ୍କ ମଧ୍ୟରେ ଘରୋଇ କାରଣକୁ ନେଇ କଳହ ଲାଗିରହିଥିଲା। ବୁଧବାର ପୂର୍ବାହ୍ନ ୧୧ଟା ସମୟରେ କସ୍ତୁରୀ ବିଲରୁ ଧାନ ରୋଇ ସାରି ଘରକୁ ଫେରିଥିଲେ। ଏହି ସମୟରେ ସ୍ୱାମୀ ଭୋଳାନାଥ ଏକ ଟାଙ୍ଗିଆ ଧରି ଆକ୍ରମଣ କରିବାକୁ ଧାଇଁ ଆସିଥିଲେ। କସ୍ତୁରୀ ଭୟଭୀତ ହୋଇ ଘରର କବାଟ ବନ୍ଦ କରିବାକୁ ଚେଷ୍ଟା କରିଥିଲେ। ହେଲେ ଭୋଳାନାଥଙ୍କ କବଳରୁ ସେ ବର୍ତ୍ତିପାରି ନ ଥିଲେ। ଭୋଳାନାଥ ଟାଙ୍ଗିଆ ସାହାଯ୍ୟରେ ତାଙ୍କ ବେକକୁ ହାଣି ହତ୍ୟା କରିଥିଲେ। ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରି ଭୋଳାନାଥ ଏଭଳି ହତ୍ୟାକାଣ୍ଡ ଘଟାଇଥିବା ଅଞ୍ଚଳରେ ଆଲୋଚନା ହେଉଛି। ହତ୍ୟା କରିବା ପରେ ଭୋଳାନାଥ ଏ ନେଇ ପୋଲିସ ଓ ସମ୍ପର୍କୀୟମାନଙ୍କୁ ଫୋନ ଯୋଗେ ଜଣାଇଥିଲେ। ବୌଦ୍ଧ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟାଙ୍ଗିଆ ଓ ମୃତଦେହ ଜବତ କରିଥିଲା। ଭୋଳାନାଥ ଥାନାରେ ଆତ୍ମସମର୍ପଣ କରିବା ପରେ ପୋଲିସ ତାଙ୍କୁ ଗିରଫ କରିଥିଲା। ଏ ନେଇ ବୌଦ୍ଧ ଥାନା ଅଧିକାରୀ ଶାରଦା ପ୍ରସନ୍ନ ଦାସ କହନ୍ତି, ଭୋଳାନାଥଙ୍କ ପୁଅ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ.୨୯୧/୨୩) ରୁଜୁ ହୋଇଛି। ହେଲେ ହତ୍ୟାର କାରଣ ଜଣାପଡି ନାହିଁ।

# ଢେଙ୍କାନାଳରେ ହେବ ଦେଶର ପ୍ରଥମ ଡୋକ୍ରା ମ୍ୟୁଜିୟମ

- କଳାକୃତି ଗ୍ରାମରେ ଏସ୍‌ସିଏସ୍‌ଟି ବିଭାଗ କମିଶନର
- ହସ୍ତଶିଳ୍ପର ବିକାଶ ପାଇଁ ପ୍ରତିଷ୍ଠା ହେବ ଲାଇବ୍ରେରି
- ଗବେଷଣା ନିମନ୍ତେ କରାଯିବ ବ୍ୟବସ୍ଥା

ଢେଙ୍କାନାଳ, ୨୩।୮(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ସପ୍ତଶଯ୍ୟା ପଞ୍ଚାୟତର ସଦେଇବେରେଣୀ–ନବଜୀବନପୁର କଳାକୃତି ଗ୍ରାମରେ ପ୍ରତିଷ୍ଠା ହେବ ଦେଶର ପ୍ରଥମ ଡୋକ୍ରା ମ୍ୟୁଜିୟମ। ଡୋକ୍ରା କଳାକୃତି ପାଇଁ ପ୍ରସିଦ୍ଧ ଏହି ସ୍ଥାନରେ ଏଭଳି ଲୁପ୍ତପ୍ରାୟ ହସ୍ତଶିଳ୍ପର ବିକାଶ ଲାଗି ରିସର୍ଚ୍ଚ ସେଣ୍ଟର ଏବଂ ଡୋକ୍ରା ଲାଇବ୍ରେରି ସ୍ଥାପନ କରାଯିବ। ହସ୍ତଶିଳ୍ପ କ୍ଷେତ୍ରରେ ଗବେଷଣା କରୁଥିବା ଏବଂ ଜ୍ଞାନ ଥିବା ବ୍ୟକ୍ତିମାନେ ଏଠାକୁ ଆସି ଶିଳ୍ପୀଙ୍କୁ ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗ ସମ୍ପର୍କରେ ପ୍ରଶିକ୍ଷଣ ଦେବେ। ସମସ୍ୟାର ସମାଧାନ ଲାଗି ଭାବ ବିନିମୟ କରିବେ। କଳାକୃତି ଗ୍ରାମରେ ଓଡ଼ିଶା ସମେତ ଦେଶର ସମସ୍ତ ହସ୍ତଶିଳ୍ପ ପ୍ରଦର୍ଶନ କରାଯିବ। ଏସବୁ କାର୍ଯ୍ୟରେ ରାଜ୍ୟ ସରକାର ଆବଶ୍ୟକ ଆର୍ଥିକ ଏବଂ ବୈଷୟିକ ସହାୟତା କରିବେ। ବୁଧବାର ଅପରାହ୍ନରେ ଢେଙ୍କାନାଳ ଗସ୍ତରେ ଆସି କଳାକୃତି ଗ୍ରାମ ପରିଦର୍ଶନ କରିବା ପରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି (ଏସ୍‌ସି/ଏସ୍‌ଟି) ବିଭାଗ କମିଶନର ରୂପାରୋଶନ ସାହୁ।



କଳାକୃତି ଗ୍ରାମରେ କମିଶନର ରୂପାରୋଶନ ସାହୁ, ପ୍ରଶାସନିକ ଅଧିକାରୀଙ୍କ ସମେତ ମହିଳା ଗୋଷ୍ଠୀ ସଦସ୍ୟାମାନେ।

କମିଶନର ଅପରାହ୍ନ ପ୍ରାୟ ୫ଟା ୨୦ରେ କଳାକୃତି ଗ୍ରାମ ପରିଦର୍ଶନ କରି ହସ୍ତଶିଳ୍ପ ପ୍ରଦର୍ଶନୀ ଷ୍ଟଲ୍, କନଫରେନ୍ସ ହଲ, ହଷ୍ଟେଲ, ହସ୍ତଶିଳ୍ପ ପ୍ରସ୍ତୁତି ପ୍ରକୋଷ୍ଠ, ଶିଶୁ ଉଦ୍ୟାନ, ପୋଖରୀ, ବୋଟିଂ ବ୍ୟବସ୍ଥା ବୁଲି ଦେଖିଥିଲେ। ମିଶନ ଶକ୍ତି ଏବଂ ଏସ୍‌ଏଚ୍‌ଜି ସଦସ୍ୟାଙ୍କ ସହ ସେ ଭାବ ବିନିମୟ କରିଥିଲେ। ପ୍ରସ୍ତାବିତ ଯୋଜନା ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ଢେଙ୍କାନାଳ ଜିଲାରେ ନଡ଼ା ଓ ହ୍ୟାଣ୍ଡଲୁମ୍ ଶିଳ୍ପ ରହିଛି। ଏସବୁକୁ ଜନମାନସରେ ପରିଚିତ କରାଇବା ଲାଗି ମ୍ୟୁଜିୟମ୍‌ରେ ପ୍ରଦର୍ଶନ କରାଯିବ। ସଦେଇବେରେଣୀ–ନବଜୀବନପୁରରେ ବହୁସଂଖ୍ୟାରେ ଡୋକ୍ରା କାରିଗର ରହୁଛନ୍ତି। ସେମାନଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ କଳାକୃତି ଗ୍ରାମ ପ୍ରତିଷ୍ଠା ହୋଇଥିଲା, ଯାହା ରାଜ୍ୟ ତଥା ଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। କଳାକୃତି ଗ୍ରାମରେ ପର୍ଯ୍ୟାୟକ୍ରମେ ଜିଲା ପ୍ରଶାସନ ପକ୍ଷରୁ ଆନୁଷଙ୍ଗିକ ଭିତ୍ତିଭୂମି ବିକାଶ କାର୍ଯ୍ୟ ଜାରିରହିଛି। ଜିଲା ପ୍ରଶାସନକୁ ଆବଶ୍ୟକ ପ୍ରସ୍ତାବ ପଠାଇବା ଲାଗି ପରାମର୍ଶ ଦିଆଯାଇଛି। ପ୍ରସ୍ତାବ ଆସିବା ପରେ ଟିମ୍ ପଠାଇ ଡୋକ୍ରା ସମେତ ବିଭିନ୍ନ ହସ୍ତଶିଳ୍ପକୁ କିପରି ଅଧିକ ପ୍ରୋତ୍ସାହିତ କରାଯିବ, ସେ ସମ୍ପର୍କରେ ପଦକ୍ଷେପ ନିଆଯିବ। ଦେଶର ପ୍ରଥମ ଡୋକ୍ରା ମ୍ୟୁଜିୟମ୍ ଏବଂ ରିସର୍ଚ୍ଚ ସେଣ୍ଟର ସ୍ଥାପନ ହେଲେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବ। ପରିଦର୍ଶକମାନେ ରିସର୍ଚ୍ଚ ସେଣ୍ଟର ମାଧ୍ୟମରେ ଜ୍ଞାନ ଆହରଣ କରିପାରିବେ। ଏହାଦ୍ୱାରା ପ୍ରତ୍ୟକ୍ଷ ଏବଂ ପରୋକ୍ଷରେ କାରିଗରମାନେ ଉପକୃତ ହେବେ ବୋଲି କମିଶନର ସାହୁ କହିଛନ୍ତି।

ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଅତିରିକ୍ତ ଜିଲାପାଳ ଲଳିତ କୁମାର ବେହେରା, ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ, ସଦର ବ୍ଲକ ବିଡିଓ ସୁଧୀର ନାୟକ, ଏସ୍‌ସି/ଏସ୍‌ଟି ବିଭାଗ ଡେପୁଟି ସେକ୍ରେଟାରି ସରୋଜ ପଣ୍ଡା, ଅମୃତା ପ୍ରିୟମ୍ବଦା, ଆଶିଷ ଭୋଇ, ଜିଲା ମଙ୍ଗଳ ଅଧିକାରୀ ରୁଦ୍ରପ୍ରସାଦ ପରିଡ଼ା, ଡେପୁଟି କଲେକ୍ଟର ଭଜାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




ଚନ୍ଦ୍ରୟାନ–୩ର ସଫଳ ଅବତରଣ ଖୁସିରେ ବୁଧବାର ଆମେରିକାର କଲରାଡୋଠାରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକାକଳା।

# ଶେଷ ହେଲା ଚତୁର୍ଥ ସାକ୍ଷୀଙ୍କ ସାକ୍ଷ୍ୟ ଗ୍ରହଣ

**ବହୁଚର୍ଚ୍ଚିତ କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ମାମଲା**

ଭଦ୍ରକ,୨୩।୮(ସନାତନ ରାଉତ)

ବହୁଚର୍ଚ୍ଚିତ କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ମାମଲାର ଚତୁର୍ଥ ସାକ୍ଷୀ ଗ୍ରହଣ ଜିଲା ଜଜ୍ କୋର୍ଟରେ ବୁଧବାର ଶେଷ ହୋଇଛି। ଦୟାଲ ଆଶ୍ରମର କେୟାର ଟେକର ସରୋଜିନୀ ସେଠୀ ଓରଫ ସୋନୀ ୪ର୍ଥସାକ୍ଷୀ ଭାବେ ସାକ୍ଷ୍ୟ ପ୍ରଦାନ କରିଛନ୍ତି। ନିରଞ୍ଜନ ସେଠୀଙ୍କ ଓକିଲ ଶରତ ଚନ୍ଦ୍ର ମହାପାତ୍ର ତାଙ୍କୁ ଆଶ୍ରମ ଓ ନ୍ୟୁଜ୍ ଚ୍ୟାନେଲ ଅଫିସ ସମ୍ପର୍କରେ ଅନେକ ପ୍ରଶ୍ନ ପଚାରୁଥିବା ବେଳେ ଶର୍ମିଷ୍ଠା ରାଉତଙ୍କ ଓକିଲ ବସନ୍ତ କୁମାର ଦାସ ଓ ଗଦାଧର ବଳ ଘଟଣା ସମ୍ବନ୍ଧୀୟ ଅନେକ ପ୍ରଶ୍ନ ପଚାରିଥିଲେ। ସେପ୍ଟେମ୍ବର ୧୩ରେ ଅବଶିଷ୍ଟ ସାକ୍ଷୀମାନଙ୍କର ବୟାନ ରେକର୍ଡ କରାଯିବ ବୋଲି ସରକାରୀ ଓକିଲ ପ୍ରଦୀପ୍ତ କୁମାର ସାମଲ ପ୍ରକାଶ କରିଛନ୍ତି।

ସରୋଜିନୀ ନିଜ ବୟାନରେ କହିଥିଲେ, ନୟାଗଡ଼ ଜିଲା ରଣପୁରରୁ ଆସି ଭୁବନେଶ୍ୱର ଦୟାଲ ଆଶ୍ରମର ମାଲିକ ଶର୍ମିଷ୍ଠାଙ୍କ ଅଧୀନରେ କେୟାର ଟେକର ଭାବରେ ଚାକିରି କରିଥିଲେ। ଆଶ୍ରମଠାରୁ କିଛି ଦୂରରେ ଶର୍ମିଷ୍ଠାଙ୍କ ନ୍ୟୁଜ୍ ୱେବ ଚ୍ୟାନେଲ କାର୍ଯ୍ୟାଳୟରେ ମାନସ ସ୍ୱାଇଁ ତାଙ୍କ କ୍ୟାମେରା ଚିପ୍ କେମିତି ନ ଫେରେଇ ହଇରାଣ କରୁଛି ସେ କଥାବାର୍ତ୍ତା ହେଉଥିବା ଶୁଣିଥିଲେ। ୨୦୨୨ ଫେବୃୟାରୀ ୭ରେ ସେ ଶର୍ମିଷ୍ଠାଙ୍କ ଘରକୁ ଯାଇଥିବା ବେଳେ ମାନସଙ୍କୁ ଖୋଜି ଆଣିଥିବା ଜାଣିବାକୁ ପାଇଥିଲେ। ମାନସ ଏକ କାର୍ ଭିତରେ ରାଜ ଓ ଅନ୍ୟ ୨ ଜଣଙ୍କ ସହ ବସିଥିବା ଶର୍ମିଷ୍ଠାଙ୍କ ଭାଉଜଙ୍କୁ ଝୁନା ଭୋଇ ଭିଡିଓ କଲ୍ କରି ଦେଖାଇଥିଲେ। ପରେ ମାନସଙ୍କୁ ଆଣି ଆଶ୍ରମ ଘର ଓ ପରେ ଉପର ତାଲାରେ ଥିବା ଘରେ ପୂରାଇ ମାଡ଼ ମାରିଥିଲେ। ତାଙ୍କ ପକେଟରୁ ଏକ ପର୍ସ ଓ ଏଟିଏମ୍‌କୁ ନେଇଯିବା ପରେ ବାହାରୁ ଚାବି ପକାଇ ସମସ୍ତେ ପଳାଇ ଯାଇଥିଲେ। ପୁଣି ସନ୍ଧ୍ୟାରେ ଆସି ମାନସଙ୍କୁ ବାଉଁଶ ଫାଳିଆ ଓ ଏକ କାଠବାଡ଼ିରେ ନିର୍ମମ ଭାବେ ପିଟିଥିଲେ। ପରଦିନ ସକାଳୁ ଉଠି ମାନସ ରହିଥିବା କୋଠରିକୁ ଯାଇ ତାଙ୍କୁ ଦେଖିବାକୁ ପାଇ ନ ଥିଲେ। ଘର ଓଳାଇବା ବେଳେ ସେଠାରେ କିଛି ଭଙ୍ଗା ବାଉଁଶ ଫାଳିଆ, କାଠ ଏବଂ ମାନସ ନିଜର ଠିକଣା ଲେଖି ଉଦ୍ଧାର କରିବାକୁ ନିବେଦନ କରିଥିବା ଏକ ହାତଲେଖା ଚିଠି ପାଇଥିଲେ। ୨ଦିନ ପରେ ମିଡିଆ ଲୋକ ପହଞ୍ଚିବାରୁ ମାନସ ମରିଯାଇଥିବା ସେ ଜାଣିବାକୁ ପାଇଥିଲେ ବୋଲି ବୟାନରେ କହିଥିଲେ। ପ୍ରକାଶଯୋଗ୍ୟ, କ୍ରାଇମବ୍ରାଞ୍ଚ ହତ୍ୟା ଘଟଣାର ତଦନ୍ତକରି ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠା ରାଉତ, ତାଙ୍କ ସହଯୋଗୀ ଝୁନା ଭୋଇ, ରାଜ ଓରଫ ରଞ୍ଜନ ନାୟକ ଓ ଅବସରପ୍ରାପ୍ତ ରାଜ୍ୟ ମୁଖ୍ୟ ସୂଚନା ଓ ଲୋକ ସମ୍ପର୍କ ନିର୍ଦ୍ଦେଶକ ନିରଞ୍ଜନ ସେଠୀ ପ୍ରମୁଖଙ୍କୁ ଗିରଫ କରିଥିଲା। ଏବେ ସେମାନେ ଭଦ୍ରକ ସ୍ୱତନ୍ତ୍ର ଉପକାରାଗାରେ ବିଚାରାଧୀନ ବନ୍ଦୀ ଭାବେ ଅଟକ ଅଛନ୍ତି। ମାମଲାଟି ଭଦ୍ରକ ଜିଲା ଜଜ୍ ପ୍ରଦ୍ୟୁମ୍ନ ନାୟକଙ୍କ ଅଦାଲତରେ ବିଚାରାଧୀନ ରହିଛି।

# ନିବେଶ ଆଳରେ ଠକେଇ: ଅନ୍ନପୂର୍ଣ୍ଣା ଆସେଟ୍ସର ଏମ୍‌ଡି ଗିରଫ

ଭୁବନେଶ୍ୱର,୨୩।୮ (ସୂର୍ଯ୍ୟକାନ୍ତ ବେହେରା)

ନିବେଶ କଲେ ଦୁଇଗୁଣା ଟଙ୍କା ପାଇବାର ଲୋଭ ଦେଖାଇ ୨ ଲକ୍ଷ ୯୧ ହଜାର ଟଙ୍କା ଠକିବା ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ଏକ କମ୍ପାନୀର ଏମ୍‌ଡିଙ୍କୁ ୪ ବର୍ଷ ପରେ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଅଞ୍ଚଳର ଅଜୟ କୁମାର ପାତ୍ର (୪୮)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଠକେଇର ଶିକାର ରମେଶ ଚନ୍ଦ୍ର ସାମଲଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି ପଦକ୍ଷେପ ନେଇଛି।

ସୂଚନାନୁସାରେ, ଅଭିଯୁକ୍ତ ଅଜୟ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଶାରଳା ନଗର କଟକ ରୋଡ୍‌ଠାରେ ଏମ୍/ଏସ୍ ଅନ୍ନପୂର୍ଣ୍ଣା ଆସେଟ୍ସ ଆଣ୍ଡ୍ ମାର୍କେଟିଂ ପ୍ରାଇଭେଟ୍ ଲିମିଟେଡ ନାମରେ ଏକ ଅଫିସ ଖୋଲିଥିଲେ। ଟଙ୍କା ନିବେଶ କରି ୪୮ ଦିନରେ ଦୁଇଗୁଣା ପାଇବା ସହ ପ୍ଲଟ୍ ସ୍କିମ୍ ବିଷୟରେ ଅଭିଯୋଗକାରୀ ରମେଶ ଚନ୍ଦ୍ର ସାମଲଙ୍କୁ ବୁଝାଇଥିଲେ। ଅଭିଯୁକ୍ତଙ୍କ କଥାକୁ ବିଶ୍ୱାସ କରି ରମେଶ ୨୦୧୧ରେ ତାଙ୍କୁ ୨ ଲକ୍ଷ ୯୧ ହଜାର ଟଙ୍କା ଦେଇ ରସିଦ ଓ ଗ୍ୟାରେଣ୍ଟି ବଣ୍ଡ ନେଇଥିଲେ। ହେଲେ ନିର୍ଦ୍ଧାରିତ ସମୟ ସୀମା ସରିବା ପରେ ରମେଶ ଅଭିଯୁକ୍ତଙ୍କୁ ତାଙ୍କ ଟଙ୍କା ଫେରାଇବାକୁ କହିଥିଲେ। ଏଥିରେ ଅଭିଯୁକ୍ତ ଅଜୟ ଅଭିଯୋଗକାରୀ ରମେଶଙ୍କୁ ଧମକ ଦେବା ସହ ପ୍ଲଟ ଓ ନିବେଶ ପାଇଁ ନେଇଥିବା ଟଙ୍କା ଫେରାଇ ନ ଥିଲେ। ଅଭିଯୋଗକାରୀ ଠକାମିର ଶିକାର ହୋଇଥିବା ଜାଣିବା ପରେ ଏନେଇ ଲକ୍ଷ୍ମୀସାଗର ଥାନାରେ ୨୦୧୯ ମସିହାରେ ଅଭିଯୋଗ କରିଥିଲେ।

# ବଜ୍ରପାତରେ ସାନ ଭଉଣୀ ମୃତ, ବଡ଼ ଗୁରୁତର

ଗୋପବନ୍ଧୁ ନଗର,୨୩।୮ (ଶାନ୍ତନୁ କୁମାର ମହୁଆଳ)

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ତଥା ଗୋପବନ୍ଧୁନଗର ବ୍ଲକ ଅଧୀନ ପଶୁଦା ଗ୍ରାମରେ ବୁଧବାର ବଜ୍ରପାତରେ ସାନ ଭଉଣୀଙ୍କ ମୃତ୍ୟୁ ହୋଇଥିବା ବେଳେ ବଡ଼ ଗୁରୁତର ହୋଇଛନ୍ତି। ମୃତ ସାନ ଭଉଣୀ ହେଲେ ପୁନ୍ତା ହେମ୍ବ୍ରମ(୧୬)। ବଡ଼ ଭଉଣୀ ସିନଗ (୨୭)ଙ୍କୁ ଚିକିତ୍ସା ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଅପରାହ୍ନ ୧ଟା ସମୟରେ ଗଣେଶ୍ୱର ହେମ୍ବ୍ରମଙ୍କ ଦୁଇ ଝିଅ ସିନଗ ଓ ପୁନ୍ତା ବିଲରେ କାମ କରି ଘରକୁ ଫେରୁଥିବା ବେଳେ ବଜ୍ରପାତରେ ଗୁରୁତର ହୋଇଥିଲେ। ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି ବଡ଼ସାହି ଡାକ୍ତରଖାନାକୁ ପଠାଇଥିବାବେଳେ ସେଠାରେ ଡାକ୍ତର ପୁନ୍ତାଙ୍କୁ ମୃତ ଘୋଷଣା କରିଥିଲେ।

# ୩ ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ ଜେଲ

ଆସିକା, ୨୩।୮ (ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲା ଧରାକୋଟ ବ୍ଲକ ଅନ୍ତର୍ଗତ ଜାହାଡ଼ା ଗ୍ରାମରେ ଗତ ୨୦୦୫ରେ ଘଟିଥିବା କୃଷ୍ଣ ଗୌଡଙ୍କ ହତ୍ୟା ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ଆସିକାର ଅତିରିକ୍ତ ଜିଲା ଦୌରାଜଜ୍ ପ୍ରବୀର କୁମାର ଚୌଧୁରୀ ମାମଲାର ବିଚାର କରି ୩ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୪ମାସ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଅଭିଯୁକ୍ତମାନେ ହେଲେ ଜାହାଡ଼ା ଗ୍ରାମର ସୁବାସ ସ୍ୱାଇଁ, ନାରାୟଣ ଡାଙ୍ଗୁଆଁ ଓ ଭଗବାନ ଡାଙ୍ଗୁଆଁ। ଗତ ୨୦୦୫ ଅକ୍ଟୋବର ୩୧ରେ ଅଭିଯୁକ୍ତମାନେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସେହି ଗ୍ରାମର କୃଷ୍ଣ ଗୌଡ, ବିଦ୍ୟାଧର ସାମଲ, ଶିବରାମ ନାୟକ ଓ ଭଗବାନ ସାମଲକୁ ଧାରୁଆ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରିଥିଲେ। ତେବେ ଫଳରେ କୃଷ୍ଣଙ୍କ ମୃତ୍ୟୁ ଘଟିଥିଲା ବେଳେ ଅନ୍ୟ ଆହତମାନେ ଚିକିତ୍ସିତ ହୋଇଥିଲେ। ଆହତ ବିଦ୍ୟାଧର ସାମଲ ଆସିକା ଥାନାରେ ଅଭିଯୋଗ କରିଥିଲେ। ସରକାରୀ ଓକିଲ ସୁଧାଂଶୁ କୁମାର ପଣ୍ଡା ଓ ସହଯୋଗୀ ସୂର୍ଯ୍ୟପ୍ରକାଶ ରାଓ ମାମଲା ପରିଚାଳନା କରୁଥିଲେ।

# ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର ଗଣବିକ୍ଷୋଭ




ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। (ଫଟୋ– ମୌସମ ନନ୍ଦ)

ଭୁବନେଶ୍ୱର,୨୩।୮ (ଅନୁରାଧା ମହାରଣା)

ଦୁଇ ଦଫା ଦାବି ନେଇ ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ପକ୍ଷରୁ ବୁଧବାର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଭିନ୍ନ ଜିଲାରୁ ଶହ ଶହ ସଂଖ୍ୟାରେ ନିର୍ବାହୀ ଅଧିକାରୀ ଯୋଗଦେଇ ସେମାନଙ୍କ ଦାବି ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଦବୀକୁ ମୂଳ ପଦବୀ ଧରାଯାଇ ପଞ୍ଚାୟତିରାଜ ପ୍ରଶାସନିକ ସେବା କ୍ୟାଡର ଗଠନ କରାଯାଉ ଓ ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ଏକ–ତୃତୀୟାଂଶ (୧୦୫) ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଦବୀ ଚୟନ କରାଯାଇ ବିଡିଓ ପଦବୀକୁ ପଦୋନ୍ନତିର ବ୍ୟବସ୍ଥା କରାଯାଉ। ସେହିପରି ପଞ୍ଚାୟତିରାଜ ବିଭାଗର ନିଜସ୍ୱ ବିଡିଓ ପଦବୀ ସୃଷ୍ଟି କରାଯାଉ ବୋଲି ସଂଘର ଅନ୍ୟ ଏକ ଦାବି ରହିଛି। ପଞ୍ଚାୟତିରାଜ ବିଭାଗରେ ମୂଳ କର୍ମଚାରୀ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଭାବରେ ଲେଭଲ–୯ରେ ନିଯୁକ୍ତି ପାଉଥିବାବେଳେ ଲେଭଲ–୧୦ରେ ଅବସର ନେଉଛନ୍ତି। ମାତ୍ର ଲେଭଲ–୪, ଲେଭଲ–୫ ଓ ଲେଭଲ–୯ରେ ଅନ୍ୟ ବିଭାଗରେ ନିଯୁକ୍ତି ପାଉଥିବା କାର୍ମଚାରୀ ଯଥା – ଶିକ୍ଷକ, ସ୍ୱାସ୍ଥ୍ୟ କର୍ମଚାରୀ, ଷ୍ଟେନୋ, ଆର୍‌ଆଇ, କନିଷ୍ଠ ରାଜସ୍ୱ ସହାୟକ, ଆଇସିଡିଏସ୍ ସୁପରଭାଇଜର ଯେଉଁମାନଙ୍କର ପଞ୍ଚାୟତିରାଜ ବିଭାଗର କାର୍ଯ୍ୟ ଉପରେ ଆଦୌ ଅଭିଜ୍ଞତା ନାହିଁ ସେମାନଙ୍କୁ ପ୍ରିଲିମ, ମେନ୍ ଓ ସାକ୍ଷାତ୍‌କାର ପରୀକ୍ଷା ଦେଇ ନିଯୁକ୍ତି ଦେବା ପାଇଁ ଦାବି ହୋଇଛି।

# ଲାଞ୍ଚ ନେଇ ଧରାପଡ଼ିଲେ ରାଜସ୍ୱ ଜଗୁଆଳି

ଫୁଲବାଣୀ, ୨୩।୮(ରାକେଶ କୁମାର ରାଉତ)/ଫିରିଙ୍ଗିଆ (ବିକ୍ରମ ଦିଗାଲ)

ଲାଞ୍ଚ ନେବା ଅଭିଯୋଗରେ କନ୍ଧମାଳ ଜିଲା ଫିରିଙ୍ଗିଆ ତହସିଲ ଅଧୀନ ବାଲନ୍ଦାପଡା ରାଜସ୍ୱ ନୀରିକ୍ଷକ କାର୍ଯ୍ୟାଳୟର ରାଜସ୍ୱ ଜଗୁଆଳି ବୁଧବାର ଭିଜିଲାନ୍ସ ହାତରେ ଧରା ପଡ଼ିଛନ୍ତି। ସେ ହେଲେ ଅଜୟ କୁମାର ମଲ୍ଲିକ।



ଅଜୟ କୁମାର ମଲ୍ଲିକ

ଫିରିଙ୍ଗିଆ ଥାନା ଅନ୍ତର୍ଗତ ପଳାବୃତ୍ତି ପଞ୍ଚାୟତ ଆପାବିରୁ ଗ୍ରାମର ବିଜୁ କହଁର ତାଙ୍କ ବାପାଙ୍କ ଜମିର ଭାଗ ଲାଗି ତହସିଲରେ ଆବେଦନ କରିଥିଲେ। ଜମି ମିଉଟେସନ ଏବଂ ପଟ୍ଟା କରାଇ ଦେବାକୁ ଅଜୟ ୪୨ ହଜାର ଟଙ୍କା ଖର୍ଚ୍ଚ ହେବ କହି ବିଜୁଙ୍କଠାରୁ ୩୪ ହଜାର ଟଙ୍କା ନେଇଥିଲେ। ବାକି ୮ ହଜାର ଟଙ୍କା ଦେଲେ ପଟ୍ଟା ହେବ ବୋଲି କହିଥିଲେ। ବିଜୁ ଏ ନେଇ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ବୁଧବାର ଯୋଜନା ମୁତାବକ ବିଜୁ ଫିରିଙ୍ଗିଆ ତହସିଲ୍‌କୁ ଯାଇ ୮ ହଜାର ଟଙ୍କା ଅଜୟଙ୍କୁ ଦେଇଥିଲେ। ଏହି ସମୟରେ ସେଠାରେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ କର୍ମଚାରୀ ତାଙ୍କୁ ଧରିବା ସହ ଟଙ୍କା ଜବତ କରିଥିଲେ। ଭିଜିଲାନ୍ସ ଡିଏସପି ହେମନ୍ତ କୁମାର ମହାନ୍ତି ଏବଂ ସୁରେଶ କୁମାର କହଁରଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା। ଅଜୟଙ୍କୁ ଗିରଫ କରାଯିବା ପରେ କୋର୍ଟ ଚାଲାଣ କରାଯାଇଛି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ମେଣ୍ଟ କରିବନି ବିଏସ୍‌ପି: ମାୟାବତୀ

**ଲକ୍ଷ୍ନୌ,୨୩।୮:** ଆଗାମୀ ଲୋକସଭା ନିର୍ବାଚନରେ ବହୁଜନ ସମାଜ ପାର୍ଟି (ବିଏସ୍‌ପି) କାହାସହ ମେଣ୍ଟ କରିବ ନାହିଁ। ମିଳିତ ମେଣ୍ଟରୁ ଦଳକୁ କିଛି ଫାଇଦା ମିଳୁନାହିଁ ବୋଲି କହଛନ୍ତି ବିଏସ୍‌ପି ମୁଖ୍ୟ ମାୟାବତୀ। ଦଳ ପକ୍ଷରୁ ବୁଧବାର ଅନୁଷ୍ଠିତ ଏକ ବୈଠକରେ ସଂଗଠନକୁ ମଜଭୁତ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

ମାୟାବତୀ କହିଛନ୍ତି, ପ୍ରାର୍ଥୀ ଚୟନରେ ଦଳକୁ ସତର୍କ ରହିବାକୁ ପଡ଼ିବ। ଲୋକସଭା ନିର୍ବାଚନରେ ଦଳ ସମସ୍ତ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବ। ମିଳିତ ମେଣ୍ଟ ଯୋଗୁ ଦଳ ଲାଭ ଅପେକ୍ଷା



ଅଧିକ କ୍ଷତି ସହିଛି। ବିଏସ୍‌ପିର ଭୋଟ ସ୍ପଷ୍ଟ ଭାବେ ମିଳିତ ମେଣ୍ଟର ଅନ୍ୟ ଦଳକୁ ଯାଉଛି, କିନ୍ତୁ ଅନ୍ୟ ଦଳ ଭୋଟ ବିଏସ୍‌ପିକୁ ଆସୁନାହିଁ। ଏହାଦ୍ୱାରା ବିଏସ୍‌ପି ନେତାଙ୍କ ମନୋବଳ ପ୍ରଭାବିତ ହୋଇଛି। ତେଣୁ ବିଏସ୍‌ପି ଉଭୟ ଶାସକ କିମ୍ବା ବିରୋଧୀ ଦଳଠାରୁ ଦୂରେଇ ରହିବ।

ଏହି ସମୟରେ ମାୟାବତୀ ଉଭୟ କଂଗ୍ରେସ ଏବଂ ଭାଜପାକୁ ଟାର୍ଗେଟ କରିଥିଲେ। ସେ କହିଛନ୍ତି, ଭାଜପାର ସାମ୍ପ୍ରଦାୟିକ ରାଜନୀତି ଏବଂ ଅରାଜକତା ଯୋଗୁ ସାଧାରଣ ଲୋକଙ୍କ ଉପରେ ଏହାର ପ୍ରଭାବ ପଡୁଛି। ଏଥର ଲୋକସଭା ନିର୍ବାଚନ ଏକପାଖିଆ ହେବ ନାହିଁ। ଏହି ନିର୍ବାଚନ ଦେଶର ରାଜନୀତିରେ ଏକ ମୋଡ଼ ବଦଳାଇବ।

# ଜନ୍ମଦିନରେ ଇଡି ଚଢ଼ାଉ ଉପହାର: ବାଘେଲ


ଭୁପେଶ ବାଘେଲ

**ରାୟପୁର,୨୩।୮ :** ଛତିଶଗଡ଼ରେ କେନ୍ଦ୍ରୀୟ ଏନଫୋର୍ସମେଣ୍ଟ ନିର୍ଦ୍ଦେଶାଳୟ (ଇଡି)ର ଚଢ଼ାଉ ଜାରି ରହିଛି। ବୁଧବାର ଇଡି ରାଜନୈତିକ ପରାମର୍ଶଦାତା ବିନୋଦ ବର୍ମା ଏବଂ ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲଙ୍କ ଓଏସଡି ଘରେ ଚଢ଼ାଉ କରିଛି। ବିନୋଦ ବର୍ମାଙ୍କ ଦେବେନ୍ଦ୍ର ନଗର ଗୃହ, ଓଏସଡି ମନୀଷ ବନଚ୍ଛୋରଙ୍କ ସହିତ ଆଶିଷ ବର୍ମା ଏବଂ ତାଙ୍କର ଜଣେ ବ୍ୟବସାୟୀ ବନ୍ଧୁ ବିଜୟ ଭାଟିଆଙ୍କ ଘରେ ପହଞ୍ଚିଛି। ଏହାକୁ ତାଙ୍କର ଜନ୍ମଦିନ ଉପହାର ବୋଲି ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତଶାହାଙ୍କୁ କଟାକ୍ଷ କରି ଧନ୍ୟବାଦ ଜଣାଇଛନ୍ତି। ଛତିଶଗଡ଼ରେ ହୋଇଥିବା ମଦ ଏବଂ କୋଇଲା ପରିବହନ ଦୁର୍ନୀତିକୁ ନେଇ ଇଡି ରାଜ୍ୟରେ ଚଢ଼ାଉ କରୁଛି। ଏହି ମାମଲାରେ ଏପର୍ଯ୍ୟନ୍ତ ୧୨ରୁ ଅଧିକ ଲୋକଙ୍କୁ ଗିରଫ କରାଯାଇଛି। କୋଇଲା ପରିବହନ ଦୁର୍ନୀତିରେ ମୁଖ୍ୟମନ୍ତ୍ରୀଙ୍କ ସଚିବାଳୟ ଅଫିସର ସୌମ୍ୟା ଚୌରାସିଆ ଏବଂ ରାୟଗଡ ଜିଲାପାଳ ରାନୁ ସାହୁଙ୍କ ସମେତ ଅନ୍ୟ କେତେକ ଅଧିକାରୀ ଓ ବ୍ୟବସାୟୀ ବର୍ତ୍ତମାନ ଜେଲରେ ଅଛନ୍ତି।

# ନିଜ ଦଳ ଉପରେ ପ୍ରଶ୍ନ ଉଠାଇଲେ ଭାଜପା ବିଧାୟିକା

**ଲକ୍ଷ୍ନୌ,୨୩।୮:** ଉତ୍ତରାଖଣ୍ଡ ଯମକେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ବିଧାୟିକା ରେଣୁ ବିଷ୍ଟଙ୍କର ଏକ ସୋସିଆଲ ମିଡ଼ିଆ ପୋଷ୍ଟ ଭାଇରାଲ ହେବାରେ ଲାଗିଛି। ଏଥିରେ ସେ ନିଜ ଦଳ ଉପରେ ପ୍ରଶ୍ନ ଉଠାଉଥିବା ନଜର ଆସିଛନ୍ତି। ଏହାକୁ ନେଇ ଉତ୍ତରାଖଣ୍ଡ ରାଜନୀତି ସରଗରମ ହୋଇଛି।


ରେଣୁ ବିଷ୍ଟ

ସୋସିଆଲ ମିଡିଆ ପୋଷ୍ଟ ପାଇଁ ରେଣୁ ବିଷ୍ଟଙ୍କଠାରୁ ଭାଜପା ରାଜ୍ୟ ସଭାପତି ମହେନ୍ଦ୍ର ଭଟ୍ଟ ସ୍ପଷ୍ଟୀକରଣ ମାଗିଛନ୍ତି।

ନିକଟରେ ବିଧାୟିକା ରେଣୁ ତାଙ୍କ ଅଞ୍ଚଳର ଲୋକଙ୍କୁ ଭେଟିବାକୁ ଯାଇଥିଲେ। ଏହା ପରେ ସେ ସୋସିଆଲ ମିଡ଼ିଆରେ ତାଙ୍କ ସଭାର ଭିଡ଼ିଓ ଶେୟାର କରି ଲେଖିଛନ୍ତି ଯେ, ଗତ ୨୦ ରୁ ୨୨ ବର୍ଷ ମଧ୍ୟରେ ଯମକେଶ୍ୱରବାସୀଙ୍କୁ ପ୍ରତାରଣା କରାଯାଇଛି।

ସୂଚନାଯୋଗ୍ୟ, ଉତ୍ତରାଖଣ୍ଡ ରାଜ୍ୟ ଗଠନ ପରଠାରୁ ଯମକେଶ୍ୱର ବିଧାନସଭା ଆସନ ଭାଜପାର ଏକ ଗଡ଼ ରହିଆସିଛି। ୨୦୦୨, ୨୦୦୭ ଏବଂ ୨୦୧୨ରେ ତିନିଥର ପୂର୍ବତନ ରାଜ୍ୟ ମନ୍ତ୍ରୀ ତଥା ପୂର୍ବତନ ବିଧାନସଭା ଉପାଧ୍ୟକ୍ଷ ବିଜୟ ବର୍ଥୱାଲ ଏଠାରୁ ନିର୍ବାଚନରେ ଜିତିଥିଲେ ଏବଂ ୨୦୧୭ରେ ରିତୁ ଚାନ୍ଦୁରୀ ଏଠାରେ ବିଧାୟକ ହୋଇଥିଲେ। ୨୦୨୨ରେ ରେଣୁ ଏହି ଆସନ ଜିତିଛନ୍ତି।

**CLASSIFIED DISPLAY**
MORE SPACE ' SAME PRICE
TARIFF · GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,000.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ଜଗନ୍ନାଥ ଫାଇନାନ୍ସ କମ୍ପାନୀ**
ଆଧାର କାର୍ଡ ଋଣ
ବ୍ୟକ୍ତିଗତ ଋଣ,ବ୍ୟବସାୟ ଋଣ,
ସମ୍ପତ୍ତି ଋଣ, ଶିକ୍ଷା ଋଣ
କୌଣସି ଫାଇଲ୍ ଚାର୍ଜ ନାହିଁ,
୨% ସୁଧହାର, ୫୦% ସବ୍‌ସିଡି,
ଏଜେଣ୍ଟ ଆମନ୍ତ୍ରିତ, ଠକାମିରୁ ସାବଧାନ।
9667440436

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବିଜେଡି ଲୋକଙ୍କ ବଳ ନୁହେଁ: ନିରଞ୍ଜନ

## କୋରେଇ କଂଗ୍ରେସ ସାଙ୍ଗଠନିକ ସମ୍ମିଳନୀ

**ଯାଜପୁରରୋଡ୍,୨୩।୮ (ପବିତ୍ର ରଞ୍ଜନ ମହାନ୍ତି)**

ଜନତାଙ୍କ ବଳ କହୁଥିବା ବିଜେଡି ପ୍ରକୃତରେ ବଳ ନୁହେଁ, ଜନତାଙ୍କ କାଳ ବୋଲି ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି। କୋରେଇ ନିର୍ବାଚନମଣ୍ଡଳୀରେ କଂଗ୍ରେସ ପକ୍ଷରୁ ବୁଧବାର ଅନୁଷ୍ଠିତ ସାଙ୍ଗଠନିକ ସମ୍ମିଳନୀ 'ପ୍ରତିଜ୍ଞା' ଅବସରରେ ନିରଞ୍ଜନ କହିଛନ୍ତି, ମୋଦି ସରକାର ନିର୍ବାଚନବେଳେ କଳା ଟଙ୍କା ଫେରାଇ ଆଣିବା ପାଇଁ ଲୋକମାନଙ୍କୁ କହି ଭୋଟନେଲେ। କିନ୍ତୁ କଳା ଟଙ୍କା ଏଯାଏ ଫେରିପାରିଲାନାହିଁ। ବିକାଶ ନାଁରେ ରାଜ୍ୟକୁ ବିନାଶ ଆଡ଼କୁ ନେବା ସହ ରାଜ୍ୟରେ ବିଜେଡି ସରକାର ମଦର ବିକାଶ କରି ଯୁବକମାନଙ୍କୁ ମଦ୍ୟପ କରୁଛନ୍ତି। କଂଗ୍ରେସ କର୍ମୀ ଦୃଢ଼ ସଂଗଠନ କରି ଲୋକମାନଙ୍କ ମନ କିଣି ପାରିଲେ କଂଗ୍ରେସ କେନ୍ଦ୍ର ଓ


ବ୍ୟାସନଗରଠାରେ ଅନୁଷ୍ଠିତ କଂଗ୍ରେସ ସାଙ୍ଗଠନିକ ସମ୍ମିଳନୀରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସମେତ ଦଳୀୟ ନେତୃବୃନ୍ଦ।

ରାଜ୍ୟରେ ୨୦୨୪ ନିର୍ବାଚନରେ ଶାସନ ଗାଦିକୁ ଆସିପାରିବ ବୋଲି ସେ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଯୋଗଦେଇ କହିଛନ୍ତି, କଂଗ୍ରେସ ସଂଗଠନକୁ ସୁଦୃଢ଼ କରିବାକୁ ହେଲେ କର୍ମୀମାନେ ବିଜେଡି ଓ ଭାଜପା ସରକାରଙ୍କ ଦୁର୍ନୀତି ବିଷୟରେ ଲୋକଙ୍କୁ ଅବଗତ କରାଇବାକୁ ପଡ଼ିବ। ପ୍ରଦେଶ କଂଗ୍ରେସ ପ୍ରଚାରକ କମିଟିର ଅଧ୍ୟକ୍ଷ ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ କହିଛନ୍ତି, କେନ୍ଦ୍ର ଓ ରାଜ୍ୟ ସରକାର ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଉଭୟଙ୍କ ମଧ୍ୟରେ ନିବିଡ଼ ସମ୍ପର୍କ ରହିଛି। ବିଜେଡିକୁ ସମାଲୋଚନା କରିବା ଭାଜପାର ଏକ ପ୍ରହସନ।

ବ୍ୟାସନଗର ପୌରପରିଷଦ ଅନ୍ତର୍ଗତ ବ୍ୟାସଦେବ ସଂସ୍କୃତି ଭବନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ମହିଳା ସଭାନେତ୍ରୀ ବନ୍ଦିତା ପରିଡ଼ା ସଭା ପରିଚାଳନା କରିଥିବାବେଳେ ଅକ୍ଷୟ ଜେନା ଅତିଥି ପରିଚୟ ଦେଇଥିଲେ। ରାଜ୍ୟ ପିସିସି ସମ୍ପାଦିକା ରାଣୀ ମନସା ମଞ୍ଜରୀ ଦେବୀ, ରାଜ୍ୟ ଅଣ ସଂଗଠିତ ଶ୍ରମିକ କଂଗ୍ରେସ ଅଧ୍ୟକ୍ଷ ବିଦ୍ୟାଧର ମହାନ୍ତି, ଯାଜପୁର ଜିଲା ପିସିସି ସଭାପତି ରଜତ ଚୌଧୁରୀ, ସାଧାରଣ ସମ୍ପାଦକ ଜ୍ଞାନରଞ୍ଜନ ପଟ୍ଟନାୟକ, ଜିଲା କଂଗ୍ରେସ ସଭାପତି ମନୋଜ ରାଉତ, ବରିଷ୍ଠ କଂଗ୍ରେସ ନେତା ହରେକୃଷ୍ଣ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ରିତାଶ୍ରୀ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଡିଆଇଜିଙ୍କୁ ବଦଳି କରି ଘଟଣାକୁ ଚାପିଦେବାକୁ ଉଦ୍ୟମ ହେଉଛି: ଭାଜପା

**ଭୁବନେଶ୍ୱର, ୨୩।୮(ସୁନିତ୍ ମିଶ୍ର):** ଡିଆଇଜି ବ୍ରିଜେଶ ରାୟଙ୍କ ସ୍ତ୍ରୀଙ୍କ ନିର୍ଯାତନାରେ ଅତିଷ୍ଠ ହୋଇ ହୋମ୍‌ଗାର୍ଡ ସୈରିନ୍ଧ୍ରୀ ସାହୁ ଆତ୍ମହତ୍ୟା ଉଦ୍ୟମକରି ୨ଟି ଗୋଡ଼ ହରାଇଛନ୍ତି। ଏଭଳି ଘଟଣାରେ ଦୋଷୀ ଡିଆଇଜିଙ୍କ ପରିବାର ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ। ରାଜ୍ୟ ସରକାର କିନ୍ତୁ ପୀଡ଼ିତାଙ୍କୁ ନ୍ୟାୟ ନ ଦେଇ ଡିଆଇଜିଙ୍କୁ ବଦଳିକରି ଘଟଣାକୁ ଚାପିଦେବା ପାଇଁ ଉଦ୍ୟମ କରୁଛନ୍ତି ବୋଲି ଭାଜପା ଅଭିଯୋଗ କରିଛି।

ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳଙ୍କ ନିକଟରେ ଫେରାଦ ହୋଇ ଅଭିଯୋଗ କରିଛନ୍ତି ଯେ ସରକାର, ପୋଲିସ, ପ୍ରଶାସନ ମିଳିମିଶି ଡିଆଇଜି ଦମ୍ପତିଙ୍କୁ ଖସାଇବା ପାଇଁ ଲାଗିପଡ଼ିଛନ୍ତି। ଏହି ଘଟଣାରେ ରାଜ୍ୟପାଳ ହସ୍ତକ୍ଷେପ କରନ୍ତୁ ବୋଲି ଭାଜପା ପ୍ରତିନିଧି ମଣ୍ଡଳୀ ନିବେଦନ କରିଛି।

**Classified Everyday**
0674-2580101, 2549949




**SALE**

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft., 3,00,000/-, ଛତାବର 1200sqft.- 3,00,000/-, ନଖରା- 300/-. 7978663279. D-75204

**3 BHK ready to move flat sale at KIIT Square, Patia, Bhubaneswar (SBA- 1800 sqft.), Price- 90 Lakhs. 7978701424.** D-75203

2BHK/ 3BHK flat available at Jatani Gate with affordable price, near to handover position, all Banks, BDA, RERA approved. Booking Contact: 9776776644, 9776406644, 9337244895. D-74565

Ready to move / Resale 1BHK - Rs.11,00,000/- and 2BHK - Rs.23,00,000/- flats for sale at Sundarpada, Bhubaneswar. 7008346486. D-74563

ଭୁବନେଶ୍ୱର ପଟିଆ, **KIIT** ଜଗନ୍ନାଥମନ୍ଦିର ନିକଟ **ODM Global School** ପାଖରେ **Boundary, Road, Electricity** ସୁବିଧାଥାଇ ସଙ୍ଗେସଙ୍ଗେ ଘର କଲାଭଳି **plot** ମିଳୁଛି**–8249976746.** D-74897

Bhubaneswar (BDA) investment Gharabari Land, all development near NISER, IIT. Owner sale- 9124289585. D-1123




Newly healthcare benefited SPA experience therapist in Bhubaneswar. Please visit this SPA. 7846814019. D-75140

**Relax, Refresh your body, Mind at Saikrupa Spa with best therapies. 8984068077.** D-1048

**Newly open Spa positively health benefits with expert therapist. 9938843929.** D-75144

Reduce stres through professional massage, Spa station, Krishna Plaza, Nayapalli, Contact: 8118079281. D-74567

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75025

**AFFIDAVIT**

I, K Budhimati Rao, D/o- K Ganesh Rao, Aged 27 years, resident of MIG-65, Ananta Vihar, Phase-2, Pokhariput, P.S.- Airport, Bhubaneswar-20, have changed my name to K BUDHIMMATI RAO for all purposes. Hearby, I declare K Budhimati Rao and K BUDHIMMATI RAO is one and same person, i.e, myself. D-1126

I, Jitendra Kumar Ranasingh, S/o- Ganeswar Ranasingh resident of Plot No.- 304, Pokhariput, Aerodrome Area, Bhubaneswar, Pin- 751020 Odisha, permanent address At- Raulahaja, P.O./ P.S.- Nirakarapur, Dist.- Khurda declared by this affidavit dated 14.08.2023, that my daughter actual name is ADITI RANASINGH, but in her Aadhaar Card her name has been recorded as Jyotiraditi Ranasingh instead of ADITI RANASINGH. That the affidavit is required to be produce before the concerned authority for necessary correction of my daughter in her Aadhaar Card,Birth certificate & in school records and all purpose as ADITI RANASINGH. D-1130

I, Suresh Chandak, S/o- Late Manilal Chandak, resident of Ward No.- 22, Sahadevkhunta, P.S.- Sahadevkhunta, Dist.- Balasore, Pin- 756001, Odisha declare by this Affidavit No.29, dated 21.08.2023 that now onwards, I shall be known as Suresh Kumar Chandak for all future purposes. D-1124

**ପାଠକଙ୍କ ପାଇଁ ସୂଚନା–** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, Rama Kanta Jena, S/o Late Bipin Bihari Jena, resident at Ward No.8, Qr.No. Mig-II-76/1, Housing Board Colony, Chandrasekharpur, Bhubaneswar, Odisha, Pin- 751016 are by this Affidavit No.60AA139010 Dt.23.8.2023 that now onwards I shall be known as Ramakanta Jena for all future purpose. D-1128

I, THAKUR SANGRAM SINGH, S/o-Gouranga Charan Nayak, At- Sohana, P.O.-Desthali, P.S.- Gop, Puri, Odisha- 752107 declare by this Affidavit No. 1033 that now onwards I shall be known as THAKUUR SANGRRAM SINGH for all future purposes. D-1125

**ମନେ ପଡ଼ନ୍ତି**

**ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ସବିତା କୁମାରୀ ଦାଶ**
ଆବିର୍ଭାବ- 01.04.1961
ତିରୋଧାନ- 23.08.2020 (ଋଷି ପଞ୍ଚମୀ)
ଚାହୁଁ ଚାହୁଁ ୩ ବର୍ଷ ବିତିଗଲା, ତୁମର ଏହି ଶ୍ରାଦ୍ଧଦିବସରେ ଆତ୍ମାର ସଦ୍‌ଗତି କାମନାରତ ବିନମ୍ର ପ୍ରଣତି । ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା ଆମର ପାଥେୟ ହେଉ, ଏତିକି ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
ସ୍ୱାମୀ- ଗିରଣ, ପୁତ୍ର- ଦୀପୁ, କନ୍ୟା- ଦୀପା, ଝିଅ- Ayapa, କୁନି, କାହ୍ନା, ଲୁନା ଏବଂ ପରିବାରବୃନ୍ଦ।
ଧ-୧୧୨୯

# ନିର୍ବାଚନ ପାଇଁ ପ୍ରସ୍ତୁତ ହୁଅ



ସମାବେଶରେ ଉପସ୍ଥିତ ବିଜେଡି ନେତୃବର୍ଗ।

**ପାଇକମାଳ, ୨୩।୮ (ବଡ ଶତପଥୀ)**

## ବିଜୁ ଯୁବ ଛାତ୍ର ସଂଗଠନର ସମାବେଶ

ବରଗଡ ଜିଲା ପଦ୍ମପୁର ନିର୍ବାଚନ ମଣ୍ଡଳୀସ୍ତରୀୟ ଯୁବ ଓ ଛାତ୍ର ସମାବେଶ ଶ୍ରୀ ନୃସିଂହନାଥ ମନ୍ଦିର ପରିସରସ୍ଥ ବିନ୍ଧ୍ୟବାସିନୀ ଅତିଥି ଭବନରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଯୁବ ଜନତା ଦଳ ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ପୂର୍ବତନ ଏମ୍‌ପି ତଥା ଜିଲା ବିଜେଡି ସଭାପତି ଡା.ପ୍ରଭାସ ସିଂ ଯୋଗ ଦେଇଥିଲେ। ଯୁବକ ଓ ଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇ ଜିଲା ଯୁବ ସଭାପତି କହିଛନ୍ତି, ଆଗାମୀ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ଏବେଠାରୁ କାର୍ଯ୍ୟ ଆରମ୍ଭ କରନ୍ତୁ। ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀ କରେଇବା ପାଇଁ ଯୁବ ସମାଜ ଓ ଛାତ୍ର ଏକଜୁଟ ହୋଇ ସଂଗଠନକୁ ସୁଦୃଢ଼ କରନ୍ତୁ। ଆଗାମୀ ଦିନରେ ନୃସିଂହନାଥର ଏହି ଯୁବ ଛାତ୍ର ସଂକଳ୍ପ ସମାବେଶ ଅନ୍ୟ ନିର୍ବାଚନ ମଣ୍ଡଳୀ ପାଇଁ ପ୍ରେରଣା ହେବ ବୋଲି ଜିଲା ସଭାପତି ପ୍ରଭାସ ସିଂ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଜାପାନ ମହାପାତ୍ର, ସରଜୁ ପଟ୍ଟନାୟକ, ଜିଲା ଆଇଟି ସଂଯୋଜକ ସୁରେଶ ବାଗ, ଲୋକନାଥ ବେହେରା, ରାଜ୍ୟ ସାଧାରଣ ସମ୍ପାଦକ ରାଜୁ ଘିବେଲା, ସଂଜୀବ ବରିହା, ଦୁଷ୍ମନ୍ତ ପଟେଲ, ସୌମ୍ୟରଞ୍ଜନ ହୋତା, ରାଜୁ ମହାନନ୍ଦ, ଅଚ୍ୟୁତ୍ ସେଠ, ଭରତ ପଣ୍ଡା ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଏହି ସମାବେଶକୁ ବିଧାୟିକାଙ୍କ ପାଇକମାଳ ବ୍ଲକ ପ୍ରତିନିଧି ହୃଦାନନ୍ଦ ବାରିକ ପରିଚାଳନା କରିଥିଲେ। ବ୍ଲକ ଯୁବ ବିଜେଡି ସଭାପତି ଗୌତମ ସିଂ ଧନ୍ୟବାଦ ଦେଇଥିଲେ।

# ୪ଥର ସରପଞ୍ଚ କଂଗ୍ରେସ ଛାଡିଲେ

**ପଦ୍ମପୁର, ୨୩।୮ (ପ୍ରଦୀପ୍ତ ଦାଶ)**

ବରଗଡ଼ ଜିଲା ପଦ୍ମପୁର ଅଞ୍ଚଳର ବରିଷ୍ଠ କଂଗ୍ରେସ ନେତା ସିଦ୍ଧାର୍ଥ ଶଙ୍କର ମିଶ୍ର ବୁଧବାର କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କର ଇସ୍ତଫା ପତ୍ରକୁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ପାଖକୁ ପଠାଇ ଦେଇଛନ୍ତି। ସିଦ୍ଧାର୍ଥ ୯୦ ଦଶକରେ ରାଜନୀତିରେ ଯୋଗଦେଇ


ସିଦ୍ଧାର୍ଥ ମିଶ୍ର।

ପଦ୍ମପୁର ମେଲଛାମୁଣ୍ଡା ପଞ୍ଚାୟତରୁ ଲଗାତାର ୪ ଥର ସରପଞ୍ଚ ଓ ଥରେ ସମିତି ସଭ୍ୟଭାବେ ନିର୍ବାଚିତ ହୋଇଥିଲେ। ଏହାସହ ସରପଞ୍ଚ ସଂଘ ସଭାପତି, ପଦ୍ମପୁର ବ୍ଲକ କଂଗ୍ରେସ ସଭାପତି ଓ ବର୍ତ୍ତମାନ ପିସିସିର ସଭ୍ୟଭାବେ କାର୍ଯ୍ୟ କରୁଥିଲେ। ଜଣେ କୃଷକ ସଙ୍ଗଠନର ଲଢୁଆ ନେତାଭାବେ ସେ ପରିଚିତ ତେବେ ତାଙ୍କର ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ସେ କୌଣସି ସୂଚନା ଦେଇନାହାନ୍ତି ।

# ରାୟଗଡ଼ାରେ ବିକାଶ ହେଉନାହିଁ: କଂଗ୍ରେସ

**ରାୟଗଡ଼ା,୨୩।୮ (ଆଶିଷ ରଞ୍ଜନ ପଣ୍ଡା)**

## ଅଚଳ ପଡ଼ିଛି ପ୍ଲାନେଟାରିୟମ, ଶୀତଳଭଣ୍ଡାର

ରାୟଗଡ଼ା ଜିଲାରେ ସରକାରଙ୍କ ପକ୍ଷରୁ ଜନସାଧାରଣଙ୍କ ପାଇଁ ଲୋକାର୍ପଣ କରାଯାଇଥିବା ଯୋଜନାଗୁଡ଼ିକ ଫେଲ୍ ମାରିଥିବା ଅଭିଯୋଗ କରିଛି । ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ପାଇଁ ନିର୍ମାଣ ହୋଇଥିବା ପ୍ଲାନେଟାରିୟମ କାର୍ଯ୍ୟ ଶେଷ ହେବାର୨ ବର୍ଷ ବିତିଯାଇଥିଲେ ମଧ୍ୟ ଏଯାଏ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଯେଉଁ ସବୁ ସରକାରୀ କାର୍ଯ୍ୟ ହେଉଛି ତାହା ଶେଷ ହେଉନାହିଁ। ସମସ୍ତ ପ୍ରକାର କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ଏଭଳିକି ବହୁ ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା କଂଗ୍ରେସ ଅଭିଯୋଗ କରିଛି ।

ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ପଣ୍ଡା ଅଭିଯୋଗ କରିଛନ୍ତି ଯେ, ବହୁ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ସରକାର ଆନ୍ତରିକତା ଦେଖାଉନାହାନ୍ତି। ୧୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ପ୍ଲାନେଟାରିୟମ କାର୍ଯ୍ୟକ୍ଷମ ନ ହେବାରୁ ଛାତ୍ରୀଛାତ୍ର ଏହାର ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି।


ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତା।

ଏଭଳିକି ସେଠାରେ ଲାଗିଥିବା ବିଭିନ୍ନ ଯନ୍ତ୍ରପାତିର ଗ୍ୟାରେଣ୍ଟି ଅବଧି ମଧ୍ୟ ସରିବା ଉପରେ। ସେହିଭଳି ୨୦୧୧ରେ ନିର୍ମାଣ ହୋଇଥିବା ଶୀତଳ ଭଣ୍ଡାର ଏବେବି ଅଚଳ ରହିଛି। ଫଳରେ ଚାଷୀ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ୪ ବର୍ଷ କାମ କରିବା ପରେ ୨ବର୍ଷ ହେଲାଣି ବନ୍ଦ ପଡିଛି। ଫଳରେ ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲାର ଦୁଗ୍ଧ ଚାଷୀ ସୁବିଧା ପାଉନାହାନ୍ତି। ସେହିଭଳି ପୂର୍ତ୍ତ ବିଭାଗ, ଗ୍ରାମ୍ୟ ନିର୍ମାଣ ବିଭାଗ ଓ ଅନ୍ୟାନ୍ୟ ବିଭାଗଗୁଡ଼ିକରେ ନିମ୍ନମାନର କାମ ହେଉଥିବାବେଳେ ଏହାର କୌଣସି ତଦନ୍ତ ହେଉନାହିଁ । ଯାହାର ପରିଣାମ ସ୍ୱରୂପ ଗତ ମାସକ ତଳେ କଲ୍ୟାଣସିଂହପୁର ବ୍ଲକ ଉପରସାଜା ଗ୍ରାମରେ କଲର୍ଭଟ ଭୁଶୁଡ଼ି ୪ ଶିଶୁ ସମେତ ୫ଜଣ ମୃତ୍ୟୁବରଣ କରିଥିଲେ। ଏ ସମ୍ପର୍କରେ ଜିଲାପାଳଙ୍କୁ ଜଣାଇଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା କଂଗ୍ରେସ ଅଭିଯୋଗ କରିଛି। ଆଗାମୀ ଦିନରେ କଂଗ୍ରେସ ପକ୍ଷରୁ ଏ ନେଇ ଜନଆନ୍ଦୋଳନ କରାଯିବ ବୋଲି ଦୁର୍ଗା କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବରିଷ୍ଠ ନେତା ଆପଲସ୍ୱାମୀ କାଡ୍ରାକା, ଉପସଭାପତି ଶଙ୍କର୍ଷଣ ମଙ୍ଗରାଜ, ସୁନୀଲ ପଣ୍ଡା, ପାର୍ଥ ବର୍ଦ୍ଧନ, ଟାଉନ ସଭାପତି ମନୋଜ ରଥ ଓ ଯୁବନେତା ଅସଲମ ଖାନ ପ୍ରମୁଖ ଉପସ୍ଥିତ ଥିଲେ।

ଅପେରା ହାଲ୍‌ଚାଲ୍

# ସଫଳତା ପଥେ ସ୍ୱପ୍ନ ମହଲ


(ବାମରୁ) ରାଧା, ଗୌର, ନମିତା

ଜଲିଉଡ୍ ଜଗତର ଅନ୍ୟତମ ଆଗଧାଡ଼ିର ଯାତ୍ରାନୁଷ୍ଠାନ ଯାତ୍ରା ସ୍ୱପ୍ନ ମହଲ ଚଳିତ ଯାତ୍ରା ସିଜନରେ ପ୍ରାରମ୍ଭରୁ ସଫଳତା ସାଉଁଟିବା ଆରମ୍ଭ କରିଛି। ଏଥର ଏହି ପାର୍ଟିର ମୁଖ୍ୟ ଆକର୍ଷଣ ସାଜିଛନ୍ତି ଟ୍ରାଜେଡି କିଙ୍ଗ୍ ଗୌର ଦାସ ଏବଂ ପ୍ରମୁଖ ନାୟିକା ରାଧା ଏବଂ ନମିତା। ଅନ୍ୟତମ ପ୍ରମୁଖ ପ୍ରଯୋଜକ ଇଂ. ପ୍ରମୋଦ କୁମାର ସ୍ୱାଇଁଙ୍କ ପ୍ରଯୋଜିତ ଏହି ଅପେରା ପାର୍ଟି ଏବର୍ଷ ପରିବେଷଣ କରୁଥିବା ନୂଆ ନାଟକଗୁଡ଼ିକ ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଛି। ସେଗୁଡ଼ିକ ହେଲା- ଡ. ଦୀପକ ଜେନାଙ୍କ ରଚିତ ଓ ବିକ୍ରମ ନାୟକଙ୍କ ନିର୍ଦ୍ଦେଶିତ 'କେତେ କାନ୍ଦିବୁରେ ଗୌର ଦାସ', ଅଜୟ ସ'ଙ୍କ ରଚିତ ଓ ତାପସ ସ୍ୱାଇଁଙ୍କ ନିର୍ଦ୍ଦେଶିତ 'ହାରିବନି କେବେ ବାପର ପୁଅ', ଡ. ନିହାର ରଞ୍ଜନ ମହାନ୍ତିଙ୍କ ରଚିତ ଓ ପ୍ରଶାନ୍ତ କୁମାର ନାୟକଙ୍କ ନିର୍ଦ୍ଦେଶିତ 'କେମିତି ହେଲା ଏମିତି ପ୍ରେମ' ଏବଂ ଆଶୁତୋଷ ମହାପାତ୍ରଙ୍କ ରଚିତ-ନିର୍ଦ୍ଦେଶିତ 'ସ୍ନେହ କାଙ୍ଗାଳ'। ବିଶେଷ ଭାବରେ 'କେତେ କାନ୍ଦିବୁରେ ଗୌର ଦାସ' ନାଟକରେ ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ଅନିମା ପାଢ଼ୀଙ୍କ ଡାଏଲଗ୍ – 'ମୋ ନାଁ ରଙ୍ଗ ମୋ ବାପାଙ୍କ ନାଁ ଭାଙ୍ଗ, ମୋ ବାପ ଘର କୁଜଙ୍ଗ, ମୋ ଶାଶୁଘର ବାରଙ୍ଗ, ମୋ ମୁଣ୍ଡ ଥଣ୍ଡା ଥିଲେ ପିଲାଠୁ ବୁଢ଼ା ମୋ ସାଙ୍ଗ ଆଉ ମୋ ମୁଣ୍ଡକୁ ଥରେ ପିତ୍ତ ଉଠିଲେ ମୁଁ ପାର୍ଟ ଥ୍ରୀ ଦବଙ୍ଗ' ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛି। କେବଳ ନାଟକ ନୁହେଁ, ଆକର୍ଷଣୀୟ ମେଲୋଡି, ରେକର୍ଡ ଡ୍ୟାନ୍ସ ସାଙ୍ଗକୁ ଆଖି ଝଲସିଲା ଭଳି ମଞ୍ଚ ଦର୍ଶକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। ଏଥର ଏହି ପାର୍ଟିରେ ଗୌର-ରାଧା-ନମିତାଙ୍କ ବ୍ୟତୀତ ମୁନା, ଖଳନାୟକ ସତ୍ୟ ଓ ଦିବାକର, ଚନ୍ଦନ, ବାପି, କମେଡିଆନ ଦିନା ପଣ୍ଡା ଓ ନରି ପଣ୍ଡା, ଅନିମା ପାଢ଼ୀ ଏବଂ ଖଳନାୟିକା ମାମୁନିଙ୍କୁ ଦେଖିବାକୁ ମିଳିଛି।


ଜାହ୍ନବୀ

# ଡରକୁଳୀ ଜାହ୍ନବୀ

ବୋନି ତନୟା ଜାହ୍ନବୀ ଗୋଟିଏ ଜିନିଷକୁ ଭାରି ଭୟ କରନ୍ତି। ତାହା କ'ଣ ଜାଣିବେନି? ଅସଲ କଥା ହେଲା ସେ ନିଜକୁ ନିଜେ ଭୟ କରନ୍ତି। ଅର୍ଥାତ୍, ଯଦି ତାଙ୍କ ନଜର ନିଜ ଛାଇ ଉପରେ ପଡ଼ିଗଲା, ତେବେ କଥା ଶେଷ। ନିଜର ଛାଇ ଦେଖିବା ମାତ୍ରେ ତାଙ୍କର ଅବସ୍ଥା କହିଲେ ନ ସରେ। ଏକଦା ଏକ ବାର୍ଥ ଡେ' ପାର୍ଟିରେ ସେ ଯେମିତି ପଛକୁ ଚାହିଁ ଦେଇଛନ୍ତି ତାଙ୍କର ଅକଲ ଗୁଡୁମ୍। ସାଙ୍ଗମାନଙ୍କ ସହ ମଜା କରିବେ କ'ଣ ହଠାତ୍ ଚିତ୍କାର କରି ଉଠିଲେ। ଏ ସମ୍ପର୍କରେ ଜାହ୍ନବୀ କୁହନ୍ତି, 'ସତକଥା ହେଲା ନିଜ ଛାଇ ଦେଖିଲେ ମୋତେ ଭାରି ଡର ଲାଗେ। ଥରେ ଏକ ବାର୍ଥ ଡେ' ପାର୍ଟିରେ ମୁଁ ମୋ ନିଜ ଛାଇକୁ ଦେଖି ଏମିତି ଡରିଗଲି ଯେ ସାଧାରଣ ଅବସ୍ଥାକୁ ଆସିବାକୁ ମୋତେ ପାଖାପାଖି ଘଣ୍ଟାଏ ସମୟ ଲାଗିଥିଲା। ପିଲାଦିନେ ଥରେ ମୁଁ ମୋ ନିଜ ଛାଇକୁ ଦେଖି ଡରି ଯାଇଥିଲି। ଆଉ ସେହି ଭୟ ଏପର୍ଯ୍ୟନ୍ତ ମୋ ମନରେ ରହିଛି। ତେଣୁ ରାତିରେ ଯେତେବେଳେ ଶୁଟିଂ ହୁଏ ସେତେବେଳେ ମୁଁ ବେଶ୍ ସତର୍କତାର ସହ ଶଟ୍ ଦେଇଥାଏ।' ବର୍ତ୍ତମାନ ଜାହ୍ନବୀଙ୍କ ଅଭିନୀତ 'ବୱାଲ' ରିଲିଜ ଅପେକ୍ଷାରେ ରହିଛି। ଏହି ଫିଲ୍ମରେ ତାଙ୍କର ନାୟକ ସାଜିଛନ୍ତି ବରୁଣ ଧାୱନ। ଚିତ୍ରଟି ଚଳିତ ବର୍ଷ ଅକ୍ଟୋବର ୬ରେ ରିଲିଜ ହେବାକୁ ଯାଉଛି।

# କେବଳ ଆମିରଙ୍କ ପାଇଁ

ଥରେ ମନେପକାନ୍ତୁ ନା ସେହି ସୁପରହିଟ୍ ଫିଲ୍ମ 'ଦଙ୍ଗଲ'କୁ। ଏଥିରେ ନିଜର ବଡ଼ ପରଦା କ୍ୟାରିୟର ଆରମ୍ଭ କରିଥିଲେ ସାନ୍ୟା ମାଲହୋତ୍ରା। ପାଠପଢ଼ା ଶେଷ ହେବା ପରେ ମୁମ୍ବାଇ ଆସିଥିଲେ ସେ। କେତୋଟି ବିଜ୍ଞାପନରେ କାମ କରିବା ପରେ ସବୁଦିନ ପାଇଁ ମୁମ୍ବାଇରେ ରହିବାକୁ ସ୍ଥିର କରିଥିଲେ ସେ। ହେଲେ 'ଦଙ୍ଗଲ' ଫିଲ୍ମ ହିଁ ତାଙ୍କ ପାଇଁ ଶୁଭପ୍ରଦ ସାବ୍ୟସ୍ତ ହୋଇଥିଲା। ସେ ଯେତେବେଳେ ଏହାର ଅଡିଶନ ଦେଲେ ସେତେବେଳେ ସେଠାରେ ତାଙ୍କ ପରି ଆହୁରି ପ୍ରାୟ ୧୦,୦୦୦ ନବାଗତ ଲାଇନ୍‌ରେ ଥିଲେ। ହେଲେ ଏଥିରେ ଚୟନ ହେବା ପରେ ସେ ଏହାର ଶ୍ରେୟ ଦିଅନ୍ତି ଆମିର ଖାନ୍‌ଙ୍କୁ। ଏ ନେଇ ସାନ୍ୟା କହନ୍ତି, 'ପୋଷ୍ଟ ପ୍ରଡକ୍ସନ, ପ୍ରି-ପ୍ରଡକ୍ସନ ଆଦି କାମ ମୋତେ ମାଲୁମ ଥିଲା। ଆମିର ସାର୍ ଯେତେବେଳେ ମୋତେ ଫୋନ୍ କରି କହିଲେ ଯେ, ବବିତା ପୋଘାଟ୍ ଭୂମିକା ପାଇଁ ମୁଁ ସିଲେକ୍ଟ ହୋଇଛି ସେତେବେଳେ ମୋ ଖୁସି କହିଲେ ନ ସରେ। ଆଜି ଯେଉଁ ସ୍ଥାନରେ ପହଞ୍ଚିଛି ତାହାର କ୍ରେଡିଟ୍ ମୁଁ ଆମୀର ସାର୍‌ଙ୍କୁ ହିଁ ଦେବି'।


ସାନ୍ୟା

# ଯଦି ବହିଟି ପଢ଼ି ନ ଥାନ୍ତେ...


ଶାହୀଦ

ଶାହୀଦ କପୁର ଯଦି ସେହି ବହିଟିକୁ ଭଲ ଭାବରେ ପଢ଼ି ନ ଥାନ୍ତେ ତେବେ ଆଜି ତାଙ୍କ ଜୀବନରେ ଆଉ କିଛି ଘଟିଥାଆନ୍ତା। ଅର୍ଥାତ୍, ସେ ଏକ ଇଂଲିଶ ଉପନ୍ୟାସ ପଢ଼ିବା ଦ୍ୱାରା ତାଙ୍କ ଜୀବନରେ ସେ ଏକ ବଡ଼ ପରିବର୍ତ୍ତନ ଆଣିଛନ୍ତି। ଏହାକୁ ଭଲ ଭାବରେ ପଢ଼ିବା ପରେ ସେ ସ୍ଥିର କରିଥିଲେ ଯେ ଏଣିକି ମୁଁ ଶାକାହାରୀ ହେବି। ଜୀବନରେ କେବେ ଆମିଷ ଖାଇବି ନାହିଁ। ଏ ନେଇ ଶାହୀଦ କହନ୍ତି, 'ଭଲ ଭଲ ବହି ପଢ଼ିବା ମୋର ପିଲାଟିଦିନରୁ ଅଭ୍ୟାସ। ସେଥିରୁ ଯେଉଁ ଧାଡି ମୋତେ ପ୍ରଭାବିତ କରେ ସେଗୁଡିକୁ ମୁଁ ଡାଏରୀରେ ଟିପି ରଖେ। ଏବେ ମଧ୍ୟ ଏହି ଧାରା ଚାଲୁରହିଛି। ଥରେ ମୁଁ ଏକ ଇଂଲିଶ ଉପନ୍ୟାସ ପଢୁଥାଏ। ଶାକାହାରୀ ହେଲେ ତାହା ଆମର ଜୀବନଶୈଳୀକୁ କେତେ ପ୍ରଭାବିତ କରେ ସେ ବିଷୟରେ ସେଥିରୁ ଜାଣିପାରିଥିଲି। ତା'ପରେ ମୁଁ ଭେଜିଟେରିଆନ୍ ହେବାକୁ ସ୍ଥିର କରିଥିଲି।' ଶାହୀଦ କପୁରଙ୍କ ପ୍ରଥମ ସିନେମା ଥିଲା 'ଇସ୍କ ଭିସ୍କ'।

# ନେଗେଟିଭ୍‌ଭୂମିକାର ମଜା ନିଆରା

ଏଲି ପାଢ଼ୀ। କେବଳ ଜଣେ ଆଙ୍କରର୍ ନୁହନ୍ତି, ଜଣେ ଅଭିନେତ୍ରୀ ଭାବରେ ସେ ନିଜକୁ ପରିଚିତ କରାଇ ପାରିଛନ୍ତି। ଛୋଟ ପରଦା ହେଉ ଅବା ସିନେମା-ସେଥିରେ ତାଙ୍କୁ ଯେଉଁ ଭୂମିକା ମିଳିଛି ତାହାକୁ ବେଶ୍ ସୁଚାରୁ ରୂପେ ତୁଲାଇଛନ୍ତି। ଏଥର ରଜରେ ରିଲିଜ ହୋଇଥିଲା 'ଗୁଣ୍ଡୁ ଗ୍ୟାଙ୍ଗଷ୍ଟର'। ଏଥିରେ ଏଲିଙ୍କୁ ନେଗେଟିଭ ଚରିତ୍ରରେ ଦେଖିବାକୁ ମିଳିଥିଲା। ଏ ନେଇ ସେ କହନ୍ତି, 'ସତ କଥା ହେଲା, ନେଗେଟିଭ୍ ଭୂମିକାରେ ଅଭିନୟ କରିବାର ମଜା ନିଆରା। ଏଭଳି ରୋଲ୍‌ରେ ଦର୍ଶକଙ୍କ ସାମ୍‌ନାକୁ ଆସିବା ମୋ ପାଇଁ ନୂଆ ନୁହେଁ। ସବୁଠାରୁ ଖାସ୍ କଥା ହେଲା, ନେଗେଟିଭ୍ ଚରିତ୍ରଟିକୁ ନେଇ ଆଣି ଥୋଇବା ଛୋଟିଆ କଥା ନୁହେଁ। ଏଥିପାଇଁ ବେଶ୍ ପରିଶ୍ରମ କରିବାକୁ ପଡିଥାଏ। ମୋତେ କିନ୍ତୁ ଏଭଳି ଭୂମିକା କେତେ ଆନନ୍ଦ ଦେଇଥାଏ ତାହା ବର୍ଣ୍ଣନା କରିବାକୁ ମୋ ନିକଟରେ ଭାଷା ନାହିଁ।' ତେବେ ଏଲି ଆଗକୁ ଏପରି ଭୂମିକାରେ କେତେ ବାଜିମାତ୍ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।


ଏଲି

# ହାପି ଟିଚର୍ସ ଡେ'

ମଣିଷ ଜୀବନରେ ଗୁରୁଙ୍କର ଭୂମିକା କ'ଣ ତାହା କହିବା ବାହୁଲ୍ୟ। କାରଣ ଜଣେ ପିଲାର କ୍ୟାରିୟର ଗଢ଼ିବା ସହ ତାକୁ ଜଣେ ଭଲ ମଣିଷ କରିବାକୁ ସେମାନେ ସର୍ବଦା ଚେଷ୍ଟିତ। ତେଣୁ ପ୍ରତିବର୍ଷ ସେପ୍ଟେମ୍ବର ୫ ତାରିଖରେ ପାଳିତ ହୋଇଥାଏ ଗୁରୁଦିବସ। ଏଥର ଏହି ଦିବସ ଅବସରରେ ମୁକ୍ତିଲାଭ କରିବାକୁ ଯାଉଛି ଏକ ହିନ୍ଦୀ ସିନେମା, ଯାହାର ଟାଇଟଲ ରହିଛି 'ହାପି ଟିଚର୍ସ ଡେ'। ଛାତ୍ରୀଛାତ୍ରଙ୍କୁ ଭଲ ଶିକ୍ଷା ଦେବା ସହ ସେମାନଙ୍କ ଚରିତ୍ର ଗଠନରେ ଜଣେ ଶିକ୍ଷୟିତ୍ରୀ କିପରି ନିଜ ଜୀବନକୁ ଉତ୍ସର୍ଗ କରିଦେଇଛି ତାହାକୁ ନେଇ କାହାଣୀ ଗତିଶୀଳ। ନିଜ ପରିବାରକୁ ଗୁରୁତ୍ୱ ନ ଦେଇ ସେ ପିଲାମାନଙ୍କୁ ମଣିଷ କରିବାରେ ଲାଗିପଡିଛି। ହେଲେ ଏହାର ଶେଷ ପରିଣତି କ'ଣ ହେଉଛି ତାହା ଫିଲ୍ମଟି ଦେଖିଲେ ହିଁ ଜାଣିପାରିବେ। ଏଥିରେ ଶିକ୍ଷୟିତ୍ରୀ ଭୂମିକାରେ ଅଭିନୟ କରିଛନ୍ତି ରାଧିକା ମଦନ। ତାଙ୍କ ବ୍ୟତୀତ ନିମ୍ରତ କୌର, ପ୍ରିୟାଂଶୁ ଚାଟାର୍ଜୀ, ଲୀନା ଶର୍ମା ଏବଂ ଚିନ୍ମୟ ମନ୍ଦେଲକର ମଧ୍ୟ ଅଭିନୟ କରିଛନ୍ତି। ଏହାର ନିର୍ଦ୍ଦେଶନା ଦେଇଛନ୍ତି ମିଖିଲ ମୁସ୍‌ଲେ। ଦିନେଶ ବିଜାନଙ୍କ ପ୍ରଯୋଜିତ ଏହି ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ଦେଖିବାକୁ ବାକି ରହିଲା।


ରାଧିକା

# ଗଣେଶ ପୂଜାରେ 'ପ୍ରଥା'

ଏବର୍ଷ ଗଣେଶ ପୂଜାରେ ମୁକ୍ତିଲାଭ କରିବାକୁ ଯାଉଛି ଏକ ଭିନ୍ନ ଧରଣର ଓଡ଼ିଆ ସିନେମା 'ପ୍ରଥା'। ଖାସ୍ କଥା ହେଲା, ଏଥିରେ ରୋମାଣ୍ଟିକ ନାୟକ ସ୍ୱରାଜ ବାରିକଙ୍କୁ ଭିନ୍ନ ଧରଣର ଭୂମିକାରେ ଦର୍ଶକ ଦେଖିବାକୁ ପାଇବେ। କେବଳ ଏବେ ନୁହେଁ, କାହିଁ କେବେଠାରୁ ଆମେ ବିଭିନ୍ନ ପ୍ରଥା, ପରମ୍ପରାକୁ ମାନି ଆସିଛେ। ଏଭଳି ଏକ ଭିନ୍ନଧରଣର କଥାବସ୍ତୁକୁ ଭିତ୍ତିକରି ପ୍ରସ୍ତୁତ ହେଉଛି ନୂଆ ଓଡ଼ିଆ ସିନେମା 'ପ୍ରଥା'। ଏହି କାହାଣୀଟି ସେହିପରି କିଛି ପ୍ରଥା, ପରମ୍ପରା, ରୀତିନୀତି ଏବଂ ଏଥିରେ ଥିବା କିଛି ବିଶ୍ୱାସ, ଅବିଶ୍ୱାସ ଓ ଏଥିରେ ଆସିଥିବା ପରିବର୍ତ୍ତନକୁ ଆମ ସାଧାରଣ ଲୋକେ କିପରି ଆପଣାଇବାକୁ ସକ୍ଷମ ଏବଂ ଅକ୍ଷମ ହେଉଛନ୍ତି, ତାହା ଏହି ଫିଲ୍ମରେ ଦେଖିବାକୁ ମିଳିବ।

ଏହି ଚିତ୍ରଟିର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି କେ. ମୁରଲୀକ୍ରିଷ୍ଣା। ସାନ୍ନିସା ସିଗ୍ନେଚର ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ଉକ୍ତ ଚଳଚ୍ଚିତ୍ରରେ ସ୍ୱରାଜଙ୍କ ବ୍ୟତୀତ ଶୀତଲ ପାତ୍ର ଓ ମୁମ୍ବାଇ ଅଭିନେତ୍ରୀ ତଥା ମଡେଲ ସିମ୍‌ରନ କୌର, ଚୌଧୁରୀ ବିକାଶ ଦାସ, ବବି ମିଶ୍ର, ଯଶଃ ଆଲୱାହଟ (ବଲିଉଡ୍ ଅଭିନେତା), ଆଶୁ ବର୍ମା (ପଞ୍ଜାବର ମଡେଲ, ଅଭିନେତା ଏବଂ ନିର୍ଦ୍ଦେଶକ), ରବି ମିଶ୍ର, ସତୀଶ୍ ପଟେଲ ଓ ଇଲ୍ଲୁ ବାନାର୍ଜୀ, ଚୌଧୁରୀ ଜୟପ୍ରକାଶ ଦାସ ଏବଂ ଅସିତା ଶତପଥୀ ମଧ୍ୟ କାଷ୍ଟିଂରେ ଅଛନ୍ତି।

ଏହି ଚିତ୍ରରେ ଶୀତଲ ଜଣେ ଗାଁଉଲି ଝିଅ ଭୂମିକାରେ ଦେଖାଦେବେ। ଏହାର ଲାଇନ୍ ପ୍ରଯୋଜକ ଅଛନ୍ତି ବିଜୟ ପାତ୍ର। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବିଶିଷ୍ଟ ଗୀତିକାର ନିଜାମ୍‌ଙ୍କ ପୁତ୍ର ଅସଦ ନିଜାମ। ସିନେମାଟୋଗ୍ରାଫି ଦାୟିତ୍ୱ ନରେନ୍ଦ୍ର ଗୌଡ଼ ତୁଲାଉଥିବା ବେଳେ ସଂଳାପ ରଚନା କରିଛନ୍ତି ବିଜୟ କୁମାର ରାଉଳ। ଚଳଚ୍ଚିତ୍ର 'ପ୍ରଥା'ର ପ୍ରଚାର ପ୍ରସାର ଦାୟିତ୍ୱରେ ଅଛନ୍ତି ମିଡିଆ ପ୍ଲାନର ମୁଖ୍ୟ ପ୍ରଣୟ ଜେଠୀ।


'ପ୍ରଥା' ଫିଲ୍ମରେ ସ୍ୱରାଜ-ସିମରନ୍

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୨୪/୨୦୨୩ Bhubaneswar, Thursday, August 24/ 2023

# ବର୍ଷା ଯୋଗୁ ମ୍ୟାଚ ବାତିଲ

**ଭାରତ ୨-୦ରେ ସିରିଜ ଜିତିଲା**

**ଡବଲିନ, ୨୩।୮:** ବର୍ଷା ଯୋଗୁ ଭାରତ-ଆୟର୍ଲାଣ୍ଡ ତୃତୀୟ ଟି୨୦ କ୍ରିକେଟ ମ୍ୟାଚ ବୁଧବାର ବାତିଲ ହୋଇଛି। କ୍ରମାଗତ ବ୍ୟବଧାନରେ ବର୍ଷା ଲାଗି ରହିବାରୁ ଟସ୍ ପଡ଼ିବା ମଧ୍ୟ ସମ୍ଭବ ହୋଇ ନ ଥିଲା। ଫଳରେ ଭାରତ ୨-୦ରେ ସିରିଜ ବିଜୟୀ ହୋଇଛି। ଭାରତ ପ୍ରଥମ ଟି୨୦କୁ ଡକ୍‌ୱର୍ଥ ଲୁଇସ ପଦ୍ଧତିରେ ୨ ରନରେ ଓ ଦ୍ୱିତୀୟ ଟି୨୦କୁ ୩୩ ରନରେ ଜିତିଥିଲା। ଏହି ସିରିଜରେ ଭାରତୀୟ ଦଳର ଅଧିନାୟକ ଦାୟିତ୍ୱ ତୁଲାଇଥିବା ଯଶପ୍ରୀତ୍ ବୁମ୍‌ରା ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି। ପୁରସ୍କାର ସ୍ୱରୂପ ସେ ଏକ ବାଇକ୍ ପାଇଛନ୍ତି। ଏହି ସିରିଜରେ ଭାରତ ପକ୍ଷରୁ ରିଙ୍କୁ ସିଂ ଓ ପ୍ରସିଦ୍ଧା କ୍ରିଷ୍ଣା ଟି୨୦ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ।



ଆୟର୍ଲାଣ୍ଡରେ ଥିବା ଭାରତୀୟ କ୍ରିକେଟ ଦଳର ସଦସ୍ୟମାନେ ବୁଧବାର ଚନ୍ଦ୍ରପୃଷ୍ଠରେ ଚନ୍ଦ୍ରୟାନ-୩ର ସଫଳ ଲ୍ୟାଣ୍ଡିଂକୁ ଟିଭି ମାଧ୍ୟମରେ ଉପଭୋଗ କରୁଛନ୍ତି।

# ଚନ୍ଦ୍ରୟାନ-୩ର ଲ୍ୟାଣ୍ଡିଂ ଦେଖିଲା ଭାରତୀୟ ଦଳ

**ନୂଆଦିଲ୍ଲୀ, ୨୩।୮ (ପି.ଟି.)**

ଭାରତୀୟଙ୍କ ପାଇଁ ଐତିହାସିକ ମୁହୂର୍ତ୍ତ ଭାବରେ ବିଶ୍ୱର ଚତୁର୍ଥ ଦେଶ ଭାବରେ ଚନ୍ଦ୍ରପୃଷ୍ଠରେ ଓ ପ୍ରଥମ ଦେଶ ଭାବେ ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିଛି ଭାରତ। ଭାରତର ମୁନ୍ ମିଶନ୍ ଚନ୍ଦ୍ରୟାନ-୩ ସଫଳତାର ସହିତ ଅବତରଣ କରିଥିବା ବେଳେ ଭାରତୀୟ କ୍ରିକେଟ ଦଳ ଏହାକୁ ଏକତ୍ର ଦେଖିଥିଲେ। ଆୟର୍ଲାଣ୍ଡରେ ଟି୨୦ ସିରିଜ୍ ଖେଳିବା ପାଇଁ ଭାରତୀୟ ଦଳ ରହିଥିବା ବେଳେ ଦଳର ସମସ୍ତ ଖେଳାଳି ଏକତ୍ର ହୋଇ ଟିଭିରେ ଏହାର ଲାଇଭ ପ୍ରସାରଣ ଦେଖିଥିଲେ। ବିସିସିଆଇ ପକ୍ଷରୁ ଏହାର ଏକ ଭିଡିଓ ସୋସିଆଲ ମିଡିଆ ପ୍ଲାଟଫର୍ମ ଟୁଇଟରରେ ଶେୟାର କରାଯାଇଥିଲା। ବିକ୍ରମ ଲ୍ୟାଣ୍ଡର ଚନ୍ଦ୍ରପୃଷ୍ଠକୁ ସଫଳତାର ସହିତ ଛୁଇଁବା ପରେ ଡବ୍‌ଲିନ୍‌ରୁ ଆମେ ଇତିହାସ ସୃଷ୍ଟିର ଦୃଶ୍ୟ ଦେଖିଲୁ ବୋଲି ଲେଖିଥିଲା ବିସିସିଆଇ।

କେବଳ ବିସିସିଆଇ ନୁହେଁ ବରଂ କିମ୍ବଦନ୍ତୀ ସଚିନ୍ ତେନ୍ଦୁଲକରଙ୍କ ସମେତ ଏକାଧିକ ଖେଳାଳି ଟୁଇଟ୍ କରି ଏହି ଐତିହାସିକ ମୁହୂର୍ତ୍ତକୁ ସେଲିବ୍ରେଟ୍ କରିଥିଲେ। ସଚିନ୍ ତେନ୍ଦୁଲକର ଲେଖିଥିଲେ ଭାରତର ଶ୍ରେଷ୍ଠ ହିଁ ଇସ୍ରୋକୁ ପ୍ରତିନିଧିତ୍ୱ କରନ୍ତି। ସମସ୍ତ ବାଧାବିଘ୍ନକୁ ଅତିକ୍ରମ କରି ଆମର ତ୍ରିରଙ୍ଗାକୁ ଉଚ୍ଚା କରିଥିବା ଏହି ମହାନ ବୈଜ୍ଞାନିକ ମାନଙ୍କୁ ସଲାମ। ଏହା ସହିତ କେ. ଶିବନ ଓ ଚନ୍ଦ୍ରୟାନ-୨ର ଟିମ୍ ସହିତ ଏସ୍. ସୋମନାଥଙ୍କୁ ମଧ୍ୟ ଧନ୍ୟବାଦ ଦେଇଥିଲେ। ସମସ୍ତ ଲ୍ୟାଣ୍ଡିଂ ଗୁରୁତ୍ୱପୂର୍ଣ୍ଣ, ଏହା ଚନ୍ଦ୍ରରେ ହେଉ କି ଜୀବନରେ। ଭୁଲରୁ ଶିଖି ଆମେ ଆଗକୁ ବଢିଥାଉ ବୋଲି ଟୁଇଟ୍ କରିଥିଲେ ମାଷ୍ଟର ବ୍ଲାଷ୍ଟର। ଷ୍ଟାର ବ୍ୟାଟର ବିରାଟ କୋହଲି ମଧ୍ୟ ଟୁଇଟ୍ କରି ଇସ୍ରୋର ଉଦ୍ୟମକୁ ପ୍ରଶଂସା କରିଥିଲେ। ଚନ୍ଦ୍ରୟାନ-୩ ପାଇଁ ଇସ୍ରୋର ବୈଜ୍ଞାନିକ ମାନଙ୍କୁ ଶୁଭେଚ୍ଛା। ଆପଣ ମାନେ ଦେଶକୁ ଗର୍ବିତ କରିଛନ୍ତି, ଜୟ ହିନ୍ଦ।

ଐତହାସିକ ସଫଳତା ପାଇଁ ଇସ୍ରୋକୁ ଅଭିନନ୍ଦନ ବୋଲି ଲେଖିଥିଲେ ଭାରତୀୟ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ। ପୂର୍ବତନ ପେସ୍ ବୋଲର ଭେଙ୍କଟେଶ ପ୍ରସାଦ ମଧ୍ୟ ଇସ୍ରୋର ଏହି ଐତିହାସିକ ଉଦ୍ୟମକୁ ପ୍ରଶଂସା କରିଥିଲେ। ସମଗ୍ର ଦେଶବାସୀଙ୍କୁ ଖୁସିର ମୁହୂର୍ତ୍ତ ପ୍ରଦାନ କରିଥିବାରୁ ଇସ୍ରୋକୁ ଧନ୍ୟବାଦ ବୋଲି ଲେଖିଥିଲେ ପ୍ରସାଦ। ନିଆରା ଅନ୍ଦାଜରେ ଟୁଇଟ୍ କରୁଥିବା ବୀରେନ୍ଦ୍ର ସେହ୍ୱାଗ କିନ୍ତୁ ସମାଲୋଚକଙ୍କୁ ଜବାବ ଦେଇଥିଲେ। 'ଏହି ସନ୍ଧ୍ୟାରେ ଆମେ ଚନ୍ଦ୍ରର ଦକ୍ଷିଣ ମେରୁରେ ପହଞ୍ଚିଛେ। ଏହା ଆମ ପାଇଁ ଏକ ଚିତ୍ତାକର୍ଷକ ମୁହୂର୍ତ୍ତ। ବିଫଳତା ପରେ ସଫଳତା ମିଳିଥାଏ ଏହା ତାହାର ଜ୍ୱଳନ୍ତ ଉଦାହରଣ। କିଛି ଲୋକ ଭାରତର ବିଫଳତା କାମନା କରୁଥିଲେ। ଏହି ଗୋଷ୍ଠୀର କିଛି ଲୋକ ଭାରତରେ ହିଁ ବସବାସ କରନ୍ତି। ଅବଶ୍ୟ ସେମାନେ ଆଜି ରାତିରେ ଶୋଇ ପାରିବେ ନାହିଁ' ବୋଲି ଲେଖିଥିଲେ ସେହ୍ୱାଗ।

# ବିଶ୍ୱରଞ୍ଜନ ଷଡ଼ଙ୍ଗୀ ଟେକ୍ନିକାଲ ଅଫିସିଆଲ




**ଭୁବନେଶ୍ୱର, ୨୩।୮ (ତପନ ସ୍ୱାଇଁ):** ଓମାନର ସାଲାହଠାରେ ମହିଳା ଓ ପୁରୁଷ ଏସିଆନ ହକି ୫ଏସ୍ ବିଶ୍ୱକପ କ୍ୱାଲିଫାୟର ଚଳିତ ମାସ ୨୫ରୁ ସେପ୍ଟେମ୍ବର ୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ବିଶ୍ୱରଞ୍ଜନ ଷଡ଼ଙ୍ଗୀଙ୍କୁ ଟେକ୍ନିକାଲ ଅଫିସିଆଲ ଭାବେ ଦାୟିତ୍ୱ ମିଳିଛି। ପୂର୍ବରୁ ବିଶ୍ୱରଞ୍ଜନ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଜଜ୍ ଏବଂ ଟେକ୍ନିକାଲ ଅଫିସିଆଲ ଦାୟିତ୍ୱ ସଫଳତାର ସହ ନିର୍ବାହ କରିଛନ୍ତି।

# ଦ୍ୱିତୀୟ ଗେମ୍ ଡ୍ର, ଆଜି ଟାଇବ୍ରେକ୍

**ବିଶ୍ୱକପ୍ ଚେସ୍ ଫାଇନାଲ: ପ୍ରଜ୍ଞାନନ୍ଦ ବନାମ କାର୍ଲସେନ୍**

**ବାକୁ (ଆଜରବୈଜାନ), ୨୩।୮(ପି.ଟି.)**

ଭାରତୀୟ ଚେସ୍ ପ୍ରତିଭା ଆର୍. ପ୍ରଜ୍ଞାନନ୍ଦ ଓ ବିଶ୍ୱର ନମ୍ବର ୱାନ ଚେସ୍ ତାରକା ନରୱେର ମାଗ୍ନସ କାର୍ଲସେନଙ୍କ ମଧ୍ୟରେ ବୁଧବାର ଅନୁଷ୍ଠିତ ଫିଡେ ବିଶ୍ୱକପ୍ ଫାଇନାଲର ଦ୍ୱିତୀୟ କ୍ଲାସିକାଲ୍ ଗେମ୍ ଡ୍ର ରହିଛି। ମ୍ୟାଚ ଏକ ଘଣ୍ଟା ୩୦ ମିନିଟ ଧରି ଚାଲିଥିଲା। ୩୦ ମୁଭ୍ ପରେ ଉଭୟ ଖେଳାଳି ମ୍ୟାଚ ଡ୍ର ରଖିବାକୁ ରାଜି ହୋଇ ଯାଇଥିଲେ। ଫଳରେ ଟାଇବ୍ରେକରୁ ଚାମ୍ପିୟନ ନିର୍ଣ୍ଣୟ ହେବ। ଏହି ପର୍ଯ୍ୟାୟ ଗୁରୁବାର ଅନୁଷ୍ଠିତ ହେବ। ମଙ୍ଗଳବାର ପ୍ରଥମ କ୍ଲାସିକାଲ୍ ଗେମ୍ ମଧ୍ୟ ଡ୍ର ରହିଥିଲା।

ଦ୍ୱିତୀୟ ଗେମ୍‌କୁ କାର୍ଲସେନ ଧଳା ଦାନରେ ଖେଳିଥିବାରୁ ଫାଇଦାରେ ରହିବେ ବୋଲି ଆକଳନ କରାଯାଉଥିଲା। ମାତ୍ର କଳା ଦାନରେ ୧୮ ବର୍ଷୀୟ ପ୍ରଜ୍ଞାନନ୍ଦ ସେମିତି କିଛି ଅସୁବିଧାର ସମ୍ମୁଖୀନ ହୋଇ ନ ଥିଲେ। ଦ୍ୱିତୀୟ ଗେମ୍ ଅପେକ୍ଷା ଦୁଇ ଗ୍ରାଣ୍ଡମାଷ୍ଟରଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଗେମ୍ ଅଧିକ ସଂଘର୍ଷପୂର୍ଣ୍ଣ ଥିଲା। ଏଥିରେ ୭୦ରୁ ଅଧିକ ମୁଭ୍ ଚାଲିଥିଲା ଏବଂ ମ୍ୟାଚ ୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟଧରି ଚାଲିଥିଲା। ସୋମବାର ସେମିଫାଇନାଲରେ ବିଶ୍ୱର ୩ ନମ୍ବର ଖେଳାଳି ଫାବିଆନୋ କାରୁଆନାଙ୍କୁ ଟାଇବ୍ରେକ୍‌ରେ ହରାଇ ପ୍ରଜ୍ଞାନନ୍ଦ ଫାଇନାଲରେ ପ୍ରବେଶ କରିଥିଲେ। ପୂର୍ବରୁ ସେ ବିଶ୍ୱର ୨ ନମ୍ବର ଖେଳାଳି ହିକାରୁ ନାକାମୁରାଙ୍କୁ ମଧ୍ୟ ପରାସ୍ତ କରିଥିଲେ। କିମ୍ବଦନ୍ତୀ ବିଶ୍ୱନାଥନ ଆନନ୍ଦଙ୍କ ପରେ ବିଶ୍ୱକପ୍ ଫାଇନାଲ ଖେଳିବାରେ ପ୍ରଜ୍ଞାନନ୍ଦ ହେଉଛନ୍ତି ଦ୍ୱିତୀୟ ଭାରତୀୟ। କିମ୍ବଦନ୍ତୀ ଖେଳାଳି ବବି ଫିସର ଓ କାର୍ଲସେନଙ୍କ ପରେ ତୃତୀୟ ସର୍ବକନିଷ୍ଠ ଖେଳାଳିଭାବେ ପ୍ରଜ୍ଞାନନ୍ଦ ୨୦୨୪ କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।

ପ୍ରଥମ ଗେମ୍ ପରେ ପାଗ ଓ ପରିବେଶ ଯୋଗୁ ସେ ଅସୁସ୍ଥ ଅନୁଭବ କରୁଥିବା କାର୍ଲସେନ ପ୍ରକାଶ କରିଥିଲେ। ଦ୍ୱିତୀୟ ଗେମ୍ ପରେ ସେ କହିଲେ ଯେ, ପ୍ରଜ୍ଞାନନ୍ଦ ପୂର୍ବରୁ ଅନେକ ଶକ୍ତିଶାଳୀ ଖେଳାଳିଙ୍କ ବିପକ୍ଷରେ ଏକାଧିକ ଟାଇବ୍ରେକ୍ ଖେଳି ସାରିଛନ୍ତି। ସେ ବହୁତ ଦୃଢ଼ ବୋଲି ମୁଁ ଜାଣିଛି। ଯଦି ମୋ ଦେହରେ ଏନର୍ଜି ରହେ ଏବଂ ଦିନ ଭଲ ରୁହେ ତେବେ ନିଶ୍ଚିତ ଉତ୍ତମ ସୁଯୋଗ ରହିବ। ଉତ୍ତମ ଚିକିତ୍ସା ପାଇଁ ଆୟୋଜକ, ଫିଡେ ଏବଂ ଡାକ୍ତର ଓ ନର୍ସଙ୍କ ନିକଟରେ ମୁଁ କୃତଜ୍ଞ। ମୁଁ ଟିକେ ସୁସ୍ଥ ଅନୁଭବ କରୁଛି, ମାତ୍ର ସମ୍ପୂର୍ଣ୍ଣ ଲଢ଼େଇ ପାଇଁ ମୋ ନିକଟରେ ଏନର୍ଜି ନ ଥିବାପରି ଅନୁଭବ କରୁଛି। ତେଣୁ ଅଧିକ ସମୟ ବିଶ୍ରାମ ନେବାପାଇଁ ଉଚିତ ମଣିଲି। ଗୁରୁବାର ବେଳକୁ ଦେହର ଶକ୍ତି ବଢ଼ିଥିବା ନେଇ ମୁଁ ଆଶାବାଦୀ ଅଛି''।

## ଟାଇବ୍ରେକ୍ ଗେମ୍

ର୍ୟାପିଡ ଫର୍ମାଟରେ ଦୁଇ ଟାଇବ୍ରେକ ଗେମ୍ ଉଭୟ ଖେଳାଳିଙ୍କ ପାଇଁ ୨୫ ମିନିଟ ଟାଇମ୍ କଣ୍ଟ୍ରୋଲ ବିଶିଷ୍ଟ ହେବ। ପ୍ରତି ମୁଭ୍ ପାଇଁ ଖେଳାଳିମାନେ ନିର୍ଦ୍ଦିଷ୍ଟ ସମୟଠାରୁ ଅଧିକ ୧୦ ସେକେଣ୍ଡ ନେଇ ପାରିବେ। ଯଦି ଏଥିରେ ମଧ୍ୟ ବିଜେତା ନିର୍ଣ୍ଣିତ ହୋଇ ପାରିବେ ନାହିଁ ତେବେ ଉଭୟ ଖେଳାଳି ଆଉ ୨ଟି ଗେମ୍ ୫ ମିନିଟ ଟାଇମ୍ କଣ୍ଟ୍ରୋଲ ବିଶିଷ୍ଟ ଖେଳିବେ। ଏଥିରେ ପ୍ରତି ମୁଭ୍ ପାଇଁ ଖେଳାଳିଙ୍କୁ ୩ ସେକେଣ୍ଡର ଅତିରିକ୍ତ ସମୟ ମିଳିବ।

# ଇଂଲଣ୍ଡକୁ ହରାଇଲା ଭାରତ

**ଚତୁଷ୍ଟରାଷ୍ଟ୍ରୀୟ ଜୁନିୟର ମହିଳା ହକି**

**ଡସେଲଡର୍ଫ, ୨୩।୮(ପି.ଟି.)**

ଏଠାରେ ଚାଲିଥିବା ଚତୁଃରାଷ୍ଟ୍ରୀୟ ଜୁନିୟର ମହିଳା ହକି ଟୁର୍ନାମେଣ୍ଟର ବୁଧବାର ଅନୁଷ୍ଠିତ ମ୍ୟାଚରେ ଭାରତ ୬-୨ ଗୋଲରେ ଇଂଲଣ୍ଡକୁ ହରାଇ ଦେଇଛି। ଫଳରେ ଭାରତ ତୃତୀୟ ସ୍ଥାନରେ ରହି ପ୍ରତିଯୋଗିତା ଶେଷ କରିଛି। ଭାରତ ପକ୍ଷରୁ ଅନୁ ୨୬ ଓ ୪୩ତମ ମିନିଟରେ ୨ଟି ଏବଂ ନିଲମ ୨୫, ଓଡ଼ିଶାର ସୁନେଲିତା ଟପ୍ପୋ ୩୫, ହିନା ବାନୋ ୩୮ ଓ ମୁମତାଜ ଖାଁ ୪୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଇଂଲଣ୍ଡ ପକ୍ଷରୁ କ୍ଲାଉଡିଆ ସ୍ୱାନ ୧୬ ଓ ଚାର୍ଲୋଟେ ବିଙ୍ଘାମ ୫୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ମ୍ୟାଚ ଆରମ୍ଭରୁ ଉଭୟ ଦଳ ଆକ୍ରମଣାତ୍ମକ ଆରମ୍ଭ କରିଥିଲେ। ତେବେ କୌଣସି ଦଳ ଗୋଲ ସ୍କୋର କରିପାରି ନ ଥିଲେ। ଦ୍ୱିତୀୟ କ୍ୱାର୍ଟର ଆରମ୍ଭରୁ ଅର୍ଥାତ୍ ୧୬ତମ ମିନିଟରେ କ୍ଲାଉଡିଆ ସ୍ୱାନଙ୍କ ଗୋଲ ବଳରେ ଇଂଲଣ୍ଡ ଅଗ୍ରଣୀ ନେଇଥିଲା। ଗୋଲ ପରିଶୋଧ ପାଇଁ ଭାରତ ପକ୍ଷରୁ ପ୍ରତିଆକ୍ରମଣକୁ ଜୋରଦାର କରାଯାଇଥିଲା। ୨୫ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ନିଲମ ମ୍ୟାଚକୁ ୧-୧ ସ୍ଥିତିକୁ ନେଇ ଆସିଥିଲେ। ମଙ୍ଗଳବାର ସ୍ପେନ୍ ବିପକ୍ଷ ମ୍ୟାଚରେ ଗୋଲ ସ୍କୋର କରିଥିବା ଅନୁ ୨୬ତମ ମିନିଟରେ ଏକ ଗୋଲ ଦେଇ ଭାରତକୁ ଅଗ୍ରଣୀ କରିଥିଲେ। ଏହାପରେ ଓଡ଼ିଆ ଝିଅ ସୁନେଲିତା ପେନାଲ୍ଟି କର୍ନରରୁ ୩୫ତମ ମିନିଟରେ ଏକ ଗୋଲ କରି ଭାରତର ଅଗ୍ରଣୀ ବ୍ୟବଧାନକୁ ବଢ଼ାଇ ଦେଇଥିଲେ। ହିନା ବାନୋ ୩୮ତମ ମିନିଟରେ ଆଉ ଏକ ଗୋଲ ଦେବାରୁ ମ୍ୟାଚ ଭାରତ ନିୟନ୍ତ୍ରଣକୁ ଚାଲି ଆସିଥିଲା। ମୁମ୍‌ତାଜ ଖାଁ ୪୦ ଓ ଅନୁ ବ୍ୟକ୍ତିଗତ ଦ୍ୱିତୀୟ ଓ ଦଳ ପକ୍ଷରୁ ୬ଷ୍ଠ ଗୋଲ ସ୍କୋର କରିଥିଲେ। ୫୪ତମ ମିନିଟରେ ଇଂଲଣ୍ଡର ବିଙ୍ଘାମ ଗୋଟିଏ ଗୋଲ ପରିଶୋଧ କରିଥିଲେ। ମାତ୍ର ସେତେବେଳକୁ ବହୁ ବିଳମ୍ବ ହୋଇ ଯାଇଥିଲା।



ଆଜରବୈଜାନର ପ୍ରଥମ ମହିଳା ଗ୍ରାଣ୍ଡମାଷ୍ଟର ଆଇନୁର ସୋଫିଏଭା ବୁଧବାର ଚେସ୍ ବିଶ୍ୱକପ ଫାଇନାଲ ଦ୍ୱିତୀୟ ଗେମ୍‌ର ଶୁଭାରମ୍ଭ କରୁଛନ୍ତି।

# ସ୍ୱର୍ଣ୍ଣିମ ଯାତ୍ରା ସଂଘର୍ଷପୂର୍ଣ୍ଣ ଥିଲା: ଚିନ୍ମୟୀ

**ଭୁବନେଶ୍ୱର, ୨୩।୮ (ତପନ ସ୍ୱାଇଁ)**

କାନାଡ଼ାରେ ଅନୁଷ୍ଠିତ ବିଶ୍ୱ ପୋଲିସ ଆଣ୍ଡ ଫାୟାର ଗେମ୍‌ରେ ୨ଟି ସ୍ୱର୍ଣ୍ଣ ପଦକ ଜିତି ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିଥିବା ଚିନ୍ମୟୀ ଭୂୟାଁଙ୍କୁ ବୁଧବାର ରାଜ୍ୟ କରାଟେ ଆସୋସିଏଶନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଚିନ୍ମୟୀ ୬୦ କେଜି ଫାଇଟ୍ ଓ ଟିମ୍ ଫାଇଟ୍‌ରେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଓଡ଼ିଶା

**ରାଜ୍ୟ କରାଟେ ସଂଘର ସମ୍ବର୍ଦ୍ଧନା**

ପୋଲିସରେ କାର୍ଯ୍ୟରତ ଚିନ୍ମୟୀ ଉକ୍ତ ପ୍ରତିଯୋଗିତାରେ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିଥିଲେ। ସେ ଉତ୍କଳ କରାଟେ ସ୍କୁଲର ପ୍ରଶିକ୍ଷାର୍ଥୀ। କାନାଡ଼ାରେ ଅନୁଷ୍ଠିତ ବିଶ୍ୱ ପୋଲିସ କ୍ରୀଡ଼ାରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ସ୍ୱର୍ଣ୍ଣ ପଦକ ବିଜୟର ଯାତ୍ରା ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ଥିଲା। ମାତ୍ର ଶେଷରେ ଯେତେବେଳେ ତ୍ରିରଙ୍ଗା ଉଡ଼ିଥିଲା ସେତେବେଳେ ସବୁ କଷ୍ଟ ଉଭେଇ ଯାଇଥିଲା। ମନ ରୋମାଞ୍ଚିତ ହୋଇଥିଲା ବୋଲି ଚିନ୍ମୟୀ ପ୍ରକାଶ କରିଛନ୍ତି। ସମ୍ବର୍ଦ୍ଧନା ସମାରୋହରେ ଉତ୍କଳ କରାଟେ ସ୍କୁଲ ସମ୍ପାଦକ ତଥା ଚିନ୍ମୟୀଙ୍କ କୋଚ୍ ହରି ପ୍ରସାଦ ପଟ୍ଟନାୟକ, ରାଜ୍ୟ କରାଟେ ସଂଘ ସମ୍ପାଦକ ଗୌରୀ ମହାନ୍ତି, କୋଷାଧ୍ୟକ୍ଷ ଖାରବେଳ ମଲିକ, ସଦସ୍ୟ ସଞ୍ଜୟ ଦାସ, ସନତ ନାୟକ, କାଳିପ୍ରସାଦ ନନ୍ଦ, ଚିତ୍ତରଞ୍ଜନ ସ୍ୱାଇଁ, ରୋମିଓ ନନ୍ଦ, ଅରବିନ୍ଦ ପଟ୍ଟନାୟକ, ସନ୍ତୋଷ ମହାରଣା, ପ୍ରଦୀପ କୁମାର ପାତ୍ର, ସମରେନ୍ଦ୍ର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ସମ୍ବର୍ଦ୍ଧିତ ହେବେ ୧୪ ଅନ୍ତର୍ଜାତୀୟ କ୍ରୀଡ଼ାବିତ୍

ରାଜ୍ୟର ଅଗ୍ରଣୀ ସାମରିକ ଓ ପାୱାର ସ୍ପୋର୍ଟ୍ସ ପ୍ରଶିକ୍ଷଣ କେନ୍ଦ୍ର ଉତ୍କଳ କରାଟେ ସ୍କୁଲର ୪୩ତମ ପ୍ରତିଷ୍ଠା ଦିବସ ଆସନ୍ତା ୨୯ ତାରିଖରେ ପାଳନ କରାଯିବ। ସାମ୍ବାଦିକତା ବୃତ୍ତିରେ କ୍ରୀଡ଼ାକୁ ପ୍ରୋତ୍ସାହନ ଦେଇଥିବା ୫ ବ୍ୟକ୍ତିଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯିବ। ସେମାନେ ହେଲେ ହରିପ୍ରସାଦ ଭାରତୀ, ମଳୟ କୁମାର ନାୟକ, ତନ୍ମୟ ଦାସ, ମହମ୍ମଦ ଅବଦୁଲ ଅଜିଜ୍ ଓ ଅସିତ କୁମାର ଶତପଥୀ। ଏହା ବ୍ୟତୀତ ଅନୁଷ୍ଠାନରୁ ପ୍ରଶିକ୍ଷଣ ନେଇ ଅନ୍ତର୍ଜାତୀୟ ସ୍ତରରେ ପଦକ ହାସଲ କରିଥିବା ୧୪ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ତଥା ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ପ୍ରକାଶ କରିଛନ୍ତି। ସମ୍ବର୍ଦ୍ଧିତ ହେବାକୁଥିବା କ୍ରୀଡ଼ାବିତ୍‌ମାନେ ହେଲେ ଭାଲେନା ଭାଲେଣ୍ଟିନା, ଦିଲୀପ କୁମାର ଜେନା, ପାୟଲ ବରାଳ, ଅଭିଷେକ ପଟ୍ଟନାୟକ, ଉଦିତ ଉଦ୍ଦମ, ସ୍ୱାଗତିକା ସାହୁ, ମଧୁପ୍ରିୟା ବାଇ, ବ୍ରତତି ବିଶ୍ୱପ୍ରଭା ପତି, ଚିନ୍ମୟୀ ଭୂୟାଁ (ସମସ୍ତେ କରାଟେ), ରାନୁ ମହାନ୍ତି, ପ୍ରଦୀପ ପାତ୍ର, ସମରେନ୍ଦ୍ର ରାଉତରାୟ (ସମସ୍ତେ ଶକ୍ତିଉତ୍ତୋଳନ), ଅନୁପମା ସ୍ୱାଇଁ (ଶକ୍ତିଉତ୍ତୋଳନ ଓ ଜୁ ଜିତ୍ସୁ) ଏବଂ ପ୍ରିୟଦର୍ଶିନୀ ଘଟୁଆରୀ (ଜୁ ଜିତ୍ସୁ)। ଉତ୍କଳ ସ୍ପୋର୍ଟ୍ସ ମିଟ୍ ଅନ୍ତର୍ଗତ କରାଟେ ପ୍ରତିଯୋଗିତା ଇତିମଧ୍ୟରେ ଶେଷ ହୋଇଛି।



ରାଜ୍ୟ କରାଟେ ସଂଘର କର୍ମକର୍ତ୍ତା ଓ କ୍ରୀଡ଼ାବିତ୍‌ମାନେ ବୁଧବାର ଚିନ୍ମୟୀ ଭୂୟାଁଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ଶ୍ରୀଶଙ୍କର ବିଦା, ଫାଇନାଲରେ ଆଲ୍‌ଡ୍ରିନ

**ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍**

**ବୁଦାପେଷ୍ଟ, ୨୩।୮(ପି.ଟି.)**

ହଙ୍ଗେରୀର ବୁଦାପେଷ୍ଟରେ ଅନୁଷ୍ଠିତ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି ଲଙ୍ଗ ଜମ୍ପର ଜେସ୍‌ୱିନ ଆଲ୍‌ଡ୍ରିନ। ଜାତୀୟ ରେକର୍ଡଧାରୀ ଆଲ୍‌ଡ୍ରିନ ପ୍ରଥମ ଥର ପାଇଁ ବିଶ୍ୱ ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ କରିଥିବା ବେଳେ ଅନ୍ୟତମ ଭାରତୀୟ ମୁରଲୀ ଶ୍ରୀଶଙ୍କର ଅପ୍ରତ୍ୟାଶିତ ଭାବେ ବିଦାୟ ନେଇଛନ୍ତି। ଆଲ୍‌ଡ୍ରିନ ନିଜ ପ୍ରଥମ ପ୍ରୟାସରେ ୮.୦୦ ମିଟର ଜମ୍ପ କରିଥିଲେ। ପରବର୍ତ୍ତୀ ଦୁଇ ଜମ୍ପ ଫାଉଲ ରହିଥିଲେ ମଧ୍ୟ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବାରେ ଏହା ଯଥେଷ୍ଟ ରହିଥିଲା। ଗୁରୁବାର ହେବାକୁ ଥିବା ଫାଇନାଲ ପାଇଁ ଅନ୍ତିମ ଖେଳାଳି ଭାବରେ ଯୋଗ୍ୟତା ଅର୍ଜନ କରିଥିଲେ ଆଲ୍‌ଡ୍ରିନ। ଗ୍ରୁପ୍ ବି'ରେ ୬ନମ୍ବର ସ୍ଥାନରେ ରହି ଆଲ୍‌ଡ୍ରିନ ଫାଇନାଲ ପାଇଁ ଯୋଗ୍ୟତା ହାସଲ କରିଥିଲେ।

ଅନ୍ୟତମ ଭାରତୀୟ ମୁରଲୀ ଶ୍ରୀଶଙ୍କର କିନ୍ତୁ ନିଜ ପ୍ରଦର୍ଶନରେ ସମସ୍ତଙ୍କୁ ନିରାଶ କରିଥିଲେ। ପ୍ରଥମ ପ୍ରୟାସରେ ସେ ୭.୭୪ ମିଟର ଦୂରତା ହାସଲ କରିଥିବା ବେଳେ ପରବର୍ତ୍ତୀ ଦୁଇ ପ୍ରୟାସରେ ୭.୬୬ ଓ ୬.୭୦ ମିଟରର ଦୂରତା ହାସଲ କରି ଯୋଗ୍ୟତା ଅର୍ଜନରେ ବିଫଳ ହୋଇଥିଲେ। ଗ୍ରୁପ୍ ଏ'ରେ ସ୍ଥାନ ପାଇଥିବା ଶ୍ରୀଶଙ୍କର ୧୨ ତମ ସ୍ଥାନରେ ରହିଥିବା ବେଳେ ଓଭରଅଲ ୨୨ତମ ସ୍ଥାନରେ ରହି ସମସ୍ତଙ୍କୁ ନିରାଶ କରିଥିଲେ।

ବିଗତ କିଛି ମାସର ପ୍ରଦର୍ଶନ ଅନୁସାରେ ଶ୍ରୀଶଙ୍କର ନିୟମିତ ଭାବରେ ୮ ମିଟରରୁ ଅଧିକ ଦୂରତାର ଜମ୍ପ କରିଥିଲେ। ଏପରିକି ଆଲ୍‌ଡ୍ରିନ୍‌ଙ୍କଠାରୁ ମଧ୍ୟ ତାଙ୍କର ପ୍ରଦର୍ଶନ ଭଲ ରହିଥିଲା। ଜୁନ୍ ମାସରେ ଭୁବନେଶ୍ୱରରେ ଅନୁଷ୍ଠିତ ଆନ୍ତଃରାଜ୍ୟ ଆଥ୍‌ଲେଟିକ୍ସ ମିଟ୍‌ରେ ୮.୪୧ ମିଟରର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ସହିତ ସେ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ଜୁଲାଇରେ ଏସିଆନ୍ ଚାମ୍ପିୟନଶିପ୍‌ରେ ୮.୩୭ ମିଟରର ଜମ୍ପ ସହିତ ସେ ରୌପ୍ୟ ପଦକ ହାସଲ କରିଥିଲେ। ପ୍ୟାରିସ୍ ଡାଏମଣ୍ଡ ଲିଗ୍‌ରେ ତୃତୀୟ ସ୍ଥାନ ହାସଲ କରିଥିବା ବେଳେ ୨୦୨୨ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପରେ ସପ୍ତମ ସ୍ଥାନରେ ରହିଥିଲେ। ତେବେ ତୃତୀୟ ଥର ପାଇଁ ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଥିଲେ ମଧ୍ୟ ନିରାଶ କରିଥିଲେ ଶ୍ରୀଶଙ୍କର। ଅନ୍ୟପକ୍ଷରେ ଆଲ୍‌ଡ୍ରିନ୍ ଦ୍ୱିତୀୟ ଥର ପାଇଁ ବିଶ୍ୱ ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ କରିଥିବା ବେଳେ ୨୦୨୨ ବିଫଳତାକୁ ପଛରେ ପକାଇ ଫାଇନାଲକୁ ଯୋଗ୍ୟତା କରିଛନ୍ତି। ଚଳିତ ସିଜନରେ ଆଲ୍‌ଡ୍ରିନ ୮ ମିଟର ମାର୍କ ଅତିକ୍ରମ କରିବାରେ ବିଫଳ ହୋଇଥିବା ବେଳେ ବିଶ୍ୱ ଚାମ୍ପିୟନଶିପ ଫାଇନାଲରେ ଏହି ସଫଳତା ହାସଲ କରିଛନ୍ତି। ଏହା ପୂର୍ବରୁ ୩୦୦୦ ମିଟର ଷ୍ଟିପଲଚେଜରେ ଅବିନାଶ ସାବଲେ ଓ ୧୦୦ ମିଟର ବାଧାଦୌଡରେ ଜ୍ୟୋତି ୟାରାଜି ମଧ୍ୟ ଫାଇନାଲ ପ୍ରବେଶ କରିବାରେ ବିଫଳ ହୋଇଥିଲେ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ